



# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-238 ♦BHUBANESWAR ♦SUNDAY ♦23 FEBRUARY 2025 ♦PAGE-14 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୨୩୮ ♦ଭୁବନେଶ୍ୱର ♦ରବିବାର ♦୨୩ ଫେବୃଆରୀ ୨୦୨୫ ♦ପୃଷ୍ଠା-୧୪ ♦ଟ.୬.୦୦ (ସିନ୍ଦୁରା ସହ)


## ଶକ୍ତିକାନ୍ତ ଦାସ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ



■ **ନୂଆଦିଲ୍ଲୀ, ୨୨।୨ (ଏଜେନ୍ସି):** ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ତଥା ପ୍ରମୁଖ ଓଡ଼ିଆ ଆଇଏଏସ୍ ଅଧିକାରୀ ଶକ୍ତିକାନ୍ତ ଦାସଙ୍କୁ ପୁଣି ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ମିଳିଛି। ଶ୍ରୀ ଦାସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅନ୍ୟତମ ପ୍ରମୁଖ ସଚିବ ଭାବେ ନିଯୁକ୍ତ ହୋଇଛନ୍ତି। ତେବେ ପିକେ ମିଶ୍ରଙ୍କ ବ୍ୟତୀତ ଅନ୍ୟତମ ପ୍ରମୁଖ ସଚିବ ଭାବେ ଶ୍ରୀ ଦାସ କାର୍ଯ୍ୟ କରିବେ ବୋଲି ଜଣାପଡ଼ିଛି। ତାଙ୍କ ନିଯୁକ୍ତିକୁ ଆଜି କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ ଦେଇଛି। ଗତ କିଛି ମାସ ପୂର୍ବରୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ପଦରୁ ଶ୍ରୀ ଦାସ ଅବସର ନେଇଥିଲେ। ଏହାପରେ ତାଙ୍କୁ ପିଏମଓ ଅଫିସରେ ଏହି ▸ପୃଷ୍ଠା-୭

### ନିବେଶ ଓ ନିଯୁକ୍ତି ବୃଦ୍ଧି କ୍ଷେତ୍ରକୁ ଅବହେଳା

# ବିକାଶର ପଶ୍ଚାତ୍‌ଗତି

■ **ଭୁବନେଶ୍ୱର, ୨୨।୨ (ସମିସ):** ୨୦୩୬ ସୁଦ୍ଧା ବିକଶିତ ଓଡିଶା ଗଠନ ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ପୂର୍ବ ସରକାର ଛାଡ଼ି ଯାଇଥିବା ସମୃଦ୍ଧ ଅର୍ଥ ବ୍ୟବସ୍ଥା ପ୍ରତି ଆଞ୍ଚ ଆସିବାକୁ ଦିଆଯିବ ନାହିଁ ଏବଂ ଓଡିଶା ରାଜସ୍ୱ ବଳକା ରାଜ୍ୟ ହେବ ବୋଲି ଦମ୍ଭୋକ୍ତି ପ୍ରକାଶ କରିଛନ୍ତି। କିନ୍ତୁ ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ବିଭିନ୍ନ କ୍ଷେତ୍ର ପ୍ରତି ବଜେଟ୍‌ରେ ଅର୍ଥ ଆବଣ୍ଟନ କ୍ଷେତ୍ରରେ ଦେଖା ଦେଇଛି ବିସଙ୍ଗତି।

ବିକାଶର ଇଞ୍ଜିନ୍ ବୋଲାଉଥିବା ପ୍ରମୁଖ ୫ କ୍ଷେତ୍ରକୁ ଆବଣ୍ଟନ ୫ହଜାର କୋଟି ବି ଛୁଇଁ ପାରି ନାହିଁ। ଏକପକ୍ଷରେ ଚଳିତ ଆର୍ଥିକ ବର୍ଷରେ ବଜେଟରୁ ୫୦% ଖର୍ଚ୍ଚ ହୋଇପାରି ନ ଥିବା ବେଳେ ଆଗାମୀ ବଜେଟରେ ଅପେକ୍ଷାକୃତ କମ୍ ଆବଣ୍ଟନ ରାଜ୍ୟର ପ୍ରଗତିରେ ଅନ୍ତରାୟ ସୃଷ୍ଟି କରିବା ନେଇ ଅର୍ଥନୀତିଜ୍ଞ ଆଶଙ୍କା ପ୍ରକଟ କରିଛନ୍ତି। ଶିଳ୍ପ, ପର୍ଯ୍ୟଟନ, ଇଲେକ୍ଟ୍ରୋନିକ୍ସ ଓ ଆଇଟି, ଏମ୍‌ଏସ୍‌ଏମ୍‌ଇ, ଇସ୍ପାତ ଓ ଖଣି, ବିଜ୍ଞାନ ଓ କାରିଗରୀ କୌଶଳ ଆଦି ବିଭାଗ ପାଇଁ ବଜେଟ୍ ବରାଦ ନୈରାଶ୍ୟଜନକ। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୨ ଲକ୍ଷ ୯୦ ହଜାର କୋଟି ଟଙ୍କାର ବଜେଟ ସରକାର ଆଣିଛନ୍ତି।

### କେମିତି ପୂରଣ ହେବ ସମୃଦ୍ଧ ଓଡ଼ିଶା ଆଶା

ମାତ୍ର ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡ଼ିକୁ ଅର୍ଥ ଆବଣ୍ଟନ ରାଶି ଯଥେଷ୍ଟ କମ୍ ଥିବା ଦେଖାଯାଇଛି। ରାଜସ୍ୱ କ୍ଷେତ୍ରର ପ୍ରମୁଖ ଉତ୍ସ କୁହାଯାଉଥିବା ଇସ୍ପାତ ଓ ଖଣି ବିଭାଗକୁ ମିଳିଛି ମାତ୍ର ୪୦୪ କୋଟି।

ସେହିପରି ଶିଳ୍ପ ବିଭାଗକୁ ୮୦୮ କୋଟି, ପର୍ଯ୍ୟଟନ ବିଭାଗକୁ ୮୨୦ କୋଟି, ଏମ୍‌ଏସ୍‌ଏମ୍‌ଇ ବିଭାଗକୁ ୭୫୮ କୋଟି, ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗକୁ ୬୮୮ କୋଟି, ବିଜ୍ଞାନ ଓ କାରିଗରୀ କୌଶଳ ବିଭାଗକୁ ୩୫୩ କୋଟି ଟଙ୍କାର ବଣ୍ଟନ କରାଯାଇଛି। ଯାହା କି ଚଳିତ ବର୍ଷର ଅନୁଦାନଠାରୁ କମ୍ ଥିବା ଦେଖାଯାଇଛି।

ପୁଞ୍ଜି ନିବେଶ ଏବଂ କର୍ମନିଯୁକ୍ତି ସୃଷ୍ଟି କରିବାରେ ଉପରୋକ୍ତ ବିଭାଗ ଗୁଡିକର ପ୍ରମୁଖ ଭୂମିକା ରହିଛି। ଓଡିଶାକୁ ପୁଞ୍ଜି ନିବେଶର ପେଣ୍ଠସ୍ଥଳୀ କରାଯିବ ବୋଲି କହୁଥିବା ରାଜ୍ୟ ସରକାର ବିକାଶ ପାଇଁ ଏକାନ୍ତ ଗୁରୁତ୍ୱପୂର୍ଣ୍ଣ ବିଭାଗକୁ କମ୍ ଆବଣ୍ଟନ ନକାରାତ୍ମକ ପ୍ରଭାବ ପକାଇବା ଆଶଙ୍କା ରହିଛି। ସାମଗ୍ରିକ ବିକାଶ ଲକ୍ଷ୍ୟ ହାସଲ କରିବା ପାଇଁ କର୍ମନିଯୋଜନ ସୃଷ୍ଟି ଓ ଭିତ୍ତିଭୂମିର ବିକାଶ ଜରୁରୀ ଯାହା ଆଗାମୀ ଆର୍ଥିକ ବର୍ଷର ବଜେଟ ବ୍ୟୟବରାଦରେ ପ୍ରତିଫଳିତ ହୋଇପାରି ନାହିଁ। ଏହି କ୍ଷେତ୍ର ଗୁଡିକ କ୍ରମାଗତ ଭାବେ ଅବହେଳାର ଶିକାର ହୋଇ ଚାଲିଛି। ତେବେ ଚଳିତ ବଜେଟରେ ଅର୍ଥ ▸ପୃଷ୍ଠା-୭



# ଚୀନ୍‌ରେ କୋଭ୍-୨; ପୁଣି ମହାମାରୀ ଭୟ

ବେଜିଂ,୨୨।୨(ଏଜେନ୍ସି): ମାତ୍ର କିଛି ବର୍ଷର ବ୍ୟବଧାନରେ ପୁଣି ମହାମାରୀର ଆଶଙ୍କା ବଢ଼ିଛି। ଚାଇନା ବୈଜ୍ଞାନିକମାନେ ଏବେ କରେନା ଭୂତାଣୁ ଭଳି ଆଉ ଏକ ଭୂତାଣୁ ଆବିଷ୍କାର କରିଥିବାରୁ ଭୟର ଆଶଙ୍କା ବଢ଼ିଛି। ଚୀନ୍‌ର ଉହାନ ଗବେଷଣା କେନ୍ଦ୍ରର କିଛି ଗବେଷକ ବାଦୁଡ଼ିଙ୍କ ଠାରେ ସୃଷ୍ଟି ହେଉଥିବା ଏକ ଭୂତାଣୁ ଆବିଷ୍କାର କରିଛନ୍ତି ଯାହାକି କୌଣସି ଜୀବ ଠାରୁ ମଣିଷ ଶରୀରକୁ ସଂକ୍ରମିତ ହୋଇପାରେ। ଏହି ଭୂତାଣୁର ନାମ ଏଚକେୟୁ୫-କୋଭ୍-୨ ରଖାଯାଇଥିଲା ବେଳେ ଯେଉଁ ଆଧାରରେ(ହ୍ୟୁମାନ ରିସେପ୍ଟର) କରୋନା ଭୂତାଣୁ ମଣିଷ ଶରୀରରେ ପ୍ରବେଶ କରେ ଏହାମଧ୍ୟ ଠିକ୍ ସେହି ଅଧାରରେ ମଣିଷକୁ ସଂକ୍ରମିତ କରିବାର କ୍ଷମତା ରଖିଛି ବୋଲି ବୈଜ୍ଞାନିକମାନେ କହିଛନ୍ତି। କରୋନା ଭୂତାଣୁର ହ୍ୟୁମାନ ରିସେପ୍ଟର ସାର୍ସ-କୋଭ୍-୨ ରହିଥିଲା ବେଳେ ଏଚକେୟୁ୫-କୋଭ୍-୨ ଭୂତାଣୁର ମଧ୍ୟ ସମାନ ହ୍ୟୁମାନ ରିସେପ୍ଟର ରହିଥିବା କୁହାଯାଇଛି। କିଛି ମାସ ତଳେ ସମଗ୍ର ଚୀନ୍‌ରେ ଏଚଏମପିଭି ଫ୍ଲୁ କରୋନା ଭଳି ସ୍ଥିତି ସୃଷ୍ଟି କରିଥିଲା। ସବୁ ରାଜ୍ୟରେ



ହସ୍ପିଟାଲରେ ସ୍ଥିତି ଏଭଳି ହୋଇଥିଲା ଯେ, ଲୋକଙ୍କୁ ଶଯ୍ୟା ମିଳିବା ସମ୍ଭବ ହୋଇ ନଥିଲା। ଏହାକୁ ଦୃଷ୍ଟିରେ ରଖି ଚୀନ ସରକାର ଜରୁରୀ ସ୍ଥିତି ଘୋଷଣା କରିବା ସହିତ କରୋନା ଭଳି ଅନେକ ସ୍ଥାନରେ ଲକଡାଉନ ମଧ୍ୟ ଘୋଷଣା କରିଥିଲେ। ତେବେ ଏହି ସମୟରୁ ଏଚଏମପିଭି ସମ୍ପର୍କରେ ଗବେଷଣା ଆରମ୍ଭ କରିଥିବା ଉହାନ ଇନଷ୍ଟିଚ୍ୟୁଟର ଗବେଷକ ସି ଜେଙ୍ଗିଲ ଏବେ ଏଚକେୟୁ୫-କୋଭ୍-୨କୁ ନେଇ ସୂଚନା ଦେଇଛନ୍ତି। ମଣିଷ ଶରୀରରେ ଏହି ଭୂତାଣୁ ସଂକ୍ରମିତ ହେବାର ସମ୍ଭାବନା ଯଥେଷ୍ଟ ଅଧିକ ରହିଥିଲେ ହେଁ କରୋନା ଭଳି ଅଧିକ ସଂଖ୍ୟକ ଲୋକଙ୍କୁ ସଂକ୍ରମିତ କରିପାରିବ ନାହିଁ ବୋଲି କୁହାଯାଇଛି। ନୂତନ ଭାବେ ଆବିଷ୍କୃତ ଏଚକେୟୁ୫- କୋଭ୍-୨ ଭୂତାଣୁର ଉତ୍ପତ୍ତିକୁ ନେଇ ଏବେ ମଧ୍ୟ କେତେକ ମହଲରେ ସନ୍ଦେହ ରହିଛି। ତେବେ ଏହି ଭୂତାଣୁ ପ୍ରଥମେ ବାଦୁଡ଼ିଠାରେ ଦେଖା ଦେବା ଏବଂ ପରେ ପରେ ଅନ୍ୟ କୌଣସି ଜୀବ ମାଧ୍ୟମରେ ମଣିଷ ଶରୀରକୁ ପ୍ରବେଶ କରିଥିବା କିଛି ଅନୁସନ୍ଧାନରୁ କୁହାଯାଇଛି। ପ୍ରଥମେ ହଂକଂରେ ଏକ ଜାପାନୀ ବାଦୁଡି ଶରୀରରୁ ଏହାକୁ ଆବିଷ୍କାର କରାଯାଇଛି ବୋଲି ୟୁହାନ ଗବେଷକମାନେ କହିଛନ୍ତି। ତେବେ ଏହି ଭୂତାଣୁ ମଣିଷକୁ ସଂକ୍ରମିତ କଲେ କରୋନା ଭୂତାଣୁ ଭଳି ଏହା ଫୁସଫୁସ୍ ଏବଂ ଖାଦ୍ୟନଳୀ ତନ୍ତୁକୁ ପ୍ରଥମେ ଆକ୍ରମଣ କରି କ୍ଷତି ପହଞ୍ଚାଇଥାଏ ବୋଲି କୁହାଯାଇଛି।

## ଭୁଶୁଡ଼ିଲା ଟନେଲ; ମାଟି ତଳେ ଫସିଛନ୍ତି ୮ ଶ୍ରମିକ



ହାଇଦରାବାଦ,୨୨।୨(ଏଜେନ୍ସି): ତେଲେଙ୍ଗାନାର ନଗରକୁର୍ଣ୍ଣୁଲ ଜିଲ୍ଲାରେ ଏକ ନିର୍ମାଣାଧୀନ ଟନେଲ ଭୁଶୁଡ଼ି ପଡ଼ିବାରୁ ଏହା ମଧ୍ୟରେ ୮ ଶ୍ରମିକ ଫସି ରହିଥିବା ଜଣାପଡ଼ିଛି। ଏହି ଜିଲ୍ଲାର ଡୋମାଲପେଣ୍ଟା ନିକଟରେ ଶ୍ରୀଶୈଳମ ଲେଫ୍ଟ ବ୍ୟାଙ୍କ କେନାଲ ସୁଡ଼ଙ୍ଗର ଏକ ଅଂଶ ଭୁଶୁଡ଼ି ପଡ଼ିବାରୁ ବଡ଼ ଦୁର୍ଘଟଣା ଘଟିଛି। ସେମାନଙ୍କୁ ଉଦ୍ଧାର କରାଯିବା ଲାଗି ସବୁ ସ୍ତରରେ ଉଦ୍ୟମ ଜାରି ରହିଛି। ନଗରକୁର୍ଣ୍ଣୁଲ ପୁଲିସ ଅଧୀକ୍ଷକ ବୈଭବ ଗାୟକୱାଡ କହିଛନ୍ତି ଯେ, ଶ୍ରୀଶୈଳମ ଜଳଭଣ୍ଡାର ନିକଟରେ ଥିବା ସୁଡଙ୍ଗ ଛାତର ପ୍ରାୟ ତିନି ମିଟର ଭୁଶୁଡ଼ି ପଡ଼ିଛି। ଏହି ସୁଡ଼ଙ୍ଗ ନିର୍ମାଣ କାର୍ଯ୍ୟ ମାତ୍ର ଚାରି ଦିନ ପୂର୍ବରୁ ଆରମ୍ଭ ହୋଇଥିଲା। କିନ୍ତୁ ଶନିବାର ଶ୍ରମିକମାନେ ନିୟମିତ କାର୍ଯ୍ୟ କରୁଥିଲା ବେଳେ ଉପର ମାଟି ଧସି ଯାଇଥିଲା। ଫଳରେ ସେଠାରେ ଉପସ୍ଥିତ ଥିବା ୫୦ ଶ୍ରମିକଙ୍କ ମଧ୍ୟରୁ ୮ ଶ୍ରମିକ ମାଟି ତଳେ ଫସିଯାଇଥିଲେ। ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ କରୁଥିବା କମ୍ପାନୀର ଦୁଇଟି ଉଦ୍ଧାରକାରୀ ଦଳ ପରିସ୍ଥିତିର ଆକଳନ କରିବା ପାଇଁ ସୁଡଙ୍ଗ ଭିତରକୁ ଯାଇଛନ୍ତି। ଦୁର୍ଘଟଣା ସମୟରେ ଘଟଣାସ୍ଥଳରେ ୫୦ ଜଣ ଶ୍ରମିକ କାମ କରୁଥିଲେ ଏବଂ ସେମାନଙ୍କ ମଧ୍ୟରୁ ୪୩ ଜଣ ସୁରକ୍ଷିତ ଭାବରେ ବାହାରକୁ ଆସିଛନ୍ତି ବୋଲି ସଂପୃକ୍ତ କମ୍ପାନୀ ପକ୍ଷରୁ କୁହାଯାଇଛି। ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହିତ ଜଳସେଚନ ମନ୍ତ୍ରୀ ଉତ୍ତମ କୁମାର ରେଡ୍ଡିଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳକୁ ଘଟଣାସ୍ଥଳକୁ ପଠାଇଛନ୍ତି।

## ଅନ୍‌ଲାଇନ୍ କଣ୍ଟେଣ୍ଟ ପାଇଁ ଆସିବ କଠୋର ନିୟମ

ନୂଆଦିଲ୍ଲୀ,୨୨।୨(ଏଜେନ୍ସି): ରଣବୀର ଆହ୍ଲାବାଦିଆଙ୍କ ମାମଲା ପରେ ସୋସିଆଲ ମିଡିଆର ବିଷୟ ବସ୍ତୁ ଏବଂ ଉପସ୍ଥାପନ ତରିକାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଅନଲାଇନ କଣ୍ଟେଣ୍ଟ ଉପରେ ଏକ କଠୋର ନିୟମ ଆଣିବାର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଛନ୍ତି। ଡିଜିଟାଲ୍ ପ୍ଲାଟଫର୍ମରେ ପ୍ରଦର୍ଶିତ ଅଶ୍ଲୀଳତା ଏବଂ ହିଂସା ଅଭିଯୋଗ ଉପରେ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ପ୍ରଚଳିତ ବୈଧାନିକ ବ୍ୟବସ୍ଥା ଏବଂ ବିବାଦ ସୃଷ୍ଟିକାରୀ ବିଷୟବସ୍ତୁ ନିୟନ୍ତ୍ରଣ କରିବା ପାଇଁ ଏକ ନୂତନ ଆଇନଗତ ଢାଞ୍ଚାର ଆବଶ୍ୟକତା ନେଇ ଯାଞ୍ଚ କରୁଥିବା କୁହାଯାଇଛି। ସଂସଦୀୟ ପ୍ୟାନେଲକୁ ଦେଇଥିବା ଉତ୍ତରରେ ମନ୍ତ୍ରଣାଳୟ କହିଛି ଯେ ଡିଜିଟାଲ୍ ପ୍ଲାଟଫର୍ମରେ ଅଶ୍ଲୀଳ ଏବଂ ହିଂସାତ୍ମକ ବିଷୟବସ୍ତୁ ପ୍ରଦର୍ଶନ କରିବା ପାଇଁ ଅଭିବ୍ୟକ୍ତି ସ୍ୱାଧୀନତାର ଅପବ୍ୟବହାର କରାଯାଉଛି।

# ଚୀନ୍‌ର ଆଉ ଏକ ଚାଲ୍

## ମ୍ୟାଁମାର ସୀମାରେ ନିର୍ମାଣ କରୁଛି ରାଡାର ସିଷ୍ଟମ

ନୂଆଦିଲ୍ଲୀ,୨୨।୨(ଏଜେନ୍ସି): ଭାରତ ସହ ସମ୍ପର୍କ ଉନ୍ନ କରି ଚୀନ୍ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିବାକୁ ଆଗ୍ରହୀ ବୋଲି କହୁଛି। କିନ୍ତୁ ଅନେକ କ୍ଷେତ୍ରରେ ଗୁପ୍ତରେ ଭାରତ ବିରୋଧୀ କାର୍ଯ୍ୟରେ ଏହି ଦେଶ ଲିପ୍ତ ରହୁଥିବା ଦେଖାଯାଇଛି। ଯାହାକି ଭାରତ ପାଇଁ ବିପଦ ସଙ୍କେତ ପାଲଟିବାରେ ଲାଗିଛି। ଚୀନ୍ ଏବେ ଭାରତର କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ଉପରେ ନଜର ରଖିବାକୁ ମ୍ୟାଁମାର ସୀମାକୁ ଲାଗି ରହିଥିବା ଏହାର ୟୁନାନ ପ୍ରଦେଶରେ ଏକ ଅତ୍ୟାଧୁନିକ ଏବଂ ଶକ୍ତିଶାଳୀ ରାଡାର ସିଷ୍ଟମ ନିର୍ମାଣ କରୁଛି। ନିଜର ସୁରକ୍ଷା ପାଇଁ ଭାରତ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ରେଞ୍ଜର କ୍ଷେପଣାସ୍ତ୍ର ପରୀକ୍ଷଣ କରୁଥିଲା ବେଳେ ଚୀନ୍‌ର ଏହି ଷଡ଼ଯନ୍ତ୍ର ଭାରତୀୟ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ପାଇଁ ବିପଦ ହେବ ବୋଲି କୁହାଯାଉଛି। ମିଳିଥିବା ସୂଚନା ଅନୁସାରେ ଚୀନ୍ ଏକ ନୂତନ 'ଲାର୍ଜ ଫେଜ୍ଡ ଆରେ ରାଡାର (ଏଲପିଏଆର)' ସାଇଟ୍ ନିର୍ମାଣ କରିଛି। ଏହା ଦ୍ୱାରା



### ଭାରତ ଉପରେ ନଜର ରଖିବ ରାଡାର

ଚୀନ୍‌ର ବାଲିଷ୍ଟିକ୍ ମିସାଇଲ୍ ନିରୀକ୍ଷଣ କ୍ଷମତା ବୃଦ୍ଧି ପାଇବ। ଏହାର କାର୍ଯ୍ୟକ୍ଷମତା ପରିସର ୫ହଜାର କିଲୋମିଟରରୁ ଅଧିକ ରହିବ ବୋଲି କୁହାଯାଇଥିଲା ବେଳେ ଏହି ରାଡାର ସିଷ୍ଟମ ମାଧ୍ୟମରେ ଚୀନ୍ ଭାରତ ମହାସାଗରର ଏକ ବଡ଼ ଅଞ୍ଚଳ ଏବଂ ଭାରତୀୟ କ୍ଷେତ୍ର ଉପରେ ନଜର ରଖିପାରିବ ବୋଲି କୁହାଯାଉଛି। ଏଲପିଏଆର ହେଉଛି ଏକ ଅତ୍ୟାଧୁନିକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପ୍ରାରମ୍ଭିକ ଚେତାବନୀ ରାଡାର। କିନ୍ତୁ ଏହି ରାଡାର ସିଷ୍ଟମର ରେଞ୍ଜ ୫,୦୦୦ କିଲୋମିଟର ରହିଥିବାରୁ ଏହି ପରିଧି ମଧ୍ୟରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ରର ପ୍ରକ୍ଷେପଣକୁ ଚୀନ ଚିହ୍ନଟ ଏବଂ ନଜର କରିପାରିବ। ବିଶେଷ ଭାବରେ ଭାରତର ପୂର୍ବତଟରେ ଡକ୍ଟର ଏ.ପି.ଜେ. ଅବଦୁଲ କଲାମ ଦ୍ୱୀପରୁ କରାଯାଉଥିବା କ୍ଷେପଣାସ୍ତ୍ର ପରୀକ୍ଷଣ ଉପରେ ଚୀନ୍ ଅତି ନିକଟରୁ ନଜର ରଖିପାରିବ। ଭାରତ ମହାସାଗରରେ ଚଳାଚଳ କରୁଥିବା ଜାହାଜ ଉପରେ ନଜର ରଖିବାକୁ ଚୀନ୍ ପୂର୍ବରୁ 'ୱାରସିପ୍ ରାଡାର' ନିୟୋଜିତ କରିଥିଲା। ଏବେ କ୍ଷେପଣାସ୍ତ୍ର ଉପରେ ନଜର ରଖିବାକୁ ଚୀନ୍‌ର ଏହି ଚାଲ ଭାରତ ପାଇଁ ଚିନ୍ତା ବଢାଇବ ବୋଲି କୁହାଯାଉଛି।

## ଏୟାର ଇଣ୍ଡିଆରେ କେନ୍ଦ୍ର ମନ୍ତ୍ରୀଙ୍କୁ ଫଟା ସିଟ୍

ନୂଆଦିଲ୍ଲୀ,୨୨।୨(ଏଜେନ୍ସି): ଏୟାର ଇଣ୍ଡିଆ କମ୍ପାନୀକୁ ଟାଟା ଗୋଷ୍ଠୀ ଅଧିଗ୍ରହଣ କରିବା ପରେ ଏହାର ସେବାର ଉନ୍ନତି ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ଉନ୍ନତି ତ' ପଛ କଥା, ଖୋଦ୍ ଜଣେ କେନ୍ଦ୍ରମନ୍ତ୍ରୀଙ୍କୁ ଏୟାର ଇଣ୍ଡିଆ ବିମାନରେ ଫଟା ସିଟ୍ରେ ଯାତ୍ରା କରିବାକୁ ପଡ଼ିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏଭଳି କଥା ଶୁଣିବା ପରେ ଆଶ୍ଚର୍ଯ୍ୟ ଲାଗୁଥିଲେହେଁ କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂ ଚୌହାନ ନିଜେ 'ଏକ୍ସ'ରେ ପୋଷ୍ଟ କରି ଏହି ବିଷୟ ଉଲ୍ଲେଖ କରିବା ପରେ ସୋସିଆଲ ମିଡିଆରେ ଚର୍ଚ୍ଚା ବଢ଼ିଛି। ଏୟାର ଇଣ୍ଡିଆ କମ୍ପାନୀ ଯାତ୍ରୀଙ୍କୁ ଏଭଳି ନିମ୍ନମାନର ସେବା ଦେଇ ପରୋକ୍ଷରେ ଯାତ୍ରୀମାନଙ୍କୁ ଠକେଇ କରାଯାଉ ନାହିଁ କି ବୋଲି ଶିବରାଜ ପ୍ରଶ୍ନ କରିଛନ୍ତି। ମିଳିଥିବା ଖବର ଅନୁସାରେ ଶିବରାଜ ଏକ ଏୟାର ଇଣ୍ଡିଆ ବିମାନରେ ଭୋପାଳରୁ ଦିଲ୍ଲୀ ଯାଉଥିଲା ବେଳେ ଏଭଳି ଘଟଣା ଘଟିଛି। ତାଙ୍କୁ ବିମାନରେ ଯେଉଁ ସିଟ୍ ମିଳିଥିଲା ତାହା ଫାଟି ଯାଇଥିଲା ଏବଂ ଏହାକୁ ନେଇ ସେ ଭୀଷଣ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଶିବରାଜ କହିଛନ୍ତି, ଏୟାର ଇଣ୍ଡିଆ ଏଆଇ ୪୩୬ ରେ ତାଙ୍କର ସିଟ୍ ନମ୍ବର ଥିଲା ୮ ସି । ହେଲେ ସେ ପହଞ୍ଚିବା ପରେ ଏହି ସିଟ୍‌ରେ ବସିବା କଷ୍ଟକର ଥିଲା ବୋଲି ଅନୁଭବ କରିଥିଲେ। ହେଲେ ଜରୁରୀ କାମ ଥିବାରୁ ସେ ବାଧ୍ୟ ହୋଇ ସେହି ସିଟ୍ରେ ଯାଇଥିଲେ ବୋଲି କହିଛନ୍ତି। ଖାଲି ଏତିକି ନୁହେଁ ପୂରା ଘଟଣାର ଫଟୋ ଉଠାଇ ସେ ଏକ୍ସ'ରେ ପୋଷ୍ଟ କରି ଏୟାରଇଣ୍ଡିଆକୁ ଟ୍ୟାଗ କରିଥିଲେ। ଏହାକୁ ନେଇ ଏବେ ବିବାଦ ବଢ଼ିଛି।



କେନ୍ଦ୍ରମନ୍ତ୍ରୀଙ୍କ ଏହି ଟ୍ୱିଟ୍ ପରେ ସାମାଜିକ ଗଣମାଧ୍ୟମ ୟୁଜରମାନେ କେନ୍ଦ୍ର ସରକାର, କେନ୍ଦ୍ରମନ୍ତ୍ରୀ, ଏୟାର ଇଣ୍ଡିଆକୁ ଟ୍ରୋଲ କରିବା ଆରମ୍ଭ କରିଛନ୍ତି। ଏପରିକି ଶିବରାଜ ସିଂହ ଚୌହ୍ୱାନ ମୁଖ୍ୟମନ୍ତ୍ରୀ ଥିବା ସମୟର କିଛି ଫଟୋ ଓ କିଛି ବିବାଦୀୟ ପ୍ରସଙ୍ଗକୁ ଉଲ୍ଲେଖ କରି ସାମାଜିକ ଗଣମାଧ୍ୟମରେ ସମାଲୋଚନା କରିଛନ୍ତି। ଏହାବ୍ୟତୀତ କିଛି ଦିନ ତଳେ ସଂସଦରେ ଆପ୍ ସାଂସଦ ରାଘବ ଚଡ୍ଢା ବିମାନ ଯାତ୍ରା ସମୟରେ ଯାତ୍ରୀମାନେ ବିମାନ ପରିବହନ ସଂସ୍ଥା ଦ୍ୱାରା ହେଉଥିବା ଶୋଷଣ ଓ ଭଡ଼ା ପ୍ରସଙ୍ଗରେ ଉଲ୍ଲେଖ କରିଥିବା କଥା ମଧ୍ୟ ଏଥିରେ ଲେଖିଛନ୍ତି।

## ଅସ୍ତ୍ର ସମର୍ପଣ ଅବଧି ବଢ଼ାଇବାକୁ ଦାବି

ଇମ୍ଫାଲ, ୨୨।୨ (ଏଜେନ୍ସି): ମଣିପୁରରେ ରାଷ୍ଟ୍ରପତି ଶାସନ ଜାରି ପରେ ଉପଦ୍ରବୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ପ୍ରୟାସ ଆରମ୍ଭ ହୋଇଛି। ହିଂସାବେଳେ ବିଭିନ୍ନ ସ୍ଥାନରୁ ସରକାରୀ ଅସ୍ତ୍ରଶସ୍ତ୍ର ଲୁଟ୍ କିମ୍ବା ବେଆଇନ ଭାବେ କେହି ରଖିଥିବା ଅସ୍ତ୍ରଶସ୍ତ୍ରକୁ ୭ ଦିନ ମଧ୍ୟରେ ଦାଖଲ କରିବାକୁ ରାଜ୍ୟପାଳ ଅଜୟ ଭଲ୍ଲା ନିର୍ଦ୍ଦେଶ ଦେଇଥିଲେ। ନଚେତ ଉପଦ୍ରବୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପରୋକ୍ଷରେ ଚେତାଇ ଦେଇଛନ୍ତି। ପରେ ମେଇତି ସଙ୍ଗଠନ ପକ୍ଷରୁ ରାଜ୍ୟପାଳଙ୍କୁ ଏଥିପାଇଁ ସମୟ ଦେବାକୁ ଅନୁରୋଧ କରାଯାଇଛି। ଅସ୍ତ୍ରଶସ୍ତ୍ର ଦାଖଲ କରିବା ପ୍ରକ୍ରିୟାରେ ସହଯୋଗ କରିବାକୁ ସ୍ଥାନୀୟ ଯୁବ ନେତାଙ୍କ ସହ ରାଜ୍ୟପାଳଙ୍କ ପକ୍ଷରୁ ଔପଚାରିକ ସମ୍ପର୍କ ସ୍ଥାପନା କରାଯାଉ ବୋଲି କୁହାଯାଇଛି।

# ଅଥୟ ଡନ୍

ଆମେରିକାର ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ଦାୟିତ୍ୱ ନେବାର ଇତିମଧ୍ୟରେ ମାସେ ପୂରିଗଲାଣି। କିନ୍ତୁ ଏଇ ଗୋଟିଏ ମାସ ଭିତରେ ତାଙ୍କର ଅନେକ ନିଷ୍ପତ୍ତି କେମିତି ଗୋଟିଏ ଅଶାନ୍ତ ବାତାବରଣ ସୃଷ୍ଟି କଲା ଭଳି ଲାଗୁଛି। ଦାୟିତ୍ୱ ଗ୍ରହଣ କରିବା ଦିନ ଏକାଧିକ ଫାଇଲରେ ଦସ୍ତଖତ କରି ସେ ତାଙ୍କର କଠୋର ଆଭିମୁଖ୍ୟ ସଂପର୍କରେ ସୂଚନା ଦେଇସାରିଥିଲେ। ଆମେରିକାରେ ଜନ୍ମ ଗ୍ରହଣ କରୁଥିବା ବିଦେଶୀ ଦମ୍ପତିଙ୍କ ସନ୍ତାନକୁ ଆପେଆପେ ମିଳୁଥିବା ନାଗରିକତ୍ୱକୁ ସେ ସମାପ୍ତ କରିବାକୁ ଘୋଷଣା କରିବା ସହିତ ।।ସେଠାରେ ରହୁଥିବା ବେଆଇନ ଶରଣାର୍ଥୀଙ୍କ ହାତ ଗୋଡ଼ରେ ବେଡ଼ି ପକାଇ ବିଦାୟ କରିବା ଆରମ୍ଭ କରିଦେଇଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରୁ ଆମେରିକାକୁ ସେ ପ୍ରତ୍ୟାହାର କରିବା ସହିତ ସ୍ୱାସ୍ଥ୍ୟ ସଂକ୍ରାନ୍ତ ଅନେକ ପ୍ରକଳ୍ପକୁ ଆର୍ଥିକ ଅନୁଦାନ ମଧ୍ୟ ବନ୍ଦ କରିଦେଇଛନ୍ତି। କେବଳ ଏତିକି ନୁହେଁ, ଜଳବାୟୁ ପରିବର୍ତ୍ତନ ସକ୍ରାନ୍ତ ଜାତିସଂଘର ସଂସ୍ଥାକୁ ଆର୍ଥିକ ସହାୟତା ବନ୍ଦ କରିବା ସହିତ ପ୍ୟାରିସ ଜଳବାୟୁ ଚୁକ୍ତିନାମାରୁ ମଧ୍ୟ ଓହରି ଯାଇଛନ୍ତି। ତାଙ୍କର ଏଭଳି ନିଷ୍ପତ୍ତି ଆମେରିକା ଭିତରେ ଯେତିକି ଅସନ୍ତୋଷ ସୃଷ୍ଟି କରିଛି, ତାଠାରୁ ବେଶି କ୍ଷୁବ୍ଧ କରିଛି ସହଯୋଗୀ ରାଷ୍ଟ୍ର ଓ ଆନ୍ତର୍ଜାତିକ ସଂସ୍ଥାକୁ। ବିଭିନ୍ନ ଦେଶ ଆମେରିକାର ସାମଗ୍ରୀ ଉପରେ ଅଧିକ ଶୁଳ୍କ ଧାର୍ଯ୍ୟ କରୁଥିବାରୁ ସେହି ଦେଶଗୁଡ଼ିକର ସାମଗ୍ରୀ ଉପରେ ଟ୍ରମ୍ପ ପାଲଟା ଆକ୍ରମଣ କରି ଅଧିକ ଶୁଳ୍କ ଧାର୍ଯ୍ୟ କରିଛନ୍ତି। ଏଥିରୁ ଆମରିକାର ସହଯୋଗୀ ରାଷ୍ଟ୍ର କାନାଡ଼ା ଏବଂ ମେକ୍ସିକୋ ମଧ୍ୟ ବାଦ୍ ପଡ଼ିନାହାନ୍ତି। ଏଭଳି ସମସ୍ତ ଦେଶ ଉପରେ ଅଧିକ ଶୁଳ୍କ ଧାର୍ଯ୍ୟ କରିବାକୁ ସେ ଧମକ ଦେଇଛନ୍ତି।



ହଟ୍ ସ୍ପଟ୍

ଟ୍ରମ୍ପଙ୍କର ଅନେକ ନିଷ୍ପତ୍ତି ସହ ସହମତ ହୋଇ ପାରୁ ନାହାନ୍ତି ଆମେରିକାର ସହଯୋଗୀ କୁହାଯାଉଥିବା ୟୁରୋପୀୟ ରାଷ୍ଟ୍ର। ନାଟୋ ସଂଗଠନକୁ ମଧ୍ୟ ସେ ଗୁରୁତ୍ୱ ଦେଉ ନାହାନ୍ତି। ୟୁକ୍ରେନ ଯୁଦ୍ଧକୁ ସମାପ୍ତ କରିବା ଲାଗି ତାଙ୍କର ପଦକ୍ଷେପ ସ୍ୱାଗତଯୋଗ୍ୟ। କିନ୍ତୁ ଏହି ପ୍ରକ୍ରିୟାରେ କୌଣସି ୟୁରୋପୀୟ ଦେଶଙ୍କୁ ସେ ସାମିଲ କରୁ ନାହାନ୍ତି। ଏପରିକି ୟୁକ୍ରେନକୁ ବି ନୁହେଁ। ସାଉଦୀ ଆରବ ମଧ୍ୟସ୍ଥତାରେ ଚାଲିଛି ଆମେରିକା ଓ ରୁଷିଆ ମଧ୍ୟରେ କଥାବାର୍ତ୍ତା। ଉଭୟ ଦେଶର ବୈଦେଶିକ ମନ୍ତ୍ରୀ ଏକାଠି ହୋଇ ୟୁକ୍ରେନ ଯୁଦ୍ଧର ଅବସାନ ସଂପର୍କରେ କଥାବର୍ତ୍ତା କରୁଛନ୍ତି। ୟୁକ୍ରେନକୁ ଏହି ପ୍ରକ୍ରିୟାରେ ସାମିଲ କରାଯାଇ ନଥିବାରୁ ସେଠାର ରାଷ୍ଟ୍ରପତି ଜେଲେଁସ୍କି କ୍ଷୁବ୍ଧ। ସେ ଏହାର ପ୍ରତିବାଦ କରିବାରୁ ତାଙ୍କ ଉପରେ ବର୍ଷୁଛନ୍ତି ଟ୍ରମ୍ପ। ଜେଲେଁସ୍କିଙ୍କୁ ସେ ଏକଛତ୍ରବାଦୀ କହିବା ସହିତ ତାଙ୍କ ଯୋଗୁଁ ଯୁଦ୍ଧ ହେଉଛି ବୋଲି କହିବାକୁ ପଛାଇ ନାହାନ୍ତି। କିନ୍ତୁ ଜେଲେଁସ୍କିଙ୍କ ବିନା ଯୁଦ୍ଧ ବନ୍ଦ କରିବାକୁ କିଭଳି ନିଷ୍ପତ୍ତି ନିଆଯାଇପାରିବ ବୋଲି ବହୁ ପାଶ୍ଚାତ୍ୟ ରାଷ୍ଟ୍ର ପ୍ରଶ୍ନ ଉଠାଇଛନ୍ତି। ସଂପ୍ରତିକ ସ୍ଥିତିରେ ଗୋଟିଏ ପଟରେ ଟ୍ରମ୍ପ ପୁଟିନଙ୍କ ସହ ଏକପାଖିଆ ଆଲୋଚନା କରୁଥିଲା ବେଳେ ଅନ୍ୟପକ୍ଷରେ ଆମେରିକା ୟୁକ୍ରେନକୁ ଦେଇଥିବା ଅର୍ଥ ସହାୟତାକୁ କିଭଳି ଆଦାୟ କରିବେ ତାହା ଚିନ୍ତା କରୁଛନ୍ତି। ଏପରିକି ଅର୍ଥ ବଦଳରେ ୟୁକ୍ରେନରୁ ବହୁ ମୂଲ୍ୟବାନ ଖଣିଜ ସମ୍ପଦ ନେବାକୁ ଟ୍ରମ୍ପ ଜେଲେଁସ୍କିଙ୍କୁ କହିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଟ୍ରମ୍ପ ପ୍ରକୃତରେ ଯୁଦ୍ଧ ବନ୍ଦ କରି ଶାନ୍ତି ପ୍ରତିଷ୍ଠା କରିବାକୁ ଚାହୁଁଛନ୍ତି ନା ବ୍ୟାବସାୟିକ ଲାଭ ଉଠାଇବାକୁ ପ୍ରୟାସ କରୁଛନ୍ତି ସେନେଇ ଅନେକ ରାଷ୍ଟ୍ର ପ୍ରଶ୍ନ ଉଠାଇଛନ୍ତି।

ସେପଟେ ଟ୍ରମ୍ପଙ୍କ ଉଦ୍ୟମରେ ଇସ୍ରାଏଲ ଏବଂ ହମାସ ମଧ୍ୟରେ ଯୁଦ୍ଧବିରତି ହୋଇଛି ଏବଂ ଉଭୟ ବନ୍ଦୀ ବିନିମୟ କରୁଛନ୍ତି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ଗାଜା ସଂପର୍କରେ ଟ୍ରମ୍ପଙ୍କ ଯୋଜନା ଅଶାନ୍ତ ବାତାବରଣ ସୃଷ୍ଟି କରିଛି। ଆମେରିକା ସିଧାସଳଖ ଗାଜା ନିଜ ଅକ୍ତିଆରକୁ ନେଇଯିବ ଏବଂ ବିସ୍ଥାପିତ ପାଲେଷ୍ଟିନୀୟଙ୍କୁ ଫେରିବାକୁ ଦିଆଯିବ ନାହିଁ ବୋଲି ତାଙ୍କର ଘୋଷଣା ଆରବ ଦେଶମାନଙ୍କୁ କ୍ଷୁବ୍ଧ କରିଛି। ଜାତିସଂଘ ଏବଂ ଅନେକ ରାଷ୍ଟ୍ର ମଧ୍ୟ ତାଙ୍କର ଏଭଳି ଯୋଜନାକୁ ନାପସନ୍ଦ କରୁଛନ୍ତି।

ଏହିସବୁ ଘଟଣାକୁ ନେଇ ଟ୍ରମ୍ପ ବିବାଦୀୟ ହୋଇ ଚାଲିଥିବା ବେଳେ ତାଙ୍କର ଏକ ମନ୍ତବ୍ୟ ଭାରତୀୟ ରାଜନୀତିରେ ନିଆଁ ଲଗାଇଦେଇଛି। ଭାରତରେ ନିର୍ବାଚନକୁ ପ୍ରଭାବିତ କରିବା ଲାଗି ୟୁଏସ୍‌ଏଡ୍ ନାମକ ଏକ ସଂସ୍ଥା ଭାରତରେ ୨୧ ନିୟୁତ ଡଲାର ବା ୧୮୨ କୋଟି ଟଙ୍କା ଖର୍ଚ୍ଚ କରିଛି ବୋଲି ସେ କହିଛନ୍ତି। କିନ୍ତୁ ଏହି ଅର୍ଥ କାହା ପକେଟକୁ ଯାଇଛି, ତାହା ସ୍ପଷ୍ଟ ହୋଇନଥିବା ବେଳେ ଏହାକୁ ନେଇ ବିଜେପି ଏବଂ କଂଗ୍ରେସ ମୁହାଁମୁହିଁ ହୋଇଛନ୍ତି। ସେପଟେ ୱାଶିଂଟନ୍ ପୋଷ୍ଟରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ୧୮୨ କୋଟି ଟଙ୍କା ଭାରତ ନିର୍ବାଚନରେ ଖର୍ଚ୍ଚ ହେଇଥିବା ନେଇ କୌଣସି ରେକର୍ଡପତ୍ର ନାହିଁ। କେବଳ ଏଲନ୍ ମସ୍କଙ୍କ କଥାରେ ପଡ଼ି ଟ୍ରମ୍ପ ଏଭଳି ମନ୍ତବ୍ୟ ଦେଉଛନ୍ତି ବୋଲି ଏଥିରେ କୁହାଯାଇଛି।

# ଜାତୀୟ ଶିକ୍ଷା ନୀତିକୁ ନେଇ କେନ୍ଦ୍ର-ତାମିଲନାଡୁ ମୁହାଁମୁହିଁ

## ୧୦ ହଜାର କୋଟି ଟଙ୍କା ଦେଲେ ବି ଲାଗୁ କରିବୁନି : ଷ୍ଟାଲିନ

ନୂଆଦିଲ୍ଲୀ,୨୨।୨(ଏଜେନ୍ସି): ଜାତୀୟ ଶିକ୍ଷା ନୀତି (ଏନଇପି)କୁ ନେଇ କେନ୍ଦ୍ର ଏବଂ ତାମିଲନାଡୁ ସରକାର ମୁହାଁମୁହିଁ ହୋଇଛନ୍ତି। କେନ୍ଦ୍ର ସରକାର ତାମିଲନାଡୁରେ ଏନଇପି ଲାଗୁ କରିବାକୁ ଜୋର ଦେଇଥିଲା ବେଳେ ଏହାକୁ ଷ୍ଟାଲିନ ସରକାର ଘୋର ବିରୋଧ କରିବାରେ ଲାଗିଛନ୍ତି। ବରଂ ଏହି ନୀତି ଲାଗୁ କରିବାକୁ କେନ୍ଦ୍ର ସରକାର ରାଜ୍ୟ ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଏମ କେ ଷ୍ଟାଲିନ ପାଲଟା ଅଭିଯୋଗ କରିଛନ୍ତି। ଏନଇପି ଲାଗୁ ନ କରିବାକୁ କେନ୍ଦ୍ର ସରକାର ଅନ୍ୟ ପ୍ରମୁଖ ଯୋଜନା କାର୍ଯ୍ୟକାରୀ କରିବା ଦିଗରେ ସହାୟତା ନ କରି ପାଣ୍ଠି ବନ୍ଦ କରିଦେଇଛନ୍ତି ବୋଲି ଷ୍ଟାଲିନ କହିଛନ୍ତି। ମୁଖ୍ୟମନ୍ତ୍ରୀ ଷ୍ଟାଲିନ କହିଛନ୍ତି ଯେ, ଯଦି ତାମିଲନାଡୁରେ ଏନଇପି ଲାଗୁ କରାଯାଏ ତେବେ ରାଜ୍ୟ ୨୦୦୦ ବର୍ଷ ତଳକୁ ଫେରିଯିବ। ଏନଇପି ଅଧୀନରେ ତିନି ଭାଷା ନୀତି ଅନୁସାରେ ତାମିଲନାଡୁରେ ହିନ୍ଦି ଭାଷା ପ୍ରଚଳନ କରିବାକୁ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ଗୁରୁତ୍ୱ ଦେଉଛନ୍ତି। ହେଲେ ଏହାକୁ ତାମିଲନାଡୁ ସରକାର ତୀବ୍ର ବିରୋଧ କରୁଛନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଏହି ପ୍ରୟାସକୁ ଷ୍ଟାଲିନ ବିରୋଧ କରିବା ସହିତ ଯଦି କେନ୍ଦ୍ର ସରକାର ରାଜ୍ୟକୁ ୧୦ ହଜାର କୋଟି ଟଙ୍କା ଦିଅନ୍ତି, ତଥାପି ଆମେ ହିନ୍ଦିକୁ ତାମିଲନାଡୁରେ ଭାଷା ନୀତିରେ ଲାଗୁ କରିବୁ ନାହିଁ ବୋଲି ଷ୍ଟାଲିନ କହିଛନ୍ତି। ହିନ୍ଦି ଭଳି ସଂସ୍କୃତ ଭାଷାକୁ ମଧ୍ୟ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଥିବାରୁ ଏହାକୁ ମଧ୍ୟ ସେ ବିରୋଧ କରିଛନ୍ତି। ଷ୍ଟାଲିନ କହିଛନ୍ତି ଯେ ରାଜ୍ୟରେ ଅଳ୍ପ କିଛି ଲୋକ ସଂସ୍କୃତ ଭାଷାକୁ ଗୁରୁତ୍ୱ ଦିଅନ୍ତି। କିନ୍ତୁ କେନ୍ଦ୍ର ସରକାର ଏହାକୁ ସମସ୍ତଙ୍କ ଉପରେ ଲଦି ଦେବାକୁ ଚାହୁଁଛନ୍ତି। ସରକାର ଏଭଳି ନ କରି ତାମିଲ ସଂସ୍କୃତି ଏବଂ ପରମ୍ପରାର ସଂପ୍ରସାରଣ ପାଇଁ ଗୁରୁତ୍ୱ ଦେବା ଦରକାର ବୋଲି ଷ୍ଟାଲିନ କହିଛନ୍ତି।

## ବୁଡ଼ ପକାଇଲେ ୯୦ ହଜାର କଏଦୀ

ଲକ୍ଷ୍ନୌ,୨୨।୨(ଏଜେନ୍ସି): ପ୍ରୟାଗରାଜ ମହାକୁମ୍ଭ ଶେଷ ହେବାକୁ ଯାଉଛି। ଆସନ୍ତା ୨୬ ତାରିଖରେ ମହାକୁମ୍ଭ ଅବଧି ଶେଷ ହେଉଥିଲା ବେଳେ ଅନେକ ଆଶାୟୀ ଶ୍ରଦ୍ଧାଳୁ ଏଠାକୁ ଆସିବାକୁ ଚାହିଁ ବି ଆସି ପାରିନାହାନ୍ତି। ହେଲେ ଏହାମଧ୍ୟରେ ଉତ୍ତରପ୍ରଦେଶର ବିଭିନ୍ନ ଜିଲ୍ଲାର ଜେଲରେ ରହିଥିବା କଏଦୀମାନଙ୍କୁ ରାଜ୍ୟ ସରକାର ସଙ୍ଗମ ଜଳରେ ବୁଡ଼ ପକାଇବାକୁ ସୁଯୋଗ ଦେଇଛନ୍ତି। ଇତିମଧ୍ୟରେ ରାଜ୍ୟର ୭୫ଟି ଜେଲର ୯୦ ହଜାରରୁ ଅଧିକ କଏଦୀ ସଙ୍ଗମ ଜଳରେ ବୁଡ଼ ପକାଇସାରିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଜେଲରେ ପ୍ରଥମେ ଅସ୍ଥାୟୀ କୁଣ୍ଡ ପ୍ରସ୍ତୁତ କରାଯାଇଥିଲା। ଏହାପରେ ସଙ୍ଗମସ୍ଥଳରୁ ଗଙ୍ଗା ଜଳ ଅଣାଯାଇ ଏହି କୁଣ୍ଡରେ ପକାଯିବା ପରେ କଏଦୀମାନେ ଏଥିରେ ବୁଡ଼ ପକାଇଥିଲେ। ସଙ୍ଗମସ୍ଥଳର ଜଳ ଅତ୍ୟନ୍ତ ପବିତ୍ର ଏବଂ ଶକ୍ତିଶାଳୀ ବୋଲି ସନାତନ ଧର୍ମାମ୍ବଲମ୍ବୀଙ୍କ ବିଶ୍ୱାସ ରହିଛି। ଯାହାକୁ ନେଇ ଏବେ ଭାରତୀୟ ପୋଷ୍ଟ ଠାରୁ ଆରମ୍ଭ କରି ବହୁ ଅନଲାଇନ କମ୍ପାନୀ ଏବଂ ବେସରକାରୀ ସ୍ତରରେ ଦେଶର ବିଭିନ୍ନ ଭାଗରେ ସଙ୍ଗମ ଜଳ ପହଞ୍ଚାଇ ଦିଆଯାଉଛି। ଏହିକ୍ରମରେ ସଙ୍ଗମ ସ୍ଥଳର କିଛି ଜଳକୁ ସାଧାରଣ ଜଳରେ ମିଶାଇ କଏଦୀମାନଙ୍କୁ ବୁଡ଼ ପକାଇବାର ସୁଯୋଗ ଦିଆଯାଇଛି ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି।

## ମୂଳରୁ ବିଭାଗ ନାହିଁ; ଦାୟିତ୍ୱରେ ମନ୍ତ୍ରୀ

ଚଣ୍ଡିଗଡ଼,୨୨।୨(ଏଜେନ୍ସି): ପଞ୍ଜାବ ଆପ୍ ସରକାରଙ୍କ ସମ୍ପର୍କରେ ଏକ ଅଜବ କାହାଣୀ ସାମ୍ନାକୁ ଆସିଛି। ଏଠାରେ ବିଗତ ୨୦ ମାସ ହେଲା ଆପ୍ କ୍ଷମତାରେ ରହି ଶାସନ ଚଳାଇଛି। ହେଲେ ଜଣେ ମନ୍ତ୍ରୀ ଏଭଳି ଏକ ବିଭାଗ ଦାୟିତ୍ୱ ନେଇ କାର୍ଯ୍ୟ କରୁଛନ୍ତି, ଯାହାକି କେବେ ବି ଗଠନ ହୋଇ ନାହିଁ। ମିଳିଥିବା ସୂଚନା ୨୦୨୨ରେ ଏଠାରେ ଭଗୱନ୍ତ ମାନ୍ ସରକାର ଶପଥ ନେଇଥିଲା। ସେତେବେଳେ ପ୍ରଥମ ଦଫାରେ ବରିଷ୍ଠ ନେତା କୁଲଦୀପ ସିଂହ ଧାଲିୱାଲ କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ନେଇଥିଲେ । ତାଙ୍କୁ କୃଷି ଓ କୃଷକ କଲ୍ୟାଣ ବିଭାଗ ମିଳିଥିଲା ବେଳେ ଏହାର ୧୪ ମାସ ପରେ ଏନଆରଆଇ ବ୍ୟାପାର ଏବଂ ପ୍ରଶାସନିକ ସଂସ୍କାର ବିଭାଗ ଦାୟିତ୍ୱ ମିଳିଥିଲା। ୨୦୨୪ରେ ଭଗୱନ୍ତ ମାନ ସରକାରର ସଂପ୍ରସାରଣ ହୋଇଥିଲା ବେଳେ କୁଲଦୀପଙ୍କ ଦୁଇଟି ବିଭାଗ ପୂର୍ବ ଭଳି ତାଙ୍କ ହାତରେ ରହିଥିଲା। କିନ୍ତୁ ବର୍ତ୍ତମାନ ସୁଦ୍ଧା କୁଲଦୀପଙ୍କ ହାତରେ ରହିଥିବା ପ୍ରଶାସନିକ ସଂସ୍କାର ବିଭାଗ ଗଠନ ହୋଇ ନଥିବା ରାଜ୍ୟ ସରକାର ସ୍ୱୀକାର କରିଛନ୍ତି। ଭଗୱନ୍ତ ମାନ୍ ସରକାରଙ୍କ ମନ୍ତ୍ରୀମାନଙ୍କ ବିଭାଗ ବଣ୍ଟନକୁ ନେଇ ନିକଟରେ ପ୍ରକାଶ ପାଇଥିବା ଗେଜେଟ୍ ବିଜ୍ଞପ୍ତିରେ ଏହି ବିଷୟକୁ ସ୍ୱୀକାର କରାଯାଇଛି। ଏହାର ଅର୍ଥ କୁଲଦୀପ ସିଂହ ନେତୃତ୍ୱ ନେଉଥିବା ବିଭାଗ କେବଳ ସରକାରୀ କାଗଜ ପତ୍ରରେ ହିଁ ସୀମିତ ଥିଲା। ହେଲେ ପ୍ରକୃତରେ ସେଭଳି କିଛି ବିଭାଗ ନଥିଲା ବେଳେ କୁଲଦୀପ ସେହି ବିଭାଗର ମନ୍ତ୍ରୀ ଭାବେ ନିଜର ପରିଚୟ ଦେଇ ଲଜ୍ଜାଜନକ ସ୍ଥିତିର ସମ୍ମୁଖୀନ ହୋଇଛନ୍ତି ବୋଲି ଜଣାପଡ଼ିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏପରି ଏକ ଅସ୍ତିତ୍ୱ ନଥିବା ବିଭାଗରେ କୌଣସି କର୍ମଚାରୀ ନଥିଲେ। ଏହି ବିଭାଗର ଏକମାତ୍ର ସଦସ୍ୟ ତଥା ମନ୍ତ୍ରୀ ଥିଲେ କୁଲଦୀପ। ଏବେ ଏହି ଅସ୍ତିତ୍ୱହୀନ ତଥାକଥିତ ସରକାରୀ ବିଭାଗକୁ ପଞ୍ଜାବ ସରକାର ବାତିଲ କରି ଦେଇଛନ୍ତି। ବର୍ତ୍ତମାନ ପଞ୍ଜାବ ସରକାରର ପ୍ରଶାସନିକ ସ୍ତରରେ ବଡ଼ ଅଦଳବଦଳ କରାଯାଇ ଏକାଥରେ ୨୧ ଜଣ ଆଇପିଏସଙ୍କୁ ବଦଳି କରାଯାଇଛି। ଏହିକ୍ରମରେ ଏହି ବିଭାଗକୁ ମଧ୍ୟ ବାତିଲ କରିଦିଆଯାଇଥିବା କୁହାଯାଇଛି।




◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-238 ♦BHUBANESWAR ♦SUNDAY ♦23 FEBRUARY 2025 ♦PAGE-14 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୨୩୮ ♦ଭୁବନେଶ୍ୱର ♦ରବିବାର ♦୨୩ ଫେବୃଆରୀ ୨୦୨୫ ♦ପୃଷ୍ଠା-୧୪ ♦ଟ.୬.୦୦ (ସିନ୍ଦୂରା ସହ)


## ଭାରତ-ପାକ୍ ମହାମୁକାବିଲା ଆଜି




■ ଦୁବାଇ, ୨୨।୨ (ଏଜେନ୍ସି): ଚଳିତ ଚାମ୍ପିଅନ୍ସ ଟ୍ରଫିରେ ରବିବାର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମୁହାଁମୁହିଁ ହେବେ। ଏହି ହାଇଭୋଲ୍ଟେଜ ମ୍ୟାଚ୍‌କୁ ସାରା ବିଶ୍ୱ ଅପେକ୍ଷା କରି ରହିଛି। ଭାରତ ତା'ର ପ୍ରଥମ ମ୍ୟାଚ୍‌ରେ ବାଂଲାଦେଶକୁ ହରାଇଛି। ଅନ୍ୟପଟେ ଡିଫେଣ୍ଡିଂ ଚାମ୍ପିଅନ ପାକିସ୍ତାନ ପ୍ରଥମ ମୁକାବିଲାରେ ନ୍ୟୁଜିଲାଣ୍ଡଠୁ ପରାସ୍ତ ହୋଇଛି। ରବିବାର ମ୍ୟାଚ୍‌ରେ ବିଜୟ ହାସଲ କରି ଭାରତ ସେମିକୁ ଉଠିବାକୁ ପ୍ରୟାସ କରିବ। ଅନ୍ୟପଟେ ପାକିସ୍ତାନ ପରାସ୍ତ ହେଲେ ଟୁର୍ଣ୍ଣାମେଣ୍ଟରୁ ପ୍ରଥମ ଦଳ ଭାବେ ବିଦାୟ ନେବ। ଦୁଇ ଦଳ ଏହି ଟୁର୍ଣ୍ଣାମେଣ୍ଟରେ ପରସ୍ପରକୁ ୫ଥର ଭେଟିଥିବା ବେଳେ ପାକିସ୍ତାନ ୩ଥର ଓ ଭାରତ ୨ଥର ବିଜୟୀ ହୋଇଛି।

## ଆହୁରି ୨ ଦିନ ବର୍ଷା; ୬ ଜିଲ୍ଲାକୁ ସତର୍କ ସୂଚନା

■ ଭୁବନେଶ୍ୱର, ୨୨।୨ (ସମିସ): ରାଜ୍ୟରେ ଆହୁରି ୨ ଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ନିମନ୍ତେ ପାଗ ଅନୁକୂଳ ରହିଛି। ବର୍ଷା ସହ କିଛି କିଛି ସ୍ଥାନରେ ପବନର ବେଗ ବୃଦ୍ଧି ପାଇ ୫୦ ରୁ ୬୦ କିମି ପର୍ଯ୍ୟନ୍ତ ପହଞ୍ଚିବାର ସମ୍ଭାବନା ରହିଛି। ଏହି କ୍ରମରେ ରବିବାର ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର ଆଦି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସାଙ୍ଗକୁ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ସେହିପରି ଗଜପତି ଓ ଗଞ୍ଜାମ ଜିଲ୍ଲାରେ ବର୍ଷା ସାଙ୍ଗକୁ ୪୦-୫୦ କିମି ପର୍ଯ୍ୟନ୍ତ ପବନ ବହିବା ନେଇ ଆଶଙ୍କା କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଯଥାକ୍ରମେ ଅରେଞ୍ଜ ଓ ୟେଲୋ ଆଲର୍ଟ ଜାରି କରିଛି। ସୋମବାରଠାରୁ ଏହି ସ୍ଥିତି ପରିବର୍ତ୍ତନ ଆସିବା ସହ ବର୍ଷା ପ୍ରଭାବ କମିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।



ଟ୍ରଫ ଲାଇନ ପ୍ରଭାବରେ ଲଗାତାର ୩ ଦିନ ହେବ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଅନୁଭୂତ ହେଉଛି। ଗତ ୨୪ ଘଣ୍ଟାରେ ରାୟଗଡାରେ ସର୍ବାଧିକ ୨୭.୮ ମିଲିମିଟର ବର୍ଷା ରେକର୍ଡ ହୋଇଛି। ସେହିପରି ଅନଗୁଳରେ ୨୧ ମିମି ବର୍ଷା ସହ ବାଲେଶ୍ୱର ଓ କଟକରେ ୫ ମିମି ଲେଖାଏଁ ବର୍ଷା ରେକର୍ଡ ହୋଇଛି। ବର୍ଷା ଯୋଗୁଁ ଆଗାମୀ ୪ ରୁ ୫ ଦିନ ମଧ୍ୟରେ ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବାକୁ ନଥିବା ବେଳେ ଆଜି ସୋନପୁର, ଭବାନୀପାଟଣା ଓ ଝାରସୁଗୁଡ଼ାରେ ତାପମାତ୍ରା ୩୫ ଡିଗ୍ରୀ ଉପରେ ରହିଛି।

# ମାରି ନେଉଛି ଆନ୍ଧ୍ର; ଓଡ଼ିଶା ତୁଣ୍ଡରେ ତାଲା

## ପୋଲାଭରମ୍ ଲିଙ୍କ୍ ପ୍ରକଳ୍ପ ପାଇଁ କେନ୍ଦ୍ର ନିକଟରେ ଚନ୍ଦ୍ରବାବୁଙ୍କ ଦାବି

■ ଭୁବନେଶ୍ୱର, ୨୨।୨ (ସମିସ): ଓଡିଶାର ସ୍ୱାର୍ଥକୁ ଉପେକ୍ଷା କରି କେନ୍ଦ୍ର ସରକାର ଆନ୍ଧ୍ରପ୍ରଦେଶକୁ ଘିଅ ମହୁରେ ଭସାଉଛି। ପୋଲାଭରମ୍ ପ୍ରକଳ୍ପ ପାଇଁ କେନ୍ଦ୍ରଠାରୁ ସହାୟତା ପରେ ସହାୟତା ନେଇ ଚାଲିଛି । ଏତିକିରେ ଆନ୍ଧ୍ରର ମନ ବୁଝି ନାହିଁ, ଏବେ ପୋଲାଭରମ୍ ପାଇଁ ଆହୁରି ଟଙ୍କା ନେବାକୁ ଲାଗି ପଡିଛି। ପୋଲାଭରମ୍ ଲିଙ୍କ୍ ପ୍ରକଳ୍ପ ପାଇଁ ତୁରନ୍ତ ଆର୍ଥିକ ସହାୟତା ଯୋଗାଇ ଦେବାକୁ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି ଆର ପାଟିଲଙ୍କ ନିକଟରେ ଦାବି ରଖିଛନ୍ତି ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ। ପୋଲାଭରମର ବାମ ଓ ଡାହାଣ ପାଶ୍ୱର୍ କେନାଲ ନିର୍ମାଣ ପାଇଁ ଏହି ଦାବି କରାଯାଇଛି। ମାତ୍ର ପୋଲାଭରମ୍ ଯୋଗୁଁ ବ୍ୟାପକ କ୍ଷତିର ଆଶଙ୍କା ସତ୍ତ୍ୱେ ଓଡ଼ିଶା ସରକାର ଚୁପ୍ ବସିଛନ୍ତି। ମହାନଦୀ ପ୍ରସଙ୍ଗରେ କମିଶନ ବସିଥିବା ଓ ମାମଲା କୋର୍ଟରେ ବିଚାରାଧୀନ ଥିବା ବାହାନା ଦେଖାଇ ରାଜ୍ୟ ସରକାର ଚୁପ୍ ବସିବାକୁ ଏବେ ସବୁ ମହଲରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ପୁନଶ୍ଚ ୨୦



### ବୁଡ଼ିଯିବ ମାଲକାନଗିରି
### କାହିଁକି ନିରବ ୨୦ ଓଡ଼ିଆ ସାଂସଦ

ସାଂସଦ ଓଡ଼ିଶାରୁ ନିର୍ବାଚିତ ହୋଇଥିଲେ ମଧ୍ୟ ଏ ପ୍ରସଙ୍ଗରେ ତୁଣ୍ଡ ନ ଖୋଲିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ମିଳିଥିବା ସୂଚନା ଅନୁସାରେ କେବଳ ପୋଲାଭରମ ପ୍ରକଳ୍ପ ପାଇଁ ନୁହେଁ, ପାଲାଭରମ ବନକଚେରଲା ଲିଙ୍କ ପ୍ରକଳ୍ପ କରିବାକୁ ଯୁଦ୍ଧକାଳୀନ ଭିତ୍ତିରେ ଲାଗି ପଡ଼ିଛନ୍ତି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ। ଏହି ଲିଙ୍କ ପ୍ରକଳ୍ପରେ ପୋଲାଭରମର ୨୦୦ ଟିଏମସି ଜଳକୁ ବନକଚେର୍ଲା ପର୍ଯ୍ୟନ୍ତ ପଠାଇବାକୁ ଯୋଜନା କରାଯାଇଛି। ଏହା ଦ୍ୱାରା ହଜାର ହଜାର ହେକ୍ଟର ଜମି ଜଳସେଚିତ ହେବ, ୮୦ ଲକ୍ଷ ଲୋକଙ୍କୁ ପାନୀୟ ଜଳ ମିଳିବ। ଶିଳ୍ପ ସଂସ୍ଥାକୁ ମଧ୍ୟ ୨୦ ଟିଏମସି ଜଳ ଦିଆଯାଇପାରିବ। ଆନ୍ଧ୍ରର ଲକ୍ଷ୍ୟ ହେଲା ଗୋଦାବରୀର ବନ୍ୟା ଜଳକୁ ନେଇ ବୋଲାପଲ୍ଲୀରେ ବୃହତ ଜଳଭଣ୍ଡାର କରିବା ଓ ସେଠାରୁ ବନକଚେରଲା ପର୍ଯ୍ୟନ୍ତ ପାଣି ନେବା। ଏହା ହେବ ଦେଶର ସର୍ବ ବୃହତ ଜଳସେଚନ ଯୋଜନା। କେବଳ କ୍ଷମତାରେ ରହିବା ପାଇଁ ସହଯୋଗ କରୁଥିବା ଆନ୍ଧ୍ରର ଟିଡିପି ସରକାର କେନ୍ଦ୍ର ଆଗରେ ମନମାନୀ ଚଳାଇଥିବା ବେଳେ ପୋଲାଭରମ୍ ପାଇଁ ମାଲକାନଗିରି ଜିଲ୍ଲାର ୩୦% ଅଞ୍ଚଳ ଜଳମଗ୍ନ ହୋଇଯିବ। ଲୋକେ ଭିଟାମାଟି ହରାଇବେ, ଚାଷ ଜମିରେ ପାଣି ମାଡିଯିବ। ହେଲେ ୨୦ ବିଜେପି ସାଂସଦ ଏହି ପ୍ରସଙ୍ଗରେ ରହସ୍ୟମୟ ନିରବତା ଅବଲମ୍ବନ କରୁଥିବା ଅଭିଯୋଗ ହୋଇଛି। ବିଭିନ୍ନ ରାଜନୈତିକ ଦଳ ଓ ସାମାଜିକ ▶ପୃଷ୍ଠା-୭

# ଗ୍ରେୱାଲ କମ୍ପାନୀ ଉପସଭାପତିଙ୍କୁ ମୁଣ୍ଡ ଜାମିନ ରଖି ୨ କୋଟି ଦାବି

**ରାଜ୍ୟ ବାହାରୁ ୭ ଗିରଫ ■ ୫୧ ଲକ୍ଷ ଟଙ୍କା, ପିସ୍ତଲ ଜବତ**



### ଦାଦାବଟି ନ ଦେବାରୁ ଅପହରଣ



■ କେନ୍ଦୁଝର/ବଡ଼ବିଲ, ୨୨।୨ (ସମିସ): କେନ୍ଦୁଝର ପୁଲିସ୍‌କୁ ଏକ ବଡ଼ ସଫଳତା ମିଳିଛି। ବଡ଼ବିଲ ଥାନା ଅନ୍ତର୍ଗତ ଗ୍ରେୱାଲ ମିନେରାଲ ଓ ମେଟାଲ କମ୍ପାନୀର ଉପସଭାପତି ନିମାନନ୍ଦ ପ୍ରଧାନଙ୍କ ମୁଣ୍ଡ ଜାମିନ୍ ରଖି ୨ କୋଟି ଟଙ୍କା ମାଗିବା ଘଟଣାର ପର୍ଦ୍ଦାଫାସ୍ କରିବା ସହ ୭ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ, ବଡ଼ବିଲ ବସ୍ତି ୭ନଂ ୱାର୍ଡର ମହମ୍ମଦ ଫିରୋଜ, ଝାଡ଼ଖଣ୍ଡ ରାଞ୍ଚିର ସରଫରାଜ୍ ଅନସାରୀ ଓରଫ୍ ବାବୁ, ବୁଧେନ୍ଦ୍ରନାଥ ସିଂହ ଓରଫ୍ ସିହ୍ନା, ରାଜେନ୍ଦ୍ର ପାସୱାନ, ଜାମିଲ ଅଖତର୍ ଏବଂ ଝାଡ଼ଖଣ୍ଡ ସିଂହଭୂମର ମହିଳା ଫରହା ପରବିନ୍ ଏବଂ ଚକ୍ରଧରପୁର ସିଂହଭୂମର ସାଦ୍ଦବ ନାୱାବାହାର। ସମସ୍ତଙ୍କ ଡାକ୍ତରୀମାଇନା କରାଯିବା ପରେ ଶନିବାର କୋର୍ଟଚାଲାଣ କରିଛି। ସେମାନଙ୍କ ନିକଟରୁ ୫୦ ଲକ୍ଷ ୯୦ ହଜାର ଟଙ୍କା, ବନ୍ଧୁକ, ୮ଟି ମୋବାଇଲ୍, ଶ୍ରୀ ପ୍ରଧାନଙ୍କ କାର୍, ଅପହରଣରେ ବ୍ୟବହୃତ ବାଇକ୍‌କୁ ପୁଲିସ୍ ଜବତ କରିଛି। ଏହାସହ ଅପହୃତ ଶ୍ରୀ ପ୍ରଧାନଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି। ▶ପୃଷ୍ଠା-୭




ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଜଟିଳ ହୋଇଛି କର୍ମଚାରୀ ଓ ଭିତ୍ତିଭୂମିର ଅଭାବ

# ପୁଲିସ ପାଖରେ ଘର ନାହିଁ କି ଗାଡ଼ି ନାହିଁ

ବ୍ରହ୍ମପୁର,୨୨।୨(ସମିସ)

ଅପରାଧ ପ୍ରବଣ ବ୍ରହ୍ମପୁର ସହରର ଅପରାଧକୁ ନିୟନ୍ତ୍ରଣ କରିବାକୁ ଯାଇ ୮୦ଦଶକରେ ବ୍ରହ୍ମପୁରକୁ ସ୍ୱତନ୍ତ୍ର ପୁଲିସ ଜିଲ୍ଲାର ମାନ୍ୟତା ମିଳିଥିଲା। ବ୍ରହ୍ମପୁର ପୁଲିସ ଜିଲ୍ଲାରେ ବର୍ତ୍ତମାନ ମହିଳା ଓ ସାଇବର୍ ଥାନାକୁ ମିଶାଇ ମୋଟ ୧୩ଟି ଥାନା ରହିଛି। ତେବେ ଏହି ପୁଲିସ ଜିଲ୍ଲାରେ କର୍ମଚାରୀଙ୍କ ଅଭାବ ସାଙ୍ଗକୁ କୋଠାବାଡ଼ି ଓ ଯାନବାହାନର ଘୋର ଅଭାବ ଖୋଦ୍ ପୁଲିସ ପାଇଁ ସୃଷ୍ଟି କରିଛି ସମସ୍ୟା। ନିକଟରେ ନିମଖଣ୍ଡି ଫାଣ୍ଡିକୁ ନୂତନ ଥାନାର ମାନ୍ୟତା ମିଳିସାରିଛି। ସହରର ଜଟିଳ ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ଜଣେ ଇନ୍ସପେକ୍ଟରଙ୍କୁ ନିଯୁକ୍ତି ଦିଆଯାଇ ସ୍ୱତନ୍ତ୍ର ଟ୍ରାଫିକ ଥାନା ମଧ୍ୟ ପ୍ରତିଷ୍ଠା କରାଯାଇଛି। ଠିକ ସେହିଭଳି ଦିନକୁ ଦିନ ବୃଦ୍ଧି ପାଉଥିବା ସାଇବର ବା ଅନ୍‌ଲାଇନ ଠକେଇକୁ ରୋକିବା ପାଇଁ ସ୍ୱତନ୍ତ୍ର ସାଇବର ଥାନା ମଧ୍ୟ ରହିଛି। ତେବେ ନାହିଁ ନାହିଁରେ ଚାଲିଛି ଏହି ସ୍ୱତନ୍ତ୍ର ବ୍ରହ୍ମପୁର ପୁଲିସ ଜିଲ୍ଲା। ଏଠାରେ ଉଭୟ ଟ୍ରାଫିକ ଥାନା ଓ ନୂତନ ନିମଖଣ୍ଡି ଥାନାର ନିଜସ୍ୱ କୋଠା ମଧ୍ୟ ନାହିଁ। ଦୀର୍ଘ ବର୍ଷ ପୂର୍ବରୁ ଟ୍ରାଫିକ ଥାନା ଘୋଷଣା କରାଯାଇଥିବା ବେଳେ ଆଜି ପର୍ଯ୍ୟନ୍ତ ସହରର ପୁରୁଣା ବସଷ୍ଟାଣ୍ଡସ୍ଥିତ ଟ୍ରାଫିକ କଣ୍ଟ୍ରୋଲ ରୁମରେ ହିଁ ଚାଲିଛି ଟ୍ରାଫିକ ଥାନା। ଯେଉଁଠି ଜନସାଧାରଣଙ୍କ କଥା ଦୂରେ ଥାଉ ଖୋଦ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ସ୍ଥାନାଭାବ ରହିଛି। ଫଳରେ ଟ୍ରାଫିକ ନିୟମ ଉଲଂଘନକାରୀ ବା ମଦ୍ୟପ ଚାଳକଙ୍କ ଠାରୁ ଜବତ ଅଥବା ଦୁର୍ଘଟଣା ଜନିତ ଯାନବାହାନକୁ ରଖିବା ପାଇଁ ଘୋର ସ୍ଥାନାଭାବ ପରିଲକ୍ଷିତ ହେଉଛି। ରାସ୍ତା ଉପରେ ଟ୍ରାଫିକ ପୁଲିସ ଯାନବାହାନ ରଖିବାକୁ ବାରଣ କରୁଥିବା ବେଳେ ଖୋଦ ଟ୍ରାଫିକ ପୁଲିସ ଜବତ ହେଉ ଅଥବା ନିଜର ଗାଡିକୁ ରାସ୍ତା ଉପରେ ରଖିବାକୁ ବାଧ ହେଉଥିବା ଦେଖିବାକୁ ମିଳୁଛି। ଯାହା ଜନଗହଳିପୂର୍ଣ୍ଣ ପୁରୁଣା ବସଷ୍ଟାଣ୍ଡ ଅଞ୍ଚଳରେ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି। ସେହିଭଳି ନୂତନ ନିମଖଣ୍ଡି ଥାନା ଘୋଷଣା ହୋଇ ସାରିଥିଲେ ହେଁ ନିଜସ୍ୱ କୋଠା ନାହିଁ। ଫଳରେ ପୁରୁଣା ମହିଳା ଥାନା କୋଠାରେ ନିମଖଣ୍ଡି ଥାନା କାର୍ଯ୍ୟକ୍ଷମ ହେଉଛି। ସହର ମଧ୍ୟରେ ନିମଖଣ୍ଡି ଥାନା ପରିଚାଳନିତ ହେବା ଯୋଗୁଁ ନିମଖଣ୍ଡି ଥାନା ଅଧିନରେ ଥିବା ଜନସାଧାରଣଙ୍କୁ କୌଣସି ଅଭିଯୋଗ ବା ସମସ୍ୟାକୁ ନେଇ ଥାନାକୁ ଆସିବାକୁ ହେଲେ ବହୁ ଦୂରକୁ ଆସିବାକୁ ପଡୁଛି। ପୁଲିସ ବା ଗୃହ ବିଭାଗରେ କର୍ମଚାରୀଙ୍କ ଅଭାବ କାହାକୁ ଅଛପା ନାହିଁ। ସେହିଭଳି ଅପରାଧ ନିୟନ୍ତ୍ରଣ ପାଇଁ ନିୟମିତ ପାଟ୍ରୋଲିଂର ଆବଶ୍ୟକତା ଥିବା ବେଳେ ଉଭୟ ପିସିଆର ଭ୍ୟାନ ଏବଂ ମୋଟର ସାଇକେଲର ଅଭାବ ଏହି ସମସ୍ୟାକୁ ଦ୍ୱିଗୁଣିତ କରିଦେଇଛି। ଯାହାର ସୁଯୋଗ ନେଇ ଅପରାଧୀମାନେ ବିଭିନ୍ନ ଘଟଣା ଘିଆଇବାରେ ସଫଳ ହେଉଛନ୍ତି। ସେହିଭଳି ୨୦୧୭ ମସିହାରେ ବୈଦ୍ୟନାଥପୁର ଥାନା ଏବଂ ପରବର୍ତ୍ତି ସମୟରେ ଗୋଷାଣିନୂଆଗାଁ ଥାନା ନୂତନ କୋଠାକୁ ସ୍ଥାନାନ୍ତର ହୋଇସାରିଥିଲେ ହେଁ ଉଭୟ ଥାନାର ପୁରୁଣା କୋଠାଗୁଡିକ ଅବ୍ୟବହୃତ ହୋଇ ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି। ସେଗୁଡିକୁ ବ୍ୟବହାର ଯୋଗ୍ୟ କରାଗଲେ ପୁଲିସ ବିଭାଗର କୋଠା ଜନିତ ସମସ୍ୟାର କିଛି ପରିମାଣରେ ସମାଧାନ ହୋଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏନେଇ ପ୍ରତିକ୍ରୀୟା ରଖିଛନ୍ତି ବ୍ରହ୍ମପୁର ଏସ୍‌ପି ଡା ସର୍ବଣା ବିବେକ ଏମ। ପୁରୁଣା ବୈଦ୍ୟନାଥପୁର ଥାନା କୋଠାର ଖୁବ୍‌ଶୀଘ୍ର ମରାମତି ଓ ନବୀକରଣ କରାଯାଇ ତାହାକୁ ବ୍ୟବହାର କରାଯିବ। ତେବେ ନୂତନ ନିମଖଣ୍ଡି ଥାନା ପାଇଁ ପୂର୍ବରୁ ଚିହ୍ନଟ ହୋଇଥିବା ଜମି ସର୍ବନିମ୍ନ ଆବଶ୍ୟକତା ଠାରୁ କମ୍ ଥିଲା। ଏଣୁ ନିମଖଣ୍ଡି ଗ୍ରାମ ନିକଟରେ ହିଁ ୨ଏକର ବିଶିଷ୍ଟ ନୂତନ ଜମି ଚିହ୍ନଟ କରାଯାଉଛି। ଥାନା ନିର୍ମାଣ ପାଇଁ ଆବଶ୍ୟକ ଅର୍ଥ ଆସିସାରିଛି। ପୁଲିସ ହାଉସିଂ ବୋର୍ଡ ତାହା ନିର୍ମାଣ କରିବ। ସେହିଭଳି ଟ୍ରାଫିକ କଣ୍ଟ୍ରୋଲ ରୁମରୁ ଟ୍ରାଫିକ ଥାନାକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ମଧ୍ୟ ଯୋଜନା କରାଯାଉଥିବା ସେ ସୂଚନା ଦେଇଛନ୍ତି। ପୁରୁଣା ଗୋଷାଣିନୂଆଗାଁ ଥାନାକୁ ନୂତନ ତଥା ସ୍ୱତନ୍ତ୍ର ଟ୍ରାଫିକ ଥାନା କରିବାକୁ ପ୍ରଶାସନିକ ସ୍ତରରେ ପ୍ରସ୍ତାବ ରହିଛି। ଏନେଇ ଅନୁମୋଦନ ମିଳିଲେ ଖୁବ୍‌ଶୀଘ୍ର ଟ୍ରାଫିକ ଥାନା ସେଠାରେ କାର୍ଯ୍ୟକ୍ଷମ ହୋଇପାରିବ ବୋଲି ସୂଚନା ଦେଇଛନ୍ତି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ। ସେହିଭଳି ପିସିଆର୍ ଭ୍ୟାନ ଓ ମୋବାଇଲ ମୋଟର ସାଇକେଲ ପାଟ୍ରୋଲିଂ ପାଇଁ ମଧ୍ୟ ଗୃହବିଭାଗକୁ ପୂର୍ବରୁ ଚିଠି ଲେଖାଯାଇଥିବା ସୂଚନା ମିଳିଛି।






- ଟ୍ରାଫିକ୍ ଓ ନିମଖଣ୍ଡି ଥାନାର ନାହିଁ ନିଜସ୍ୱ କୋଠା, ପାଟ୍ରୋଲିଂ ପାଇଁ ପିସିଆର୍ ଭ୍ୟାନ୍‌ର ଅଭାବ
- ଟ୍ରାଫିକ୍ ଥାନାରେ ଚାଲିଛି କଣ୍ଟ୍ରୋଲ୍ ରୁମ୍, ପୁରୁଣା ମହିଳା ଥାନାରେ ଚାଲିଛି ନିମଖଣ୍ଡି ଥାନା
- ଖୋଜା ଚାଲିଛି ନିମଖଣ୍ଡି ଥାନା ପାଇଁ ଜମି, ଦୂରହେବ ଟ୍ରାଫିକ୍ ଥାନାର ସମସ୍ୟା: ଏସ୍‌ପି

● ଗଞ୍ଜାମର ୩୭ ବିଦ୍ୟାଳୟର ହେବ ଭିତ୍ତିଭୂମି ବିକାଶ

## ପ୍ରଥମ ପର୍ଯ୍ୟାୟରେ ମିଳିଲା ୨ଲକ୍ଷ ୫୦ ହଜାର ଟଙ୍କା

ବ୍ରହ୍ମପୁର,୨୨।୨(ସମିସ): ଗଞ୍ଜାମ ଜିଲ୍ଲା ସମେତ ସହରର ବହୁ ପୁରାତନ ବିଦ୍ୟାଳୟର ବିକାଶ ହେବ। କେନ୍ଦ୍ର ସରକାରଙ୍କ ପିଏମ ଶ୍ରୀ ଯୋଜନାରେ ଏଗୁଡ଼ିକ ସାମିଲ କରାଯାଇଛି। ପିଏମ ଶ୍ରୀ (ପ୍ରଧାନମନ୍ତ୍ରୀ ସ୍କୁଲ ଫର ରାଇଜିଂ ଇଣ୍ଡିଆ) ଯୋଜନା ଅଧିନରେ ଗଞ୍ଜାମ ଜିଲ୍ଲାରେ ଥିବା ୩୭ଟି ବିଦ୍ୟାଳୟ ପ୍ରଥମ ପର୍ଯ୍ୟାୟରେ ସାମିଲ ରହିଛି। ଏଥିରେ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। ସାମିଲ ହୋଇଥିବା ବିଦ୍ୟାଳୟକୁ ପ୍ରଥମ ପର୍ଯ୍ୟାୟରେ ୨ଲକ୍ଷ ୫୦ ହଜାର ଟଙ୍କା ଅନୁଦାନ ମିଳିଥିବା ଜଣାପଡ଼ିଛି। ଫଳରେ ବିଦ୍ୟାଳୟର ଗୁଣାତ୍ମକ ଶିକ୍ଷାର ବିକାଶ ସହ ଛାତ୍ରଛାତ୍ରୀଙ୍କୁ ଅତ୍ୟାଧୁନିକ ବୈଷୟିକ ଜ୍ଞାନର ସୁବିଧା ମିଳିବ। ଜିଲ୍ଲାର ବିଭିନ୍ନ ସ୍କୁଲ ସମେତ ବ୍ରହ୍ମପୁରର ଅନ୍ୟତମ ପୁରାତନ ଗିରି ରୋଡ଼ ସ୍ଥିତ ଭିଭି ଗିରି ମହିଳା ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟ ସ୍ଥାନ ପାଇଛି। ଉକ୍ତ ବିଦ୍ୟାଳୟ କ୍ରୀଡ଼ା ଉପକରଣ କ୍ରୟ ପାଇଁ ୫୦ହଜାର, କ୍ରୀଡ଼ା ଦିବସ ପାଳନ ପାଇଁ ୧ଲକ୍ଷ, ହର୍ବାଲ ବଗିଚା ନିର୍ମାଣ ନିମନ୍ତେ ୨୦ହଜାର, ଜୈବିକ ଖତ ନିର୍ମାଣ ପାଇଁ ୧୦ହଜାର, ଆବର୍ଜନା ବିଭକ୍ତୀକରଣ ପାଇଁ ୨୦ହଜାର ଓ ପରିସର ସ୍ୱଚ୍ଛ ରଖିବା ପାଇଁ ୫୦ହଜାର ଖର୍ଚ୍ଚ କରିବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ସାଙ୍ଗକୁ ପାଠପଢ଼ାରେ ଏହା ସହାୟକ ହେବ ବୋଲି ଆଶା କରାଯାଇଛି। ଆଗାମୀ ଦିନରେ ଉକ୍ତ ବିଦ୍ୟାଳୟଗୁଡ଼ିକ ତଥ୍ୟଭିତ୍ତିକ, ଗବେଷଣାତ୍ମକ, ଆଲୋଚନା ମାଧ୍ୟମରେ ପିଲାଙ୍କୁ ଶିକ୍ଷାପ୍ରଦାନ ସହ ଶିକ୍ଷାର ସ୍ତରକୁ ବୃଦ୍ଧି କରିବା ସହଯୋଗ ହୋଇପରିବ ବୋଲି ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ ମତପ୍ରଦାନ କରିଛନ୍ତି।



## ଛୁରାମାଡ଼ ଅଭିଯୋଗରେ ବାପା ପୁଅ ଗିରଫ

ବ୍ରହ୍ମପୁର,୨୨।୨(ସମିସ): ଜଣେ ଯୁବକଙ୍କୁ ଛୁରିରେ ଭୁଷିବା ସହ ରକ୍ତାକ୍ତ କରିବା ଅଭିଯୋଗରେ ଜରଡ଼ା ଥାନା ପୁଲିସ ବାପା ଓ ପୁଅକୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଟୁନା ସାଶମଲ ସୂଚନା ଦେଇଛନ୍ତି। ଗିରଫ ଦୁଇଜଣ ହେଲେ ଖାରିଆଗୁଡ଼ା ନିକଟସ୍ଥ ପୁହୁଣ୍ଡି ଗ୍ରାମର ଲକ୍ଷ୍ମୀ ମିଶ୍ର(୬୭) ଓ ତାଙ୍କ ପୁଅ କେଦାର ମିଶ୍ର (୩୧)। ସୂଚନାଯୋଗ୍ୟ ଯେ, ଗତକାଲି ରାତିରେ ଉକ୍ତ ଗ୍ରାମର ଦଣ୍ଡପାଣି ପଣ୍ଡାଙ୍କୁ ଉପରୋକ୍ତ ଅଭିଯୁକ୍ତ ବାପା ଓ ପୁଅ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଛୁରି ଭୁଷି ଆକ୍ରମଣ କରିଥିଲେ। ଛୁରି ମାଡ଼ରେ ଦଣ୍ଡପାଣିଙ୍କ ବେକ, ପିଠି, ହାତ, ଛାତିରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ସେ ମେଡ଼ିକାଲରେ ଭର୍ତ୍ତି ହୋଇଥିବା ବେଳେ ବର୍ତ୍ତମାନ ତାଙ୍କର ଏମକେସିଜିରେ ଚିକିତ୍ସା ଚାଲିଛି।

## ଭିଜାଇଲା ଅଦିନିଆ ବର୍ଷା

ବ୍ରହ୍ମପୁର,୨୨।୨(ସମିସ): ସହରରେ ଶନିବାର ଅପରାହ୍ନରେ ହଠାତ ବର୍ଷା ହୋଇଥିଲା। ଦିନ ତମାମ ଖରା ହୋଇଥିବା ବେଳ ଅପରାହ୍ନ ୪ଟା ସମୟରେ ପ୍ରବଳ ବର୍ଷା ହୋଇଥିଲା। ମାତ୍ର ୧୫ରୁ ୨୦ମିନଟ ଧରି ଉକ୍ତ ବର୍ଷା ହୋଇଥିବା ବେଳେ ସହରର ବିଭିନ୍ନ ନାଳରେ ପାଣି ଜମାଟ ବାନ୍ଧିଥିବା ଦେଖିବାକୁ ମିଳିଥିଲା। ସହରର ହରିଡ଼ାଖଣ୍ଡି, ପ୍ରେମ ନଗର, ପୁରୁଣା ବ୍ରହ୍ମପୁର ଓ ଗଜପତି ନଗରର କିଛି ଅଞ୍ଚଳ ସମେସ ଅନ୍ୟାନ୍ୟା ସ୍ଥାନରେ ମଧ୍ୟ ରାସ୍ତାରେ ନାଳପାଣି ଭାସୁଥିଲା। ଅନ୍ୟପକ୍ଷରେ ଦିନ ତମାମ ଖରା ରହିଥିବା ବେଳେ ଲୋକଙ୍କୁ ଗରମ ଅନୁଭବ ହେଉଥିଲା। ଅଦିନିଆ ବର୍ଷା କାରଣରୁ ଗରମରୁ ସ୍ୱଳ୍ପମାତ୍ରାରେ ଆଶ୍ୱସ୍ତି ମିଳିଛି।

● ଆନ୍ତଃ ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ପ୍ରତିଯୋଗିତା

## ଚତୁର୍ଥ ଦିନରେ ଶାସ୍ତ୍ରୀୟ ନୃତ୍ୟ

ବ୍ରହ୍ମପୁର,୨୨।୨(ସମିସ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଚାଲିଥିବା ଓଡ଼ିଶା ଆନ୍ତଃ ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ପ୍ରତିଯୋଗିତାର ଚତୁର୍ଥ ଦିନରେ ଶାସ୍ତ୍ରୀୟ ନୃତ୍ୟ, ଆଧୁନିକ ନୃତ୍ୟ (ଏକକ) ଏବଂ ସାଧାରଣ ଜ୍ଞାନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଖ୍ୟାତନାମା ନୃତ୍ୟ ନିର୍ଦ୍ଦେଶକ ଗୁରୁ ଗଜେନ୍ଦ୍ର ପଣ୍ଡା, ଡ ମନୋଜ କୁମାର ବେହେରା ଏବଂ ଡ ସିକତା ଦାଶ, ଡ ବିଭୁଦତ୍ତ ଆଚାରୀ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରତିଯୋଗୀମାନେ ଚିତ୍ତାକର୍ଷକ ନୃତ୍ୟ ଓ ଗୀତ ପରିବେଷଣ କରିଥିଲେ। ଓଡିଶାର ଜଣାଶୁଣା କଣ୍ଠଶିଳ୍ପୀ ଅନୁସୟା ନାଥ ଏବଂ ଡାକ୍ତର ଚନ୍ଦନ ଗନ୍ତାୟତ ସଂଗୀତ ପରିବେଷଣ କରିଥିଲେ। ଏବଂ ଗୁରୁ ଗଜେନ୍ଦ୍ର ପଣ୍ଡା ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ଏ ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ନିମନ୍ତ୍ରିତ ଅତିଥି ଭାବେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗ ଦେଇଥିଲେ। ସ୍ନାତକୋତ୍ତର ବିଭାଗର ଅଧ୍ୟକ୍ଷ ପ୍ରଫେସର୍ ସୁକାନ୍ତ କୁମାର ତ୍ରିପାଠୀ କୁଳସଚିବ ସଚିଦାନନ୍ଦ ନାୟକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।



## ଚା' ଦୋକାନୀଙ୍କୁ ହତ୍ୟା ଉଦ୍ୟମ ଘଟଣା: ଦୁଇ ଡ୍ୟାନ୍ସର୍ ଗିରଫ

ବ୍ରହ୍ମପୁର,୨୨।୨(ସମିସ): ସ୍ଥାନୀୟ ଉତ୍କଳ ସିନେମା ହଲ ଛକରେ ଜଣେ ଚା' ଦୋକାନୀଙ୍କୁ ଖଣ୍ଡାରେ ହତ୍ୟା ଉଦ୍ୟମ କରିବା ଓ ଦୋକାନ ଭଙ୍ଗାରୁଜା କରିବା ଅଭିଯୋଗରେ ବଡ଼ ବଜାର ଥାନା ପୁଲିସ ଦୁଇ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଦୁଇଜଣ ହେଲେ ବାଲାଜୀପେଣ୍ଠ ସାହିସ୍ଥିତ ଗୌଡ଼ ସାହିର ନୀତିଶ ମିଧିଆ(୧୯) ଓ କମଳାବାରି ସାହିର ଆଦିତ୍ୟ ବିଷୋୟୀ (୧୯)।। ଉଭୟ ଡ୍ୟାନ୍ସର ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ। ଗିରଫ ଅଭିଯୁକ୍ତଙ୍କ ନିକଟରୁ ପୁଲିସ ଗୋଟିଏ ଖଣ୍ଡା ଜବତ କରିଥିବା ଥାନା ଅଧିକାରୀ ବାବା ଶଙ୍କର ସରଫ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, କଂସାରି ସାହିର ଟି. ରମେଶ ରାଓ ଉତ୍କଳ ସିନେମା ହଲ ଛକ ଠାରେ ଏକ ଚାହା ଦୋକାନ ଖୋଲିଛନ୍ତି। ଶୁକ୍ରବାର ସକାଳ ୬ଟା ବେଳେ ରମେଶ ଦୋକାନ ଖୋଲି ବ୍ୟବସାୟ କରୁଥିବା ବେଳେ ଉପରୋକ୍ତ ଦୁଇ ଅଭିଯୁକ୍ତ ଆସି ଚାହା ଓ ବିସ୍କୁଟ ଖାଇଥିଲେ। ରମେଶ ଟଙ୍କା ମାଗିବାରୁ ସେମାନେ ଗାଲିଗୁଲଜ କରିଥିଲେ। ପରବର୍ତ୍ତୀ ସମୟରେ ପୁଣି ଦୋକାନକୁ ଆସି ଖଣ୍ଡାରେ ଦୋକାନକୁ ଭଙ୍ଗାରୁଜା କରି ରମେଶକୁ ଜୀବନରୁ ମାରିଦେବାକୁ ଉଦ୍ୟମ କରି ଖଣ୍ଡା ଚୋଟ ପକାଇଥିଲେ। କିନ୍ତୁ ତାଙ୍କ ଦେହରେ ଖଣ୍ଡା ଚୋଟ ବାଜିନଥିଲା। ଖଣ୍ଡାରେ ଦୋକାନର ବିଭିନ୍ନ ସାମଗ୍ରୀ ଭଙ୍ଗାରୁଜା କରିବା ସହ ବିକ୍ରି ହୋଇଥିବା କିଛି ଟଙ୍କା ନେଇ ଫେରାର ହୋଇଯାଇଥିଲେ ବୋଲି ରମେଶ ଥାନାରେ ଅଭିଯୋଗ ହୋଇଥିଲା।



## ହୋଟେଲ୍ ଓ ଭଡ଼ାଘରେ ଚାଲିଛି ସେକ୍ସ ରାକେଟ୍

ବ୍ରହ୍ମପୁର,୨୨।୨(ସମିସ)

ବ୍ରହ୍ମପୁର ସହରାଞ୍ଚଳ ବୃଦ୍ଧି ସାଙ୍ଗକୁ ବଢିବାରେ ଲାଗିଛି ସେକ୍ସ ରାକେଟ ଭଳି ଘଟଣା। ସହରର ବିଭିନ୍ନ ଏକାନ୍ତ ଅଞ୍ଚଳରେ ଘରଗୁଡିକୁ ଭଡାସୂତ୍ରରେ ନେଇ ବା ଲିଜ ଆକାରେ ନେଇ ଏହି ଧନ୍ଦା ଜାରି ରହିଥିବା ସୂଚନା ମିଳିଛି। ସାଧାରଣତଃ ବାହାରୁ ଆସୁଥିବା ଅତିଥି ବା ଆଗନ୍ତୁକଙ୍କ ସମ୍ପର୍କରେ ତଥ୍ୟ ଜାଣିବା ପାଇଁ ସେମାନଙ୍କ ପରିଚୟ ପତ୍ର ସଂଗ୍ରହ କରାଯାଇଥାଏ। ଏବଂ ତାହାକୁ ସମସ୍ତ ହୋଟେଲ କର୍ତ୍ତୃପକ୍ଷ ସମ୍ପୃକ୍ତ ଅଞ୍ଚଳର ଥାନାରେ ନିୟମିତ ପୈଠ କରିବାର ନିୟମ ରହିଛି। କିଛିଦିନ ଏହି ନିୟମ କଡ଼ାକଡ଼ି ଚାଲିବା ପରେ ବର୍ତ୍ତମାନ ତାହା ପୁଣି କୋହ ହୋଇଯାଇଥିବା ଅଭିଯୋଗ ହୋଇଛି। ଯାହାର ସୁଯୋଗ ନେଇ ବର୍ତ୍ତମାନ ହୋଟେଲଗୁଡ଼ିକରେ ଆଗନ୍ତୁକଙ୍କ ପରିଚୟ ପତ୍ର ମଧ୍ୟ ସଂଗ୍ରହ କରାଯାଉନାହିଁ। ଏଭଳି ପରିସ୍ଥିତିର ସୁଯୋଗ ନେଇଛନ୍ତି କିଛି ନ୍ୟସ୍ତସ୍ୱାର୍ଥ ତଥା ଅପରାଧ ମନୋବୃତ୍ତିର ବ୍ୟକ୍ତିବିଶେଷ। ସହରର ବସଷ୍ଟାଣ୍ଡ, ରେଳଷ୍ଟେସନ ଓ ହସ୍ପିଟାଲ ଭଳି ଜନଗହଳିପୂର୍ଣ୍ଣ ଅଞ୍ଚଳ ଓ ଏହାର ଆଖପାଖରେ ଘର ଓ ହୋଟେଲରେ ସେକ୍ସ ରାକେଟ ଚଳାଇଥିବା ଅଭିଯୋଗ ହୋଇଛି। ସବୁଠାରୁ ଚିନ୍ତା ଓ ଉଦ୍‌ବେଗର ବିଷୟ ହେଲା ଏହି ରାକେଟରେ ଅର୍ଥ ରୋଜଗାର ଲାଳସାରେ କମ୍ ତଥା ଅପ୍ରାପ୍ତ ବୟସ୍କ ପିଲାମାନେ ମଧ୍ୟ ଶୀକାର ହେଉଛନ୍ତି। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ମଧ୍ୟ ଏଥିରୁ ବାଦ ପଡୁନାହାନ୍ତି। ଏଣୁ ସହରରେ ଏଭଳି କାରବାରକୁ ରୋକିବା ଦିଗରେ ପୁଲିସ ପ୍ରଶାସନ ଦୃଢ ତଥା କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ନିୟମିତ ବ୍ୟବଧାନରେ ଚଢଉ ସହିତ ହୋଟେଲ ଓ ଗେଷ୍ଟରୁମ୍ ଗୁଡିକରେ ଆଗନ୍ତୁକଙ୍କ ତଥ୍ୟ ସଂଗ୍ରହ ହେଉଛି କି ନାହିଁ ଯାଞ୍ଚ କରିବା ସହିତ ଏହାକୁ ବାଧ୍ୟତାମୂଳକ କରିବା ଉପରେ ଜୋର ଦେବାକୁ ନିବେଦନ କରାଯାଇଛି।

ଅତିଥିଙ୍କ ପରିଚୟ ଓ ତଥ୍ୟ ସଂଗ୍ରହରେ କରାଯାଉଛି ଖୋଲାଖୋଲି ଉଲ୍ଲଂଘନ

## ଓଡ଼ିଶୀ ନୃତ୍ୟରେ ସଫଳତା ଆଣିଲେ ନୁର୍ ରାଜା

ବ୍ରହ୍ମପୁର,୨୨।୨(ସମିସ): ଓଡ଼ିଶୀ ନୃତ୍ୟରେ ସଫଳତା ଆଣିଛନ୍ତି ନୃତ୍ୟଶିଳ୍ପୀ ଡ ନୁର୍ ରାଜା। ବ୍ରହ୍ମପୁର ସହରର ଏକ ମୁସଲିମ ପରିବାରରେ ସେ ଜନ୍ମ ଗ୍ରହଣ କରିଥିବା ବେଳେ ଓଡ଼ିଶୀ ପ୍ରତି ତାଙ୍କ ବେଶ ରୁଚି ରହିଛି। ନସରିନ୍ ନିଶା ଏବଂ ପିତା ସ୍ୱର୍ଗତ ମହମ୍ମଦ ୟୁନୁସଙ୍କ ପୁଅ ହେଉଛନ୍ତି ରାଜା। ଓଡ଼ିଶୀ ନୃତ୍ୟରେ ପିଏଚ୍‌ଡି ହାସଲ କରିବାରେ ସେ ଅନ୍ୟତମ ବ୍ୟକ୍ତିତ୍ୱ ବୋଲି ଜଣାପଡ଼ିଛି। ଏନେଇ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଓଡ଼ିଶୀ ନୃତ୍ୟ ପ୍ରତି ତାଙ୍କର ନିଷ୍ଠା କଠିନ ଅଧ୍ୟବସାୟ ଓ ଗୁରୁମାନଙ୍କର ଆଶୀର୍ବାଦ ବଳରେ ସବୁ ସମ୍ଭବ ହୋଇ ପାରିଛି ବୋଲି ସେ ମତବ୍ୟକ୍ତ କରନ୍ତି। ଆମେରିକାର ଫ୍ରାଙ୍କଫୋର୍ଡ ଆନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟରୁ ପ୍ରଦର୍ଶନ କଳାରେ ପିଏଚଡି ହାସଲ କରି ଏବଂ ଦିଲ୍ଲୀରେ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ପଦ୍ମଶ୍ରୀ ଡ ଜିତେନ୍ଦର୍ ସିଂହ ଶୁଣ୍ଟି , ଡ ସୁନୀତା ଗୋଡାରା ଡ ରାଜୀବ ମିଶ୍ର, ବିନୟ ଚୌଧରୀ, ଡ ଅସ୍କାର ଇମାମ୍ ତଥା ମିସ ଆନା, ଏର୍ନେଷ୍ଟ ନାନା ଆଦାଜେଇଙ୍କ ସମେତ ବହୁ ବିଶିଷ୍ଟ ଅତିଥିମାନଙ୍କ ଉପସ୍ଥିତିରେ ତାଙ୍କୁ ସମ୍ମାନିତ କରାଯାଇଛି। ନୁର୍ ରାଜା ମାତ୍ର ଦଶ ବର୍ଷ ବୟସରୁ ବିଶିଷ୍ଟ ଓଡ଼ିଶୀ ନୃତ୍ୟ ଗୁରୁ ଜୟନ୍ତ ଆଚାର୍ଯ୍ୟ ପରେ ପରେ ଗୁରୁ ଆରତୀ କର, ଶୁଭଲକ୍ଷ୍ମୀ ପାଢ଼ୀ, ପ୍ରଭାତ କୁମାର ସ୍ୱାଇଁ ଏବଂ ଶ୍ରୀ ଶିବରାମ ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓଡ଼ିଶୀ ପରାକାଷ୍ଠାକୁ ସୁଦୃଢ କରି ପାରିଥିବା ସେ କହିଛନ୍ତି। ଅଧୁନା ସେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ ରମେଶ ଚନ୍ଦ୍ର ଜେନାଙ୍କ ଦକ୍ଷ ମାର୍ଗଦର୍ଶନରେ ଶିକ୍ଷା ଗ୍ରହଣ ମଧ୍ୟ ଜାରି ରଖିଛନ୍ତି। "ପ୍ରସନ୍ନାକ୍ଷୀ" ନାମକ ନୃତ୍ୟ ଅନୁଷ୍ଠାନ ସ୍ଥାପନ କରି ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ଗବେଷଣା ତଥା ଶିକ୍ଷାଦାନ ଜାରି ରଖିଛନ୍ତି। ନୁର୍ ଦେଶର ବିଭିନ୍ନ ପ୍ରାନ୍ତ ତଥା ଓଡ଼ିଶୀ ଅନ୍ତର୍ଜାତୀୟ ନୃତ୍ୟ ମହୋତ୍ସବ, ଗୋପାଳପୁର ବେଳାଭୂମି ମହୋତ୍ସବ, କୁମାର ଉତ୍ସବ, ବ୍ରହ୍ମପୁର ମହୋତ୍ସବ, ଗଞ୍ଜାମ ଲୋକୋକଳା ମହୋତ୍ସବ ଆଦିରେ କଳା ପ୍ରଦର୍ଶନ କରିବାର ନଜିର ରହିଛି।



## ମାର୍ଚ୍ଚ ୨୯ରେ ଓକିଲ ସଂଘର ନିର୍ବାଚନ

● ପ୍ରଚାରରେ ସୋସିଆଲ୍ ମିଡିଆକୁ ଗୁରୁତ୍ୱ

ବ୍ରହ୍ମପୁର,୨୨।୨(ସମିସ):

ଗଞ୍ଜାମ ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ପ୍ରତିବର୍ଷ ମାର୍ଚ୍ଚ ଶେଷ ଶନିବାର ଦିନ ହୋଇଥାଏ। ଏହି କ୍ରମରେ ଚଳିତ ବର୍ଷ ମାର୍ଚ୍ଚ ୨୯ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଏକ ରକମର ସ୍ପଷ୍ଟ ହୋଇଯାଇଛି। ନିର୍ବାଚନ ପରିଚାଳନା ନିମନ୍ତେ ନିର୍ବାଚନ ଅଧିକାରୀ ଭାବେ ପୂର୍ବତନ ସଭାପତି ତଥା ବରିଷ୍ଠ ଆଇନଜୀବୀ ମୋହନ ସିଙ୍ଗାରି ଓ ଅଡିଟର ଭାବେ ତିରୁପତି ପ୍ରସାଦ ସାହୁଙ୍କୁ ମନୋନୀତ କରାଯାଇଛି। ଗଞ୍ଜାମ ଓକିଲ ସଂଘର ସଭାପତି, ଉପ ସଭାପତି, ସମ୍ପାଦକ ଓ ଯୁଗ୍ମ ସମ୍ପାଦକ ସମେତ ଜଣେ ମହିଳା ଓ ୬ଜଣ ପୁରୁଷ କାର୍ଯ୍ୟକାରୀ କମିଟି ସଦସ୍ୟ ନିର୍ବାଚିତ ହୋଇଥାନ୍ତି। ସମଗ୍ର ରାଜ୍ୟରେ ସମସ୍ତ ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଗୋଟିଏ ଦିନରେ ଅର୍ଥାତ୍ 'ୱାନ ବାର ୱାନ ଭୋଟ' ନିୟମରେ ଅନୁଷ୍ଠିତ ହେଉଛି। ଚଳିତ ବର୍ଷ ଭୋଟର ତାଲିକାରେ ମୋଟ ୧୭୨୧ଜଣ ଆଇନଜୀବୀଙ୍କ ନାମ ରହିଥିବା ସୂଚନା ମିଳିଛି। ଯଦି କୌଣସି କାରଣ ବସତଃ ଭୋଟର ତାଲିକାରୁ କୌଣସି ଆଇନଜୀବୀ ସଦସ୍ୟ ବାଦ ପଡିଛନ୍ତି ତେବେ ସମାଧାନ ପାଇଁ ସେମାନେ ଚଳିତ ମାସ ଶେଷ ସୁଦ୍ଧା ନିର୍ବାଚନ ଅଧିକାରୀ ମୋହନ ସିଙ୍ଗାରିଙ୍କ ସହ ଯୋଗାଯୋଗ କରି ପରାମର୍ଶ ଗ୍ରହଣ କରିପାରିବେ ବୋଲି ସେ କହିଛନ୍ତି। ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ବିଭିନ୍ନ ପଦ ପଦବୀରେ ପ୍ରାର୍ଥୀଙ୍କ ସଂଖ୍ୟା ଅଧିକ ରହିବ ବୋଲି ଆଶା କରାଯାଉଛି। ଆଶାୟୀ ପ୍ରାର୍ଥୀଙ୍କ ପକ୍ଷରୁ ଏବେଠାରୁ ପ୍ରଚାର ଆରମ୍ଭ ହୋଇସାରିଥିବା ବେଳେ ପ୍ରଚାର ମୁଖ୍ୟତଃ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଚାଲିଛି। ତେବେ ପ୍ରଚାରର ମୁଖ୍ୟ ମାଧ୍ୟମ ହୋଇଛି ଅନ୍‌ଲାଇନ ବା ସୋସିଆଲ ମିଡିଆ।

ବିଦେଶୀ ଅତିଥିଙ୍କୁ ସୁହାଉଛି ଅନୁକୂଳ ପାଗ

# ଋଷିକୂଲ୍ୟା ମୁହାଣରେ ଅଣ୍ଡା ଜଗିଛନ୍ତି ୧୪୦ ସୁରକ୍ଷା କର୍ମୀ

ବ୍ରହ୍ମପୁର,୨୨।୨(ସମିସ): ଗଞ୍ଜାମ ଜିଲ୍ଲାର ଋଷିକୂଲ୍ୟା ମୁହାଣରେ ବିଦେଶୀ ଅତିଥି ବିରଳ ଅଲିଭ ରିଡ୍‌ଲେ କଇଁଛଙ୍କ ଗଣ ଅଣ୍ଡାଦାନ ଚାଲିଛି। ଚଳିତବର୍ଷ ରେକର୍ଡ ସଂଖ୍ୟକ ଅଣ୍ଡାଦାନ କରିଛନ୍ତି ଅଲିଭ ରିଡ୍‌ଲେ। ଆଗାମୀ ଦିନରେ ଏହି ସଂଖ୍ୟା ବୃଦ୍ଧି ପାଇବ ନିଶ୍ଚୟ। ଚଳିତବର୍ଷ ସାମୂହିକ ଅଣ୍ଡାଦାନର ପ୍ରଥମ ଦିନରେ ଏଠାରେ ୧୧ହଜାର ୩୯୦ ଅଲିଭ ରିଡ୍‌ଲେ ବିରଳ କଇଁଛ ଗଣ ଅଣ୍ଡାଦାନ କରିଥିବା ବେଳେ ଦ୍ୱିତୀୟ ଦିନରେ ୭୯ହଜାର ୧୬୮ଟି କଇଁଛ ଅଣ୍ଡା ଦେଇଥିଲେ। ଏମାନଙ୍କ ସୁରକ୍ଷା ଲାଗି ବନ ବିଭାଗ ଓ ସ୍ୱେଚ୍ଛାସେବୀ ମାନେ ବେଶ ଯତ୍ନବାନ ଥିବା ଜଣାଯାଇଛି। ଅଲିଭ ରିଡ୍‌ଲେଙ୍କୁ ଦେଖିବା ଲାଗି ପର୍ଯ୍ୟଟକମାନେ ମଧ୍ୟ ସକାଳୁ ସକାଳୁ ଏହି ଇଲାକାରେ ଭିଡ଼ ଜମାଉଥିବା ବେଳେ ବ୍ୟାରିକେଡ଼ ବନ୍ଧାଯାଇ କଇଁଛଙ୍କୁ ସୁରକ୍ଷା ଦିଆଯାଇଛି। ତେବେ ଋଷୀକୂଲ୍ୟା ମୁହାଣରେ ବନ ବିଭାଗ ପକ୍ଷରୁ ୧୪୦ ଜଣ ସୁରକ୍ଷା କର୍ମୀ ଅଣ୍ଡାକୁ ଜଗିଛନ୍ତି।

ନୂଆ ଅତିଥିମାନେ ସକାଳୁ ମଥା ପାତି ପାତି ସମୁଦ୍ର କୂଳ ଆଡ଼କୁ ସାଙ୍ଗ ହୋଇ ଆସୁଥିବା ବେଳେ ବିସ୍ତୀର୍ଣ୍ଣ ବେଳାଭୂମିରେ ଅଣ୍ଡାଦାନ କରୁଛନ୍ତି। ଜିଲ୍ଲାର ଋଷିକୂଲ୍ୟା ମୁହାଣ ଅର୍ଥାତ ଗଞ୍ଜାମ ବ୍ଲକ ଅନ୍ତର୍ଗତ ପୋଡ଼ମପେଟା ଗ୍ରାମଠାରୁ ବଟେଶ୍ୱର ମନ୍ଦିର ନିକଟସ୍ଥ ସମୁଦ୍ର ବେଳାଭୂମିରେ ବିରଳ ପ୍ରଜାତିର ଅଲିଭ ରିଡେଲ କଇଁଛଙ୍କ ସମାଗମ ହୋଇ ବଂଶ ବିସ୍ତାର କରୁଛନ୍ତି। ସମ୍ପ୍ରତି ଏମାନଙ୍କ ଲାଗି ପାଗ ବେଶ ଅନୁକୂଳ ହୋଇଛି। ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଗତବର୍ଷ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଗଣଅଣ୍ଡାଦାନ ବ୍ୟାଘାତ ହୋଇଥିବା ବେଳେ ଚଳିତବର୍ଷ ଏଥିରେ ଦ୍ରୁତ ବୃଦ୍ଧି ଘଟିଛି। ସୂଚନା ପ୍ରକାରେ ଶୀତଋତୁ ଆରମ୍ଭ ହେବା ପରେ ପରେ ଏମାନେ ଓଡ଼ିଶା ମୁହାଁ ହୋଇଥିଲେ। ମିଳନ ପର୍ବ ପରେ ପରେ ବାଲୁକାଶଯ୍ୟାକୁ ଆସି ଗଣ ଅଣ୍ଡାଦାନ କରୁଛନ୍ତି। ଗଣ ଅଣ୍ଡାଦାନ ପୂର୍ବରୁ ପୁରୁଣାବନ୍ଧ ଠାରୁ ବଟେଶ୍ୱର ପର୍ଯ୍ୟନ୍ତ ପାଞ୍ଚ କିମି ବେଳାଭୂମିରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ସହ ବ୍ୟାରିକେଟ କରାଯାଇଛି। ଗୋଟିଏ କଇଁଛ ଆନୁମାନିକ ୧୨୦ରୁ ୧୫୦ଟି ଅଣ୍ଡା ଦେଉଥିବା ନଜିର ରହିଥିବା ବେଳେ ଅଣ୍ଡା ଦେବା ପରେ ତାହାକୁ ବାଲିରେ ପୋତି ସମୁଦ୍ରକୁ ଚାଲି ଯାଇଥାନ୍ତି। ୪୫ଦିନ ପରେ ସେଥିରୁ ଛୁଆ ବାହାରି ସମୁଦ୍ରକୁ ଚାଲି ଯାଆନ୍ତି। ଶହେ ମିଟର ବ୍ୟବଧାନରେ ଗୋଟାଏ ଲେଖାଏଁ ୫୦ଟି ସେଗମେଣ୍ଟ କରାଯିବା ସହ ସହ ୮ଟି କୃତ୍ରିମ ପ୍ରଜନନ କେନ୍ଦ୍ର ପ୍ରତିଷ୍ଠା କରିଛି ବନ ବିଭାଗ।

ବେଳାଭୂମିର ବାଲୁକାଶଯ୍ୟାରେ ସୁରକ୍ଷାବାଡ଼ କରାଯାଇଛି। ଫଳରେ କୁକୁର ଓ ବିଲୁଆ ସେହି ସ୍ଥାନକୁ ଯାଇ ପାରିବେ ନାହିଁ। ପ୍ରତିଦିନ ବୋଟ୍ ମାଧ୍ୟମରେ ଫରେଷ୍ଟରଙ୍କ ତତ୍ତ୍ୱାବଧାନରେ ସମୁଦ୍ରରେ ପାଟ୍ରୋଲିଂ କରାଯାଉଛି। ମିଳନ ପର୍ବ ଠାରୁ ଆରମ୍ଭ କରି ବର୍ତ୍ତମାନ ଗଣଅଣ୍ଡାଦାନ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ୧୪୦ଜଣ ସୁରକ୍ଷାକର୍ମୀ ନିୟୋଜିତ ହେଇଥିବା ସୂଚନା ମିଳିଛି।



# ଆରମ୍ଭ ହେଲା 'ସୁଭଦ୍ରା ଶକ୍ତି ମେଳା'



ଭୁବନେଶ୍ୱର,୨୨।୨(ସମିସ): ସୁଭଦ୍ରା ମା'ମାନଙ୍କ ମଧ୍ୟରେ ଅସୀମ ଶକ୍ତି ରହିଛି। ତେଣୁ ସେମାନେ ହେଉଛନ୍ତି 'ସୁଭଦ୍ରା ଶକ୍ତି'। ମା'ମାନଙ୍କ ସେଇ ଅନ୍ତର୍ନିହିତ ଶକ୍ତିର ଜାଗରଣ ପାଇଁ 'ସୁଭଦ୍ରା ଶକ୍ତି' ମେଳାର ଆୟୋଜନ କରାଯାଇଛି। ଶନିବାର ଜନତା ମେଇଦାନ ଠାରେ ସୁଭଦ୍ରା ଶକ୍ତି ମେଳାକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ମେଳା କେବଳ ଏକ ସାଧାରଣ ପ୍ରଦର୍ଶନୀ ନୁହେଁ। ଏହା ଆମ ଓଡ଼ିଶାର ମା', ଭଉଣୀ ଏବଂ ଝିଅମାନଙ୍କର ସଫଳତାର କାହାଣୀ। ସେମାନଙ୍କ ପ୍ରତିଭା, ଦକ୍ଷତା ଓ ଉଦ୍ୟମର ନିଦର୍ଶନ। ବ୍ୟକ୍ତିଗତ ସ୍ତରରେ ହେଉ ବା ଗ୍ରୁପ୍‌ସ୍ତରରେ ହେଉ, ପ୍ରତ୍ୟେକ ମହିଳା ଯେପରି ଦକ୍ଷ ଉଦ୍ୟୋଗୀ ହୋଇ ଆର୍ଥିକ ସ୍ୱତନ୍ତ୍ରତା ହାସଲ କରିବେ; ସେଥିପାଇଁ ଆମର ଉଦ୍ୟମ ଆରମ୍ଭ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ମେଳାରେ ୭୦୦ରୁ ଊର୍ଦ୍ଧ୍ୱ ଏସଏଚ୍‌ଜିମାନେ ୩୦୦ରୁ ଅଧିକ ଷ୍ଟଲରେ ନିଜର ସାଗମ୍ରୀ ପ୍ରଦର୍ଶିତ କରିଛନ୍ତି। ୯ ଦିନ ଧରି ଚାଲିବାକୁ ଥିବା ଏହି ମେଳାରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପ ଓ କଳାକୃତି, ମିଲେଟ ଓ ଅର୍ଗାନିକ ଉତ୍ପାଦ, ଖାଦ୍ୟ ଓ ମସଲା ସାମଗ୍ରୀ, ଟେରାକୋଟା ଓ ବାଉଁଶ ଶିଳ୍ପ ଆଦି ଅନେକ ଉତ୍ପାଦ ସ୍ଥାନ ପାଇଛି। ମେଳାରେ ଆୟୋଜିତ ଷ୍ଟଲ ବୁଲି ଦେଖିବା ସହିତ ସ୍ୱୟଂ ସହାୟକ ମହିଳାମାନଙ୍କ ଉତ୍ପାଦିତ ସାମଗ୍ରୀ ଗୁଡ଼ିକର ଉଚ୍ଚ ପ୍ରଶଂସା କରିଥିଲେ ମୁଖ୍ୟମନ୍ତ୍ରୀ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗେଦେଇ କହିଥିଲେ ଯେ ଏହି ସୁଭଦ୍ରା ମେଳା ନାରୀ ଶକ୍ତିର ବିକାଶ ଓ ସମୃଦ୍ଧିର ପ୍ରତୀକ। ଯଦି ଓଡ଼ିଶାର ମା', ଭଉଣୀମାନେ ନିରନ୍ତର ପରିଶ୍ରମ କରିବେ, ସଫଳ ହେବା ପାଇଁ ଚେଷ୍ଟା କରିବେ, ତେବେ ୨୦୩୬ ମସିହା ପୂର୍ବରୁ ଆମେ ବିକଶିତ ଓଡ଼ିଶା ଗଠନ କରିବାରେ ସକ୍ଷମ ହେବା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏକାମ୍ର ବିଧାୟକ ବାବୁ ସିଂ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗ ନିର୍ଦ୍ଦେଶିକା ମୋନିକା ପ୍ରିୟଦର୍ଶିନୀ ଧନ୍ୟବାଦ ଦେଇଥିଲେ।

**୩୦୦ରୁ ଊର୍ଦ୍ଧ୍ୱ ଷ୍ଟଲରେ ମା'ମାନଙ୍କ ହାତ ତିଆରି ସାମଗ୍ରୀ**

## କଂଗ୍ରେସ ଭବନରେ ମାରାଥନ ବୈଠକ

# ବିଧାୟକଙ୍କୁ ପ୍ରଭାରୀଙ୍କ କର୍ଣ୍ଣମନ୍ତ୍ର



- ରାଜ୍ୟସ୍ୱାର୍ଥ ପାଇଁ ଗୃହରେ ଏକ ହୋଇ ଲଢ଼ିବାକୁ ପରାମର୍ଶ
- ଜିଲ୍ଲାସଭାପତିଙ୍କ ସହ ଜାରି ରହିଛି ଆଲୋଚନା
- ହୋଟେଲରେ ପ୍ରଭାରୀଙ୍କୁ ଭେଟିଲେ ମୋକିମ୍

ଭୁବନେଶ୍ୱର,୨୨।୨(ସମିସ): ସଙ୍ଗଠନକୁ ଶକ୍ତିଶାଳୀ କରି ସଡ଼କରୁ ବିଧାନସଭା ପର୍ଯ୍ୟନ୍ତ ଶାସକ ଦଳ ବିରୋଧରେ ଲଢ଼େଇ କରିବ କଂଗ୍ରେସ। ଏଥିପାଇଁ ଦଳ ପ୍ରସ୍ତୁତ କରୁଛି ଯୋଜନା। ଜନସାଧାରଣଙ୍କ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗକୁ ନେଇ ଉଭୟ ବିଧାନସଭା ଓ ରାଜରାସ୍ତାରେ ସରକାରଙ୍କୁ ଅଙ୍କରେ ପକାଇବା ପାଇଁ ପିସିସି ପ୍ରଭାରୀ ଅଜୟକୁମାର ଲଲ୍ଲୁ ଦଳୀୟ ବିଧାୟକ ଓ ଅନ୍ୟ ନେତାମାନଙ୍କ ସହ ଆଲୋଚନା କରିଛନ୍ତି। ଶନିବାର ପ୍ରଭାରୀ ଦଳର ସମସ୍ତ ବିଧାୟକଙ୍କ ସହ ରୁଦ୍ଧଦ୍ୱାର ବୈଠକରେ ଦଳୀୟ ରଣନୀତି ସମ୍ପର୍କରେ ଆଲୋଚନା କରିଛନ୍ତି। ରାଜ୍ୟରେ ନୂଆ ସରକାରଙ୍କୁ ୯ ମାସ ବିତିଲାଣି। ଏହି ସମୟରେ ରାଜ୍ୟ ସରକାର ପ୍ରମୁଖ ପ୍ରତିଶ୍ରୁତିଗୁଡ଼ିକ ପୂରଣ କରିବାରେ ବ୍ୟର୍ଥ ହୋଇଛନ୍ତି । ତେଣୁ ଏହାକୁ ପ୍ରସଙ୍ଗ କରି ଲୋକଙ୍କ ପାଖରେ ପହଞ୍ଚିବାକୁ ଶ୍ରୀ ଲଲ୍ଲୁ ପରାମର୍ଶ ଦେଇଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ ବିଧାନସଭାରେ ଦଳ ପକ୍ଷରୁ ମିଳିତ ଭାବରେ ନିର୍ଦ୍ଦିଷ୍ଟ ପ୍ରସଙ୍ଗକୁ ଉଠାଇବ ଓ ଦଳ ମଧ୍ୟ ଅନୁରୂପ ଭାବରେ ଏହି ପ୍ରସଙ୍ଗକୁ ଅନୁଧାବନ କରିବ । କେବଳ ବିଧାନସଭାରେ ନୁହେଁ, ବିଧାୟକମାନେ ଗାଁ ଗାଁରେ ମଧ୍ୟ ଏହି ପ୍ରସଙ୍ଗକୁ ନେଇ ଲୋକଙ୍କ ପାଖକୁ ଯିବେ। ରାଜ୍ୟରେ ବର୍ତ୍ତମାନ ୧୪ ଜଣ ବିଧାୟକ ହିଁ କଂଗ୍ରେସର ମୂଳ ପୁଞ୍ଜି। ତେଣୁ କିପରି ଏହି ବିଧାୟକମାନେ ବିଭିନ୍ନ ପ୍ରସଙ୍ଗକୁ ଲଢ଼ୁଆ ପ୍ରଦର୍ଶନ କରିବେ ଓ ଦଳର ଶକ୍ତି ବୃଦ୍ଧି କରାଇବେ ସେନେଇ ଏହି ବୈଠକରେ ଆଲୋନଚା ହୋଇଛି। ଦୀର୍ଘ ୮ ମାସ ହେବ ରାଜ୍ୟ କଂଗ୍ରେସର ମଙ୍ଗୁଆଳ ନ ଥିବା ହେତୁ ଦଳୀୟ ବିଧାୟକମାନଙ୍କ ପାଇଁ କୌଣସି ଦଳୀୟ ନିର୍ଦ୍ଦେଶ ରହୁ ନ ଥିଲା। ଏହାସହିତ ଦଳ କେଉଁ ପ୍ରସଙ୍ଗକୁ ଗୃହରେ ଉତ୍ଥାପନ କରିବ ଓ ଯୋରଦାର କରିବ, ତାହା ମଧ୍ୟ ସ୍ଥିର ହେଉ ନ ଥିଲା। ଫଳରେ ବିଧାୟକମାନେ ନିଜ ନିଜ ଅଞ୍ଚଳର ସମସ୍ୟା ଓ ସମାଧାନ ନେଇ ସରକାରଙ୍କ ଉପରେ ଚାପ ପକାଇବା ସହ ଏଥିପ୍ରତି ଅଧିକ ଦୃଷ୍ଟି ଦେଉଥିଲେ। ମାତ୍ର ଏବେ ଦଳକୁ ନୂତନ ସଭାପତିଙ୍କ ସମେତ ନୂତନ ପ୍ରଭାରୀ ମିଳିଥିବାରୁ କଂଗ୍ରେସ ଦଳ ପୂର୍ବାପେକ୍ଷା ଅଧିକ ସଂଗଠିତ ଓ ଶାଣିତ ଭାବେ ଲଢ଼େଇ କରିବ ବୋଲି ଦଳର ନେତାମାନେ ଆଶା ରଖିଛନ୍ତି।

ଦଳର ବିଧାୟକମାନଙ୍କ ସହ ବୈଠକ ସାଙ୍ଗକୁ ଆଜି ରାଜ୍ୟର ବିଭିନ୍ନ ଜିଲ୍ଲାର ଜିଲ୍ଲା ସଭାପତିମାନଙ୍କ ସହ ମଧ୍ୟ ଆଲୋଚନା ହୋଇଛି। ଯଦିଓ ଆଗକୁ ରାଜ୍ୟ କମିଟି ସମେତ ଜିଲ୍ଲାସଭାପତି ମନୋନୟନ କରାଯିବ, ହେଲେ ଏହାପୂର୍ବରୁ ବର୍ତ୍ତମାନ ରହିଥିବା ଜିଲ୍ଲାସଭାପତିମାନଙ୍କ ସହିତ ପ୍ରଭାରୀ ଆଲୋଚନା କରିଛନ୍ତି। ଜିଲ୍ଲା ସଭାପତିମାନେ ନିଜ ନିଜ ଜିଲ୍ଲାର ସଂଗଠନ ସମ୍ପର୍କରେ ପ୍ରଭାରୀଙ୍କୁ ଅବଗତ କରାଇଥିବା ବେଳେ କିପରି ଆଗକୁ କଂଗ୍ରେସ ସଂଗଠନକୁ ବୁଥ୍‌ସ୍ତରରେ ମଜଭୁତ କରିହେବ ସେନେଇ ମତ ରଖିଛନ୍ତି। ଗଲା ୨ ଦିନ ହେବ ପିସିସି ପ୍ରଭାରୀଙ୍କ ସମେତ ୨ ଜଣ ସହପ୍ରଭାରୀ ଓ ପିସିସି ସଭାପତି ଦଳର ସବୁ ଛାମୁଆ ସଂଗଠନ ଓ ସେଲ୍ ଆଦିର ମୁଖ୍ୟଙ୍କ ସହ ଆଲୋଚନା ଜାରି ରଖିଛନ୍ତି। ୨୪ ତାରିଖ ସୁଦ୍ଧା ଏହି ସମସ୍ତ ବୈଠକ ଶେଷ କରିବାର କାର୍ଯ୍ୟକ୍ରମ ରହିଛି। ଅନ୍ୟପଟେ ଆଜି ପିସିସି ପ୍ରଭାରୀଙ୍କୁ ପୂର୍ବତନ ବିଧାୟକ ତଥା କଂଗ୍ରେସ ନେତା ମହମ୍ମଦ ମୋକିମ୍ ଏକ ହୋଟେଲରେ ଭେଟିଛନ୍ତି। ଏହି ସାକ୍ଷାତ ସମୟରେ ଦଳୀୟ ସଙ୍ଗଠନ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିବା ସୂଚନା ମିଳିଛି ।

# ବାଲିଘାଟ ବିବାଦରୁ ଯୁବକଙ୍କୁ ଗୁଳି

ରାଉରକେଲା,୨୨।୨(ସମିସ): ରାଉରକେଲାର ସେକ୍ଟର- ୪ରେ ଜଣେ ଯୁବକଙ୍କୁ ଗୁଳିମାଡ଼ ହୋଇଥିବା ଜଣାପଡ଼ିଛି। ଗୁଳିମାଡ଼ ପରେ ଭାରସାମ୍ୟ ହରାଇ ଯୁବକଙ୍କ କାର ଦୁର୍ଘଟଣାଗ୍ରସ୍ତ ହେବାରୁ ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୁରୁତର ବ୍ୟକ୍ତି ଜଣଙ୍କ ହେଲେ ସେକ୍ଟର -୪, ଏ/୮୮ ବାସିନ୍ଦା ବିଜୟ ଲାକ୍ରା। ଗୁଳିକାଣ୍ଡ ପଛରେ ବାଲିଘାଟକୁ ନେଇ ଗଣ୍ଡଗୋଳ ରହିଥିବା ସୂଚନା ମିଳିଛି।



ସୂଚନା ମୁତାବକ ସ୍ଥାନୀୟ ସେକ୍ଟର -୩ ଥାନା ଅଧୀନ ସେକ୍ଟର -୪ ପୋଷ୍ଟ ଅଫିସ ଛକ ନିକଟରେ ଏହି ଗୁଳିମାଡ଼ ହୋଇଥିବା ଜଣାପଡିଛି। ଶନିବାର ରାତି ପ୍ରାୟ ୭ଟା ୪୫ ମିନିଟରୁ ସାଢ଼େ ୮ଟା ମଧ୍ୟରେ ଏହି ଘଟଣା ଘଟିଥିଲା। ବିଜୟ ତାଙ୍କ କାର୍‌ରେ ଛୁଆଙ୍କୁ ଧରି ବୁଲିବାକୁ ଘରୁ ବାହାରିଥିଲେ। ଉକ୍ତ ଛକ ନିକଟରେ ପହଞ୍ଚିବା କ୍ଷଣି ହଠାତ୍ ଗୋଟିଏ ବାଇକରେ ଦୁଇ ଜଣ ଦୁର୍ବୃତ୍ତ ଆସି ଗୋଟିଏ ରାଉଣ୍ଡ ଗୁଳି ଚାଳନା କରି ଫେରାର ହୋଇଯାଇଥିଲେ। ଫଳରେ କାର କାଚ ଭାଙ୍ଗି ତାଙ୍କ କାନ ମୁଣ୍ଡାରେ ଗୁଳି ଯାଇ ବାଜିଥିଲା। ପରେ ଗାଡ଼ିଟି ଭାରସାମ୍ୟ ହରାଇ ଏ/୩୦ ଘରର ପାଚେରୀକୁ ଯାଇ ଧକ୍କା ଦେଇଥିଲେ। ଦୁର୍ଘଟଣାର ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲେ। ତେବେ କୁଆଁରମୁଣ୍ଡାସ୍ଥିତ ବାଲିଘାଟକୁ ନେଇ କିଛି ଦିନ ପୂର୍ବେ ସନ୍ଦୀପ ମିଶ୍ରଙ୍କର ବିଜୟ ଲାକ୍ରାଙ୍କ ସହ ପାଟିତୁଣ୍ଡ ହୋଇଥିଲା। ସନ୍ଦିପ ମିଶ୍ର ହିଁ ସୁଟର ଯୋଗେ ଗୁଳିମାଡ଼ କରିଥିବା ଗୁରୁତର ବିଜୟ ଲାକ୍ରା ଖୋଦ୍ ଗଣମାଧ୍ୟମ ସମ୍ମୁଖରେ ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରୁ ପୁଲିସ ଗୋଟିଏ ଖୋକା ଜବତ କରି ଅଧିକ ତଦନ୍ତ ଜାରି ରଖିଛି। ତେବେ ବିଜୟଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ପୁଲିସ ଅଧିକ ତଦନ୍ତ କରିପାରି ନାହିଁ। ଖବର ପାଇ ସେକ୍ଟର ୩ ଆଇଆଇସି ପ୍ରତିଭା ସାହୁ, ଡିଏସପି ନିର୍ମଳ ମହାପାତ୍ର ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏସ୍‌ପି ନିତେଶ ୱାଧୱାନୀ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି।

# ଅସମର୍ଥ ପତ୍ନୀଙ୍କ ଭରଣପୋଷଣ କରିବା ସ୍ୱାମୀଙ୍କ ଦାୟିତ୍ୱ: ହାଇକୋର୍ଟ

କଟକ,୨୨।୨(ସମିସ): ଯଦି ପତ୍ନୀ ନିଜର ପାଳନପୋଷଣ କରିବାରେ ଅସମର୍ଥ ହୁଅନ୍ତି ତାହେଲେ ତାଙ୍କର ଭରଣପୋଷଣ କରିବା ହେଉଛି ସ୍ୱାମୀଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ। ହାଇକୋର୍ଟ ଏଭଳି ଉଲ୍ଲେଖ କରି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ବିଶେଷକରି ସ୍ୱାମୀଙ୍କ ସାମାଜିକ ପ୍ରତିଷ୍ଠା ଓ ତାଙ୍କର ଜୀବନଚର୍ଯ୍ୟାକୁ ଦୃଷ୍ଟିରେ ରଖି ପତ୍ନୀଙ୍କ ପାଇଁ ଉପଯୁକ୍ତ ଭରଣପୋଷଣ ଅର୍ଥବ୍ୟବସ୍ଥା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଭରଣପୋଷଣ ବାବଦ ଅର୍ଥ ବୃଦ୍ଧି ପ୍ରସଙ୍ଗ ନେଇ ପତ୍ନୀଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ରାୟ ଦେଇଛନ୍ତି। ଏଥିସହ ପତ୍ନୀଙ୍କ ଭରଣପୋଷଣ ବାବଦ ଅର୍ଥରାଶିକୁ ଆଉ ୫ ହଜାର ଟଙ୍କା ବୃଦ୍ଧି କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱର ପରିବାର ଅଦାଲତ-୨ ପ୍ରଦାନ କରିଥିବା ରାୟ ସଂଶୋଧନ କରି ଆବେଦନକାରୀ ପତ୍ନୀଙ୍କୁ ଆଉ ଅଧିକ ୫ହଜାର ଟଙ୍କା ଭରଣପୋଷଣ ବାବଦ ଖର୍ଚ୍ଚ ସ୍ୱାମୀ ପ୍ରଦାନ କରିବେ ବୋଲି ହାଇକୋର୍ଟ କହିଛନ୍ତି। ପତ୍ନୀଙ୍କୁ ମାସିକ ୧୦ହଜାର ଟଙ୍କା ଭରଣପୋଷଣ ବାବଦରେ ପ୍ରଦାନ କରିବାକୁ ସ୍ୱାମୀଙ୍କୁ ୨୦୨୩, ମେ' ୧୭ରେ ପରିବାର ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଭରଣପୋଷଣ ଅର୍ଥର ପରିମାଣ ବୃଦ୍ଧି କରିବାକୁ ପତ୍ନୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପତ୍ନୀ ନିଜର ପାଳନ ପୋଷଣ କରିବାରେ ଅସମର୍ଥ ବୋଲି ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା।

## ୨ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣା

# ବ୍ୟବଚ୍ଛେଦ ରିପୋର୍ଟରେ ହେର୍‌ଫେର୍ ଅଭିଯୋଗ

କାଲିମେଲା, ୨୨।୨(ସମିସ): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ୍ ଅନ୍ତର୍ଗତ ଏମ୍‌ଭି-୭୨ ନୋଡାଲ ପ୍ରାଥମିକ ବିଦ୍ୟାଳୟର ଦୁଇଛାତ୍ରୀଙ୍କ ଝୁଲନ୍ତା ମୃତଦେହ ନିକଟସ୍ଥ ଜଙ୍ଗଲରୁ ଉଦ୍ଧାର ହେବା ଘଟଣା ଏବେ ଆହୁରି ରହସ୍ୟାବୃତ୍ତ ହୋଇପଡ଼ିଛି। ଦୀର୍ଘ





୧୫ ଦିନ ପରେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଥିବା ବେଳେ ଶ୍ୱାସରୁଦ୍ଧରେ ସେମାନଙ୍କର ମୃତ୍ୟୁ ଘଟିଥିବା ଏଥିରେ ଉଲ୍ଲେଖ ରହିଛି। ତେଣୁ, ଏହା ଏକ ଆତ୍ମହତ୍ୟାଜନିତ ମାମଲା ବୋଲି ପୁଲିସ୍ କହିଛି। ତେବେ ନାବାଳିକାଦ୍ୱୟଙ୍କ ପରିବାରଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି। ବ୍ୟବଚ୍ଛେଦ ରିପୋର୍ଟରେ ହେରଫେର୍ କରାଯାଇ ସତ ଲୁଚାଇବାକୁ ଚେଷ୍ଟା କରାଯାଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ପୂର୍ବରୁ ପୁଲିସ୍ ତାଙ୍କୁ ଏତଲାରେ ଆତ୍ମହତ୍ୟା ବୋଲି ଲେଖିବାକୁ ବାଧ କରିବା, ଯୁବତୀଦ୍ୱୟଙ୍କ ଶବରେ ଥିବା କ୍ଷତ ସ୍ଥାନ ସଂପର୍କରେ ପୁଲିସ୍ କିଛି ନ କହିବା ଏବଂ ଏବେ ବିଳମ୍ବରେ ବ୍ୟବଚ୍ଛେଦ ରିପୋର୍ଟ ଆସିଥିବାରୁ ଏହା ଭିତରେ କିଛି ବଡ଼ଧରଣର ଷଡ଼ଯନ୍ତ୍ର କରାଯାଉଥିବା ସେମାନେ ସନ୍ଦେହ କରିଛନ୍ତି। ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଉଚିତ୍ ନ୍ୟାୟ ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି। ସେମାନେ ଆହୁରି କହିଛନ୍ତି ଯେ ଏତେ ଛୋଟ ପିଲାଦ୍ୱୟ କେମିତି ଗୋଟିଏ ଡାଳରେ ପାଖାପାଖି ଆତ୍ମହତ୍ୟା କଲେ, ଏହା ପଛର କାରଣ କ'ଣ, ଘଟଣାସ୍ଥଳରୁ ମିଳିଥିବା ମୋବାଇଲରୁ କ'ଣ ତଥ୍ୟ ମିଳିଲା; ସେସବୁ ମଧ୍ୟ ପୁଲିସ୍ ସ୍ପଷ୍ଟ କରୁ।

ସେହିପରି ଜିଲ୍ଲାର ବିଭିନ୍ନ ସଙ୍ଗଠନ ଏବଂ ବୁଦ୍ଧିଜୀବୀମାନେ ଏହାର ଉଚ୍ଚସ୍ତରୀୟ ତଦନ୍ତ ହେଲେ ସତ୍ୟ ଘଟଣା ପଦାକୁ ଆସିବ ବୋଲି କହିବା ସହ ଆଗାମୀ ଦିନରେ ଘଟଣାକୁ ନେଇ ଉପରିସ୍ଥ ଅଧିକାରୀଙ୍କୁ ଭେଟି ସଠିକ୍ ତଦନ୍ତ ପାଇଁ ଦାବି କରିବୁ ବୋଲି କହିଛନ୍ତି।

**ଉଚ୍ଚସ୍ତରୀୟ ତଦନ୍ତ ପାଇଁ ବିଭିନ୍ନ ସଂଗଠନର ଦାବି**

**ତାପମାତ୍ରା**
ଡିଗ୍ରୀ ସେଲ୍‌ସିୟସ

| ସ୍ଥାନ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ବାଲେଶ୍ୱର | ୨୯.୬ | ୨୧.୩ |
| ଚାନ୍ଦବାଲି | ୩୧.୬ | ୨୧.୫ |
| କଟକ | ୩୧.୨ | ୧୯.୫ |
| ପାରାଦୀପ | ୨୯.୫ | ୨୪.୪ |
| ଭୁବନେଶ୍ୱର | ୩୩.୩ | ୨୧.୨ |
| ଗୋପାଳପୁର | ୩୧.୫ | ୨୩.୩ |
| ପୁରୀ | ୩୧.୮ | ୨୪.୪ |
| ଅନୁଗୋଳ | ୩୨.୧ | ୧୩.୬ |
| ବାରିପଦା | ୩୨.୨ | ୧୯.୫ |
| ଝାରସୁଗୁଡ଼ା | ୩୫.୨ | ୧୭.୫ |
| କେନ୍ଦୁଝରଗଡ଼ | ୩୦.୬ | ୧୮.୪ |
| ସମ୍ବଲପୁର | ୩୪.୦ | ୨୧.୪ |
| ସୁନ୍ଦରଗଡ଼ | ୩୩.୭ | ୧୮.୨ |
| ହୀରାକୁଦ | ୩୩.୧ | ୧୯.୧ |
| ତାଳଚେର | ୩୧.୪ | ୨୦.୮ |
| ଭବାନୀପାଟଣା | ୩୫.୫ | ୨୦.୦ |
| ବଲାଙ୍ଗିର | ୩୫.୦ | ୨୧.୩ |
| କୋରାପୁଟ | ୩୨.୫ | ୧୭.୧ |
| ଫୁଲବାଣୀ | ୩୨.୭ | ୧୭.୫ |
| ଟିଟିଲାଗଡ଼ | ୩୫.୦ | ୨୧.୫ |
| ମାଲକାନଗିରି | ୩୫.୩ | ୧୯.୭ |
| ସୋନପୁର | ୩୩.୮ | ୨୦.୬ |
| ଦାରିଙ୍ଗବାଡ଼ି | ୨୮.୫ | ୧୫.୫ |
| ନୟାଗଡ଼ | ୩୩.୦ | ୨୦.୨ |
| ବୌଦ୍ଧ | ୩୫.୦ | ୧୯.୦ |
| ଛତ୍ରପୁର | ୩୨.୮ | ୨୩.୦ |
| ପାରଳାଖେମୁଣ୍ଡି | ୩୫.୨ | ୨୧.୦ |
| ରାୟଗଡ଼ା | ୩୨.୨ | ୧୮.୬ |
| ଭଦ୍ରକ | ୩୨.୮ | ୧୮.୦ |
| ଯାଜପୁର | ୩୨.୦ | ୧୮.୬ |
| ଢେଙ୍କାନାଳ | ୩୧.୮ | ୨୦.୧ |
| ବରଗଡ଼ | ୩୦.୨ | ୧୯.୪ |
| ଦେଓଗଡ଼ | ୩୧.୦ | ୧୯.୦ |
| ନୂଆପଡ଼ା | ୩୩.୦ | ୧୭.୪ |
| ନବରଙ୍ଗପୁର | ୩୩.୫ | ୧୮.୪ |
| ଖୋର୍ଦ୍ଧା | ୩୩.୦ | ୧୯.୦ |
| ଜଗତସିଂହପୁର | ୩୩.୦ | ୧୯.୦ |
| କେନ୍ଦ୍ରାପଡ଼ା | ୩୨.୨ | ୧୮.୮ |
| ରାଉରକେଲା | ୩୨.୪ | ୧୭.୯ |

# ମାଓ ସଙ୍ଗଠନରୁ ଓହରିଲେ ଟପ୍‌ନେତା ହିଡ଼ିମାଙ୍କ ଝିଅ

ମାଲକାନଗିରି,୨୨।୨(ସମିସ): ଓଡିଶା, ଆନ୍ଧ୍ର, ତେଲେଙ୍ଗନା ଓ ଛତିଶଗଡ ସହ ଅନ୍ୟ ରାଜ୍ୟଗୁଡ଼ିକରେ ନିଜର ସ୍ଥିତି ଜାହିର କରିଥିବା ଟପ୍ ମାଓନେତା ହିଡିମାକୁ ଶକ୍ତ ଝଟ୍‌କା ଲାଗିଛି। ମାଲକାନଗିରି ଜିଲ୍ଲା ସୀମାନ୍ତ ତେଲେଙ୍ଗନାରେ ହିଡିମାର ଝିଅ ବାଞ୍ଜେମ କେଶା ପୁଲିସ ନିକଟରେ ଆତ୍ମସମର୍ପଣ କରିଛି। ସେ ମଧ୍ୟ ମାଓ ସଙ୍ଗଠନ ପାଇଁ କାମ କରୁଥିଲେ। ସୂଚନା ଅନୁଯାୟୀ, ବାଞ୍ଜେମ ପିଲାଟି ବେଳୁ ହିଡ଼ିମାଙ୍କ ପଥରେ ଚାଲି ପିଲାବେଳୁ ମାଓ ସଙ୍ଗଠନ ସହ ସାମିଲ ହୋଇଥିଲା। ମାଓ ସଙ୍ଗଠନରେ ଥିବା ନାଟ୍ୟ ମଣ୍ଡଳୀରେ ସେ କାର୍ଯ୍ୟ କରି ଲୋକଙ୍କୁ ମାଓ ସଙ୍ଗଠନ ବିଷୟରେ ଅବଗତ କରାଉଥିଲା। ସମୟକ୍ରମେ ସେ ସକ୍ରିୟ ସଦସ୍ୟ ଭାବେ ସଙ୍ଗଠନରେ କାମ କରିବା ସହ ବିଭିନ୍ନ ହିଂସାକାଣ୍ଡ ଘଟାଇଥିଲା। ସଙ୍ଗଠନରେ ରହି ସେ ରମେଶ ନାମକ ମାଓବାଦୀକୁ ବିବାହ ମଧ୍ୟ କରିଥିଲା। ବାଞ୍ଜେମ ନାମରେ ୪ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଛି। କିନ୍ତୁ ମାଓ ସଙ୍ଗଠନର ମିଛ ଆଭିମୁଖ୍ୟ, ନିରୀହ ଲୋକଙ୍କୁ ଶୋଷଣ ଓ ପୂର୍ବ ନୀତି ଆଦର୍ଶ ନଥିବାରୁ ସେ ମାଓ ସଙ୍ଗଠନ ଛାଡ଼ି ଆଜି ତେଲେଙ୍ଗାନାର ୱାରଙ୍ଗଲଠାରେ ପୁଲିସ୍ ନିକଟରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ଆତ୍ମସମର୍ପଣ ପରେ ତାଙ୍କୁ ସରକରୀ ନୀତି ଅନୁଯାୟୀ ଥଇଥାନ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।



**ତେଲେଙ୍ଗାନା ୱାରଙ୍ଗଲଠାରେ କଲେ ଆତ୍ମସମର୍ପଣ**

# ବନ୍ଧବାହାଲ ବର୍ଣ୍ଣାଳୀ : ସାକାର ହେଲା ମହାକାଶକୁ ଉଡ଼ାଣ ସ୍ୱପ୍ନ

ଭୁବନେଶ୍ୱର, ୨୨।୨(ସମିସ): ଝାରସୁଗୁଡ଼ା ଜିଲ୍ଲା ବନ୍ଧବାହାଲର ବର୍ଣ୍ଣାଳୀ ଦାସ। ପିଲାଟି ବେଳରୁ ଥିଲା ମହାକାଶ ବିଜ୍ଞାନ ପ୍ରତି ଆଗ୍ରହ । ସୂର୍ଯ୍ୟ, ଚନ୍ଦ୍ର, ତାରା, ଗ୍ରହ ଏବଂ ନକ୍ଷତ୍ର ବିଷୟରେ ଜାଣିବାକୁ ତାଙ୍କର ଉତ୍ସୁକତା ଥିଲା। ସୁଯୋଗ ଦେଲା ଟାଟା ଷ୍ଟିଲ୍‌ର ଯୁବ ଜ୍ୟୋତିର୍ବିଜ୍ଞାନ ଟାଲେଣ୍ଟ ସର୍ଚ୍ଚ (ୟାର୍ଟସ)। ବର୍ଣ୍ଣାଳୀ ଏବେ ପହଞ୍ଚିଛନ୍ତି ଇଟାଲୀର କମ୍ପ୍ୟୁଟେସନାଲ୍ ଆଷ୍ଟ୍ରୋଫିଜିକ୍ସ ଏବଂ କସ୍ମୋଲୋଜରେ ମହାକାଶ ଗବେଷଣା ପାଇଁ। ୨୦୧୪-୧୫ରେ ୟାର୍ଟସ ଫାଇନାଲରେ ବିଜୟୀ ହୋଇଥିଲେ ବର୍ଣ୍ଣାଳୀ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ପୁରସ୍କୃତ କରିବା ସହ ଉତ୍ସାହିତ କରିଥିଲେ। ଆଗକୁ ବଢ଼ି ଓଡ଼ିଶାର ଗୌରବ ବଢ଼ାଇବାକୁ ପ୍ରେରଣା ଦେଇଥିଲେ। ସ୍କୁଲ୍ ଶିକ୍ଷା ସରିବା ପରେ କୋଲକାତାସ୍ଥିତ ଭାରତୀୟ ବିଜ୍ଞାନ ଶିକ୍ଷା ଏବଂ ଗବେଷଣା ସଂସ୍ଥା (ଆଇଜର) ରେ ଫିଜିକ୍ସେ ସ୍ନାତକ ଡ଼ିଗ୍ରୀ ହାସଲ କରିବା ପରେ ଏବେ ସେ ଇଟାଲୀର ପିସା ବିଶ୍ୱବିଦ୍ୟାଳୟରେ ପିଏଚ୍‌ଡ଼ି କରୁଛନ୍ତି ଏବଂସିମୁଲେସନ୍ ମଡେଲ୍ ମାଧ୍ୟମରେ ଗ୍ୟାଲାକ୍ସି ଗଠନ ଏବଂ ବିକାଶ ଉପରେ ପ୍ରାଥମିକତା ଦେଉଛନ୍ତି। ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗ ଅଧୀନରେ ଥିବା ଭୁବନେଶ୍ୱର ସ୍ଥିତ ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ଠାରେ ପ୍ରତିବର୍ଷ ୟାର୍ଟସ୍ କାର୍ଯ୍ୟମ ଅନୁଷ୍ଠିତ ହୁଏ। ୬ଷ୍ଠ ରୁ ୧୦ମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ନେଇ ଅନୁଷ୍ଠିତ ପ୍ରତିଯୋଗିତାରେ ଶ୍ରେଷ୍ଠ ୨୦ ଛାତ୍ରଛାତ୍ରୀଙ୍କୁ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) କୁ ଭ୍ରମଣ କରିବାର ସୁଯୋଗ ଦେଇଥାଏ।



**୨୦୧୪-୧୫ରେ ୟାଟସ୍‌ରେ ବିଜୟୀ ହେବା ପରେ ବର୍ଣ୍ଣାଳୀଙ୍କୁ ପୁରସ୍କୃତ କରୁଛନ୍ତି ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ**

## ଫରେଷ୍ଟର ଓ ଫରେଷ୍ଟ ଗାର୍ଡ ନିଯୁକ୍ତି ପରୀକ୍ଷା

# ଭୁଲ ପରେ ଭୁଲ; ଅଡୁଆରେ ସରକାର

## ୩୩୭ ପରୀକ୍ଷାର୍ଥୀଙ୍କୁ କାରଣ ଦର୍ଶାଅ ନୋଟିସ୍ ପଠାଇଲା ଓଏସ୍ଏସ୍ଏସ୍ସି

ଭୁବନେଶ୍ୱର, ୨୨।୨(ସମିସ): ଫରେଷ୍ଟର, ଫରେଷ୍ଟ ଗାର୍ଡ ଓ ଲାଇଭ୍‌ଷ୍ଟକ୍ ଇନିସ୍‌ପେକ୍ଟର ନିଯୁକ୍ତି ପରୀକ୍ଷାକୁ ନେଇ ପୁଣି ସୃଷ୍ଟି ହୋଇଛି ବିବାଦ। ପରୀକ୍ଷାରେ ସଫଳତା ପାଇଥିବା ୩୩୭ ଜଣ ପରୀକ୍ଷାର୍ଥୀଙ୍କୁ ନୋଟିସ୍ ଜାରି ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍ଏସ୍ଏସ୍ସି)। ଏକାଡେମିକ୍ ରେକର୍ଡ ଏବଂ ପୂର୍ବ ନିଯୁକ୍ତି ପରୀକ୍ଷାରେ ପ୍ରଦର୍ଶନ ଦୁର୍ବଳ ଥିବାବେଳେ ଏହି ପରୀକ୍ଷାରେ ସେମାନେ କିପରି ଭଲ ନମ୍ବର ରଖିଲେ, ସେ ସମ୍ପର୍କରେ ୧୫ ତାରିଖ ମଧ୍ୟରେ ପକ୍ଷ ରଖିବାକୁ ପରୀକ୍ଷାର୍ଥୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପରୀକ୍ଷା ସମୟରେ ସେମାନେ ବିଶୃଙ୍ଖଳା ଓ ଅନିୟମିତା କରି ନ ଥିଲେ ହେଁ ଆସନ୍ତା ୩ ତାରିଖରେ ହେବାକୁଥିବା ଶାରୀରିକ ପରୀକ୍ଷାରୁ ସେମାନଙ୍କୁ ବାଦ ଦିଆଯାଇଛି।

ଯାହାକୁ ନେଇ ଉଭୟ ଆଶାୟୀ ଓ ପରୀକ୍ଷାରେ ସଫଳତା ପାଇଥବା ପରୀକ୍ଷାର୍ଥୀମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ପରୀକ୍ଷାରେ ସଫଳତା ପାଇଥିବା ପରୀକ୍ଷାର୍ଥୀମାନେ ଏହି ନୋଟିସ ଓ ୩ ତାରିଖରେ ହେବାକୁଥିବା ଶାରୀରିକ ପରୀକ୍ଷାରୁ ବାଦ ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନଙ୍କ ଅଧିକାରର କ୍ଷୁର୍ଣ୍ଣ କରାଯାଇଥିବା ଉଲ୍ଲେଖ କରି ଏହା ବିରୋଧରେ ଅଦାଲତଙ୍କ ଦ୍ୱାରସ୍ଥ ହେବାକୁ ସଜବାଜ ହେଉଛନ୍ତି। ଅନ୍ୟପକ୍ଷରେ ଷ୍ଟୁଡେଣ୍ଟସ୍ ଏଗେନଷ୍ଟ କରପସନ୍‌ର ଆବାହକ ବିଭୂତି ଭୂଷଣ ମହାପାତ୍ର ଏହି ପ୍ରସଙ୍ଗରେ ସରକାରଙ୍କୁ ଘେରିଛନ୍ତି। ପୂର୍ବ ପରୀକ୍ଷାରେ ବା କଲେଜ ସମୟରେ ଭଲ ନମ୍ବର ରଖି ନ ଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଜଣେ ଉନ୍ନତ ପ୍ରଦର୍ଶନ କରିପାରିବ। ପୂର୍ବରୁ ଅନେକ ପିଲା ଦଶମ ଫେଲ୍ ହୋଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଆଇଏଏସ୍ ଆଇପିଏସ୍ ହେବାର ଅନେକ ନଜିର ରହିଛି। ଏପରି କ୍ଷେତ୍ରରେ ଓଏସ୍ଏସ୍ଏସ୍ସି କିପରି ଆଶାୟୀଙ୍କୁ ନିର୍ବୋଧ ମନେ କରୁଛି? ପରୀକ୍ଷା ସମୟର ସିସିଟିଭି ଭିଡିଓ, ପରୀକ୍ଷାରେ ବ୍ୟବହୃତ ସଫ୍ଟୱେଆର୍ ଓ ଆନୁସଙ୍ଗିକ ତଥ୍ୟ ସରକାରଙ୍କ ପାଖରେ ରହିଛି। ସେସବୁ ଅନୁଧ୍ୟାନ କରି କେଉଁ ପ୍ରକାର ଅନିୟମିତତା ହୋଇଛି ତାହା ପ୍ରଥମେ ସ୍ପଷ୍ଟ କରନ୍ତୁ। କେଉଁ ଆଧାରରେ ଏହି କାରଣ ଦର୍ଶାଅ ନୋଟିସ୍ କରିଛନ୍ତି ଓ କାରଣ ଦର୍ଶାଇବା ପୂର୍ବରୁ ସେମାନଙ୍କୁ କିପରି ଶାରୀରିକ ପରୀକ୍ଷାରୁ ବାଦ୍ ଦେଇଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ପରୀକ୍ଷାରେ ଅନିୟମିତତା ହେଇଥିବା ସେମାନେ ପୂର୍ବରୁ ଅଭିଯୋଗ କରିଥିଲେ। ଫଳରେ ସରକାର ତଦନ୍ତ ନିର୍ଦ୍ଦେଶ ଦେବାସହ ବିଳମ୍ବରେ ହେଲେ ମଧ୍ୟ ଅନିୟମିତତା ହୋଇଥିବା ସ୍ୱୀକାର କରିଛନ୍ତି। ନିଜ ବିଫଳତାକୁ ଘୋଡ଼ାଇବା ସହ ସରକାରୀ କଳରେ ଥିବା ଦଲାଲ୍‌ଙ୍କୁ ସୁରକ୍ଷା ଦେବାକୁ ଯାଇ ପରୀକ୍ଷାର୍ଥୀଙ୍କ ମୁଣ୍ଡରେ ଦୋଷ ଲଦି ଖସି ଯିବାକୁ ଉଦ୍ୟମ କରୁଥିବା କହିଛନ୍ତି। ନୋଟିସ୍ ପାଇଥିବା ପିଲାମାନେ ସ୍ୱଳ୍ପ ସମୟ ମଧ୍ୟରେ କଠିନ ପରିଶ୍ରମ କରି ପରୀକ୍ଷାରେ ସଫଳତା ପାଇଥିବା ଦର୍ଶାଇବେ। ସେତେବେଳେ ସରକାର ସେହି ପିଲାମାନେ ଦୋଷୀ ବୋଲି କେମିତି ପ୍ରମାଣ କରିବେ ବୋଲି ସେ ପ୍ରଶ୍ନ କରିଛନ୍ତି।

ଅନ୍ୟପକ୍ଷରେ ଏହି ମାମଲାରେ ସରକାର ଆଇନ୍ ଜାଲରେ ଛନ୍ଦି ହେବାକୁ ଯାଉଥିବା ଜଣେ ବରିଷ୍ଠ ଆଇନଜୀବୀ କହିଛନ୍ତି। ବିନା ପ୍ରମାଣରେ କାରଣ ଦର୍ଶାଅ ନୋଟିସ୍ ଦେଇଥିବାରୁ ଏବଂ କାରଣ ଦର୍ଶାଇବା ପୂର୍ବରୁ ସେମାନଙ୍କୁ ଶାରୀରିକ ପରୀକ୍ଷାରୁ ବାଦ୍ ଦେଇଥିବାରୁ ପିଲାମାନେ ନ୍ୟାୟାଳୟର ଦ୍ୱାରସ୍ଥ ହେବେ। ସେତେବେଳେ ଓଏସ୍ଏସ୍ଏସ୍ସିର ଦୂରଦୃଷ୍ଟିବିହୀନ ନିଷ୍ପତ୍ତି ପାଇଁ ଭର୍ତ୍ସିତ ହେବାର ଆଶଙ୍କା ରହିଛି। ଫଳରେ ସମଗ୍ର ନିଯୁକ୍ତି ପ୍ରକ୍ରିୟା ବିଳମ୍ବିତ ହେବ। ଅପରପକ୍ଷରେ ଅନିୟମିତତା ହୋଇଥିବା ସରକାର ସ୍ୱୀକାର କରିଥିବାର ସମ୍ପୂର୍ଣ୍ଣର୍ ପରୀକ୍ଷାକୁ ବାତିଲ କରି ପୁନଃ ପରୀକ୍ଷା କରିବାକୁ ବହୁ ଆଶାୟୀ ଦାବି କରିଛନ୍ତି।

## ■ ସରକାରୀ ପାଣ୍ଠି ହରିଲୁଟ୍

# ଦୁଇଭାଇ ଗିରଫ

ନୂଆପଡ଼ା/ଭବାନୀପାଟଣା,୨୨।୨(ସମିସ): ସିଏଫ୍‌ସି ଏବଂ ଏସ୍ଏଫସି ପାଣ୍ଠିକୁ ହରିଲୁଟ୍ କରିବା ମାମଲାରେ ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଘୁଚାଗୁଡ଼ା ଗ୍ରାମପଞ୍ଚାୟତର ପିଇଓ ସତ୍ୟବ୍ରତ ବରାଳ ଓ ତାଙ୍କ ଭାଇ ଉତ୍ତମ ବରାଳଙ୍କୁ ଗିରଫ କରିଛି ଭିଜିଲାନ୍ସ। ସେମାନଙ୍କ ନାମରେ ଟଙ୍କା ହେରଫେର ମାମଲା ରୁଜୁ ହୋଇଛି। ଏହି ମାମଲାରେ ଏକାଧିକ ବ୍ୟକ୍ତିଙ୍କ ସଂପୃକ୍ତି ଥିବାରୁ ଭିଜିଲାନ୍ସ ତଦନ୍ତ ଜାରି ରଖିଛି। ମିଳିଥିବା ସୂଚନା ଅନୁସାରେ କୁରେଶ୍ୱର ଗ୍ରାମପଞ୍ଚାୟତର ସରପଞ୍ଚ ବିଜୟଲକ୍ଷ୍ମୀ ବରାଳଙ୍କ ଦୁଇ ପୁଅ ହେଲେ ସତ୍ୟବ୍ରତ ଏବଂ ଉତ୍ତମ। ସେମାନଙ୍କ ସହ କୁରେଶ୍ୱର ଗ୍ରାମପଞ୍ଚାୟତର ପିଇଓ ବରୁଣ ଦାସ ୭ଲକ୍ଷ ୨୦ ହଜାର ୯୮୧ ଟଙ୍କା ସରକାରୀ ପାଣ୍ଠି ଲୁଟ୍ କରିଛନ୍ତି। ୨୦୨୪-୨୦୨୫ ମଧ୍ୟରେ କୁରେଶ୍ୱର ପଞ୍ଚାୟତ ଅଧୀନରେ ଥିବା ପାର୍କରେ ହାଇମାଷ୍ଟ ଲାଇଟ୍ ସ୍ଥାପନ, ଷ୍ଟ୍ରିଟ୍ ଲାଇଟ୍ ମରାମତି ଏବଂ ରକ୍ଷଣାବେକ୍ଷଣ, ବାହ୍ୟ ଜିମ୍ ଉପକରଣ ଯୋଗାଣ ଭଳି କାର୍ଯ୍ୟ ନ କରି ସିଏଫସି ଏବଂ ଏସଏଫସି ପାଣ୍ଠିରୁ ୭ଲକ୍ଷ ୨୦ ହଜାର ୯୮୧ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ସରପଞ୍ଚଙ୍କ ଦୁଇ ପୁଅଙ୍କ ଆକାଉଣ୍ଟକୁ ୪.୨ ଲକ୍ଷ ଟଙ୍କା ଯାଇଥିବା ବେଳେ ବାକି ୩ ଲକ୍ଷ ୯୮୧ ଟଙ୍କା କୁରେଶ୍ୱର ଗ୍ରାମପଞ୍ଚାୟତର ପିଇଓ ବରୁଣ ଦାସଙ୍କ ଆକାଉଣ୍ଟରେ ଜମା କରାଯାଇଛି । ଏହି ଅଭିଯୋଗ ପରେ ଭିଜିଲାନ୍ସ ଦୁଇ ଭାଇଙ୍କ ସହ ବରୁଣ ଦାସଙ୍କ ନାମରେ ମାମଲା ରୁଜୁ କରିଛି।

# ଗ୍ୟାସ୍ ସିଲିଣ୍ଡର୍ ଫାଟି ଜଳିଗଲା ୪ ଦୋକାନ

ବ୍ରହ୍ମପୁର/କୁକୁଡ଼ାଖଣ୍ଡି,୨୨ ।୨(ସମିସ)

ଶୁକ୍ରବାର ବିଳମ୍ବିତ ରାତ୍ରରେ ବ୍ରହ୍ମପୁର ସହର ଉପକଣ୍ଠ ଲାଠୀ ଗ୍ରାମ ପଞ୍ଚାୟତ ସମିତି କାର୍ଯ୍ୟାଳୟ ନିକଟରେ ଥିବା ୪ଟି ଦୋକାନରେ ଗ୍ୟାସ ସିଲିଣ୍ଡର ବିସ୍ଫୋରଣରୁ ହୋଇ ଅଗ୍ନିକାଣ୍ଡ ଘଟିଛି । ଏହି ଅଗ୍ନିକାଣ୍ଡରେ ଜଳିଗଲା ଲକ୍ଷାଧିକ

## ଲକ୍ଷାଧିକ ଟଙ୍କାର ସାମଗ୍ରୀ ଭସ୍ମ



ଟଙ୍କାର ସାମଗ୍ରୀ । ଖବର ପାଇ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ନିଆଁ ଆୟତ୍ତ କରିଥିଲେ । ସୂଚନାଯୋଗ୍ୟ ଯେ, ଲାଠୀ ପଞ୍ଚାୟତ ସମିତି କାର୍ଯ୍ୟାଳୟ ନିକଟରେ ଗୋବିନ୍ଦ ପାଣିଗ୍ରାହୀଙ୍କ ଏକ ସାଇକଲ ମରାମତି ଓ ସ୍ପେର ପାର୍ଟସ ଦୋକାନ ରହିଛି । ତାଙ୍କ ଦୋକାନ ପାଖରେ ଶିବନାଥ ଠାକୁରଙ୍କ ଏକ ଜଳିଖିଆ ଦୋକାନ ରହିଥିବା ବେଳେ ତାଙ୍କ ଦୋକାନ କଡରେ ଅର୍ଜୁନ ବେହେରାଙ୍କ ପନି ପରିବା ଦୋକାନ ଓ ଧାନକଳ ମାଲିକଙ୍କ ଏକ ଛୋଟ ଗୋଦାମ ଘର ରହିଛି । ବିଳମ୍ବିତ ରାତି ୨ଟା ବେଳେ ଶିବନାଥଙ୍କ ଜଳିଖିଆ ଦୋକାନରେ ଦୁଇଟି ଗ୍ୟାସ ସିଲିଣ୍ଡର ବ୍ଲାଷ୍ଟ ହୋଇଥିଲା । ଏହାର ଶବ୍ଦରେ ଲୋକେ ଭୟଭୀତ ହୋଇ ଯାଇଥିଲେ । ଗୋଟିଏ ପରେ ଗୋଟିଏ ଦୋକାନରେ ନିଆଁ ଲାଗି ସମ୍ପୂର୍ଣ୍ଣ ଭାବେ ଧ୍ୱଂସ ହେବା ସହ ସେଠାରେ ଥିବା ସମସ୍ତ ସାମଗ୍ରୀ ଜଳି ପୋଡି ପାଉଁଶ ହୋଇଯାଇଛି । ଦୋକାନ ଗୁଡ଼ିକରରେ ନିଆଁ ହୁତୁ ହୁତୁ ହୋଇ ଜଳୁଥିବା ଦେଖି କିଛି ଲୋକ ସରପଞ୍ଚ ରାଧା ମୋହନ ସେଠୀଙ୍କୁ ଜଣାଇଥିଲେ । ସରପଞ୍ଚ ଏନେଇ ଅଗ୍ନିଶମ ବିଭାଗକୁ ଖବର କରିଥିଲେ । ଅଗ୍ନିଶମ ବିଭାଗ କର୍ମଚାରୀ ପହଁଚିବା ପୂର୍ବରୁ ଘଟଣା ସ୍ଥଳରେ ଲୋକମାନେ ରୁଣ୍ଡ ହୋଇଯାଇଥିଲେ । ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଦୋକାନୀମାନେ ଅଭିଯୋଗ କରିଛନ୍ତି । ଅନ୍ୟପଟେ ଏହି ଅଗ୍ନିକାଣ୍ଡ ଫଳରେ କିଛି ବିଦ୍ୟୁତ ତାର ପୋଡିଯାଇଥିବା ବେଳେ ବିଦ୍ୟୁତ ବିଭାଗ ସରବରାହ ବନ୍ଦ କରି ଦେଇଥିଲା । ଯାହାଫଳରେ ରାତିସାରା ଗ୍ରାମବାସୀ ଅନ୍ଧାରରେ ରହିବାକୁ ପଡିଥିଲା ।

## ନାବାଳିକା ଦୁଷ୍କର୍ମ ଉଦ୍ୟମ; ଅଭିଯୁକ୍ତ ଗିରଫ



ବ୍ରହ୍ମପୁର ୨୨/୨(ସମିସ): ନାବାଳିକାକୁ ଅସଦାଚରଣ ଓ ଦୁଷ୍କର୍ମ ଉଦ୍ୟମ ମାମଲାରେ ଟାଉନ ଥାନା ଥାନା ପୁଲିସ ସ୍ଥାନୀୟ ଗେଟ ବଜାର ଜୟା ମଙ୍ଗଳ ନଗରର ରଞ୍ଜନ ମୃଦଙ୍ଗିଆ (୨୭)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ,୨୦୧୨ ମସିହାରେ ସ୍ଥାନୀୟ ଟାଉନ ଥାନା ଅଞ୍ଚଳର ଏକ ନାବାଳିକାକୁ ଅସଦାଚରଣ ସହ ଦୁଷ୍କର୍ମ ଉଦ୍ୟମ ମାମଲାରେ ପୁଲିସ ଅଭିଯୁକ୍ତ ରଞ୍ଜନକୁ ଗିରଫ କରିଥିଲା । ପରେ ସେ ଜାମିନରେ ଆସି ବିଚାରଣା ବେଳେ କୋର୍ଟରେ ହଜାର ହୋଇ ନ ଥିଲେ । ରଞ୍ଜନ କୋର୍ଟର ଆଦେଶକୁ ଅବମାନନା କରିବା ସହ ଦୀର୍ଘ ବର୍ଷ ଧରି ଫେରାରରହିଥିଲେ । ଫଳରେ କୋର୍ଟ ଅଭିଯୁକ୍ତ ରଞ୍ଜନଙ୍କ ନାଁରେ ଏନବିଡବ୍ଲ୍ୟୁ ଜାରି କରିଥିଲା । ସେହିକ୍ରମରେ ଶୁକ୍ରବାର ରାତିରେ କୌଣସି ସୂତ୍ରରୁ ଟାଉନ ଥାନା ପୁଲିସ ଅଭିଯୁକ୍ତ ରଞ୍ଜନକୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି ।

## ଚେନ୍ନାଇରୁ ମହିଳା ନିଖୋଜ; ମାମଲା ରୁଜୁ

ରଙ୍ଗେଇଲୁଣ୍ଡା,୨୨ ।୨(ସମିସ): ଗୋଳନ୍ଥରା ଥାନା ଅଞ୍ଚଳର ଜଣେ ମହିଳା ସ୍ୱାମୀଙ୍କ ସହ ଚେନ୍ନାଇରେ ରହୁଥିବାବେଳେ ସେଠାରୁ ନିଖୋଜ ଥିବା ଅଭିଯୋଗ ହୋଇଛି । ଅପରପକ୍ଷେ ଝିଅକୁ ତାଙ୍କ ସ୍ୱାମୀ ହତ୍ୟା କରି ଅନ୍ୟ କାହା ସହ ଫେରାର ହୋଇଯାଇଥିବା କହୁଛନ୍ତି ବୋଲି ବାପା ଅଭିଯୋଗ କରିଛନ୍ତି । ପୁଲିସ ଏକ ନିଖୋଜ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ଅଭିଯୋଗ ଅନୁଯାୟୀ କେଲୁଆପଲ୍ଲୀର ଭୀମସେନ ନାୟକଙ୍କ ଝିଅ ସଙ୍ଗୀତା ନାୟକ ନିଜ ଗାଁର ବିଘ୍ନେଶ ନାୟକଙ୍କୁ ୧୩ ବର୍ଷ ତଳେ ବିବାହ କରିଥିଲେ । ବିବାହ ପରଠାରୁ ଉଭୟ ଚେନ୍ନାଇ ରହି ଘରୋଇ କମ୍ପାନୀରେ ଚାକିରି କରି ଆସୁଥିଲେ । ଗତ ୧୫ ତାରିଖରେ ସଙ୍ଗୀତା ନିଖୋଜ ହୋଇଯାଇଥିବା ନେଇ ବିଘ୍ନେଶ ନିଜ ଗାଁ କେଲୁଆପଲ୍ଲୀକୁ ଆସି ଗତ ୧୮ ତାରିଖରେ ଗାଁର ଭଦ୍ରଲୋକଙ୍କୁ ସଙ୍ଗୀତା ସେଠାକାର ଜଣେ ଡ୍ରାଇଭର ସହ ଫେରାର ହୋଇଯାଇଥିବା ନେଇ ଅବଗତ କରାଇଥିଲେ । କିନ୍ତୁ ଘଟଣା ନେଇ ସଙ୍ଗୀତାଙ୍କ ପରିବାରକୁ କିଛି କହି ନଥିଲେ । ଏନେଇ ସଙ୍ଗୀତାଙ୍କ ବାପା ଜାଣିବା ପରେ ବିଘ୍ନେଶ ତାଙ୍କୁ ଝିଅକୁ ହତ୍ୟା କରିଦେଇ କାହା ସହ ପଳାଇ ଯାଇଥିବା କହୁଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ ପକ୍ଷରୁ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରାଯାଇଥିବା ଆଇଆଇସି ବିବେକାନନ୍ଦ ସ୍ୱାଇଁ କହିଛନ୍ତି ।

## କଣ୍ଠଶିଳ୍ପୀଙ୍କୁ ଅପହରଣ ପରେ ମାଡ଼ମାରି ଲୁଟ୍

ବ୍ରହ୍ମପୁର,୨୨ ।୨(ସମିସ): ଲାଞ୍ଜିପଲ୍ଲୀ ଓଭରବ୍ରିଜଠାରେ ଜଣେ ମେଲୋଡି କଣ୍ଠଶିଳ୍ପୀଙ୍କୁ ଉଠାଇନେଇ ମାଡ଼ ମାରିବା ସହ ତାଙ୍କଠାରୁ ଟଙ୍କା ଓ ମୋବାଇଲ ଲୁଟିନେଲେ ତିନିଜଣ ଦୁର୍ବୃତ୍ତ । ସୂଚନାପ୍ରକାରେ ସୁରଳ ଅନ୍ତର୍ଗତ କଇଠ ଗ୍ରାମର କାୟାଲୋଚନ ବେହେରା ୨ଦିନ ପୂର୍ବେ ଆମ୍ବପୁଆଠାରେ ଏକ ଭୋଜିର ମେଲୋଡି କାର୍ଯ୍ୟକ୍ରମ ସାରି ରାତି ସାଢେ ୧୧ଟା ବେଳେ କମାପଲ୍ଲୀ ଦେଇ ନିଜ ଘରକୁ ଫେରୁଥିଲେ । ଏହି ସମୟରେ ୩ ଜଣ ଦୁର୍ବୃତ୍ତ ତାଙ୍କ ଗାଡିକୁ ଓଭରବ୍ରିଜ ଶେଷରେ ଅଟକାଥିଲେ । ସେହି ଦୁର୍ବୃତ୍ତମାନେ ତାଙ୍କୁ ଧମକ ଦେଇ ମାର୍‌ପିଟ କରିବା ସହ ପର୍ସରୁ ୫ ହଜାର ଟଙ୍କା ବାହାର କରି ନେଇ ଯାଇଥିଲେ । ପରେ କାୟାଲୋଚନକୁ ଉଠାଇ ନେଇ ଲାଞ୍ଜିପଲ୍ଲୀ ବାଇପାସ୍ ନିକଟସ୍ଥ ବ୍ରହ୍ମାପଲ୍ଲୀକୁ ନେଇ ମାଡ ମାରିଥିଲେ । ଏହାପରେ ଦୁର୍ବୃତ୍ତମାନେ କାୟାଲୋଚନଙ୍କ ଫୋନ-ପେରୁ ୨ହଜାର ଟଙ୍କା ନେଇ ଯାଇଥିଲେ । ପରେ ମୋବାଇଲଟିକୁ ଲୁଟ କରି ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ । ଏନେଇ କଣ୍ଠଶିଳ୍ପୀ ଜଣକ ନୂଆଁ ମୋବାଇଲରେ ଫୋନ ପେ ଇନଷ୍ଟାଲ କରିବାକୁ ଜଣାପଡ଼ିଲା ଯେ, ଡ଼ି .ସରୋଜ ପାତ୍ରଙ୍କ ଆକାଉଣ୍ଟକୁ ତାଙ୍କ ମୋବାଇଲରୁ ଟଙ୍କା ଯାଇଛି । ବର୍ତ୍ତମାନ ପୁଲିସକୁ ସେ ଏନେଇ ଅବଗତ କରାଇଛନ୍ତି । କାୟାଲୋଚନ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

## ରହସ୍ୟଜନକ ଭାବେ ମହିଳା ନିଖୋଜ; ସ୍ୱାମୀଙ୍କ ଏତଲା

ଦିଗପହଣ୍ଡି,୨୨ ।୨(ସମିସ): ଚିକିଟି ବ୍ଲକ ଚାନ୍ଦପୁର ପଞ୍ଚାୟତ ବେଲପଙ୍କ ଗ୍ରାମର ରଞ୍ଜନ କୁମାର ଗୌଡ଼ଙ୍କ ସ୍ତ୍ରୀ ସନ୍ଧ୍ୟାରାଣୀ ଗୌଡ଼ ଗତ ୧୭ ଦିନ ହେଲା ନିଖୋଜ ଥିବା ଜଣାପଡିଛି । ନିଖୋଜ ଘଟଣା ସମ୍ପୂର୍ଣ୍ଣ ରହସ୍ୟମୟ ବୋଲି ତାଙ୍କ ସ୍ୱାମୀ ରଞ୍ଜନ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି । ଗତ ୫ ତାରିଖରେ ଦିଗପହଣ୍ଡି ଥାନା ବି. ତୁରୁବୁଡି ଗ୍ରାମରେ ରହୁଥିବା ରଞ୍ଜନଙ୍କ ଶାଶୂ ସବିତା ଗୌଡ଼ ବେଲପଙ୍କ ଗ୍ରାମକୁ ଆସି ତାଙ୍କ ଝିଅ ସନ୍ଧ୍ୟାରାଣୀ ଏବଂ ସାନ ନାତୁଣୀ ବେବିଙ୍କୁ ତାଙ୍କ ଘରକୁ ନେବାକୁ ଚାହିଁଥିଲେ । ରଞ୍ଜନ ମନା କରିବା ସତ୍ତ୍ୱେ ସ୍ତ୍ରୀ ସନ୍ଧ୍ୟାରାଣୀ ସାନ ଝିଅ ବେବିଙ୍କୁ ସାଙ୍ଗରେ ନେଇ ମାଆ ସହ ବି. ତୁରୁବୁଡି ଗ୍ରାମକୁ ଯାଇଥିଲେ । ସ୍ତ୍ରୀ ତାଙ୍କ ବାପ ଘରକୁ ଯିବାର ୪ ଦିନ ପରେ ରଞ୍ଜନ ତାଙ୍କୁ ଆଣିବା ପାଇଁ ଶ୍ୱଶୁର ଘରକୁ ଯାଇଥିଲେ । ତେବେ ସେଠାରେ ତାଙ୍କ ସ୍ତ୍ରୀ ନଥିବା ବେଳେ ସାନ ଝିଅ ସେଠାରେ ଥିବା ଦେଖିଥିଲେ । ସନ୍ଧ୍ୟାରାଣୀଙ୍କ ସମ୍ପର୍କରେ ସେ ଶାଶୁଙ୍କୁ ପଚାରିବାରୁ ସନ୍ଧ୍ୟାରାଣୀ ତାର ଅଜା ଘର ହିଞ୍ଜିଳି ବ୍ଲକ ଗୌଡ଼ପଲ୍ଲୀ ଗ୍ରାମକୁ ବୁଲି ଯାଇଥିବା କହିଥିଲେ । ଗୌଡ଼ପଲ୍ଲୀ ଗ୍ରାମରେ ମଧ ତାଙ୍କ ସ୍ତ୍ରୀ ସନ୍ଧ୍ୟାରାଣୀ ନଥିବା ରଞ୍ଜନ ଅନୁସନ୍ଧାନ କରିବା ପରେ ଜାଣିବାକୁ ପାଇଥିଲେ । ପରେ ସେ ଦିଗପହଣ୍ଡି ଥାନାରେ ପହଞ୍ଚି ତାଙ୍କ ସ୍ତ୍ରୀଙ୍କ ରହସ୍ୟଜନକ ନିଖୋଜ ଘଟଣା ସମ୍ପର୍କରେ ଥାନାରେ ଏତଲା ଦେଇଛନ୍ତି । ଏତଲାକୁ ଭିତ୍ତିକରି ଆଇଆଇସି ପ୍ରଶାନ୍ତ କୁମାର ପାତ୍ର ଥାନା ନିଖୋଜ ମାମଲା ନଂ.୬/୨୫ ଅନୁଯାୟୀ ମକଦ୍ଦମା ରୁଜୁ କରିବା ସହ ଘଟଣାର ତଦନ୍ତ ଚଳାଇଛନ୍ତି । ତଦନ୍ତକାରୀ ଅଧିକାରୀ ଏସ.ଆଇ ସୋଫିଆ ମିଶ୍ର ସଦଳବଳେ ବିଭିନ୍ନ ସନ୍ଦିଗ୍ଧ ଅଞ୍ଚଳରେ ଚଢ଼ଉ କରିଥିଲେ ମଧ ନିଖୋଜ ସନ୍ଧ୍ୟାରାଣୀଙ୍କ ସନ୍ଧାନ ମିଳିପାରିନାହିଁ ।

## ଅପରାଧ ରୋକିବାକୁ ହୋଟେଲ୍ ମାଲିକଙ୍କ ସହ ପୁଲିସର ବୈଠକ



ବ୍ରହ୍ମପୁର,୨୨ ।୨(ସମିସ): ଗୋପାଳପୁର ଥାନା ଅଞ୍ଚଳରେ ଦିନକୁ ଦିନ ଚୋରି, ଡକାୟତି ବଢ଼ିବାର ଲାଗିଛି । ଏହାକୁ ଦୃଷ୍ଟିରେ ରଖି ଗୋପାଳପୁର ଥାନାରେ ହୋଟେଲ ମାଲିକ ସହ ଆଲୋଚନା କରିଛନ୍ତି ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକ । ଚୋରି, ଡକାୟତି ରୋକିବା ପାଇଁ ଜାତୀୟ ରାଜପଥରେ ଥିବା ଢ଼ାବା, ହୋଟେଲ ମାଲିକଙ୍କ ସହ ବିଭିନ୍ନ ବିଷୟ ସେ ଆଲୋଚନା କରିଥିଲେ । ରାତ୍ର ୧୧ ଘଣ୍ଟା ପର୍ଯ୍ୟନ୍ତ ଢ଼ାବା ଖୋଲିବା, ହୋଟେଲ ବାହାର ଓ ଭିତରେ ସିସି କ୍ୟାମେରା ଲଗାଇବା, କୌଣସି ଅଘଟଣ ଘଟିଲେ କିମ୍ବା ସୂଚନା ମିଳିଲେ ତୁରନ୍ତ ପୁଲିସକୁ ଖବର ଦେବା ଏବଂ ଢ଼ାବା ଓ ହୋଟେଲ ମାନଙ୍କରେ ଶାନ୍ତି ଶୃଙ୍ଖଳା ରଖିବା ଆଦି ଉପରେ ଆଲୋଚନା କରିଥିଲେ । ଆଲୋଚନା ବେଳେ ଥାନା ଅଧିକାରୀଙ୍କ ସମେତ ଏଏସଆଇ ବି. ତିରୁପତି ରାଓ ଉପସ୍ଥିତ ଥିଲେ ।

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଜାତୀୟ ପାଠଚକ୍ର

ବ୍ରହ୍ମପୁର,୨୨ ।୨(ସମିସ): ଖଲ୍ଲିକୋଟ ଏକକ ବିଶ୍ୱବଦ୍ୟାଳୟ ଗଣିତ ବିଭାଗରେ ଦ୍ୱିଦିବସୀୟ ଜାତୀୟ ପାଠଚକ୍ର ଅନୁଷ୍ଠିତ ହୋଇଛି । ପାର୍ସିଆଲ ଡ଼ିଫରେନସିଆଲ ଇକ୍ୟୁଏସନ ଆନ ଆପ୍ଲିକେସନ ଟୁ ଅପଟିମାଇଜେସନ ଟେକିନିକ ଶୀର୍ଷକୁ ନେଇଅନୁଷ୍ଠିତ ପାଠଚକ୍ରରେ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧକ୍ଷା ପ୍ରଫେସର ପଦ୍ମିନୀ ସାହୁ ଉଦଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ମୁକୁଟମଣି ତ୍ରିପାଠୀ ଯୋଗଦେଇ ଗଣିତ ସହ ଅନ୍ୟାନ୍ୟ ବିଦ୍ୟାର ସମ୍ପର୍କ ବିଷୟରେ ଆଲୋକପାତ କରିଥିଲେ । ସମ୍ମାନୀତ ଅତିଥି ଭାବେ ଖଡ଼ଗପୁର ସ୍ଥିତ ଆଇଆଇଟିର ପ୍ରଫେସର ଗୀତାଞ୍ଜଳି ପଣ୍ଡା ଯୋଗ ଦେଇଥିବା ବେଳେ ବକ୍ତାଭାବେ ପ୍ରଫେସର ସି. ନାୟକ ଯୋଗ ଦେଇଥିଲେ । ବିଭାଗର ସଂଯୋଜକ ଡ଼. ମନୋଜ କୁମାର ପଟ୍ଟନାୟକ ଅତିଥି ମାନଙ୍କୁ ସ୍ୱାଗତ କରିବା ସହ ପାଠ୍ୟଚକ୍ର ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ବିଶ୍ୱବିଦ୍ୟାଳୟର ଅଧାପକ ଅଶୋକ ମୁଦୁଲି କାର୍ଯ୍ୟକ୍ରମ ପରିଚାନା କରିଥିବା ବେଳେ ଅଧାପକ ଇନ୍ଦ୍ରଜିତ ସୁଆର ଧନ୍ୟବାଦ ପ୍ରଦାନ କରିଥିଲେ ।

## ୪ ଚୋରି ବାଇକ୍ ଜବତ

ବେଲଗୁଣ୍ଠା,୨୨ ।୨(ସମିସ): ଶନିବାର ସକାଳ ଏଗାର ଘଣ୍ଟା ସମୟରେ ଭୁବନେଶ୍ୱର କମିଶନରେଟ୍ ପୁଲିସର ଏକ ଟିମ୍ ବେଲଗୁଣ୍ଠା-ଜଗନ୍ନାଥପ୍ରସାଦ ରୋଡ୍‌ରେ ଥିବା ଏକ ଗ୍ୟାରେଜ୍ ଉପରେ ଅତର୍କିତ ଚଢ଼ଉ କରିଥିଲେ । ଚଢ଼ଉ ବେଳେ ଗ୍ୟାରେଜ୍‌ରୁ ହିରୋ କମ୍ପାନିର ତିନୋଟି ଏଚ୍‌ଏଫ୍ ଡିଲକ୍ସ ମୋଟରସାଇକେଲ୍ ସହିତ ଚକ ଏବଂ ଯନ୍ତ୍ରପାତି ଅଲଗା ଅଲଗା ହୋଇଥିବା ଅନ୍ୟ ଏକ ମୋଟରସାଇକେଲ୍ ଜବତ କରିଥିଲେ । ଗାଡ଼ି ଗୁଡ଼ିକୁ କୌଣସି ଚୋରି ଏଜେଣ୍ଟ ଏଠାରେ ବିକ୍ରି କରିଥିବା ବେଳେ ବିଭିନ୍ନ ଚୋରଙ୍କ ସୂଚନା ପ୍ରକାରେ କମିଶନରେଟ୍ ପୁଲିସ୍ ଏଠାରେ ଚଢାଉ କରିଥିଲା । ଏଥିରୁ ଗୋଟିଏ ନମ୍ବରରେ ଦୁଇଟି ବାଇକ୍ ଥିବା ସୂଚନା ମିଳିଛି ଓ ବାଇକ୍ ଗୁଡିକରେ ଗଞ୍ଜାମ, ଖୋର୍ଦ୍ଧା ଜିଲ୍ଲା ଅନୁସାରେ ବିଭିନ୍ନ ଜାଲ୍ ନମ୍ବର୍ ସଂଯୋଗ କରାଯାଇ ବଜାରରେ ବୁଲୁଥିଲା । ଗାଡ଼ି ଗୁଡିକୁ ଜବତ କରି କମିଶନରେଟ୍ ପୁଲିସ୍ ବେଲଗୁଣ୍ଠା ଥାନାରେ ଜିମା ଦେଇଥିଲା । ଚଢ଼ଉରେ ବେଲଗୁଣ୍ଠା ପୁଲିସ୍ ସହଯୋଗ କରିଥିଲେ । ଗ୍ୟାରେଜ୍ ମାଲିକକୁ ପୁଲିସ ସାଙ୍ଗରେ ନେଇ ଯାଇଥିବା ବେଳେ ତାଠାରୁ ଗାଡ଼ିର ବିକା କିଣା ସମ୍ପର୍କରେ ଅଧିକ ତଥ୍ୟ ମିଳିବାର ସମ୍ଭାବନା ଅଛି ।

## ଆସିକା ଓକିଲ ସଙ୍ଘ କାର୍ଯ୍ୟାଳୟରେ ଚକ୍ଷୁ ପରୀକ୍ଷା ଶିବିର

ଆସିକା,୨୨।୨(ସମିସ): ଶନିବାର ଦିନ ଆସିକା ଓକିଲ ସଙ୍ଘ କାର୍ଯ୍ୟାଳୟ ପରିସରରେ ସମରଝୋଲୋ ଶଙ୍କର ନେତ୍ରାଳୟ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ଯାଇଯାଇଛି । ଆସିକା ଓକିଲ ସଙ୍ଘ କାର୍ଯ୍ୟାଳୟରେ ଶଙ୍କର ନେତ୍ରାଳୟର ଡାକ୍ତରୀ ଟିମ ଉପସ୍ଥିତ ରହି ଚକ୍ଷୁ ପରୀକ୍ଷା କରିଥିଲେ । ପାଖାପାଖି ୬୦ ଜଣ ଚକ୍ଷୁ ପରୀକ୍ଷା କରିଥିବା ବେଳେ ସହଯୋଗ କରିଥିଲେ ଓକିଲ ସଙ୍ଘ ସଭାପତି ସୁଧାଂଶୁ କୁମାର ପଣ୍ଡା, ସମ୍ପାଦକ ବିଦେଶୀ ନାହାକ, ଉପସଭାପତି ପ୍ରଭାତ ପାଢ଼ୀ, ସହ ସମ୍ପାଦକ ରାଘବ ନାହାକ । ଏହି ଚକ୍ଷୁ ଶିବିରରେ କୋର୍ଟର ବିଚାରପତି, ଆଇନଜୀବୀ ଏବଂ କୋର୍ଟର କର୍ମଚାରୀମାନେ ଚକ୍ଷୁ ପରୀକ୍ଷା କରାଇଥିଲେ ।

## ଆନ୍ଧ୍ରରେ ଅଟକ ୩ ଓଡ଼ିଆ ମହିଳା ଘରକୁ ଫେରିଲେ

ଦିଗପହଣ୍ଡି,୨୨ ।୨(ସମିସ): ଆନ୍ଧ୍ରପ୍ରଦେଶରେ ଅଟକ ଥିବା ୩ ଜଣ ସଡ଼ିଆ ମହିଳା ଶନିବାର ଘରକୁ ଫେରିଛନ୍ତି । ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଭ୍ରମରପୁର ଗ୍ରାମର ଲକ୍ଷ୍ମୀ ଓରଫ ବେବିନା ସେଠୀ, ସୁବୁଦ୍ଧି ନାୟକ ଏବଂ ଶ୍ରୀୟା ନାୟକ ନାମ୍ନୀ ୩ ମହିଳା ଶ୍ରମିକ ଆନ୍ଧ୍ରପ୍ରଦେଶର ପଶ୍ଚିମ ଗୋଦାବରୀ ଜିଲ୍ଲା ଅନ୍ତର୍ଗତ ମଙ୍ଗଳତୁରୁ ନିକଟ ଭାରମା ମେରାଇନ ସ୍ଥିତ ଏକ ଚିଙ୍ଗୁଡ଼ି ପ୍ରୋସେସିଂ ଫାର୍ମରେ ଦୀର୍ଘଦିନ ହେଲା ଅଟକ ଥିବା ନେଇ ଖବର ପ୍ରସାରଣ ହୋଇଥିଲା । ଏନେଇ ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା । ପରିବାର ଲୋକେ ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ସୀତାରାମ ସେଠୀଙ୍କୁ ଅବଗତ କରିବା ପରେ ସେ ଫୋନ ଯୋଗେ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ କଥା ହୋଇଥିଲେ । ସରପଞ୍ଚଙ୍କ ହସ୍ତକ୍ଷେପ ପରେ କମ୍ପାନୀ ମ୍ୟାନେଜର ମହିଳାମାନଙ୍କୁ ସେମାନଙ୍କ ମଜୁରି ଅର୍ଥରାଶି ପ୍ରଦାନ କରିବା ସହ ଗାଁକୁ ଫେରିବା ନିମନ୍ତେ ୩ ହଜାର ଟଙ୍କା ଗସ୍ତ ଖର୍ଚ୍ଚ ପ୍ରଦାନ କରିଥିବା ଜଣାପଡ଼ିଛି । ଗ୍ରାମର ୩ ମହିଳା ଜଣେ ଶ୍ରମିକ ଦଲାଲଙ୍କ କଥାରେ ପ୍ରଭାବିତ ହୋଇ ପରିବାର ପୋଷଣ ପାଇଁ ଆନ୍ଧ୍ରର ଉକ୍ତ ଚିଙ୍ଗୁଡ଼ି ଫାର୍ମରେ କାମ କରିବାକୁ ଯାଇଥିଲେ । ତେବେ ଗାଁରେ ରହୁଥିବା ଲକ୍ଷ୍ମୀଙ୍କ ମା'ଙ୍କର ଦେହ ଆକସ୍ମିକ ଖରାପ ହେବାରୁ ତାଙ୍କ ଭାଇ ଲକ୍ଷ୍ମୀଙ୍କୁ ଫୋନ ଯୋଗେ ଜଣାଇବା ସହ ସେ ଗାଁକୁ ଫେରି ଆସିବାକୁ କହିଥିଲେ । ଲକ୍ଷ୍ମୀ ଗାଁକୁ ଯିବା ପାଇଁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଗୁହାରି କରିଥିଲେ ମଧ୍ୟ କୌଣସି ସୁଫଳ ମିଳିବା ପରିବର୍ତ୍ତେ ଓଲଟି ତାଙ୍କୁ ସେଠାରେ ନିୟୋଜିତ କିଛି କର୍ମଚାରୀ ହତ୍ୟା ଧମକ ସହ ନାନାଦି ନିର୍ଯାତନା ଦେଉଥିଲେ । ଲକ୍ଷ୍ମୀ ଲୁଚି ଛପି ଫୋନ ଯୋଗେ କାନ୍ଦି କାନ୍ଦି ଘଟଣା ସବୁ ପରିବାର ଲୋକଙ୍କୁ ଜଣାଇଥିଲେ ।

### ଆକ୍ରମଣ ପ୍ରତି ଆକ୍ରମଣ ମାମଲା

## ପୁଲିସ ପକ୍ଷରୁ ପୃଥକ ମକଦ୍ଦମା ରୁଜୁ

ଦିଗପହଣ୍ଡି,୨୨ ।୨(ସମିସ): ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ପଞ୍ଚାୟତ ସମିତି ସଭ୍ୟ ଶିବରାମ ମହାନ୍ତି ଏବଂ ତାଙ୍କ ପ୍ରତିପକ୍ଷ ପ୍ରଦୀପ ମହାନ୍ତିଙ୍କ ମଧ୍ୟରେ ପୂର୍ବ ଶତ୍ରୁତାକୁ ନେଇ ଆକ୍ରମଣ ପ୍ରତି ଆକ୍ରମଣ ହୋଇଥିବା ଜଣାପଡିଛି । ଏନେଇ ଥାନାରେ ଉଭୟ ପକ୍ଷ ଏତଲା ଦେବାପରେ ପୁଲିସ ପୃଥକ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛନ୍ତି । ଗତ ବୁଧବାର ରାତି ପ୍ରାୟ ୯ଟାରେ ଉଭୟଙ୍କ ମଧ୍ୟରେ କୌଣସି କଥାକୁ ନେଇ ପ୍ରଥମେ ବଚସା ହୋଇଥିଲା । ପରେ ଏହା ଉଗ୍ରରୂପ ନେଇ ଉଭୟେ ଉଭୟଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ । ପ୍ରଦୀପଙ୍କ ଆକ୍ରମଣରେ ସମିତି ସଭ୍ୟ ଶିବରାମଙ୍କ ମୁହଁ ଓ ହାତରେ କ୍ଷତ ହୋଇଥିବା ବେଳେ କାତି ମାଡରେ ପ୍ରଦୀପଙ୍କ ବାମ ହାତରେ ଗଭୀର କ୍ଷତ ହେବାରୁ ସେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଜଣାପଡିଛି । ଶିବରାମ ଗତ ସୋମବାର ସନ୍ଧ୍ୟାରେ ବଜାରରୁ ପରିବା ଧରି ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ପ୍ରଦୀପ ଓ ତାଙ୍କ ୨ ସହଯୋଗୀ ଶିବରାମଙ୍କୁ ଅଟକାଇ ମଦ ମାଗିଥିଲେ । ଏଥିରେ ଅରାଜି ହେବାରୁ ତାଙ୍କୁ ସେମାନେ ହତ୍ୟା ଧମକ ଦେଇଥିଲେ ବୋଲି ଶିବରାମ ତାଙ୍କ ଏତଲାରେ ଉଲ୍ଲେଖ କରିଛନ୍ତି । ଦାଦାବଟି ହିସାବରେ ଟଙ୍କା ମାଗିଥିଲେ । ଏହାର ୨ ଦିନ ପରେ ପ୍ରଦୀପ ଶିବରାମଙ୍କୁ ଗାଳିଗୁଲଜ କରିବାରୁ ଶିବରାମ ପ୍ରତିବାଦ କରିଥିଲେ । ପ୍ରଦୀପ ଏକ ଲୁହାଛଡ଼ ଧରି ତାଙ୍କୁ ଆକ୍ରମଣ ପାଇଁ ଆସିବାରୁ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା ଏଥିରେ ଶିବରାମ ଆହତ ହୋଇଥିଲେ । ଅନ୍ୟପକ୍ଷରେ ପ୍ରଦୀପଙ୍କ ମାଆ ମନୁ ମହାନ୍ତି ଶିବରାମଙ୍କ ବିରୋଧରେ ଏତଲା ଦେଇଛନ୍ତି । ଶିବରାମ ତାଙ୍କ ଘରକୁ ଆସି ପ୍ରଦୀପଙ୍କୁ ଗାଳିଗୁଲଜ କରିଥିଲେ । ପରେ ଏକ କାତିରେ ପ୍ରଦୀପଙ୍କୁ ଘରେ ପଶି ଆକ୍ରମଣ କରିଥିବା ଏତଲାରେ ଉଲ୍ଲେଖ ରହିଛି । ଉଭୟପକ୍ଷଙ୍କ ଏତଲାକୁ ଭିତ୍ତିକରି ଥାନା ମାମଲା ନଂ. ୭୬/୨୫ ଏବଂ ୭୭/୨୫ ଅନୁଯାୟୀ ମକଦ୍ଦମା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଆଇଆଇସି ପ୍ରଶାନ୍ତ କୁମାର ପାତ୍ର କହିଛନ୍ତି ।

## ମାତୃଭାଷା ଦିବସ ଓ ବାର୍ଷିକ ଉତ୍ସବ

ରମ୍ଭା,୨୨ ।୨(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ଝାରେଡି ରାଧାଗୋବିନ୍ଦପୁର ପଞ୍ଚାୟତ ଅଧିନସ୍ଥ ଆର୍. ବିଞ୍ଚିଣାପଲ୍ଲୀ ପ୍ରାଥମିକ ବିଦ୍ୟାଳୟରେ ପରିଚାଳନା କମିଟିର ସଭାପତି ପଦ୍ମଚରଣ ବେହେରାଙ୍କ ଅଧକ୍ଷତାରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଝାରେଡି ରାଧାଗୋବିନ୍ଦପୁର ପଞ୍ଚାୟତର ସରପଞ୍ଚ ସିଦ୍ଧେଶ୍ୱର ନାହାକ, ସମ୍ମାନୀତ ଅତିଥି ଭାବେ ସିପକୁଦା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ସାହୁ, ବିଦ୍ୟାଳୟ ମାତୃ କମିଟିର ଅଧକ୍ଷା ସଂଗୀତା ବେହେରା, ଅଙ୍ଗନବାଡ଼ି କର୍ମୀ ଆରତୀ ପ୍ରଧାନ ଓ ମୁଖ୍ୟବକ୍ତା ଭାବେ ପାଲୁର କ୍ଲଷ୍ଟର ସିଆରସିସି ଅତିନ୍ଦୀୟ ପାଟଯୋଷୀ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କ ମାତୃଭାଷା ଶିକ୍ଷଣ ଉପରେ ଆଲୋକପାତ କରିଥିଲେ । ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦାଶରଥି ମଲ୍ଲିକ ବାର୍ଷିକ ବିବରଣୀ ପଠନ କରିଥିଲେ । ମାତୃଭାଷା ଦିବସ ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ସହକାରୀ ଶିକ୍ଷକ ଶେଷଦେବ ବେହେରା ପରିଚାଳନା କରିବା ସହ ଧନ୍ୟବାଦ୍ ଅର୍ପଣ କରିଥିଲେ କରିଥିଲେ ।

## ସାତମାଇଲ-କୁଡୁଡ଼ା-ବାଘଶାଳା ରାସ୍ତା ଶୋଚନୀୟ

ଗୋଷାଣି,୨୨ ।୨(ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଅନ୍ତର୍ଗତ ସାତମାଇଲ-କୁଡୁଡା-ବାଘଶାଳା ରାସ୍ତା ଶୋଚନୀୟ ହୋଇପଡିଛି । ଏହି ରାସ୍ତା ଉପରେ ନିର୍ଭା କରୁଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପୂର୍ତ୍ତ ବିଭାଗ ଅଧିନରେ ଥିବା ପ୍ରାୟ ୩ କିମି ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ହୋଇଯାଇଛି । ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଓ ରକ୍ଷଣାବେକ୍ଷଣର ଅଭାବ ଯୋଗୁଁ ରାସ୍ତା ମରଣଯନ୍ତା ପାଲଟିଛି । ଏହି ରାସ୍ତାରେ ଦୁଇ ଚକିଆ ଯାନ ଠାରୁ ଆରମ୍ଭ କରି ଚାରିଚକିଆ ଯାନ, ଯାତ୍ରୀବାହୀ ବସ୍ ଓ ଅଟୋ ଯାତାୟତ କରୁଛି । ହେଲେ ରାସ୍ତା ଖାଲଖମାରେ ଭରିଯାଇଥିବାରୁ ପ୍ରତିଦିନ ଏହି ରାସ୍ତାରେ ଛୋଟବଡ ଦୁର୍ଘଟଣା ଘଟୁଛି । ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ବୟସ୍କ ଲୋକେ ଏହି ରାସ୍ତାଦେଇ ଜିଲ୍ଲାର ସଦରମହକୁମା ପାରଳାଖେମୁଣ୍ଡି ଓ ଗୋଷାଣି ବ୍ଲକ ମୁଖ୍ୟାଳୟକୁ ବିଭିନ୍ନ କାମରେ ଯାତାୟତ କରୁଥିବା ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାସ୍ତାରେ ଖାଲଖମା ଯୋଗୁଁ ଗାଡିରୁ ପଡି ଆହତ ହେଉଛନ୍ତି ତ ଆଉ କେତେବେଳେ ଗାଡି ଭାଙ୍ଗିରୁଜି ଦୁର୍ଘଟଣାର ଶିକାର ହେଉଥିବା ବହୁ ନଜିର ରହିଛି । ସମସ୍ୟା ସମ୍ପର୍କରେ ସ୍ଥାନୀୟ ଜନପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ଗ୍ରାମବାସୀ ବାରମ୍ବାର ବ୍ଲକ କାର୍ଯ୍ୟାଳୟ, ପୂର୍ତ୍ତବିଭାଗ ଓ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହେଲେ ମଧ କୌଣସି ପ୍ରକାର ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି । ନିରାଶ ହୋଇ ଶେଷରେ ଏହି ରାସ୍ତା ତୁରନ୍ତ ନିର୍ମାଣ କରା ନ ଗଲେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି ।



### ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ମହୋତ୍ସବ

## ଦିନରେ ସ୍ୱାସ୍ଥ୍ୟ ପରୀକ୍ଷା; ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ

ବ୍ରହ୍ମପୁର,୨୨ ।୨(ସମିସ)



ୟୁସିପି ଇଞ୍ଜିନିୟରିଂ କଲେଜ ଖେଳ ପଡିଆରେ ଚାଲିଥିବା ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ମହୋତ୍ସବ ୪ର୍ଥ ଦିନରେ ପହଞ୍ଚିଛି । ସ୍ୱାସ୍ଥ୍ୟ ମହୋତ୍ସବ କମିଟିର ସଭାପତି ବିଜୟ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ରୋଗୀଙ୍କ ସଠିକ୍ ସମୟରେ ରୋଗ ନିରୂପଣ କରାଗଲେ ରୋଗୀ ଉପକୃତ ହେବେ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀ, ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ବିଜୟ କୁମାର ପଣ୍ଡା, ମୁଖ୍ୟବକ୍ତା ଡିପିଏମଓ ଶ୍ୟାମ ସୁନ୍ଦର ତ୍ରିପାଠୀ, କୃଷ୍ଣ ଚନ୍ଦ୍ର ପଣ୍ଡା ଓ ଏଆଇପିର କାର୍ଯ୍ୟକାରୀ ସଭାପତି ନବୀନ ମହାପାତ୍ର ପ୍ରମୁଖ ଅତିଥି ରୁପେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ପୁପିନ୍ଦର ଓ ଗୁନ ଗୁନ ସାଂସ୍କୃତିକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ସାଂସ୍କୃତିକରେ ଓଲିଉଡର ବହୁ କଳାକାର ଆସି ବହୁ ଗୀତ ସଙ୍ଗୀତ ବହୁ ସ୍ଥାନୀୟ କଳାକାରଙ୍କ ଯାଦୁରେ ଦର୍ଶକ ମତୁଆଲା ହୋଇଥିଲେ । ସ୍ୱାସ୍ଥ୍ୟ ମହୋତ୍ସବରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ବିତରଣ କରାଯାଇଥିଲା । ଏହା ସହ ବହୁ ଅଭିଜ୍ଞ ଡାକ୍ତରଙ୍କ ଯୋଗ ନେଇ ବିଭିନ୍ନ ରୋଗର ସମ୍ପର୍କୀୟ ସଚେତନ କରିଥିଲେ । କାର୍ଯ୍ୟକ୍ରମରେ ଖ୍ୟାତନାମା ଅଭିନେତ୍ରୀ ଡ. ଶୀତଲ ପାତ୍ର ଯୋଗ ଦେଇ ଦର୍ଶକ ମାଧ୍ୟମରେ ସଭିଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମରେ ମହୋତ୍ସବ କମିଟିର ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ପଣ୍ଡା ଦ୍ୱିତୀୟ ଦିବସରେ ବୀବରଣୀ ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନବୀନ କୁମାର ମହାପାତ୍ର, କାର୍ଯ୍ୟକାରୀ ସଭାପତି ନାରାୟଣ ମହାକୁଡ଼, ଦେବାଶିଷ ପଣ୍ଡା, ବିଜୟ ଅଧିକାରୀ, ରୋହିତ ପରିଡ଼ା, ସୀତାଂଶୁ ପଣ୍ଡା ରାଜୀବ ମିଶ୍ର, ଟୁଟୁ ବେହେରା, ସାଧନା ପାଢ଼ୀ, ନିବେଦିତା ପାଢ଼ୀ, ତପନ ପଣ୍ଡା, ନାଗେଶ୍ୱର ପୃଷ୍ଟି, କେଦାର ନାଥ ଜେନା, ଡ଼ା କିରଣ ପାଣିଗ୍ରାହି, କୃଷ୍ଣ ଚନ୍ଦ୍ର ପାଢି, ସୁଶାନ୍ତ କୁମାର ପାଳ ଓ ଲୋକ ସମ୍ପର୍କ ଅଧିକାରୀ ସୁଦୀପ ସାହୁଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ ।

# ଦାଦନ ଖଟିବାକୁ ଯାଇ ଦୁର୍ଘଟଣାରେ ଯୁବକ ମୃତ



**କମର୍ଦ୍ଦା, ୨୨।୨(ସମିସ):** ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଜଣେ ଓଡ଼ିଆ ଯୁବକଙ୍କ ସେଠାରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମୃତକ ହେଲେ, ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କମର୍ଦ୍ଦା ଗ୍ରାମର ଚକ୍ରଧର ପାତ୍ରଙ୍କ ପୁଅ ଶିଶିର (୩୨)। ବାପା-ମା'ଙ୍କ ଏକମାତ୍ର ରୋଜଗାରିଆ ପୁଅ ଶିଶିର ଚେନ୍ନାଇର ତ୍ରିପୁରଠାରେ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ଗତ ୧୬ ତାରିଖ ରବିବାର ରାତିରେ କାମ ସାରି ରୁମ୍‌କୁ ଫେରୁଥିଲା ବେଳେ ତାଙ୍କ ବାଇକ୍ ସହ ଅନ୍ୟ ଏକ ବାଇକ୍‌ର ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ନିକଟସ୍ଥ ଏକ ଡାକ୍ତରଖାନାକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗତ ଗୁରୁବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଛି। ଖବର ପାଇ କମର୍ଦ୍ଦା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ମଜୁରି ଲାଗିଥିବା ଶିକ୍ଷକଙ୍କୁ ମିଳିଲା ଦରମା

**ବଲାଙ୍ଗିର, ୨୨।୨(ସମିସ):** ବଲାଙ୍ଗିର ଜିଲ୍ଲା ପୁଇଁତଳା ବ୍ଲକ୍ ଅଧୀନ ବାନ୍ଧନବାହାଲ ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ମୂଲ ଲାଗିବାକୁ ଯିବା ପରେ ଶିକ୍ଷା ବିଭାଗର ଚେତା ପଶିଛି। ଆଜି ଏକ୍ସ କ୍ୟାଡର୍‌ର ସହକାରୀ ଶିକ୍ଷକ ପ୍ରଭୁଦତ୍ତ ସାହୁ ଓ ଅନ୍ୟ ଶିକ୍ଷକମାନଙ୍କ ଆକାଉଣ୍ଟକୁ ଦରମା ଯାଇଥିବା ଜଣାପଡ଼ିଛି। ପ୍ରକାଶ ଯେ ତିନି ମାସ ହେଲା ଦରମା ମିଳି ନ ଥିବା ଅଭିଯୋଗ କରି ମଜୁରି କାମ ଯିବାକୁ ପ୍ରଭୁଦତ୍ତ ସାହୁ ବିଦ୍ୟାଳୟରେ ଛୁଟି ଆବେଦନ କରିଥିଲେ। ଗତ ୧୯ ତାରିଖ ଦିନ ସେ ଛୁଟି ଦରଖାସ୍ତ କରିଥିବା ବେଳେ ୨୦ ତାରିଖ ଦିନ ଛୁଟିରେ ରହି ଗ୍ରାମର ଜଣେ ବ୍ୟକ୍ତିଙ୍କ ପରିବା କିଆରିରେ ମୂଲ ଲାଗିଥିଲେ। ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହେବା ପରେ ସାରା ରାଜ୍ୟରେ ଚହଳ ସୃଷ୍ଟି କରିଥିଲା। ଶିକ୍ଷକମାନଙ୍କ ପ୍ରତି ଶିକ୍ଷା ବିଭାଗର ଏଭଳି ଅବହେଳାକୁ ଚାରିଆଡୁ ନିନ୍ଦା କରାଯାଇଥିଲା। ପରେ ଶିକ୍ଷା ବିଭାଗ ତରଫରୁ ଏକ୍ସ କ୍ୟାଡର୍ ଶିକ୍ଷକମାନଙ୍କୁ ଦରମା ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

## ୭୩ତମ ରାଜ୍ୟ ପୁଲିସ ଆଥଲେଟିକ ଚାମ୍ପିୟନସିପ୍ ଉଦଘାଟିତ

**କଟକ,୨୨।୨(ସମିସ):** ଆଜି କଟକ ବକ୍ସି ବଜାରସ୍ଥିତ ରିଜର୍ଭ ପୁଲିସ ପଡିଆ ଠାରେ ୭୩ତମ ରାଜ୍ୟ ପୁଲିସ ଆଥଲେଟିକ ଚାମ୍ପିୟନସିପ୍ – ୨୦୨୫ ଉଦଘାଟିତ ହୋଇଯାଇଛି । ଗୁଇନ୍ଦା ନିର୍ଦ୍ଦେଶକ ଆର. ପି. କୋଚେ, ଏହି ଏହାର ଶୁଭାରମ୍ଭ କରିଥିଲେ । ଆଜି ପ୍ରଥମ ଦିନରେ ପ୍ରତିଯୋଗିତାରେ ୮୦୦ମିଟର ଦୌଡରେ ଅଶୋକ ଦଣ୍ଡସେନା ,ବାବୁଲା ମଲ୍ଲିକ ଓ ବୁନିପ ପ୍ରଧାନ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ବିଜେତା ହୋଇଛନ୍ତି ।

## ଯାଜପୁର ଜିଲ୍ଲାରେ ନୀତି ଆୟୋଗର ଦୁଇଜଣିଆ ପ୍ରତିନିଧି ଦଳ

# ବିଭିନ୍ନ ଉନ୍ନୟନମୂଳକ ଯୋଜନାର ବାସ୍ତବ ସ୍ଥିତିର ମୂଲ୍ୟାୟନ ଓ ସମୀକ୍ଷା



**ଯାଜପୁର,୨୨।୨(ସମିସ):** କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଣୟନ ହୋଇଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନା କେତେଦୂର କାର୍ଯ୍ୟକାରୀ ହେଉଛି, ସେ ସମ୍ପର୍କରେ ବାସ୍ତବ ସ୍ଥିତିର ମୂଲ୍ୟାୟନ ଓ ସମୀକ୍ଷା କରିବା ପାଇଁ ନୀତି ଆୟୋଗର ଦୁଇଜଣିଆ କମନ ରିଭ୍ୟୁ ମିଶନ୍ (ସିଆରଏମ) ଟିମ୍ ଯାଜପୁର ଜିଲ୍ଲା ଗସ୍ତରେ ଆସିଛନ୍ତି। ଏହି ଟିମ୍‌ର ନେତୃତ୍ୱ ନେଇଛନ୍ତି ଅହମ୍ମଦାବାଦ ସେୱା ଅନୁଷ୍ଠାନର ସଦସ୍ୟା ସଭିତାବେନ ବିନୋଦ ଚନ୍ଦ୍ର ପଟେଲ। ଏହି ଟିମ ଆଜି ପ୍ରଥମେ ବଡ଼ଚଣା ବ୍ଲକର ଭୂଷଣ୍ଡପୁର ପଞ୍ଚାୟତ, ଧର୍ମଶାଳା ବ୍ଲକ୍‌ର ଟ୍ରେନିଂ ସେଣ୍ଟର, ରସୁଲପୁର ବ୍ଲକ୍‌ର ବିଭିନ୍ନ ହିତାଧିକାରୀଙ୍କ ସହ ଆଲୋଚନା ସହିତ ଯାଜପୁର ବ୍ଲକ୍‌ର ସୁଜନପୁର ଅଞ୍ଚଳରେ ଚାଲିଥିବା ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମର ସ୍ଥିତି ସମୀକ୍ଷା କରିଛନ୍ତି। ଏଥିସହ ଜିଲ୍ଲାର ଅନ୍ୟ ସ୍ଥାନମାନଙ୍କରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା, ସାମାଜିକ ସୁରକ୍ଷା, ମନରେଗା, ଏନ୍‌ଆରଏଲଏମ୍ ଭଳି ଯୋଜନାର କାର୍ଯ୍ୟକାରିତା ସଂପର୍କରେ ସାଧାରଣଲୋକଙ୍କଠାରୁ ଆରମ୍ଭ କରି ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

ଏହି ଯୋଜନାରେ କିଭଳି ଅଧିକରୁ ଅଧିକ ହିତାଧିକାରୀ ସାମିଲ ହୋଇପାରିବେ, ସେ ସମ୍ପର୍କରେ ସେମାନେ ମତାମତ ସଂଗ୍ରହ କରିଥିଲେ। ଜିଲ୍ଲାର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବା ପରେ ଅପରାହ୍ଣରେ ସର୍କିଟ୍ ହାଉସ୍‌ରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଯାଜପୁରର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶୁଭେନ୍ଦ୍ର ସାମଲ, ଜିଲ୍ଲା ଉନ୍ନୟନ ଅଧିକାରୀ ଅଶୋକ କୁମାର ବେହୁରିଆଙ୍କ ସମେତ ବିଭିନ୍ନ ବ୍ଲକ୍‌ର ବିଡିଓ ଓ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କେନ୍ଦ୍ରୀୟ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଟିମ୍‌ରେ ଅଶୋକ ପଙ୍କଜ ସାମିଲ ଥିଲେ।

# 'ମୋ ବସ୍'ରେ ନିଆଁ: ଅଳ୍ପକେ ବର୍ତ୍ତିଲେ ୩୫ଯାତ୍ରୀ

**କଟକ,୨୨।୨(ସମିସ):** 'ମୋ ବସ୍' ଯାତ୍ରା ଏବେ ବିପଦପୂର୍ଣ୍ଣ ହୋଇଛି। ପୂର୍ବରୁ ମୋ ବସ୍‌ରେ ନିଆଁ ଲାଗିଥିଲେ ମଧ୍ୟ କର୍ତ୍ତୃପକ୍ଷ ଏ ଦିଗରେ କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ ଉଠିଛି। ଯାତ୍ରୀ ମୋ ବସ୍‌ରେ ଯାତାୟତ କରିବା ସମୟରେ ବାରମ୍ବାର ନିଆଁ ଲାଗୁଛି, ଅଥଚ ଏହାର କାରଣ ଖୋଜାଯାଉ ନାହିଁ କିମ୍ବା ଏହାର ସ୍ଥାୟୀ ପ୍ରତିକାର କରାଯାଉ ନାହିଁ। ଜଗତପୁର ଥାନା ଅନ୍ତର୍ଗତ ବିରୂପା ବ୍ୟାରେଜ ନିକଟରେ 'ମୋ ବସ୍'ରେ ଆଜି ଅପରାହ୍ଣରେ ହଠାତ୍ ନିଆଁ ଲାଗି ଯାଇଥିଲା। ପ୍ରବଳ ଧୂଆଁ ବାହାରିବା ସହିତ ବସ୍ ଇଞ୍ଜିନ୍‌ରୁ ନିଆଁ ବାହାରିଥିଲା। ଧୂଆଁରେ ପ୍ରଭାବିତ ହୋଇ ବସ୍‌ର ଗେଟ ଲକ୍ ପଡିଯିବାରୁ ବସ୍‌ର ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର ଖୋଲି ନ ଥିଲା। ସମସ୍ତ ଯାତ୍ରୀ ଅଣ ନିଃଶ୍ୱାସ ହୋଇ ଜୀବନ ବଞ୍ଚାଇବା ପାଇଁ ଝରକା ବାଟେ ନିଜସ୍ୱ ଉଦ୍ୟମରେ ସୁରକ୍ଷିତ ବାହାରି ଆସିଥିଲେ। ଫଳରେ ଯାତ୍ରୀଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ଏକ ବଡ ଅଘଟଣା ଟଳିଯାଇଥିଲା।

ସୂଚନା ମୁତାବକ, ମୋ ବସ୍ (ନଂ ଓଡି-୩୩ ୟୁ ୬୫୨୪)ଟି ଚୌଦ୍ୱାର ଥାନା ଅଧୀନ ଆଗ୍ରାହାଟରୁ ବାହାରି ଚୁଡାଖିଆ, କଳିଙ୍ଗ ଛକ ଓ ଗନ୍ଧିଛକରୁ ୩୫ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କୁ ଉଠାଇ କଟକ ଅଭିମୁଖେ ଯାଉଥିଲା। ବିରୂପା ନଦୀ ଅତିକ୍ରମ କରି ସାରିବା ପରେ ହଠାତ ଗାଡିରେ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ଯାତ୍ରୀମାନେ ଭୟରେ ଚିତ୍କାର କରିବାରୁ ଡ୍ରାଇଭର ଗାଡ଼ିକୁ ରାସ୍ତା ପାଶ୍ୱର୍ରେ ଅଟକାଇ ଥିଲେ। ସେତେବେଳକୁ ବସରେ ପ୍ରଚଣ୍ଡ ଧୂଆଁ ବାହାରୁ ଥିଲା। ଯାତ୍ରୀ ମାନେ ଜୀବନ ବଞ୍ଚାଇବା ବସ୍ ଭିତରେ ଚିତ୍କାର କରିଥିଲେ। ପ୍ରଥମେ କେତେକ ଯାତ୍ରୀ ଉପସ୍ଥିତ ବୁଦ୍ଧି ଖଟାଇ ଝରକା ବାଟେ ବାହାରିବାକୁ ଚେଷ୍ଟା କରିଥିଲେ। ଯେଉଁମାନେ ଝରକା ବାଟେ ବାହାରି ପାରିନଥିଲେ, ସେମାନଙ୍କୁ ସ୍ଥାନୀୟ ଲୋକମାନେ ଝରକା କାଚ ଭାଙ୍ଗି ଉଦ୍ଧାର କରିଥିଲେ। ଏଠାରେ ସୂଚନାଯୋଗ୍ୟ, 'ମୋ ବସ୍' ଗୁଡିକୁ ଦୀର୍ଘଦିନ ମାରମତି କରାଯାଉ ନାହିଁ। କେବଳ ଚାଲୁଛି ସେଥିପାଇଁ ଏଭଳି ଅଘଟଣ ଘଟିଥାଇ ପାରେ ବୋଲି ମୋ ବସ ଡ୍ରାଇଭର ପ୍ରକାଶ କରିଛନ୍ତି।

**ସେନ୍ସର ଗେଟ୍ ଖୋଲିଲାନି: ଝରକା ବାଟେ ବାହାରିଲେ ଯାତ୍ରୀ**

**ବାରମ୍ବାର ଘଟୁଛି ଅଗ୍ନିକାଣ୍ଡ: କର୍ତ୍ତୃପକ୍ଷ ନିରବଦ୍ରଷ୍ଟା**

ସେହିପରି ଗତ ଡିସେମ୍ବର ମାସ ୧୪ ତାରିଖରେ ଲିଙ୍କ୍‌ରୋଡ୍‌ରେ ରାତି ୮ଟା୪୦ସୁଦ୍ଧା ଏକ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା। ମୋ ବସ୍'ରେ ହଠାତ୍ ନିଆଁ ଲାଗିଯିବାରୁ ବସ୍‌ଟି ସମ୍ପୂର୍ଣ୍ଣ ଭାବେ ଜଳିଯାଇଥିଲା। ଖବର ପାଇଁ ଚାଉଳିଆଗଞ୍ଜ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବସ୍‌ଟିରେ କୌଣସି ଯାତ୍ରୀ ନଥିବାରୁ କେହି ମୃତାହତ ହୋଇ ନଥିଲେ। ଚାଉଳିଆଗଞ୍ଜ ଅଗ୍ନିଶମ ବାହିନୀ ତୁରନ୍ତ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତ୍ୱରିତ ପଦକ୍ଷେପ ଯୋଗୁଁ ନିଆଁ ବ୍ୟାପିନଥିଲା। ଏଥିରେ କେହି ମୃତାହତ ହୋଇନଥିବା ବେଳେ ଏହି ଘଟଣାକୁ ଗୁରୁତର ସହିତ ଗ୍ରହଣ କରି ସରକାରଙ୍କ ପକ୍ଷରୁ ତଦନ୍ତ ନିମନ୍ତେ ଏକ ଟେକ୍ନିକାଲ୍ କମିଟି ଗଠନ କରାଯାଇଥିଲା। ଏଥିରେ କ୍ରୁଟ୍(କ୍ୟାପିଟାଲ୍ ରିଜନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ)ର ପରିଚାଳନା ନିର୍ଦ୍ଦେଶକ ଓ ଟେକ୍ନିକାଲ୍ ଟିମ୍‌କୁ ରଖାଯାଇଥିବା ବେଳେ କଟକ ଏମ୍‌ଭିଆଇ ବିଶ୍ୱଜିତ୍ ଦାସ, ଆରଟିଓ ବିରଞ୍ଚି ନାରାୟଣ ଅଧିକାରୀ, ବକ୍ସିବଜାର ଅଗ୍ନିଶମ କେନ୍ଦ୍ରର ଏଏଫ୍‌ଓ ସଞ୍ଜିବ କୁମାର ବେହେରା ରହିଥିଲେ। ଅଗ୍ନିକାଣ୍ଡର ପ୍ରକୃତ କାରଣ ଏହି କମିଟି ସରକାରଙ୍କୁ ପ୍ରଦାନ କରିବାର ଯୋଜନା ପ୍ରସ୍ତୁତ ହୋଇଥିଲା। ଏହା ଭିତରେ ଅଢ଼େଇ ମାସ ବିତି ଯାଇଛି। ପୁଣି ଥରେ 'ମୋ ବସ୍'ରେ ଅଗ୍ନିକାଣ୍ଡ ଘଟିଛି। ତେବେ ସମ୍ପୃକ୍ତ କର୍ତ୍ତୃପକ୍ଷ ଏଭଳି ଯାନ୍ତ୍ରିକ ତ୍ରୁଟିଜନିତ ଅଗ୍ନିକାଣ୍ଡର ପ୍ରତିକାର କରିବା ଦିଗରେ ପଦକ୍ଷେପ ନେବା ସହ ଯାତ୍ରୀଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ ଦାବି ଉଠିଛି।

# ଦୁଷ୍କର୍ମ ପୀଡ଼ିତା ନାବାଳିକାଙ୍କ ଗର୍ଭପାତ ପାଇଁ ହାଇକୋର୍ଟରେ ଆବେଦନ

**କଟକ,୨୧।୨(ସମିସ):** ଜନୈକା ଦୁଷ୍କର୍ମ ପୀଡ଼ିତା ନାବାଳିକାଙ୍କ ଗର୍ଭପାତ ପାଇଁ ଅନୁମତି ଲୋଡି ହାଇକୋର୍ଟରେ ଏକ ଆବେଦନ ଦାୟର କରାଯାଇଛି। ଏହି ପ୍ରସଙ୍ଗରେ ଶୁଣାଣି କରି ତିନି ଦିନ ଭିତରେ ମେଡିକାଲ ବୋର୍ଡ ବୈଠକ ଡାକିବାକୁ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ମେଡିକାଲ ଅଧୀକ୍ଷକଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ସ୍ଥିତିରେ ଗର୍ଭପାତ କରାଯାଇପାରିବ କି ନାହିଁ, ସେ ପ୍ରସଙ୍ଗରେ ଅନୁଧ୍ୟାନ କରାଯିବ। ପରବର୍ତ୍ତୀ ଶୁଣାଣି ପୂର୍ବରୁ ହାଇକୋର୍ଟରେ ଏହି ରିପୋର୍ଟ ଦାଖଲ କରିବ ମେଡିକାଲ ବୋର୍ଡ। ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ଡକ୍ଟର ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ। ଫେବୃଆରୀ ୨୫ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା ଯେ ୧୩ବର୍ଷୀୟା ଅନୁସୂଚିତ ଜନଜାତି ନାବାଳିକାଜଣକ ସିକିଲ ସେଲ ଆନେମିଆ ସହିତ ଅପସ୍ମାରରେ ଆକ୍ରାନ୍ତ। ଦୁଷ୍କର୍ମ ପାଇଁ ସେ ଗର୍ଭବତୀ ହୋଇଛନ୍ତି। ଘଟଣା ଜଣାପଡ଼ିବା ବେଳକୁ ନାବାଳିକା ୨୪ସପ୍ତାହରୁ ଅଧିକ ଗର୍ଭବତୀ ହୋଇସାରିଥିଲେ। ନାବାଳିକାଙ୍କ ସ୍ଥିତିର ଆକଳନ ସହ ଗର୍ଭପାତ ପାଇଁ ବ୍ୟବସ୍ଥା କରିବାକୁ ମେଡିକାଲ ବୋର୍ଡ ଗଠନ ଲାଗି ଏମ୍‌କେସିଜି ମେଡିକାଲର ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଉ ବୋଲି ଦର୍ଶାଯାଇଥିଲା। ଉପସ୍ଥାପିତ ତଥ୍ୟ ଓ ଯୁକ୍ତିକୁ ନେଇ ହାଇକୋର୍ଟ ମେଡିକାଲ ବୋର୍ଡ ବୈଠକ ଡାକି ପୀଡ଼ିତାଙ୍କ ଗର୍ଭର ସ୍ଥିତି ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

**ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରି ରିପୋର୍ଟ ଦେବ ମେଡିକାଲ ବୋର୍ଡ**

## ଅବଶିଷ୍ଟାଂଶ

### ଶକ୍ତିକାନ୍ତ ଦାସ...

ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିଛି। ପୂର୍ବରୁ ପିକେ ମିଶ୍ର ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଭାବେ କାର୍ଯ୍ୟ କରିଆସୁଛନ୍ତି। ସେ ମଧ୍ୟ ଜଣେ ବରିଷ୍ଠ ଓଡ଼ିଆ ଆଇଏଏସ୍ ଭାବେ ମୋଦୀଙ୍କ ଅତ୍ୟନ୍ତ ବିଶ୍ୱାସଯୋଗ୍ୟ ଅଧିକାରୀ। ଶକ୍ତିକାନ୍ତ ଦାସ ୧୯୫୭ ମସିହାରେ କଟକ ଜିଲ୍ଲା ଆଠଗଡ଼ରେ ଜନ୍ମ ଗ୍ରହଣ କରିଥିଲେ। ସେ ଭୁବନେଶ୍ୱରସ୍ଥିତ ଡିଏମ ସ୍କୁଲରୁ ନିଜ ପ୍ରାରମ୍ଭିକ ଶିକ୍ଷା ସମାପ୍ତ କରିବା ପରେ ଉତ୍କଳ ବିଶ୍ୱବିଦ୍ୟାଳୟ ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଉଚ୍ଚଶିକ୍ଷା ଲାଭ କରିଥିଲେ। ୧୯୮୦ ମସିହାରେ ଶ୍ରୀ ଦାସ ତାମିଲନାଡୁ କ୍ୟାଡର ଆଇଏଏସ୍ ଭାବେ ପ୍ରଶାସନିକ ସେବାରେ ଯୋଗ ଦେଇଥିଲେ। ତାମିଲନାଡୁ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ ସଚିବ ଭାବରେ କାର୍ଯ୍ୟ କରି ସେ ୨୦୧୭ ମେ ୨୮ ତାରିଖରେ ସେବାନିବୃତ ହୋଇଥିଲେ। ଅବସରପରେ କେନ୍ଦ୍ର ସରକାର ତାଙ୍କୁ ପଞ୍ଚଦଶ ଅର୍ଥ ଆୟୋଗର ସଚିବ ଭାବରେ ନିଯୁକ୍ତି ଦେଇଥିଲେ। ପରେ ପରେ କେନ୍ଦ୍ର ସରକାରଙ୍କ ୨୦୧୬ ବିମୁଦ୍ରୀକରଣ ଏବଂ ୨୦୧୭ ରେ ଜିଏସଟି ଯୋଜନାରେ ତାଙ୍କର ଅବଦାନ ଉଲ୍ଲେଖନୀୟ ରହିଥିଲା। ଏହାପରେ ପ୍ରଥମ ଓଡ଼ିଆ ଭାବେ ଶ୍ରୀ ଦାସ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ହୋଇଥିଲେ। ଅର୍ଥନୀତିଜ୍ଞ ନଥାଇ ଏହି ପଦବୀରେ ନିଯୁକ୍ତି ହେବାରେ ସେ ଥିଲେ ପ୍ରଥମ ଆଇଏସ୍ ଅଧିକାରୀ। ଏହି ପଦରେ ଥାଇ ସେ ଅନେକ ପ୍ରଶଂସନୀୟ ପଦକ୍ଷେପ ନେଇଥିଲେ। ବିଶେଷ କରି କରୋନା ସମୟରେ ତାଙ୍କର ପଦକ୍ଷେପ ଭାରତୀୟ ଅର୍ଥନୀତି ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଥିଲା।

### ବିକାଶର ପଶ୍ଚାତ୍‌ଗତି...

ବିଭାଗ ସର୍ବାଧିକ ପାଣ୍ଠି ପାଇଥିବା ବେଳେ ତା ପଛକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ, ମହିଳା ଓ ଶିଶୁ ବିକାଶ, ଜଳ ସମ୍ପଦ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ବଜେଟର ସିଂହଭାଗ ନେଇଛନ୍ତି। ଓଡିଶାରେ ମାଲେସିଆ ଠାରୁ ବହୁତ ସୁନ୍ଦର ସ୍ଥାନ ଅଛି ଏବଂ ଏଠାକୁ ବହୁ ସଂଖ୍ୟକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରାଯିବ ବୋଲି ସରକାର କହୁଛନ୍ତି। ସେହିପରି ଉତ୍କର୍ଷ ଓଡିଶା ଜରିଆରେ ବିପୁଳ ପୁଞ୍ଜିନିବେଶ ଆଣିବା ସହ ଓଡିଶାକୁ ଆଇଟି ହବ୍‌ରେ ପରିଣତ କରିବା ପାଇଁ ଲକ୍ଷ୍ୟ ରହିଛି। ସହର ଓ ଗ୍ରାମାଞ୍ଚଳରେ କର୍ମନିଯୋଜନ ସୃଷ୍ଟିରେ ଏମ୍‌ଏସ୍‌ଏମ୍‌ଇର ବଡ଼ ଭୂମିକା ରହିଛି। କିନ୍ତୁ ଅପେକ୍ଷାକୃତ କମ୍ ଆବଣ୍ଟନକୁ ନେଇ ବିକଶିତ ଓଡିଶା ଗଠନର ସ୍ୱପ୍ନ ପୂରଣ ହେବା ଉପରେ ଲାଗିଛି ପ୍ରଶ୍ନବାଚୀ।

### ମାରି ନେଉଛି...

ସଙ୍ଗଠନ ଏହା ବିରୋଧରେ ସ୍ୱର ଉତ୍ତୋଳନ କରୁଥିଲେ ମଧ ରାଜ୍ୟ ସରକାର ନିରବ ରହିବା ସ୍ୱାଭାବିକ ସନ୍ଦେହ ସୃଷ୍ଟି କରିଛି। ଜଳ ବିଶେଷଜ୍ଞ ଇଂ ଲଳିତ ପଟ୍ଟନାୟକ କହିଛନ୍ତି, ପୋଲାଭରମ୍ ପ୍ରକଳ୍ପର ଯେଉଁ ବନ୍ୟା ଜଳ ଆସିବ ତାହାକୁ ଗୋଦାବରୀକୁ ନ ପଠାଇ ଡାହାଣ ପାଶ୍ୱର୍ କେନାଲ ଜରିଆରେ ଏକ ଡ୍ୟାମ୍‌ରେ ଆବଦ୍ଧ କରିବାକୁ ଆନ୍ଧ୍ର ଯୋଜନା କରିଛି। ଏହି ପ୍ରକଳ୍ପ ପାଇଁ ଆନ୍ଧ୍ର କେନ୍ଦ୍ର ସରକାରଙ୍କ ଠାରୁ ସହାୟତା ନେବାକୁ ଯାଉଛି। କିନ୍ତୁ ଓଡିଶାର ପ୍ରମୁଖ ୯ଟି ନଦୀ ସଂଯୋଗ ଯୋଜନା କଥା କେହି କହୁନାହାନ୍ତି। ପ୍ରସ୍ତାବିତ ମହାନଦୀ-ଋଷିକୁଲ୍ୟା ନଦୀ ସଂଯୋଗୀକରଣ ପାଇଁ ୫୦ ହଜାର କୋଟି ଟଙ୍କାର ଯୋଜନାକୁ କେବେ ମଞ୍ଜୁରୀ ମିଳିବ ବୋଲି ସେ ପ୍ରଶ୍ନ କରିଛନ୍ତି। ମହାନଦୀ ବଞ୍ଚାଅ ଆନ୍ଦୋଳନର ପ୍ରସନ୍ନ ବିଷୋୟୀ କହିଛନ୍ତି, ପୋଲାଭରମ ପ୍ରକଳ୍ପ ଯୋଗୁ ଓଡ଼ିଶାର କେତେ କ୍ଷତି ହେବ, ତାର ତୁରନ୍ତ ଆକଳନ କରାଯାଉ। ଓଡ଼ିଶାରେ ନୂଆ ପ୍ରକଳ୍ପ କିଭଳି କାର୍ଯ୍ୟକାରୀ ହେବ ସେ ନେଇ ବିଜେପି ସରକାର କେନ୍ଦ୍ର ପାଖରେ ଦାବି ରଖନ୍ତୁ। ସେହିପରି ନାଗରିକ ସୁରକ୍ଷା ମଞ୍ଚର ସଭାପତି କୃଷ୍ଣଚନ୍ଦ୍ର ପତି କହିଛନ୍ତି ଯେ ଓଡ଼ିଶାର ସ୍ୱାର୍ଥ କଥା କେନ୍ଦ୍ର ନିକଟରେ ଉଠାଇବାକୁ ବିଜେପି ସରକାର ଡରୁଛନ୍ତି କାହିଁକି? ପୋଲାଭରମର ବଜେଟ ୫୫ ହଜାର କୋଟି ଟଙ୍କା। ଗୋଦାବରୀ-ବନକଚେରଲା ପ୍ରକଳ୍ପର ବଜେଟ ୮୮ ହଜାର ୧୧୨ କୋଟି। ଓଡିଶାକୁ କିଛି ସ୍ୱତନ୍ତ୍ର ସହାୟତା ନାହିଁ। ଅନେକ ଆନ୍ଦୋଳନ ଓ ବାରମ୍ବାର ଦାବି ସତ୍ତ୍ୱେ ମଧ୍ୟ ବିଜେପି ସରକାରର ଚେତା ପଶୁନି। ଓଡ଼ିଆ ଅସ୍ମିତା ଓ ଓଡ଼ିଶାର ସ୍ୱାର୍ଥ ରକ୍ଷାକୁ ପ୍ରସଙ୍ଗ କରି କ୍ଷମତାକୁ ଆସିଥିବା ବିଜେପି ରାଜ୍ୟର ସ୍ୱାର୍ଥହାନି ବେଳେ ଚୁପ୍ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି।

### ଗ୍ରେୱାଲ କମ୍ପାନୀ...

ଅଭିଯୁକ୍ତ ମହମ୍ମଦ ସାଦ୍ଦବ ଖାଁ ଓରଫ୍ ବାବୁ ପୂରା ଅପହରଣର ମାଷ୍ଟରମାଇଣ୍ଡ ଥିଲା। ସେ ଝାଡ଼ଖଣ୍ଡର ଜଣେ ପେସାଦାର ଅପରାଧୀ। ଦାଦାବଟି ନ ଦେବାରୁ ଶ୍ରୀ ପ୍ରଧାନଙ୍କୁ ଗତ ୧୨ତାରିଖରେ ସେ ବନ୍ଧୁକ ମୁନରେ ଅପହରଣ କରିଥିଲା। ଶନିବାର କେନ୍ଦୁଝରେ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପୁଲିସ୍ ପକ୍ଷରୁ ଏହି ସୂଚନା ଦିଆଯାଇଛି।

ସୂଚନାନୁଯାୟୀ, ଗତ ୧୨ତାରିଖ ଦିନ ଗ୍ରେୱାଲ ମିନେରାଲ ଓ ମେଟାଲ କମ୍ପାନୀର ଉପସଭାପତି ନିମାନନ୍ଦ ପ୍ରଧାନଙ୍କୁ ଅଭିଯୁକ୍ତମାନେ ଅପହରଣ କରିନେଇଥିଲେ। ତାଙ୍କୁ ମୁକୁଳାଇବା ପାଇଁ ଅପହରଣକାରୀମାନେ ତାଙ୍କ ପରିବାରକୁ ୨ କୋଟି ଟଙ୍କା ମାଗିଥିଲେ। ତେବେ ଘଟଣାର ପରଦିନ ଅର୍ଥାତ୍ ୧୩ ତାରିଖ ଦିନ ଶ୍ରୀ ପ୍ରଧାନଙ୍କ ପତ୍ନୀ ସୁଜାତା ପ୍ରଧାନ ଏନେଇ ବଡ଼ବିଲ ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅନୁସନ୍ଧାନରୁ ପୁଲିସ୍ ଜାଣିବାକୁ ପାଇଥିଲା ଯେ ଘଟଣା ଦିନ ଶ୍ରୀ ପ୍ରଧାନଙ୍କ (ଓଡି୩୩-କେ-୭୨୨୩) କାର୍‌କୁ ତାଙ୍କ ନିୟମିତ ଡ୍ରାଇଭର୍ ବଦଳରେ ଅଭିଯୁକ୍ତ ମହମ୍ମଦ ଫିରୋଜ ନାମକ ଜଣେ ଡ୍ରାଇଭର ଅପହରଣ ଦିନ ଗାଡ଼ି ଚଳାଉଥିଲା। ସେହି କାର୍‌ରେ ହିଁ ଅପହରଣକାରୀମାନେ ତାଙ୍କୁ ଅପହରଣ କରାଯାଇଥିବା ପୁଲିସ୍ ଜାଣିବାକୁ ପାଇଥିଲା। ତେଣୁ ପୁଲିସ୍ ପ୍ରଥମେ ଶ୍ରୀ ପ୍ରଧାନ ଓ ଫିରୋଜର ମୋବାଇଲକୁ ଫୋନ୍ କରିଥିଲେ ମଧ୍ୟ ସ୍ୱିଚ-ଅଫ୍ ଥିଲା। ପରେ କେନ୍ଦୁଝର ଏସ୍‌ପି ନିତିନ କୁଶଲକରଙ୍କ ନିର୍ଦ୍ଦେଶକ୍ରମେ ୧୨ଟି ଟିମ୍ ଗଠନ ହୋଇଥିଲା। କେନ୍ଦୁଝର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଏବଂ ବଡ଼ବିଲ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ନେତୃତ୍ୱରେ ଟିମ୍ ଝାଡ଼ଖଣ୍ଡ, ବିହାର ଏବଂ ପଶ୍ଚିମବଙ୍ଗକୁ ଯାଇଥିଲା। ଓଡ଼ିଶା ସରକାରଙ୍କ କ୍ରାଇମବ୍ରାଞ୍ଚ, ଏଟିଏସ୍ ଝାଡ଼ଖଣ୍ଡ, ଏସଟିଏସ୍ ବିହାର, ବିହାରର ଜେଲ ଆଇଜି, ଝାଡ଼ଖଣ୍ଡର ଜେଲ ଆଇଜି ଏବଂ ପଶ୍ଚିମବଙ୍ଗ ପୁଲିସ୍‌ର ମଧ୍ୟ ସହାୟତା ନିଆଯାଇଥିଲା। ତେବେ ଏହା ମଧ୍ୟରେ ଅପହରଣକାରୀମାନେ ଧମକଚମକ ଦେଇ ଶ୍ରୀ ପ୍ରଧାନଙ୍କ ପରିବାରଠାରୁ ୬୦ ଲକ୍ଷ ଟଙ୍କା ନେଇଯାଇଥିଲେ।

ତେବେ ପୁଲିସ୍ ବିହାରର ପାଟଣା, ଝାଡ଼ଖଣ୍ଡର ଜାମସେଦପୁର, ରାଞ୍ଚି, ଚାଇଁବସା, ବିଧାନନଗର, ପଶ୍ଚିମବଙ୍ଗର କୋଲକାତା, ପୁରୁଲିଆ ଅଞ୍ଚଳରେ ଛାନଭିନ୍ କରି ଶ୍ରୀ ପ୍ରଧାନଙ୍କୁ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

କେନ୍ଦୁଝର ଏସ୍‌ପିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ରାଉରକେଲା ଡିଆଇଜି ବ୍ରିଜେଶ ରାୟ, କେନ୍ଦୁଝର ଏସ୍‌ପି ନିତିନ କୁଶଲକର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ, ବଡ଼ବିଲ ଥାନାଧିକାରୀ ଅଶୋକ ନାୟକ ଏବଂ ଟିମ୍‌ରେ ସାମିଲ ବିଭିନ୍ନ ଥାନାଞ୍ଚଳର ପୁଲିସ୍ ଅଧିକାରୀ ଉପସ୍ଥିତ ଥିଲେ।


**AFFIDAVIT**

I, **Anil Ku Agarwal,** F/o.: Ayushi Agarwala, resident of Gandhi Nagar, Backside of Jatni Municipality, Jatni, PO./P.S.: Jatni, Dist-Khordha, PIN-752050, Odisha declare by this affidavit No.: 271, dated-21/01/2025, that now onwards I shall be known as **ANIL KUMAR AGARWALLA** for all future purposes.

**AFFIDAVIT**

By virtue of an Affidavit Before the Executive Magistrate, Nayagarh dtd. 13.01.2025. I Brajabandhu Mohanty, S/o-Jaladhara Mohanty, At/Po-Balugaon, Ps-Sadar, Dist-NAYAGARH declare that Brajabandhu Mohanty, S/o-Jaladhara Mohanty and Chhatia Mohanty, S/o- Gokul Mohanty is one and same person. Henceforth he shall be known as CHHATIA MOHANTY for all future purposes.

**AFFIDAVIT**

I, **Natasa Biswal,** W/o.: Chidananda Pratihary, Resident of Vill: Bada Mangalpur, PO./P.S.: Dharmasala, Dist.: Jajpur, PIN-755008, Odisha, declare by this affidavit No.: 8/345/24, dated-09/08/2024, that now onwards I shall be known as **NATASA PRIYADARSINI** for all future purposes.

**AFFIDAVIT**

By an affidavit vide no. 701, dated 14.02.2025, before notary public Jeypore, Odisha, I Sanjay Kumar Jai S/o- Kamal Raj Jain, resident of Bell Road, Sombartota, Po- P.R.Peta,Ps - Jeypore, ,Dist - Koraput has change my name to Sanjay Kumar Jain Hence forth I shall be known as Sanjay Kumar Jain for all purpose .

**AFFIDAVIT**

I, **Snehnalata Mohanty,** W/o.: Gopabandhu Das, Mother of Amit Kumar Das, resident of Plot No.: 209, I.G. Colony,Sishupalgarh, PO.: Sishupalgarh, P.S.: Dhauli, Bhubaneswar, PIN-751002, Dist.: Khurda, Odisha, declare by this affidavit No.: 5264, dated-10/02/2025, that now onwards I shall be known as **SNEHALATA MOHANTY** for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Sambalpur, dtd-21/02/2025. I, **Kshirodra Suna,** Address: Bareipali, PO-Bareipali, PS- Ainthapali, Dist-Sambalpur, PIN-768006, Odisha declare that I have changed my daughter's name from **Sukruti Suna To C S Sukriti.** Henceforth, she shall be known as **C S Sukriti** for all future purposes.

**Sd/- Kshirodra Suna**

**AFFIDAVIT**

**I, Somyanjali Nayak,** W/o.: Deepak Kumar Nayak, Resident of Plot No.: 2574, Rajarani Colony, BJB NAGAR, Bhubaneswar-14, Dist.: Khorda, Odisha, declare by this affidavit No -15, dated-21/02/2025, that now onwards I shall be known as **SOMYANJALI MOHANTY** forall future purposes.

**AFFIDAVIT**

I, Ashok Rout, S/o Srihari Rout, At- Habiganj (Jamunia), Po-Bamada, Ps. Rupsa, Dist-Balasore Odisha, Pin- 756028 declared by this affidavit no. 2133 dated 19/02/25 that now onwards I shall be known as Ashok Kumar Rout for all future purposes.

**AFFIDAVIT**

By virtue of an affidavit No.3347 before the Executive Magistrate, Chandbali dt. 18/09/2024 have changed my name from Phakan Sankhua To Sakuntala Behera. Henceforth, I shall be known as Sakuntala Behera, W/o- Panchanan Behera, resident of Village: Patuli, PO: Baligan, PS: Chandabali, Dist: Bhadrak, Odisha for all future purposes.

**AFFIDAVIT**

By virtue of an affidavit before the Executive Magistrate, Bahalda dtd. 13/02/2025. I, **Sujata Mahapatra** after marriage have changed my surname from **Naik To Mahapatra.** Henceforth, I shall be known as **Sujata Mahapatra,** W/o- Dina Krushna Mahapatra residence of Vill- Binjhua, PS- Tiring, Dist-Mayurbhanj, Odisha for all future purposes.

**Sd/- Sujata Mahapatra**

**AFFIDAVIT**

**I, NARESH DALMIA, S/O LATE HANUMAN PRASAD DALMIA** resident of Basudeb Bhavan Chetaraj gali Rajgangpur, PO/PS Rajgangpur, Dist. Sundargarh, Pin - 770017, Odisha declare by this Affidavit No. 248, Dtd. 20.02.2025 that now onwards I shall be known as **NARESH KUMAR DALMIA** for all future purpose.

**AFFIDAVIT**

By virtue of an affidavit sworn before a Notary Public , dated 06.02.2025 , I, Maheswar Barik, Address Post Office Road, Koraput, declare that I have changed my daughter's name from PEHAL BARIK to S.K AYESHA . Henceforth,she shall be known as S.K AYESHA for all purposes

**AFFIDAVIT**

By virtue of an affidavit before the Executive Magistrate, Umerkote. I, Munduli Suna, W/o- Hiru Suna, resident of DNK, PHD Colony, Umerkote, Dist. Nabarangpur hereby declare that before marriage, I was known as Munduli Khara but after my marriage, I known as Munduli Suna. That **Munduli Khara** and **Munduli Suna** is one and same person.

**AFFIDAVIT**

By virtue of an affidavit sworn before the Notary Public, Cuttack vide Affidavit No. 508, dated 20.02.2025, I, Pinkirani Bindhani, aged about 36 years, W/O - Shyam Sundar Bindhani, residing At - Gahaladihi, PO - Badjod, PS - Betanati, Dist - Mayurbhanj - 757029, Odisha declare that I have changed my Son's name and DOB from KANHU BINDHANI and 26/08/2012 to KANHA BINDHANI and 26/06/2011. Henceforth, he will be known as **KANHA BINDHANI** and **DOB 26/06/2011** for all future purposes.

ନାରିୟଲ୍ ବିକାଶ ବୋର୍ଡ **नारियल विकास बोर्ड**
COCONUT DEVELOPMENT BOARD
**(कृषि एवं किसान कल्याण मंत्रालय, भारत सरकार),**
Ministry of Agriculture & farmers welfare:Govt. of India
प्रदर्शन सह बिजउत्पादनप्रक्षेत्र / Demonstration cum seed production Farm
पीतापली /Pitapalli,पीओ/PO:Kumarabasta,जिला: खुर्दा-Dist:Khurda-752057
ई मेल /E-mail- f-pitpalli@coconutboard.gov.in /cdbdspfarmodisha@gmail.com

पत्रसंख्या/ F. No. DSP/OR/09/Dev/ तारीख/Date:21-02-2025

TENDER-CUM-AUCTION FOR THE BEARING FRUIT PLANTS **(INTERCROPS)** FOR THE FINANCIAL YEAR 2025-26.

Coconut Development Board, DSP Farm, Pitapalli, Khurda, Odisha invites tender from the individuals/parties/organizations for the sale of Intercrop fruits – **Guava and Sapota** for the financial year 2025-26 (up to 28th February, 2026). The interested parties may visit the farm on any working day with prior permission between 8.00 am to 5.00 pm for quoting their rate in tender paper for Intercrops (**Guava and Sapota**). The tender paper & term and conditions will be available during office hour or may be downloaded from the Board's website www.coconutboard.gov.in. The last date & time for submission of sealed tender forms is on 18.03.2025 up to 11.00 AM. The auction cum tender will be held on the same day at 11.15 AM for intercrops (Sapota & Guava ). Intending bidders/ parties have to submit the tender paper along with EMD of Rs.5,000/- for intercrop in form of online payment in favour of M/S. Coconut Development Board, payable at Khurdha . The undersigned has right to reject the tender without assigning any reason.

Deputy Director
**COCONUT DEVELOPMENT BOARD**

PANCHAYAT RAJ & DRINKING WATER DEPARTMENT I-505
GOVERNMENT OF ODISHA
**OFFICE OF THE PANCHAYAT SAMITI, JHARIGAM**
INVITATION FOR BIDS
No. BDO/JHG/05/2024-25, dATED: 19.02.2025

The **Block Development Officer, JHARIGAM** on behalf of Governor of Odisha invites **Percentage Rate** bid through e-procurement in single cover system according to norm of e- procurement system in on-line mode.

1. Name of Works : As mentioned in Table "A" which includes Construction of Gram Panchayat Level Federation with Market Complex at Phupugam and Dhodra Of Jharigam block.
2. No. of Works : **2 (two)** Nos (Detailed in Tender Call Notice available in the website )
3. Estimated Cost : As mentioned in Table "A"
4. Tender Paper Cost : Rs.6000/- per each work.
5. Class of Contractor : B & C Class.
6. Period of Completion :180 Days
7. Critical Dates : *Further details can be seen in the bidding documents, which is available in the-procurement Portal www.nabarangpur.odisha.gov.in

*Subsequent corrigendum if required shall be appeared in the web site.

*Authority reserves the right to reject any or all tenders without assigning any reason thereof.

| Procurement Officer | BidIdentification No. | Availability of Tender Online for Bidding | | Last Date of Seeking tender clarification | Date of opening of Bid |
|---|---|---|---|---|---|
| | | From | To | | |
| BDO, JHARIGAM | BDO/JHG/5/2024-25 | 24.02.2025 at 10.00AM | 11.03.2025 at 04.00PM | 11.03.2025 up to 4.00 PM | 12.03.2025 at 11.00 A.M. |

OIPR-19408/11/009/2425

Block Development Officer,
Jharigam

# ନିଜ ନିଜ ସମ୍ପତ୍ତି

ମୂଳ ହିନ୍ଦୀ: କମଲେଶ୍ୱର
ଅନୁସୃଜନ: ଶରତ ଚନ୍ଦ୍ର ଆଚାର୍ଯ୍ୟ



ଏବେ ଜମିଦାରୀ ନାହିଁ, କିନ୍ତୁ ଲୋକମାନେ ତାଙ୍କୁ ଜମିଦାର ବୋଲି ଡାକନ୍ତି। ସେଇ ଜମିଦାରଙ୍କ ଝାଳ ବହିଗଲା ଯେତେବେଳେ ଶୁଣିଲେ ଯେ, ଆୟକର ବିଭାଗର କୌଣସି ଅଫିସର୍ ଆସି ବର୍ତ୍ତମାନର ହିସାବ-କିତାବ ସହ ନଥି ଏବଂ ପୁରୁଣା ଖାତାପତ୍ର ସବୁ ତଦାରଖ କରିବାକୁ ଚାହୁଁଛନ୍ତି।

-ଏବେ କ'ଣ ହେବ ସିରସ୍ତାଦାର ମହୋଦୟ? ଘାବରେଇ କହିଲେ ଜମିଦାର - କିଛି ତ ଗୋଟେ କର!

- ହଜୁର, ମୁଁ ନିଜେ ହିଁ ହଡ଼ବଡ଼େଇ ଯାଉଛି ....ଠାରରେ କିଛି ଯାଚିଲି ମଧ୍ୟ .... ଏଇଥିପାଇଁ ଯେ ସମସ୍ୟା ଦୂର ହେଇଯାଉ। ଲକ୍ଷେ ଟଙ୍କା ଯାଏଁ କଥା ନେଲି, କିନ୍ତୁ ସେ ତ ନିଜ କଥାରେ ଅଟଳ- କହିଲେ ସିରସ୍ତାଦାର।

- ତେବେ ? ହେ ଭଗବାନ! ମତେ ତ ମୋ ନିଶ୍ୱାସ ବନ୍ଦ ହୋଇଗଲା ପରି ଲାଗୁଛି। ସେତେବେଳକୁ ପାଣି ନେଇ ଆସିଲା ରଘୁଆ। ଜମିଦାର ପାଣି ପିଇଲେ ... କିନ୍ତୁ ସେମିତି ବିଚଳିତ ଥିଲେ ସେ।

- ହିନ୍ଦୁ ନା ମୁସଲମାନ!

- ଶିଖ୍।

- ତେବେ ଲସିଫସି ପିଆଅ। ରାତ୍ରି ଭୋଜନ ପାଇଁ ଅଟକାଅ। ସୋଡ଼ା -ପାଣିର ବନ୍ଦୋବସ୍ତ କର। ଫକୀରକୁ କହି ତିନି ଚାରିଟା କୁକୁଡ଼ା କଟାଅ ଏବଂ ତାଙ୍କୁ କହ, ଆମେ ସମସ୍ତ ହିସାବ ଦେଖେଇବୁ, କିନ୍ତୁ ଆପଣ ସହରରୁ ଏତେ ଦୂର ଜାଗାକୁ ଆସିଛନ୍ତି...ଆମ ସହ ରାତ୍ରିଭୋଜନ ପାଇଁ ରାଜି ହୋଇଯାଆନ୍ତୁ।

ବିଚଳିତ ସିରସ୍ତାଦାର ଚାଲିଗଲେ। ପାଞ୍ଚ ମିନିଟ୍ ମଧ୍ୟରେ ଅଫିସର୍‌ଙ୍କୁ ସାଥିରେ ଧରି ସେ ଫେରିବା ପରେ ନିଜ ବ୍ୟସ୍ତ ଓ ବିବ୍ରତ ଭାବକୁ ଲୁଚେଇ ଜମିଦାର ବିନମ୍ରତାର ସହ ସ୍ୱାଗତ କଲେ ତାଙ୍କୁ। ରୁପାର ଚୌକିରେ ବସେଇଲେ।

- ଆସନ୍ତୁ ଆଜ୍ଞା, ବିଜେ କରନ୍ତୁ ...ଏ ଗାଁକୁ ଆସିବାରେ ବହୁତ ଅସୁବିଧା ହୋଇଥିବ ଆପଣଙ୍କୁ। କାକୁସ୍ଥ ଭାବେ କହିଲେ ଜମିଦାର।

- କ'ଣ କରିବା ଜମିଦାର ସାହେବ, ଆମକୁ ତ ଆମ ଡ୍ୟୁଟି କରିବାକୁ ପଡ଼ିବ, ତେଣୁ ଆସିବାକୁ ପଡ଼ିଲା...ଅଫିସର୍ ଉତ୍ତର ରଖିଲେ।

ଏହା ଭିତରେ ଲସି ଗ୍ଲାସ୍ ଆସିଗଲା।

- ନିଅନ୍ତୁ ହଜୁର! ଜମିଦାର କହିଲେ - ସଂଧ୍ୟାବେଳେ ଆପଣ ଏବଂ ମୁଁ ଟିକେ ଆରାମରେ ବସିବା। ଏତେ ବାଟ ଆସି ଆପଣ କ୍ଳାନ୍ତ ହୋଇ ଯାଇଥିବେ ...।

-ଠିକ୍ ଅଛି, ଠିକ୍ ଅଛି...କିନ୍ତୁ ସିରସ୍ତାଦାରକୁ କୁହନ୍ତୁ, ବିଗତ ତିନି ବର୍ଷର ହିସାବ କିତାବ ସବୁ ପ୍ରସ୍ତୁତ କରି ରଖିଥିବେ।

ପୁଣି ଝାଳ ବହିଗଲା ଜମିଦାରଙ୍କର। ନିଜକୁ ସମ୍ଭାଳି ନେଲେ ସେ। ଝାଳ ପୋଛି କହିଲେ - ହଜୁର ପ୍ରଥମେ ସଂଧ୍ୟା ତ ଆସୁ ...ରାତିରେ ଟିକେ ଆରାମ ବି କରନ୍ତୁ...ସକାଳୁ ଆପଣ ଯେମିତି ଚାହିଁବେ, ସେମିତି ହେବ।

ସେତିକି ବେଳେ ଚାକର ଆସି ସୂଚନା ଦେଲା - ସାଆନ୍ତେ ରାତି ପାଇଁ ଚାରିଟା କୁକୁଡ଼ା କାଟି ପଠେଇଛି ଫକୀର ...ମାଲିକାଣୀ ପଚାରୁଛନ୍ତି ସବୁ କଷା କରାହେବ ନା ଅଧାକଷା ଆଉ ଅଧାପୋଡ଼ା ମସଲା?

- କୁହନ୍ତୁ ଆଜ୍ଞା, ଆପଣଙ୍କ ପସନ୍ଦ କ'ଣ?

ଇନକମ୍‌ଟ୍ୟାକ୍ସ ଅଫିସର୍ ଗମ୍ଭୀର ହୋଇ କହିଲେ - ଜମିଦାର ମହାଶୟ, ମୁଁ ଆସୁଛି ...

- କାହିଁକି ଆଜ୍ଞା? କୁଆଡ଼େ? ଆମର କିଛି ଭୁଲ୍ ହୋଇଗଲା କି?

- ନା, ନା, ଆପଣଙ୍କ ସହ ଏକାଠି ବସି କୁକୁଡ଼ା ମାଂସ ଖାଇବାର ଭାଗ୍ୟ ମୋର ନାହିଁ। ଏପରିକି ଆପଣଙ୍କର ସିରସ୍ତାଦାର ମତେ ଏକ ଲକ୍ଷ ଟଙ୍କା ଦେବା ପାଇଁ ଚାହୁଁଥିଲେ। ମୁଁ କିନ୍ତୁ ବର୍ତ୍ତମାନ ମୋର ପୁରସ୍କାର ନେଇ ଚାଲିଯିବାକୁ ଚାହୁଁଛି।

ଘଟଣା କ'ଣ ବୋଲି ଜମିଦାର ଓ ସେଠାରେ ଥିବା ଅନ୍ୟମାନେ ଆଶ୍ଚର୍ଯ୍ୟ ହୋଇ ଆୟକର ଅଧିକାରୀକୁ ଚାହିଁଲେ।

- କିନ୍ତୁ, ଆପଣ ...?

- ହଜୁର! ଲକ୍ଷେ ଟଙ୍କା ଲାଞ୍ଚ ନେଇ ମୁଁ ପଳେଇ ପାରିଥାନ୍ତି। କିନ୍ତୁ ନା, ମତେ ଆପଣଙ୍କଠାରୁ ପୁରସ୍କାର ହିଁ ଦରକାର।

- ପୁରସ୍କାର!

- ଆଜ୍ଞା ହଜୁର ! ମୁଁ ଆୟକର ଅଧିକାରୀ ନୁହେଁ, ମୁଁ ହେଉଛି ଆପଣଙ୍କ ରାଜ୍ୟର ଜଣେ ବହୁରୂପୀ ଅଭିନେତା କିଶନ୍‌ଲାଲ୍। ଭାବିଲି ନିଜ କଳା ଦେଖେଇ ଆପଣଙ୍କଠାରୁ କିଛି ପୁରସ୍କାର ହାସଲ କରିବି...

ରାଗରେ ଚିଡ଼ି ଉଠିଲେ ଜମିଦାର - ତୁ ତେବେ କିଶନୁ ଧାନୁକ...ରାମୁ ଧାନୁର ଅବାଞ୍ଛିତ ପୁଅ! ଆବେ ହାରାମଜାଦା, ତୋ ଯୋଗୁଁ ମୋର ହାର୍ଟଆଟାକ୍ ହୋଇଯାଇଥାନ୍ତା! ତୋ' ପୁରସ୍କାର ଫୁରସ୍କାର ସବୁ ଚୁଲିକି ଯାଉ ... ଯଦି ଦୁଃଖରେ ମୋର କିଛି ହୋଇଯାଇଥାନ୍ତା ତେବେ? ମୁଁ ଆଦେଶ ଦେଉଛି ... ତତେ ଏଇ ମୁହୂର୍ତ୍ତରେ ମୋ ରାଜ୍ୟ ଛାଡ଼ିବାକୁ ପଡ଼ିବ। ମନେରଖ, କେବେ ବି ଯଦି ତତେ ମୋ ରାଜ୍ୟରେ ଦେଖିଛି, ତେବେ ହାତ-ଗୋଡ଼ ଚୂନା କରିଦେବି।

ବହୁରୂପୀ କଳାକାର କିଶନ୍‌ଲାଲ୍‌କୁ ପୁରସ୍କାର ତ ମିଳିଲାନି ବରଂ ଭୟ ଓ ଆତଙ୍କର ରାଜ୍ୟ ଛାଡ଼ିବାକୁ ପଡ଼ିଲା।

କିଛି ବର୍ଷ ପରେ ଜମିଦାରଙ୍କ ସେଇ ଗାଁକୁ ଜଣେ ବୁଢ଼ା ସାଧୁ ଆସିଲେ ଏକ ଅଶ୍ୱତ୍ଥ ଗଛ ମୂଳେ ଚୁପ୍‌ଚାପ୍ ବସି ରହୁଥିଲେ ସେ। କାହାକୁ କିଛି ବି ମାଗୁ ନଥିଲେ। ତାଙ୍କ ପ୍ରତି ଲୋକଙ୍କ ଆକର୍ଷଣ ବଢ଼ିଲା। ସାମାନ୍ୟ ପ୍ରବଚନ ଦେବା ବି ଆରମ୍ଭ କଲେ ସେ। ଲୋକମାନେ ତାଙ୍କ ପାଇଁ କୁଡ଼ିଆଟିଏ ତିଆରି କରିବାକୁ ଚାହିଁଲେ, କିନ୍ତୁ ମନା କରିଦେଲେ ସାଧୁ। ଶୀତ, ବର୍ଷା, ଖରା ସବୁ ସମୟରେ ସେଇ ଅଶ୍ୱତ୍ଥ ଗଛ ମୂଳରେ ବସି ଧ୍ୟାନ, ଭଜନ, ପ୍ରବଚନ ଆଦିରେ ମଗ୍ନ ରହୁଥିଲେ। କ୍ରମେ ତାଙ୍କ କୀର୍ତ୍ତି ବ୍ୟାପିବାକୁ ଲାଗିଲା। ଦୂର ଦୂରାନ୍ତରୁ ଲୋକମାନେ ସାଧୁଙ୍କ ଦର୍ଶନ ପାଇଁ ଆସିବାରେ ଲାଗିଲେ।

ଦିନେ ଜମିଦାରଙ୍କ ସ୍ତ୍ରୀ ମଧ୍ୟ ଆସିଲେ ସାଧୁଙ୍କ ଦର୍ଶନ ପାଇଁ। ଶ୍ରଦ୍ଧାରେ କିଛି ଦକ୍ଷିଣା ଦେଲେ। ସେ ଦକ୍ଷିଣାକୁ ଗ୍ରାମପଞ୍ଚାୟତକୁ ଦାନ କରିଦେଲେ ସାଧୁ। ପ୍ରବଚନରେ ସ୍ପଷ୍ଟ କରିଦେଲେ - ଏ ଧନ ମୋ ଅର୍ଜିତ ଧନ ନଥିଲା ...ନିଜ ଶ୍ରମର ପ୍ରତିବଦଳରେ ମୁଁ ଏହା ରୋଜଗାର କରିନି ...ଏହା ସମାଜର ଧନ... ତେଣୁ ସମାଜ ପାଖକୁ ଫେରିଯିବା ଦରକାର, ଯେମିତି ବର୍ଷା ଜଳ ସମୁଦ୍ରକୁ ଫେରିଯାଏ।

ଜମିଦାରଙ୍କ ସ୍ତ୍ରୀ ପ୍ରତିଦିନ ଆସୁଥିଲେ ସାଧୁଙ୍କ ଦର୍ଶନ ପାଇଁ। ଦିନେ ସେ ଜିମଦାରଙ୍କୁ କହିଲେ - ସାଧୁଙ୍କୁ ଆମ କୋଠାକୁ ନେଇ ଆସିବା, ନା କ'ଣ କହୁଛ? ଶୀତ, ଖରା, ବର୍ଷାରେ ସେ ସେଇ ଅଶ୍ୱତ୍ଥ ଗଛମୂଳେ ହିଁ ବସି ରହୁଛନ୍ତି।

ରାଜି ହୋଇଗଲେ ଜମିଦାର। ବଡ଼ ଧୁମ୍‌ଧାମରେ ଜମିଦାରଙ୍କ ସ୍ତ୍ରୀ ସାଧୁଙ୍କୁ ନିଜ କୋଠାକୁ ନେଇ ଆସିଲେ। ଏବେ ଭକ୍ତମାନେ ସେଠାକୁ ଆସିବାରେ ଲାଗିଲେ।

ସାଧୁଙ୍କ ସଂସ୍ପର୍ଶରେ ଆସି ଜମିଦାର ଓ ତାଙ୍କ ସ୍ତ୍ରୀ ସଂସାରର ଅନ୍ୟ ଦିଗଟିକୁ ଦେଖିପାରିଲେ। ଦିନେ ରାତିରେ ସବୁ ଭକ୍ତ ଯାଇସାରିବା ପରେ, ସେମାନେ ନିଜର ସମସ୍ତ ସମ୍ପତ୍ତି ନେଇ ସାଧୁ ମହାରାଜଙ୍କ ଚରଣରେ ରଖିଦେଲେ - ମହାରାଜ, ଆପଣ ଯେମିତି ଚାହିଁବେ, ଆମର ଏ ଅପର୍ଯ୍ୟାପ୍ତ ସମ୍ପତ୍ତିର ଉପଯୋଗ ସେମିତି କରିପାରିବେ।



ତା'ପରଦିନ ଭକ୍ତମାନେ ଆସିବା ବେଳକୁ ସାଧୁ ମହାରାଜ କୁଆଡ଼େ ଅନ୍ତର୍ଦ୍ଧାନ ହୋଇଯାଇଥିଲେ। ଜମିଦାର ଓ ଜମିଦାରଙ୍କ ସ୍ତ୍ରୀ ଆଶଙ୍କାରେ ପଡ଼ିଲେ। ପୂରା କୋଠା ତନ୍ନ ତନ୍ନ କରି ଖୋଜା ହେଲା, କିନ୍ତୁ ସାଧୁଙ୍କ ଛାଇ ବି କେଉଁଠି ଦେଖିବାକୁ ମିଳିଲାନି। ସମସ୍ତ ଧନ ସମ୍ପତ୍ତି ଧରି ସାଧୁ ଜଣକ ଚମ୍ପଟ ମାରିଥିଲା। ଭକ୍ତଙ୍କ ହୋ ହଲ୍ଲା ଭିତରେ ସେଇ ବହୁରୂପୀ କିଶନ୍‌ଲାଲ୍‌କୁ ଦେଖିବାକୁ ମିଳିଲା। ଜମିଦାରଙ୍କ ରାଗ ତ ଆକାଶକୁ ଛୁଇଁଥିଲା। ଗର୍ଜି ଉଠିଲେ ସେ ...

- ଏତେ ବର୍ଷ ପରେ କିଶନ୍‌କୁ ତୁ ଏଠି? ମୁଁ ତତେ ରାଜ୍ୟରୁ ବାହାର କରିଦେଇଥିଲି। ତୁ ଏଠିକି କ'ଣ ପାଇଁ ଆସିଛୁ?

- ହଜୁର ମୋ ପୁରସ୍କାର ନବାକୁ ଆସିଛି।

- କୋଉ ପୁରସ୍କାର? କେଉଥିପାଇଁ ପୁରସ୍କାର?

- ହଜୁର, ଗତଥରର ପୁରସ୍କାର, ଯାହା ଆପଣ ଏ ଯାଏଁ ଦେଇ ନାହାନ୍ତି, ଆଉ ଏଇ ଥରର ପୁରସ୍କାର ମଧ୍ୟ।

- ଏଇ ଥରର ପୁରସ୍କାର? ଲୋକମାନେ ଚିଲ୍ଲାଉଥିଲେ।

- ହଁ, ହଜୁର। ସେ ସାଧୁ ତ ମୁଁ ନିଜେ ହିଁ ଥିଲି, ଯାହାକୁ ଗତକାଲି ରାତିରେ ଆପଣ ସବୁ ସମ୍ପତ୍ତି ଦାନ କରିଦେଇଥିଲେ।

ଲୋକମାନଙ୍କର ବିଶ୍ୱାସ ହେଲାନି। ଆଶ୍ଚର୍ଯ୍ୟ ହୋଇ ଜମିଦାର ପଚାରିଲେ - ତୁ ସେଇ ସାଧୁ ଥିଲୁ?

- ଆଜ୍ଞା ହଜୁର।

- ତେବେ ମୁଁ ଦେଇଥିବା ସବୁ ଧନ ସମ୍ପତ୍ତି କାଇଁ?

- ହଜୁର! କୋଠାର ପଛପଟ କୋଠରିରେ ସବୁ ଧନ ସମ୍ପତ୍ତି ଠିକ୍‌ଠାକ୍ ଅଛି।

ଚାକର-ବାକର ଦୌଡ଼ିଲେ। କିଛି ସମୟ ପରେ ଗୋଟେ ଗଣ୍ଠିଲିରେ ବନ୍ଧା ହୋଇଥିବା ଧନ ସମ୍ପତ୍ତି ସବୁ ନେଇ ଆସିଲେ। ସାଧୁ ପିନ୍ଧୁଥିବା ଧୋତିରେ ସେ ସବୁ ବନ୍ଧା ହୋଇଥିଲା। ସର୍ବସମ୍ମୁଖରେ ଗଣ୍ଠିଲି ଖୋଲାହେଲା। ସବୁ ସମ୍ପତ୍ତି ସାଥିରେ ସେ ନିଜ ନିଶ ଓ ଦାଢ଼ି ମଧ୍ୟ ରଖିଥିଲା, ତା' ସହ ତା'ର ଗେରୁଆ କୁର୍ତ୍ତା, ରୁଦ୍ରାକ୍ଷମାଳା ଏବଂ ଅନ୍ୟ ସବୁ ମାଳା ମଧ୍ୟ ସେଇ ଗଣ୍ଠିଲିରେ ଥିଲା। ହୋହଲ୍ଲା କରୁଥିବା ଭକ୍ତମାନେ ଶାନ୍ତିରେ ନିଶ୍ୱାସ ନେଲେ। ଆଶ୍ଚର୍ଯ୍ୟଭାବେ ତାକୁ ଦେଖୁଥିଲେ ଜମିଦାର ଓ ତାଙ୍କ ସ୍ତ୍ରୀ।

- ଆରେ ପାଗଳ। ତେବେ ପୁରସ୍କାର ମାଗିବାର କ'ଣ ଆବଶ୍ୟକ ଥିଲା? ଏ ସବୁ ଧନ ସମ୍ପତ୍ତି ଧରି ତ ଚାଲିଯାଇପାରିଥାନ୍ତୁ!

- ନିଶ୍ଚିତ ପଳେଇପାରିଥାନ୍ତି ହଜୁର...କିନ୍ତୁ ସେମିତି କରିଥିଲେ ସାଧୁମାନଙ୍କ ଉପରେ ଲୋକଙ୍କ ବିଶ୍ୱାସ ତୁଟିଯାଇଥାନ୍ତା।

ଡିମା ଡିମା ଆଖିରେ ଆଶ୍ଚର୍ଯ୍ୟ ଭାବେ ଲୋକମାନେ ଦେଖୁଥିଲେ ତାକୁ। ଜମିଦାର ଓ ତାଙ୍କ ସ୍ତ୍ରୀ ମଧ୍ୟ। କେଡ଼େ ବୋକା ଲୋକଟେ ଏଇଟା...ସତକଥା ନ କହି ଯଦି ସବୁ ସମ୍ପତ୍ତି ଧରି ଚାଲିଯାଇଥାନ୍ତା ତେବେ ଜମିଦାର କ'ଣ କରିପାରିଥାନ୍ତା ତା'ର।

ନିଜ ପୁରସ୍କାର ଅପେକ୍ଷାରେ ଚୁପ୍‌ଚାପ୍ ଠିଆ ହୋଇଥିଲା କିଶନୁ ବହୁରୂପୀ।

ଜମିଦାର ମହାଶୟ କହିଲେ - କିଶନୁ। ତୁ ବ୍ୟବହାର କରୁଥିବା ସାଧୁଙ୍କ ଲୁଗାପଟା ମାଳି ଆଉ ଯାହାସବୁ ଅଛି, ସେଗୁଡ଼ାକ ନେଇ ଯା!

- ସେଗୁଡ଼ାକ ନେଇଯିବି...କିନ୍ତୁ ମୋ ପୁରସ୍କାର? ସେଇଟା ତ ଦିଅନ୍ତୁ।

- ପ୍ରକୃତରେ ତୋ ବୁଦ୍ଧି ଦେଖି ମତେ ଦୟା ଆସୁଛି କିଶନୁ ....ଜମିଦାର କହିଲେ -ତୁ ବାସ୍ତବରେ ଗୋଟେ ମୂର୍ଖ।

- ହଜୁର। ଯାହା ହେଲେ ବି ମୁଁ ଜଣେ କଳାକାର ...ଆମ ମୂର୍ଖମାନଙ୍କୁ ନେଇ ଏ ଦୁନିଆଁ ଚାଲିଛି... ମତେ କେବଳ ମୋ' ପୁରସ୍କାର ଦରକାର। ଆପଣଙ୍କ ଧନ ଦୌଲତ ନୁହେଁ...। ■

ଏମଆଇଜି-୨୧
ହାଉସିଂବୋର୍ଡ କଲୋନୀ, ନୟାଗଡ଼

## କଳାପାଣି

ମୂଳ ଇଂରାଜୀ: ବିନିତା ଅଗ୍ରୱାଲ
ଅନୁବାଦ: ଚିରଶ୍ରୀ ଇନ୍ଦ୍ରସିଂ



ବିଦ୍ରୋହୀମାନଙ୍କୁ ଦିଆଗଲା ଆଜୀବନ ନିର୍ବାସନ
ମାନଚିତ୍ରରେ ମିଳୁ ନ ଥିବା,
ମାଲେହେବ ଦ୍ୱୀପରେ
ଗାଢ଼ ଖଇରିଆ ରଙ୍ଗର ଉପନିବେଶୀୟ ବନ୍ଦୀଶାଳା ।

ପ୍ରତିଟି ନିଃଶ୍ୱାସ ଉତ୍ପୀଡ଼କ
ନିର୍ମମ କଳା
କିମ୍ବା ପୂରା ନିଖୋଜ ।

ଦେହରେ ବଗଡ଼ା ଝୋଟର ପୋଷାକ
ଲୁହାର ବିଚିତ୍ର ବେଡ଼ି ବେକରେ ବଳାଗଣ୍ଠିରେ
ଘରଚଟିଆ ମାଫି ଦାନାର ଯୋଗାଡ଼
ପିଚାରୁ ନିଗିଡ଼େ ରକ୍ତ,
ଚାବୁକ ମାଡ଼
ପରିସ୍ରାକୁ ଅନୁମତି,
ଦିନକୁ ଏକ ଥର।

ହାତଟଣା ତେଲ ଘଣା
ମାଡ଼ଗାଳି, ସହି ହେଉ ନ ଥିବା ଅପମାନ
ନଡ଼ିଆ ତେଲ ପେଡ଼ିବାକୁ ପଡ଼େ ଦଶ ପାଉଣ୍ଡ
ବନ୍ଧୁଆ ଜୀବନ।

ଅବଶ ହୋଇଯାଏ
ସେମାନଙ୍କର ହାତ
ଫାଟିପଡ଼େ ଚେହେରା,
ଭଙ୍ଗାରୁଜା ଭୂଗୋଳ
ଉପରେ ଦୂର ସ୍ୱର୍ଗରେ
ଏଇ ବିଦ୍ରୋହୀମାନଙ୍କ ପାଇଁ
ଚକ ଚକ ଚମକୁଥିବା ତାରାମାନେ ଲୁହ ସରସର।

କେହି କେବେ ଖସି ଯାଇ ପାରିନାହିଁ
ଏଇ କଳାପାଣିର ପଞ୍ଜୁରିରୁ
ଅସାଧ୍ୟ ଏଇ ବିକଟାଳ ସମୁଦ୍ର,
ମର୍ମାନ୍ତିକ ମହାସମୁଦ୍ର,
କେବଳ ସେମାନଙ୍କର ଖଣ୍ଡଖଣ୍ଡ ଚିତ୍କାର,
ଏକାଠି
ବିଦାରିପକାଏ ବାୟୁ
ଚିରି ପକାଏ ପବନ

ଏବଂ ତାପରେ
ବିଞ୍ଚି ହୋଇପଡ଼େ ଦ୍ୱୀପସାରା
ମଲା ପତ୍ର ପରି,
ସତେକି ଏକ ବିକ୍ଷୁବ୍ଧ ମନର ଟୁକୁରା ।

ରାଜନୈତିକ ବିରୋଧୀର
ଏପରି ବି ହୁଏ,
ଭାବି ହୁଏନା
ଭାବି ହୁଏନା କୋଉ ଗୋଟିକୁ ଏମିତି
ଜଣେ ମଣିଷ ହରାଇ ବସେ
ତା'ର ସମସ୍ତ ମାନମହତ
ମରେ, ଭୋକରେ ପାଗଳ ହୁଏ
ଅସହନୀୟ ପୀଡ଼ାର ଇମାରତ ତଳେ,
ହୁଏ କ୍ରୁଶବିଦ୍ଧ
ଆଉ ପ୍ରତିବଦଳରେ
ସେ ଅର୍ଜନ କରେ ଗୋଟିଏ ଦେଶ । ■

## ବସୁଧା

ତୋର ଦେହ ସାରା କ୍ଷତ, ବସୁଧା
ତୋ' ଦେହରେ ଗୋଟେ
ଶାଲ ଗୁଡ଼ାଇ ଦେବାକୁ ଦେ' ମତେ।
ତିବ୍ବତୀୟ-ସାରଙ୍ଗର ଲୋମରେ ତିଆରି ଶାଲ
ନା, ଏମିତି କରିବା ଚଳିବନି
ମୋର ତା' ସହ।
କୋମଳ ଲୋମ, ଆଙ୍ଗୋରା
ନା, ପଞ୍ଜୁରି ଭିତରେ ଅଣନିଃଶ୍ୱାସୀ ଠେକୁଆମାନେ।
ବାଘଛାଲରେ ମୁଁ ଢାଙ୍କି ପାରିବିନି ତତେ
ତତେ ଯେ ଲାଗିଯିବ
ବାକି ଥିବା ଚାରି ହଜାର ବର୍ଷର ଝଟ୍‌କା।
ଛେଳିଲୋମରେ ତ ଚଳିବନି ବିଲ୍‌କୁଲ
ତୋ ଦେହସାରା ବୋଳି ହୋଇଯିବ ଛେଳିର ରକ୍ତ।
ନା, ସିଲ୍‌କ ନୁହେଁ
ପ୍ୟୁପାମାନଙ୍କୁ ଜୀଅନ୍ତା ସିଝାଇବା କଥାଟିକୁ
ତୁ ସହି ପାରିବୁନି ଜମାରୁ।
ହଂସ ତଳିପେଟର ସାନ ସାନ
ସୁକୁମାର ପରରେ
ତିଆରି ରେଜେଇ
ନା, ହେବନାହିଁ
ପରଓଟରା ହଂସର ଛିନ୍ନବିଛିନ୍ନ ଦେହ
ତାଜା କରିଦେବ ତୋ' ମନରେ
ତୋ' ନିଜ କ୍ଷତର ସ୍ମୃତି।
ସବୁଠାରୁ ଭଲ ହେବ, ମୋର ଦୁଇ ବାହୁ
ତୋ' କ୍ଷତର ମଲମ- ପଟି ।
ତୋ' ନାମ ସହିତ ଗୁନ୍ଥା ଯାହାର ଢୁକୁଢୁକି
ସେଇ ହୃଦୟ ପରି ଉଷୁମ
ମୋ ବାହୁର ଅଲିଅଳ ଦୋଳଣା।
ସବୁଠାରୁ ଭଲ ହେବ ମୋର ଦୁଇ ବାହୁ
ତୋ କ୍ଷତର ମଲମ-ପଟି। ■

ମୋ : ୮୦୧୮୪୨୦୫୧୭

## ଲେଖକ ଲେଖିକାଙ୍କ ନିମନ୍ତେ ସୂଚନା

ପ୍ରତ୍ୟେକ ରବିବାର ଦୈନିକ ସମ୍ବାଦପତ୍ର 'ସକାଳ'ର ସାହିତ୍ୟ ପୃଷ୍ଠା 'ସୃଜନିକା' ପ୍ରକାଶ ପାଉଛି। ଏହି ପୃଷ୍ଠା ପାଇଁ ଆପଣ ଆପଣଙ୍କର ଗୋଟିଏ ସୁନିର୍ବାଚିତ ଶ୍ରେଷ୍ଠ ଗଳ୍ପ, ପ୍ରବନ୍ଧ, କବିତା ଆକୃତି କିମ୍ବା ୟୁନିକୋଡରେ ଟାଇପ୍ କରି ଆମ୍ଭ ନିକଟକୁ ପଠେଇ ପାରିବେ। ଲେଖାଟି ମୌଳିକ ତଥା ଅପ୍ରକାଶିତ, ଅର୍ଥାତ୍ ପୂର୍ବରୁ କୌଣସି ସମ୍ବାଦପତ୍ରର ସାହିତ୍ୟ ପୃଷ୍ଠା, ପତ୍ରପତ୍ରିକା ଅଥବା ସୋସିଆଲ୍ ମିଡିଆରେ ପ୍ରକାଶିତ ହୋଇନଥିବା ବାଞ୍ଛନୀୟ। ଗଳ୍ପ ଏବଂ ପ୍ରବନ୍ଧର ଶବ୍ଦ ସଂଖ୍ୟା ଅତିବେଶିରେ ୫୦୦ରୁ ୬୦୦ ମଧ୍ୟରେ ସୀମିତ ରହିବା ଦରକାର। **'ପୁସ୍ତକ ପରିଚୟ'** ସ୍ତମ୍ଭ ନିମନ୍ତେ ଆପଣ ଆପଣଙ୍କର ସଦ୍ୟ ପ୍ରକାଶିତ ଦୁଇଖଣ୍ଡ ବହି ପଠାନ୍ତୁ। ଆପଣ ଉଭୟ ଡାକଯୋଗେ ତଥା ଇ-ମେଲ୍‌ରେ ଆମ ସହ ଯୋଗାଯୋଗ କରିପାରିବେ। ■

ଆମ ଠିକଣା

'ସୃଜନିକା/ସକାଳ',
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦-୯୧, ଭଗବାନପୁର ଶିଳ୍ପାଞ୍ଚଳ
ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍: feature@thesakala.com

# ଜର୍ଜ ହର୍ବଟ୍‌ଙ୍କ କବିତାରେ ଆଧ୍ୟାତ୍ମିକ ଚେତନା

ବିଜୟ କୁମାର ପାଢ଼ୀ



ସପ୍ତଦଶ ଶତାବ୍ଦୀରେ ଇଂରେଜୀ ସାହିତ୍ୟରେ ଆଧ୍ୟାତ୍ମିକ ବା ଆଧିଦୈବିକ (Metaphysical) କବିମାନଙ୍କ ମଧ୍ୟରେ ଜନ୍ ଡନ୍, ଆଣ୍ଡ୍ର୍ୟୁ ମାର୍ଭେଲ, ହେନେରୀ ଭନ୍, ଜର୍ଜ ହର୍ବଟ ଏବଂ ରିକାର୍ଡ କ୍ରସ୍‌ଅ ବେଶ୍ ଆଦୃତି ଲାଭ କରିଛନ୍ତି। ଆପଣାର କବିତା ଚାତୁରୀରେ ଅନେକ ଗୂଢ଼ତତ୍ତ୍ୱକୁ ଉପସ୍ଥାପନା କରିପାରିଛନ୍ତି। ଜନଡନ୍‌ଙ୍କ କାବ୍ୟ ଚାତୁରୀରେ ଅସାଧାରଣ ବୁଦ୍ଧିମତ୍ତା (Conceit)ର ପରିଚୟ ମିଳୁଥିବା ବେଳେ, ଜର୍ଜ ହର୍ବଟ୍‌ଙ୍କ କାବ୍ୟ ସମ୍ଭାର ସୂକ୍ଷ୍ମ ବିଚାର ଓ ଦର୍ଶନ ତତ୍ତ୍ୱ ଉପରେ ପର୍ଯ୍ୟବସିତ। ହର୍ବଟଙ୍କର ଧ୍ୟାନ କେନ୍ଦ୍ରୀଭୂତ ହୁଏ ଭଗବାନଙ୍କ ସହିତ ମଣିଷର ସମ୍ପର୍କ ସ୍ଥାପନାରେ। ଏତଦ୍‌ବ୍ୟତୀତ ଏକ ମହାଜାଗତିକ ଦର୍ଶନରେ ଉଦ୍‌ବୁଦ୍ଧ ହୋଇଥିବା କବିଙ୍କ ମତରେ – 'ମଣିଷର ଜୀବନ ସ୍ୱୟଂସମ୍ପୂର୍ଣ୍ଣ ହୁଏ ସୃଷ୍ଟିକର୍ତ୍ତା, ଭଗବାନଙ୍କ ସାନିଧ୍ୟରେ'। ଜଣେ ଆଧ୍ୟାତ୍ମବାଦୀ କବି ହିସାବରେ ଜର୍ଜ ହର୍ବଟଙ୍କ ଧାରଣା ଯେ ଆଧ୍ୟାତ୍ମିକ ପୃଥିବୀ ହିଁ ଏକମାତ୍ର ଓ ବାସ୍ତବପୃଥିବୀ। ଅନେକ ଗୁଡ଼ିଏ କାବ୍ୟ ଅଛି, ଯାହା ହର୍ବଟଙ୍କ ଆଧ୍ୟାତ୍ମିକ ଅନୁଭୂତି ଓ ସାମାଜିକ ଦ୍ୱନ୍ଦ୍ୱ ଉପରେ ପର୍ଯ୍ୟବସିତ।

ବହୁମୁଖୀ ପ୍ରତିଭାର ଅଧିକାରୀ କବି ଜର୍ଜ ହର୍ବଟ୍, ମାତ୍ର ୪୦ ବର୍ଷର ଜୀବନ ଅବଧି ଭିତରେ ଅନେକ ଆଧ୍ୟାତ୍ମିକ କବିତା ରଚନା କରି ସପ୍ତଦଶ ଶତାବ୍ଦୀର ଇଂରାଜୀ ସାହିତ୍ୟକୁ ଋଦ୍ଧିମନ୍ତ କରିଯାଇଛନ୍ତି। ଧର୍ମ, ଦର୍ଶନ, ଈଶ୍ୱର ବିଶ୍ୱାସ ଏବଂ ବିଚାର ସମ୍ପନ୍ନ ତତ୍ତ୍ୱ ତାଙ୍କ କବିତାଗୁଡ଼ିକର ଚାରିତ୍ରିକ ବୈଶିଷ୍ଟ୍ୟ। ମଣିଷ ଆବଶ୍ୟକ କରୁଥିବା ଜୀବନର ପରମଶାନ୍ତି, ସାତ୍ତ୍ୱିକତା ଏବଂ ଏହାର ଅଭାବରେ ମଣିଷର ଅସହାୟତା ତାଙ୍କ କାବ୍ୟମାନଙ୍କରେ ବେଶ୍ ପରିପୁଷ୍ଟ। ହର୍ବଟଙ୍କ ଦ୍ୱାରା ଲିଖିତ ଏବଂ ୧୬୩୩ ମସିହାରେ ପ୍ରକାଶିତ 'ଦ ପୁଲୀ' କବିତାଟି, ସେହିଭଳି ଏକ ଦାର୍ଶନିକ ତତ୍ତ୍ୱ ଉପରେ ପର୍ଯ୍ୟବସିତ। ଜନ୍ ମିଲ୍‌ଟନଙ୍କ ପରି ଜର୍ଜ ହର୍ବଟ୍ ମଧ୍ୟ ମାନବ ଜାତିର ସୃଷ୍ଟି ଏବଂ ତାହାର ଆଦିମ ପ୍ରବୃତ୍ତିକୁ ନେଇ ଏକ ନିଜସ୍ୱ ପୃଥିବୀ ତିଆରି କରିଛନ୍ତି ନିଜର ସାହିତ୍ୟ ସର୍ଜନା ମାଧ୍ୟମରେ। 'ପୁଲୀ' କାବ୍ୟଟି ସୃଷ୍ଟି ସହିତ ସ୍ରଷ୍ଟାଙ୍କ ସମ୍ପର୍କ ଉପରେ ଗଭୀର ଅନୁଶୀଳନ। ସୃଷ୍ଟିକର୍ତ୍ତା ପରମ କାରୁଣିକ ଓ ନିଜର ସୃଷ୍ଟି ଅର୍ଥାତ୍ ମଣିଷମାନଙ୍କୁ ନିଜ ସ୍ୱରୂପରେ ଗଢ଼ିଛନ୍ତି। ଏତଦ୍‌ବ୍ୟତୀତ ସ୍ରଷ୍ଟା ନିଜର ମହନୀୟତାକୁ ପ୍ରତିପାଦନ କରିବାକୁ ଯାଇ ଦାନସୂତ୍ରରେ ଅଖଣ୍ଡ, ଐଶ୍ୱର୍ଯ୍ୟ ପ୍ରଦାନ କରିଥିଲେ ମଧ୍ୟ ବି ମାନସିକ ଶାନ୍ତି ଭଳି ବସ୍ତୁଟିକୁ ମଣିଷ ଜାତିକୁ ପ୍ରଦାନ କରିନାହାନ୍ତି। ସୃଷ୍ଟି ଓ ସ୍ରଷ୍ଟା ଅଭିନ୍ନ ଏବଂ ଏକ ସ୍ୱର୍ଗୀୟ ପ୍ରେମରେ ବନ୍ଧା – ତାହା ହିଁ କବିତାଟିର ମୁଖ୍ୟ ବିଷୟବସ୍ତୁ। ମଣିଷ ଭଗବାନଙ୍କ ପ୍ରଦତ୍ତ ସମସ୍ତ ଐଶ୍ୱର୍ଯ୍ୟ ଉପଭୋଗ କରୁଥିଲେ ମଧ୍ୟ ବି ପୃଥିବୀପୃଷ୍ଠରେ ବିଶ୍ରାମ କିମ୍ବା ମାନସିକ ଓ ଶାନ୍ତି ବ୍ୟାଘାତ ଜୀବନରେ ଅତିଷ୍ଠ ହୋଇପଡ଼ିଛି ଏବଂ ପରିଶେଷରେ ଭଗବାନଙ୍କ ସାନିଧ୍ୟ ଲାଭ ପାଇଁ ତା'ର ବ୍ୟାକୁଳତା ପରିଲକ୍ଷିତ ହୋଇଛି। କବିତାଟିର ପ୍ରଥମ ପଂକ୍ତିର ବର୍ଣ୍ଣନା, ଶବ୍ଦ ସଂଯୋଜନା କବିଙ୍କ ନିଜସ୍ୱ କାବ୍ୟ ଚାତୁରୀର ନିଖୁଣ ପରିଚୟ। ଭଗବାନ ମଣିଷକୁ ଏକ ସର୍ବଶ୍ରେଷ୍ଠ ସୃଷ୍ଟି ଭାବରେ ତିଆରି କଲେ। ଗୋଟିଏ ଗ୍ଲାସ୍‌ରେ ଭରି ରହିଥିବା ସମସ୍ତ ଉପଭୋଗ୍ୟ ତଥା ବସ୍ତୁବାଦୀ ଦ୍ରବ୍ୟ ଯଥା – ଶକ୍ତି ବା ସାମର୍ଥ୍ୟ, ସୌନ୍ଦର୍ଯ୍ୟ, ଜ୍ଞାନ, ମାନ ସମ୍ମାନ ଏବଂ ଖୁସିକୁ ଜଣେ ପରେ ଜଣେ ମଣିଷ ଉପରେ ଅଜାଡ଼ି ଦେଇଛନ୍ତି। ପରବର୍ତ୍ତୀ ଅବସ୍ଥାରେ ପାର୍ଥିବ ବସ୍ତୁଗୁଡ଼ିକୁ ଉପଭୋଗ କରିବାରେ ମଣିଷ ଏମିତି ମଜି ଯାଇଛି, ସେ ସ୍ରଷ୍ଟାଙ୍କର ମହାନତାକୁ ପାସୋରି ଯାଇଛି। ମନେ ମନେ ଗ୍ରହଣ କରି ଦେଇଛି ସମସ୍ତ ଐଶ୍ୱର୍ଯ୍ୟ ତା'ର ସାମର୍ଥ୍ୟର ନିଦର୍ଶନ। କ୍ଷମତା, ପ୍ରତିପତ୍ତି ଏବଂ ଅହମିକାରେ ଅନ୍ଧ ହୋଇଯାଇ ସୃଷ୍ଟି କର୍ତ୍ତା ଭଗବାନଙ୍କୁ ଅବମାନନା କରିଛି ଏ ମଣିଷ ଜାତି। ଭୁଲିଯାଇଛି ସୃଷ୍ଟି ଏବଂ ସ୍ରଷ୍ଟାର ଏକ ପବିତ୍ର ସମ୍ପର୍କ, ଯାହା ଏକ ଅଦୃଶ୍ୟ ରଜ୍ଜୁରେ ବନ୍ଧା ଏବଂ ସେହି ରଜ୍ଜୁ ସହିତ ପୁଲୀର ସଂଯୋଗ ଏକ ଦର୍ଶନତତ୍ତ୍ୱର ଉପାଦାନ। ସୃଷ୍ଟିକର୍ତ୍ତା ମଣିଷମାନଙ୍କୁ ସମସ୍ତ ଐଶ୍ୱର୍ଯ୍ୟ ପ୍ରଦାନ କରିଥିଲେ ମଧ୍ୟ 'ବିଶ୍ରାମ ବା ମାନସିକ ଶାନ୍ତି' (Rest) ଆଜି ମଣିଷର ଅପହଞ୍ଚ ଦୂରତାରେ। ପାର୍ଥିବ ଜଗତରେ ବସ୍ତୁବାଦୀ ବା ଭୌତିକ ଦ୍ରବ୍ୟ ପଛରେ ଅହରହ ଧାଇଁଧାଇଁ ଅସହାୟ ହୋଇଯାଇଛି ମଣିଷ। ମାନସିକ ଶାନ୍ତି ବିନା ଜୀବନର ଅଳିକତା ଓ ଅସହାୟତାକୁ ମର୍ମେ ମର୍ମେ ଅନୁଭବ କରିପାରିଛି। ଏହି ମାନସିକ ଶାନ୍ତି ହିଁ କବିତାର 'ପୁଲୀ', ଯାହା ମାଧ୍ୟମରେ ଭଗବାନଙ୍କ ସହିତ ମଣିଷର ସମ୍ପର୍କର ସେତୁ ପ୍ରତିଷ୍ଠା ହୋଇପାରିଛି। 'ପୁଲୀ' ଭଳି ଏକ ରୂପ (Metaphors)କୁ ବ୍ୟବହାର କରି କବି ହର୍ବଟ୍ ସ୍ରଷ୍ଟା ଓ ସୃଷ୍ଟି ଉଭୟ ପରିପୂରକ ବୋଲି ମୁକ୍ତକଣ୍ଠରେ ସ୍ୱୀକାର କରିଛନ୍ତି। ମାନସିକ ଅଶାନ୍ତି ଭୋଗକରି ମଣିଷ ଆଧ୍ୟାତ୍ମିକ ରାସ୍ତାକୁ ଆଦରି ନେଇଛି। କବିତାଟିରେ 'ପୁଲୀ' ହିଁ ସ୍ରଷ୍ଟା ଓ ସୃଷ୍ଟି ମଧ୍ୟରେ ଏକମାତ୍ର ଯୋଗସୂତ୍ର ରକ୍ଷାକାରୀ ଯନ୍ତ୍ରାଂଶ। କବିତାଟିରେ କବି ଉନ୍ମୁକ୍ତ ଭାବରେ ମଣିଷର ମୋକ୍ଷପ୍ରାପ୍ତି ଉପରେ ଆଲୋଚନା କରି ନଥିଲେ ବି ଉଭୟ ସୃଷ୍ଟିକର୍ତ୍ତା ଓ ମଣିଷର ସମ୍ପର୍କ ଉପରେ ଆଲୋକପାତ କରିଛନ୍ତି। କବିତାର ତୃତୀୟ ପଂକ୍ତିର ଶେଷ ଧାଡ଼ିଟିରେ କବି ମଣିଷକୁ ବିଶ୍ରାମ ବା ମାନସିକ ଶାନ୍ତି ନ ମିଳିବା ପଛରେ ନିଜର ଏକ ସୁନ୍ଦର ଯୁକ୍ତି ଉପସ୍ଥାପନା କରିଛନ୍ତି। "So both should losers be"- ଧାଡ଼ିଟି ଭଗବାନଙ୍କର ମହତ୍ ଉଦ୍ଦେଶ୍ୟକୁ ଯଥାର୍ଥ ପ୍ରମାଣ କରୁଛି। ଯଦି ମଣିଷ ଭଗବାନଙ୍କ ସହିତ ସମ୍ପର୍କ ଛିନ୍ନ କରେ, ଏହା ଉଭୟ ସ୍ରଷ୍ଟା ଓ ସୃଷ୍ଟି ଉପରେ ପ୍ରଭାବ ପଡ଼ିବ। ହର୍ବଟ୍‌ଙ୍କ ମତରେ ମଣିଷ ଆଧ୍ୟାତ୍ମବାଦୀ ହେବା ପରିବର୍ତ୍ତେ ପାର୍ଥିବ ଜଗତର ମୋହ, ମାୟାରେ ବୁଡ଼ି ରହିଲେ ସ୍ରଷ୍ଟାଙ୍କର ଏହି ଅନବଦ୍ୟ ସୃଷ୍ଟିର ଲକ୍ଷ୍ୟ ଅର୍ଥହୀନ ହୋଇଯିବ। ଯଦିଓ ମଣିଷ ମୋହ ମାୟାଗ୍ରସ୍ତ ହୋଇ ସାମୟିକ କ୍ଷଣ ପାଇଁ ଭଗବାନଙ୍କଠାରୁ ଦୂରରେ ରହିଯାଉଛି, ଜୀବନର ପରବର୍ତ୍ତୀ ପର୍ଯ୍ୟାୟରେ ବିଭୁକୃପା ଲାଭ କରିବା ପାଇଁ ତତ୍ପର ହୋଇଉଠୁଛି।

ଦୁନିଆରେ ଯିଏ ଯେତେ ଯାହା ଖୋଜା ଲୋଡ଼ା କରନ୍ତୁ ବା ନ କରନ୍ତୁ, ପରମପିତା-ଭଗବାନ ହିଁ ମଣିଷକୁ ଆଶ୍ରୟ ପ୍ରଦାନ କରନ୍ତି। ମଣିଷର ସ୍ୱଭାବ ପାଇବ ଏବଂ ପରବର୍ତ୍ତୀ ମୁହୂର୍ତ୍ତରେ ଦାନ ଦେଇଥିବା ବ୍ୟକ୍ତିଟିର ମହନତାକୁ ଭୁଲିଯିବ, କିନ୍ତୁ ସ୍ରଷ୍ଟା ବିନା ସର୍ତ୍ତରେ ମଣିଷକୁ ସକଳ ଐଶ୍ୱର୍ଯ୍ୟ ପ୍ରଦାନ କରିବେ ଏବଂ ତା'ର ଭୁଲ ପାଇଁ କ୍ଷମା ମଧ୍ୟ ପ୍ରଦାନ କରିବେ। Man gets and forgets; God gives and forgives ଭଳି ତତ୍ତ୍ୱଟିକୁ ପୁଲୀ କବିତାରେ ହୃଦୟଙ୍ଗମ କରିହୁଏ। ସପ୍ତଦଶ ଶତାବ୍ଦୀର ଆଦିଦୈବିକ କବିମାନଙ୍କର ସାଙ୍କେତିକ ଶବ୍ଦ ଚୟନର ଅତୁଳନୀୟ ଦକ୍ଷତା, କବିତାରେ ସୂକ୍ଷ୍ମତା, ବିଚକ୍ଷଣତା ଓ ବୁଦ୍ଧିର ପ୍ରୟୋଗ ଅତ୍ୟନ୍ତ ଉଚ୍ଚକୋଟୀର। ପୁଲୀ କବିତାର ଶେଷ ପଂକ୍ତିରେ ବ୍ୟବହୃତ ଶବ୍ଦ 'Rest' ହର୍ବଟ୍‌ଙ୍କର ପ୍ରଚଣ୍ଡ ଧୀଶକ୍ତିର ଏକ ପ୍ରକୃଷ୍ଟ ଉଦାହରଣ। ଗୋଟିଏ ଶବ୍ଦ 'Rest' – (Yet let him keep the rest) ର ଅର୍ଥ ତିନିଗୋଟି ପ୍ରସଙ୍ଗ ଉପରେ ଆଲୋକପାତ କରୁଛି। ପ୍ରଥମତଃ ଭଗବାନ ବ୍ୟବହାର କରିଥିବା କାଚ ଗ୍ଲାସ୍‌ଟିର ଶେଷ ଅଂଶକୁ ସୂଚିତ କରୁଥିବା ବେଳେ ଅନ୍ୟ ଅର୍ଥରେ ଏହା ବିଶ୍ରାମ ବା ମାନସିକ ଶାନ୍ତି ବିଷୟରେ ସୂଚନା ପ୍ରଦାନ କରୁଛି। ତୃତୀୟ ଅର୍ଥ ମଣିଷ ଉପଭୋଗ କରୁଥିବା ସମସ୍ତ ପ୍ରାକୃତିକ ଉପାଦାନକୁ ବର୍ଣ୍ଣନା କରୁଛି। କବିତାଟିରେ ଉଭୟ ସୂକ୍ଷ୍ମ ବିଚାର ସମ୍ପନ୍ନ ତତ୍ତ୍ୱ ଏବଂ ଭାବନାର ପରିପ୍ରକାଶ ଘଟିଛି। 'ପୁଲୀ' କବିତା ମାଧ୍ୟମରେ ଉପମା, ଅଳଙ୍କାର, ରୂପକ, ଚିତ୍ରକଳ୍ପ ଏବଂ ବିରୋଧାଭାସ ସପ୍ତଦଶ ଶତାବ୍ଦୀର ଆଧ୍ୟାତ୍ମିକ କବିତାର ବୈଶିଷ୍ଟ୍ୟଗୁଡ଼ିକୁ ଜର୍ଜ ହର୍ବଟ ଅତି ଚମତ୍କାର ଶୈଳୀରେ ଉପସ୍ଥାପନ କରିଛନ୍ତି। ପରମପିତା ଭଗବାନ ମାନବଜାତିକୁ ନିଜ ଆଡ଼କୁ ଆକର୍ଷିତ କରିବାର ମାଧ୍ୟମ କବିତାଟିର ମୁଖ୍ୟ ବିଷୟବସ୍ତୁ ହେଲେ ମଧ୍ୟ ପୁଲୀ ଭଳି ଏକ କ୍ଷୁଦ୍ର ଯନ୍ତ୍ରାଂଶ ମୁଖ୍ୟରୂପକ ଭାବରେ ବ୍ୟବହୃତ ହୋଇ କବିଙ୍କର ସୂକ୍ଷ୍ମ ବିଚକ୍ଷଣତା ଆଧ୍ୟାତ୍ମିକ ଦର୍ଶନକୁ ବହୁଗୁଣିତ କରିପାରିଛି। ସାହିତ୍ୟରେ ଏକ ଆଧ୍ୟାତ୍ମିକ କାବ୍ୟ ସଦାସର୍ବଦା ଏକ ଦାର୍ଶନିକ ମତ କିମ୍ବା ବିଶ୍ୱାସ ଦ୍ୱାରା ଅନୁପ୍ରେରିତ ହୋଇଥାଏ। ଆପଣାର ଦର୍ଶନ, ସୂକ୍ଷ୍ମ ଅନୁଶୀଳନ, ଚିନ୍ତନ ଓ ନିଜସ୍ୱ କଳ୍ପନା ମାଧ୍ୟମରେ ଐଶ୍ୱରିକ ସତ୍ତାକୁ ଉପଲବ୍ଧି କରାଇବାରେ ସକ୍ଷମ ହୋଇପାରିଛନ୍ତି କବି ହର୍ବଟ। ମାନସିକ ଶାନ୍ତି ବ୍ୟାଘାତ ଜୀବନ ଏକ ଜୀବନ ନୁହେଁ; ଏହା ଏକ ହତାଶ, ନିରାଶା ଓ ଯନ୍ତ୍ରଣା ଜର୍ଜରିତ ଏକ ମରୀଚିକା ଅନୁଧାବନ ବୋଲି କବି ପରୋକ୍ଷରେ ମତପୋଷଣ କରିଛନ୍ତି। ଈଶ୍ୱରୀୟ ସତ୍ତାକୁ ଅନୁଭବ ନକରିପାରିବା ମଣିଷର ମୂଢ଼ତା ବା ଅଜ୍ଞାନତା ଛଡ଼ା ଆଉ କିଛି ନୁହେଁ। ■

ଇଂରାଜୀ ଶିକ୍ଷକ
ଓଡିଏମ୍ ପବ୍ଲିକ୍ ସ୍କୁଲ୍, ଭୁବନେଶ୍ୱର
ମୋ: ୭୮୯୪୧୫୩୫୭୮

## ୟୁବି ହାଇସ୍କୁଲରେ ବିଶ୍ୱ ଚିନ୍ତନ ଦିବସ



**ଭଞ୍ଜନଗର, ୨୨ ।୨ (ସମିସ):** ସ୍ଥାନୀୟ ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଚିନ୍ତନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ସ୍କାଉଟ୍ ଓ ଗାଇଡ୍‌ର ପ୍ରତିଷ୍ଠାତା ବୋଡ୍ରେନ ପାୱେଲଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ପ୍ରଜ୍ୱଳନ କରି ସଭାର ସଭାପତି ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମାକାନ୍ତ ନାହାକ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ବିଦ୍ୟାଳୟର ସ୍କାଉଟ୍ ମାଷ୍ଟର ଶଙ୍କର ପ୍ରସାଦ ପଟ୍ଟନାୟକ ଓ ଗାଇଡ୍ କ୍ୟାପଟେନ ସପନେଶ୍ୱରୀ ଦିଗାଲ । ଅତିଥି ଭାବେ ଯୋଗଦେଇଥିଲେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସସ୍ମିତା ନାୟକ ଓ ଶିକ୍ଷକ ତଥା ଏନ୍‌ସିସି ଆର୍ମୀ ୱିଙ୍ଗ୍ ସେକେଣ୍ଡ ଅଫିସର୍ ଶ୍ୟାମା ପ୍ରସାଦ ମିଶ୍ର ଏବଂ ୨ ଓଡ଼ିଶା ବାଟାଲିୟନ ଏନସିସି, ବ୍ରହ୍ମପୁରର ସୁବେଦାର୍ ମେଜର୍ କଲୁରାମ୍ । ଶିକ୍ଷକ ପ୍ରଶାନ୍ତ କୁମାର ପ୍ରଧାନ, ବିଳାସିନୀ ଜେନା, ଅମିତ କୁମାର ବେହେରା, ବିଷ୍ଣୁପ୍ରିୟା ସ୍ୱାଇଁ, ଜ୍ୟୋତ୍ସ୍ନା ରାଣୀ ନାୟକ, ନମିତା କୁମାରୀ ବିଷୋୟୀ, ସନ୍ତୋଷ ବେହେରା, ସୁରେଶ ପ୍ରଧାନ, ସୁନିଲ୍ ବେହେରା, କିରଣ କହଁର, ବନିତା ସ୍ୱାଇଁ, କାଜଲ ବେହେରା, ସୂଚିସ୍ମିତା ପ୍ରଧାନ, ଗଙ୍ଗାକଲ୍ୟାଣୀ କହଁର, ବିଭୁ ମହିମା ପ୍ରଧାନ ଏବଂ ଶ୍ୟାମ ପ୍ରସାଦ ମିଶ୍ର ପ୍ରମୁଖ ତଥା ବିଦ୍ୟାଳୟର ସମସ୍ତ କର୍ମଚାରୀ ଅଂଶଗ୍ରହଣ କରିଥିଲେ ।

## ଧାନକିଣା ପ୍ରକ୍ରିୟା ସମୀକ୍ଷା

# ୪୦ ମିଲର୍ ଓ ଅଧିକାରୀଙ୍କୁ ନୋଟିସ

ଛତ୍ରପୁର, ୨୨ ।୨(ସମିସ)



ଗଞ୍ଜାମ ଜିଲ୍ଲାରେ ଜୋରଦାର ଚାଲିଛି ଧାନ କିଣା ପ୍ରକ୍ରିୟା । ଏବେ ସୁଦ୍ଧା ରେକର୍ଡ ସଂଖ୍ୟାକ ଧାନ ସଂଗ୍ରହ ହୋଇଥିବା ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି । ଏନେଇ ଶନିବାର ଓଡ଼ିଶା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ଗଞ୍ଜାମ ଗସ୍ତରେ ଆସି ଛତ୍ରପୁର ସ୍ଥିତ ସର୍କିଟହାଉସ ଠାରେ ଧାନ କିଣା ପ୍ରକ୍ରିୟା ଓ ବିଭିନ୍ନ ବିଷୟରେ ସମୀକ୍ଷା କରିଛନ୍ତି । ଜିଲ୍ଲାକୁ ୫୯ ଲକ୍ଷ ୭୪ ହଜାର ୩୦ କ୍ୱିଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରହିଥିବାବେଳେ ଏଯାବତ ୧ଲକ୍ଷ୨୪ ହଜାର ୪୮୨ ଜଣ ଚାଷୀଙ୍କ ଠାରୁ ୫୨ ଲକ୍ଷ ୮ ହଜାର ୧୪୯ କୁଇଂଟାଲ ଧାନ ସଂଗ୍ରହ ହୋଇଛି । ଜିଲ୍ଲାରେ ୯୦% ଧାନ କିଣା ପ୍ରକ୍ରିୟା ହୋଇଥିବା ବେଳେ ଭଲ କିଣା ଯାଇଛି ବୋଲି କହିବା ସହ ଭଲ କାମ କରିଛନ୍ତି ଅଫିସର । ଆଉ ୭ରୁ ୮ ଦିନ ମଧ୍ୟରେ ଏହି ପ୍ରକ୍ରିୟା ଶେଷ ହୋଇଯିବ ବୋଲି କହିଥିଲେ । ସେହିପରି ଧାନ କିଣା ପ୍ରକ୍ରିୟା ବେଳେ କାର୍ଯ୍ୟରେ ଅବହେଳା ହେତୁ ଜିଲ୍ଲାର ୪୦ରୁ ଅଧିକ ମିଲର ଓ ଅନେକ ଅଧିକାରୀଙ୍କୁ ମଧ୍ୟ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି । ୧ଲକ୍ଷ ୧୬ ହଜାର ୩୭୫ ଜଣ ଚାଷୀଙ୍କ ଖାତାକୁ ୧୧୧୯ କୋଟି ୪୩ଲକ୍ଷ ୫୯ ହଜାର ୭୨ ଟଙ୍କା ଯାଇଛି । ଏହା ସହିତ ମନ୍ତ୍ରୀ ରାସନ କାର୍ଡ ସମ୍ବନ୍ଧୀୟ ସମିକ୍ଷା କରିଥିଲେ । ଜିଲ୍ଲାରେ ନୂଆ ରାସନ କାର୍ଡ ପାଇବା ପାଇଁ ୧ ଲକ୍ଷ ୨୯ ହଜାର ୨୧୦ ଜଣ ଆବେଦନ କରିଥିବା ସମିକ୍ଷା ବୈଠକରେ କୁହାଯାଇଛି । ଜିଲ୍ଲାରେ ପନିପରିବା ଅଭାବି ବିକ୍ରୀ ହେଉଥିବାରୁ ଶୀତଳ ଭାର ଉପରେ ଆଲୋଚନା ହୋଇଥିଲା । ଗଞ୍ଜାମ ଜିଲ୍ଲାରେ ୩ଟି ସବଡିଭିଜନରେ ଶୀତଳ ଭଣ୍ଡାର କରାଯିବ । ଏନେଇ ପ୍ରଶାସନ ମଧ୍ୟ ତାର କାମ ଆରମ୍ଭ କରିଦେଇଛି, ଟଙ୍କା ଆସିଯାଇଛି ଖୁବ ଶ୍ରୀଘ ଟେଣ୍ଡର ହୋଇ କାମ ଆରମ୍ଭ ହେବ, ଆମର ଲକ୍ଷ୍ୟ ପରେ ପ୍ରତି ବ୍ଲକରେ ଗୋଟେ ଗୋଟେ ଶୀତଳ ଭଣ୍ଡାର କରାଯିବ ବୋଲି ଲକ୍ଷ୍ୟ ରହିଛି, ଯାହାଫଳରେ ପନିପରିବା ଅଭାବି ବିକ୍ରି ହେବନାହିଁ ବୋଲି ମନ୍ତ୍ରୀ କହିଥିଲେ । ଗଞ୍ଜାମ ଜିଲ୍ଲାରେ ୭ ଲକ୍ଷ ୯୩ ହଜାର ୩୦୭ ଜଣ ରାସନକାର୍ଡ ପାଇଥିବା ବେଳେ ସେମାନଙ୍କ ୨୬ ଲକ୍ଷ ୫୦ ହଜାର ୫୦୧ ଜଣ ପରିବାର ସଦସ୍ୟ ଉପକୃତ ହେଉଥିବା ବେଳେ ୨୩ ଲକ୍ଷ ୮୨ ହଜାର ୩୫୮ ଜଣ ଇକେୱାଇସି କରିଥିବା ବେଳେ ୨ ଲକ୍ଷ ୬୮ ହଜାର ୧୪୩ ଜଣ ଇ.କେୱାଇସି କରିନାହାନ୍ତି । ବୈଠକରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଗଞ୍ଜାମ ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତା, ଛତ୍ରପୁର ଉପଜିଲାପାଳ ଶିବାଶିଷ ବରାଳ, ଭାରପ୍ରାପ୍ତ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ପୁଷା ମୁଣ୍ଡା, ଅତିରିକ୍ତ ଯୋଗାଣ ଅଧିକାରୀ ସୁରେନ୍ଦ୍ର କୁମାର ବାଘ, ଅତିରିକ୍ତ ଯୋଗାଣ ଅଧିକାରୀ ନରସିଂହ ପଣ୍ଡା, ସହକାରୀ ଯୋଗାଣ ଅଧିକାରୀ ଦେବସ୍ମିତା ମଲ୍ଲିକ, ଏଆରସିଏସ ଯୋଗମାୟା ସାବତ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରବିନାରାୟଣ ପଣ୍ଡା, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ(ଛତ୍ରପୁର) ପ୍ରତାପ କୁମାର ପଣ୍ଡାଙ୍କ ସମେତ ବିଭାଗୀୟ ଅଧିକାରୀ ଓ ଯୋଗାଣ ନିରୀକ୍ଷକ ମାନେ ଉପସ୍ଥିତ ଥିଲେ ।

## ମହାଶିବରାତ୍ରି ପାଇଁ ସଜେଇ ହେଉଛି ଶୈବପୀଠ

**ବୁଗୁଡ଼ା, ୨୨ ।୨(ସମିସ):** ମହାଶିବରାତ୍ରି ପାଇଁ ବୁଗୁଡ଼ା ଅଞ୍ଚଳର ବିଭିନ୍ନ ଶୈବପୀଠ ସଜେଇ ହେଉଛି । ଚଳିତ ବର୍ଷ ଜାଗର ଯାତ୍ରାକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ମନ୍ଦିର ପରିଚାଳନା କମିଟିଗୁଡ଼ିକ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ସହ କାର୍ଯ୍ୟସୂଚୀ ମଧ୍ୟ ପ୍ରକାଶପାଇଛି । ଫଳରେ କେତେକ ଶୈବ ପୀଠରେ ନାମଯଜ୍ଞ ଓ ଅନ୍ନଯଜ୍ଞ ହେବାର ଜଣାଯାଇଛି । ଏ ବର୍ଷ ଶୈବପୀଠ ଗୁଡିକରେ ପ୍ରବଳ ଭିଡ଼ ହେବାର ସମ୍ଭାବନା ରହିଥିବାରୁ ଶ୍ରଦ୍ଧାଳୁ କିପରି ଶାନ୍ତି ଶୃଙ୍ଖଳାର ସହ ମହାଦେବଙ୍କ ଦର୍ଶନ କରିବେ ଏବଂ ଯଥା ରୀତିନୀତି ପ୍ରକାରେ ପୂଜାର୍ଚ୍ଚନା ସହ ଠିକ୍ ସମୟରେ ଯେପରି ମହାଦୀପ ଉଠିବ ସେନେଇ ଯୋଜନା ପ୍ରସ୍ତୁତ ହୋଇଛି । ଏଥିସହ ମନ୍ଦିର ଗୁଡ଼ିକର ସୌନ୍ଦର୍ଯ୍ୟକରଣ ପାଇଁ ରଙ୍ଗମରା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ।



## ବ୍ଲକ୍‌ସ୍ତରୀୟ ନିପୁଣ ଓଡ଼ିଶା ମେଳା

**ଶେରଗଡ଼, ୨୨ ।୨(ସମିସ):** ଶେରଗଡ଼ ବ୍ଲକ ତାକରଡା ପଞ୍ଚାୟତ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା, ମୌଳିକ ସ୍ୱାକ୍ଷରତା, ସଂଖ୍ୟା ଜ୍ଞାନ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ତାକରଡା କ୍ଲଷ୍ଟରର ସିଆରସିସି ଈଶ୍ୱର ଚନ୍ଦ୍ର ପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଉଦଘାଟନୀ ସଭାରେ ଶେରଗଡ଼ ସମିତି ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୨୦୨୦ ନୂତନ ଶିକ୍ଷା ନୀତି ଅନୁଯାୟୀ ଚାଲିଥିବା ମୌଳିକ ସାକ୍ଷରତା, ସଂଖ୍ୟା ଜ୍ଞାନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶୈଳେନ୍ଦ୍ରୀ ଦଳେଇ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସାନଖେମୁଣ୍ଡି ବିଇଓ କୋରେଶ୍ମ ସେଠି ଏବଂ ଡିଆଇଇଟି ଖଲ୍ଲିକୋଟରେ ଶିକ୍ଷକ, ପ୍ରଶିକ୍ଷକ ଅଭିରାମ ବିଶ୍ୱାଳ ଯୋଗ ଦେଇ ପିଲାମାନଙ୍କୁ ସ୍ୱାସ୍ଥ୍ୟ, ସ୍ୱଚ୍ଛତା ବଜାୟ ରଖିବା, ଉପଯୁକ୍ତ ଭାବ ବିନିମୟ କୌଶଳ ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରରେ ୧୪ଟି କ୍ଲଷ୍ଟରର ୧୪ ଜଣ ସିଆରସିସି, ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ ବ୍ଲକସ୍ତରୀୟ ନିପୁଣ ମେଳା ସମାପନ ହୋଇଥିଲା ।

## ୨୯ ବାସହୀନ ପରିବାରକୁ ମିଳିଲା ଜାଗା



**ରମ୍ଭା, ୨୨ ।୨(ସମିସ):** ପଥରା ଗ୍ରାମର ୨୯ ଗରିବ ବାସହୀନ ପରିବାର ବିଜେପି ଦଳିତ ନେତା ଭୀମସେନ ବେହେରା ଓ ବିଜେପି ନେତ୍ରୀ ବିଜୟଲକ୍ଷ୍ମୀ ବାଲା ସହାୟତାରେ ଖଲ୍ଲିକୋଟ ବିଧାୟକ, ରାଜସ୍ୱମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଏହାର ବିଚାର କରି ଚିଠିନଂ ୨୦୯/୨୦୨୫ ପ୍ରକାରେ ସଚିବାଳୟରୁ ସମ୍ପୃକ୍ତ ପରିବାର ମାନଙ୍କୁ ଜାଗା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଖଲ୍ଲିକୋଟ ତହସିଲକୁ ଆଦେଶ ଦେଇଥିଲେ । ରାଜସ୍ୱ ଅଧିକାରୀ ସରକାରୀ ଜମି (୬୦୦, ୬୦୧) ଓ ୬୦୦/୧୫୫୩ ମୌଜା ଓଡ଼ିଆ ଆଳପୁର) ଦେଖାଇ ଥିଲେ କିନ୍ତୁ କହିଲେ କିସମ ବଦଳାଇବା ହେବ ବର୍ତ୍ତମାନ କୁଡିଆ କରି ରହିଲେ ସରକାର ବାସଗୃହ ରୂପେ ଯୋଗାଇ ଦେବେ । ଜାଗ ଚିହ୍ନଟ ବେଳେ ବାସହୀନ ପରିବାର ସଦସ୍ୟ ନର୍ମଦା ଯାଲୀ, ନମିତା ବାଲା, ପ୍ରଜିତା ବାଲା, ସଞ୍ଜୁ ସୁବୁଦ୍ଧି, ସତ୍ୟଭାମା ମହାରଣା, ଲକ୍ଷ୍ମୀ ବେହେରା, ଶଶି ଯାଲି, ପ୍ରମିଳା ବେହେରା, ଅଛୁଅଣି ବେହେରା, କବିତା ବେହେରା, ଲକ୍ଷ୍ମୀ ଦାସ, ତୁଳସୀ ପ୍ରଧାନ, ମହରଗି ବେଜ ପ୍ରମୁଖ ଉପସ୍ଥିତ ଥିଲେ ।

## ପଥରାରେ ବ୍ୟାପିଲା କାମଳ ରୋଗ

### ● ଡାକ୍ତରୀ ଟିମ୍ ପହଞ୍ଚି ସ୍ଥିତି ପରଖିଲେ



**ଖଲ୍ଲିକୋଟ, ୨୨ ।୨(ସମିସ):** ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ପଥରା ଗାଁରେ କାମଳ ରୋଗ ବ୍ୟାପିବା ଅଭିଯୋଗ ହୋଇଥିଲା । ଏହା ପରେ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଶନିବାର ଡାକ୍ତରୀ ଟିମ ସମ୍ପୃକ୍ତ ଗାଁ ପରିଦର୍ଶନ କରିଛନ୍ତି । ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗନ୍ତାୟତଙ୍କ ନେତୃତ୍ୱରେ ଏକ ଟିମ ପଥରା ଗ୍ରାମ ପରିଦର୍ଶନରେ ଯାଇ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ତେବେ ଲୋକଙ୍କ ଠାରେ କାମଳ ରୋଗର କୌଣସି ଲକ୍ଷଣ ଆମେ ଦେଖିବାକୁ ପାଇଲୁ ନାହିଁ ବୋଲି ଡାକ୍ତର ଗନ୍ତାୟତ କହିଛନ୍ତି । ଏଥିସହ ୧୨ ଜଣଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଛି । ରିପୋର୍ଟ ଆସିଲେ ଜଣାପଡ଼ିବ ବୋଲି ସେ କହିଛନ୍ତି । ତଥାପି ପ୍ରତିଷେଧକ ମୂଳକ ବ୍ୟବସ୍ଥା ପାଇଁ ଗ୍ରାମରେ ଥିବା କୂଅ ପୋଖରୀଗୁଡିକ ପ୍ରତି ସପ୍ତାହରେ ବ୍ଲିଚିଙ୍ଗ ପକାଇ ପାଣି ଶୋଧନ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ବାହାରେ ଖୋଲାରେ ବିକ୍ରି ହେଉଥିବା ଗୁପଚୁପ, ଚାଟ୍ ପ୍ରଭୃତି ଖାଦ୍ୟ ନ ଖାଇବା ପାଇଁ ଲୋକଙ୍କୁ ସଚେତନ କରାଯାଇଛି ।

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**କୁକୁଡ଼ାଖଣ୍ଡି, ୨୨ ।୨(ସମିସ):** ବ୍ଲକ ଅନ୍ତର୍ଗତ ଲାଞ୍ଜିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ନମିତା କୁମାରୀ ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଲାଞ୍ଜିଆ ସମିତି ସଭ୍ୟ ତଥା ଆମ୍ବଗଡ଼ ସେବା ସମବାୟ ସମିତି ସଭାପତି କାହ୍ନୁଚରଣ ପାତ୍ର, ସମ୍ମାନୀତ ଅତିଥି ରୁପେ ଲାଞ୍ଜିଆ ସରପଞ୍ଚ ଅନିଲ କୁମାର ଗୌଡ଼, ମୁଖ୍ୟବକ୍ତା ସିଆରସିସି ଦୁଷ୍ମନ୍ତ କୁମାର ପଟ୍ଟନାୟକ, ସାରଥୀ ପାତ୍ର ଅନ୍ୟତମ ଅତିଥି, ଦକ୍ଷିଣପୁର ସ୍କୁଲ ପ୍ରଧାନ ଶିକ୍ଷୟତ୍ରୀ ଏ ପୁଷ୍ପଲତା, ପଦରବାଲି ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଅଳକା ମିଶ୍ର, ବାଳକୃଷ୍ଣପୁର ପ୍ରଧାନ ଶିକ୍ଷୟିତ୍ରୀ ଶଶିରେଖା ମଲ୍ଲିକ, ବାଘଝରୀ ପ୍ରଧାନ ଶିକ୍ଷୟତ୍ରୀ ସରସ୍ୱତୀ ଆଚାରୀ, ଲାଠି ବାଳକ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସରିତା ଦାସ ଏବଂ ଅବସର ପ୍ରାପ୍ତ ଶିକ୍ଷକ ଶ୍ୟାମଘନ ସାହୁ ଯୋଗଦେଇଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ନମିତା କୁମାରୀ ମହାରଣା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷୟିତ୍ରୀ ନମିତା ପଟ୍ଟନାୟକ, ରଞ୍ଜିତା ପ୍ରଧାନ, ସରସ୍ୱତୀ ସାବତ, ଝୁନୁ ଗୌଡ଼, ରଶ୍ମିତା ମହାକୁଡ଼ ଓ ରୁଚିଶ୍ରୀ ଦେବୀ ମଞ୍ଚ ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ରଞ୍ଜୁଲତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦାମୋଦର ପୁଝାରୀ ସହଯୋଗ କରିବା ସହିତ ପରିଚାଳନା କମିଟିର ସମସ୍ତ ସଦସ୍ୟ ଓ ସଦସ୍ୟା କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପାଦନା କରିଥିଲେ ।

## ଥୋଲଣ୍ଡାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

**ଜଗନ୍ନାଥପ୍ରସାଦ, ୨୨ ।୨(ସମିସ):** ଜଗନ୍ନାଥ ପ୍ରସାଦ ବ୍ଲକ ଅଲାଡ଼ି ପଞ୍ଚାୟତ ଥୋଲଣ୍ଡା ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଲିଙ୍ଗରାଜ ପ୍ରଧାନଙ୍କ ଏକାଦଶାହ କାର୍ଯ୍ୟ ଉପଲକ୍ଷେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଗ୍ରାମର ସୀତାରାମ ପ୍ରଧାନଙ୍କ ପରିବାର ଓ ଜଗନ୍ନାଥପ୍ରସାଦ ସ୍ଥିତ ଗୋପବନ୍ଧୁ ଚାରିଟେବୁଲ ଟ୍ରଷ୍ଟ ସହଯୋଗରେ ଆୟୋଜନ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଜଗନ୍ନାଥ ପ୍ରସାଦ ଥାନାଧିକାରୀ ଅରୁଣ କୁମାର ସିଂ ଯୋଗ ଦେଇଥିଲେ । ମୃତ ଲିଙ୍ଗରାଜଙ୍କ ପୁଅ ଜଣେ ସମାଜସେବୀ ଓ ସେ ଗୋପବନ୍ଧୁ ଚାରିଟେବୁଲ ଟ୍ରଷ୍ଟର ଜଣେ ସଦସ୍ୟ ହୋଇଥିବାରୁ ଏହି ଆୟୋଜନ କରିଥିଲେ । କାର୍ଯ୍ୟକ୍ରମରେ ଭଞ୍ଜନଗର ମେଡିକାଲରୁ ଡ଼ଃ ଆଶିଷ କୁମାର, ଇତିଶ୍ରୀ ତ୍ରିପାଠୀ, ଅନିଲ ମେହେର, ବିପିନ କୁମାର ପାଣି, ସିମାଞ୍ଚଳ ସେଠୀ ପ୍ରମୁଖ ଉପସ୍ଥିତ ରହି ସର୍ବମୋଟ ୩୦ୟୁନିଟ ରକ୍ତ ସଂଗ୍ରହ କରିଥିଲେ । କାର୍ଯ୍ୟକ୍ରମକୁ ଚାରିଟେବୁଲ ଟ୍ରଷ୍ଟର ସଭ୍ୟ ସନ୍ତୋଷ କୁମାର ଦଳବେହେରା, ପି.କ୍ରିଷ୍ଣା ରାଓ, ଦେବି ପ୍ରାସାଦ ପ୍ରଧାନ, ଦୁର୍ଗା ମାଧବ ପ୍ରଧାନ, ଜିତେନ୍ଦ୍ର ପ୍ରଧାନ, ବିକାଶ ଗୌଡ଼ ପ୍ରମୁଖ ସହଯୋଗ କରିଥିଲେ ।



## ପଞ୍ଚାୟତସ୍ତରୀୟ କିଶୋରୀ ମେଳା



**ଶେରଗଡ଼, ୨୨ ।୨(ସମିସ):** ଶେରଗଡ଼ ବ୍ଲକ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ କରଡାକଣା, ଗୋଠଗାଁ, ତହଁର, ବନ୍ଧାଗୁଡା, ବରମୁଣ୍ଡୁଳି ପଞ୍ଚାୟତରେ କିଶୋରୀ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସମନ୍ୱିତ ଶିଶୁ ବିକାଶ କେନ୍ଦ୍ରର ଅଧିକାରୀ ମମତାଞ୍ଜଳି ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କରଡାକଣା ସରପଞ୍ଚ ଚନ୍ଦ୍ରମା ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କିଶୋରୀଙ୍କ ଶିକ୍ଷା, ସୁରକ୍ଷା, ସ୍ୱାସ୍ଥ୍ୟ, ପରିଚ୍ଛନ୍ନତା ସହ ଲିଙ୍ଗଗତ ସମାନତା, ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ ନିଷେଧ ଅଧିନିୟମ, ବାଲ୍ୟ ବିବାହ ନିରୋଧ ଆଦି ସମ୍ପର୍କରେ ଅବଗତ କରାଇଥିଲେ । ଏହି ପରିପ୍ରେକ୍ଷୀରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । କିଶୋରୀ ମେଳାକୁ ପଞ୍ଚାୟତର ସମସ୍ତ ଅଙ୍ଗନବାଡି କର୍ମୀ ଏବଂ ସହାୟିକା ପରିଚାଳନା କରିଥିଲେ ।

## ଆସିକାରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ

**ଆସିକା, ୨୨ ।୨(ସମିସ):** ଆସିକା ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜୀବାନନ୍ଦ ତ୍ରିପାଠୀଙ୍କ ସଂଯୋଜନାରେ ଓ ଓଡ଼ିଆ ଭାଷା ବିଭାଗର ସହଭାଗିତାରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ଆୟୋଜିତ ହୋଇଯାଇଛି । ଓଡ଼ିଆ ବିଭାଗୀୟ ମୁଖ୍ୟ ଡ. ସ୍ମିତାରାଣୀ ପଣ୍ଡା ସ୍ୱାଗତ ଭାଷଣରେ ସାମ୍ପ୍ରତିକ ପରିସ୍ଥିତିରେ ଓଡ଼ିଆ ସାହିତ୍ୟର ମହତ୍ତ୍ୱ ପ୍ରତିପାଦନ କରିଥିଲେ । ଓଡ଼ିଆ ଅଧ୍ୟାପକ ଡ. ଅଜିତ କୁମାର ମୁନୀ ସମାରୋହ ସଂଯୋଜନା କରିଥିଲେ । ଅଧ୍ୟାପିକା ଯୋଗେଶ୍ୱରୀ ଧରୁଆ ସମୃଦ୍ଧ ମାତୃଭାଷା ଓଡ଼ିଆକୁ କିପରି ସମସ୍ତେ ଆଗ୍ରହ ପ୍ରକାଶ କରିବେ ତାହାର ସବିସ୍ତର ବିବରଣୀ ରଖିଥିଲେ । ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ଡ. ତ୍ରିପାଠୀ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ମାତୃଭାଷାର ଉକ୍ତି ଉପସ୍ଥାପନା କରିଥିଲେ । ଅଧ୍ୟାପକ ଡ. ମୁନୀ ଧନ୍ୟବାଦ ଅର୍ପଣ କରିଥିଲେ ।



## କଣମଣା ପଞ୍ଚାୟତରେ ସାମାଜିକ କାର୍ଯ୍ୟକ୍ରମ



**ଛତ୍ରପୁର, ୨୨ ।୨(ସମିସ):** ଗୋପାଳପୁର ବନ୍ଦର ଏହାର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) କାର୍ଯ୍ୟକ୍ରମ ଅନ୍ତର୍ଗତ ଆଦାନୀ ଫାଉଣ୍ଡେସନ ଜରିଆରେ ସ୍ଥାନୀୟ କଣମଣା ପଞ୍ଚାୟତରେ ଆଜି ବିଭିନ୍ନ ସିଏସ୍ଆର୍ କାର୍ଯ୍ୟକ୍ରମ ଆୟୋଜନ କରିଅଛି । ସେଥିମଧ୍ୟରୁ କଣମଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ୮୦ ଲିଟର କ୍ଷମତା ବିଶିଷ୍ଟ ଆରଓ ଫିଲ୍ଟର ମେଶିନର ସ୍ଥାପନା ନିମନ୍ତେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର, କଣମଣା ବାତ୍ୟା ଆଶ୍ରୟସ୍ଥଳୀରେ ସ୍ୱାସ୍ଥ୍ୟ ଶିବିରର ଆୟୋଜନ ଓ ଛାତ୍ରଛାତ୍ରୀମାନଙ୍କୁ ସ୍କୁଲ ବ୍ୟାଗ ବଣ୍ଟନ ଆଦି କାର୍ଯ୍ୟକ୍ରମ କରାଯାଇଥିଲା । ଉଦଘାଟନ ଉତ୍ସବରେ ସନ୍ଦୀପ ଜେଶ୍ୱାଲ, ବିଜନେସ ମୁଖ୍ୟ, ଗୋପାଳପୁର ବନ୍ଦର, କଣମଣା ସରପଞ୍ଚ ପ୍ରତିନିଧି ବି ସୀମାଦ୍ରି, ୱାର୍ଡ ମେମ୍ବର ଚନ୍ଦନ ବେହେରା, ସମିତିସଭ୍ୟ ପ୍ରତିନିଧି ଜନାର୍ଦ୍ଦନ ସ୍ୱାଇଁ, କଣମଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ କୁମାର ଦାସ, ସ୍ଥାନୀୟ ବୁଦ୍ଧିଜୀବୀ, ପଞ୍ଚାୟତ ସଦସ୍ୟ, ଶିକ୍ଷକ ଓ ଶିକ୍ଷୟିତ୍ରୀ ଏବଂ ବହୁ ଗନମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଏମକେସିଜି ମେଡିକାଲ୍ କଲେଜ ଡାକ୍ତର ଓ ବିଶେଷଜ୍ଞ ସ୍ୱାସ୍ଥ୍ୟସେବା ଶିବିରରେ ଯୋଗଦେଇ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ।

## ଖଲ୍ଲିକୋଟ ଏନ୍ଏସି

# କାମରେ ଲାଗୁନି ୧୧ ମିଶନ ଶକ୍ତି ଗୃହ

ଖଲ୍ଲିକୋଟ, ୨୨ ।୨(ସମିସ)




ଖଲ୍ଲିକୋଟ ଏନଏସିରେ ୭୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ୧୧ଟି ମିଶନ ଶକ୍ତି ଗୃହ କାମରେ ଲାଗୁନି । ଫଳରେ ୩ ବର୍ଷ ତଳେ ନିର୍ମାଣ ହୋଇଥିବା ଏହି ମିଶନ ଶକ୍ତି ଗୃହଗୁଡିକ ବର୍ତ୍ତମାନ ଭୂତକୋଠି ପାଲଟିଛି । ନିର୍ମାଣ ହେବା ଠାରୁ ହୋଇନି କାର୍ଯ୍ୟକ୍ଷମ । ବ୍ୟବହାର ନହେବା କାରଣରୁ ଲଟାବୁଦା ମାଡି ଜଙ୍ଗଲ ପାଲଟିଲାଣି । ମିଶନ ଶକ୍ତି ମହିଳାଙ୍କ ସୁବିଧା ଲାଗି ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ମିଶନ ଶକ୍ତି ଗୃହ ପୂର୍ବ ସରକାର ସମୟରେ ନିର୍ମାଣ କରାଯାଇଥିଲା । ମିଶନ ଶକ୍ତି ମହିଳାଙ୍କ ପାଇଁ ଖଲ୍ଲିକୋଟ ଏନଏସିର ୧୨ଟି ଓାର୍ଡରୁ ୧୧ଟି ଓାର୍ଡରେ ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ମୁକ୍ତା ଯୋଜନା ମାଧ୍ୟମରେ ଟଙ୍କା ବ୍ୟୟ ବରାଦ କରାଯାଇଥିଲା । ୧୦ ନମ୍ବର ୱାର୍ଡ ବାଲୁକେଶ୍ୱରପୁରରେ କୌଣସି କାରଣରୁ ମିଶନ ଶକ୍ତି ଗୃହ ନିର୍ମାଣ ହୋଇପାରି ନଥିଲା । ତେବେ ୮ଟି ଘର ସମ୍ପୂର୍ଣ୍ଣ ହୋଇଥିବା ବେଳେ ଆଉ ୩ଟି ଘର ଅସମ୍ପୂର୍ଣ୍ଣ ରହିଛି । ୨୦୨୨ରେ ମୁକ୍ତା ଯୋଜନା ମାଧ୍ୟମରେ ୭୭ ଲକ୍ଷ ଟଙ୍କ ଖର୍ଚ୍ଚ କରି ଏହି ଗୃହ ଗୁଡିକ ନିର୍ମାଣ କରାଯାଇଥିଲେ ମଧ୍ୟ ୩ ବର୍ଷ ହେଲା ବ୍ୟବହାର ନହୋଇ ପଡ଼ି ରହିବା ବିରାଟ ପ୍ରଶ୍ନ ବାଚୀ ସୃଷ୍ଟି କରିଛି । ତେବେ ଖଲ୍ଲିକୋଟ ଏନଏସି କନିଷ୍ଠ ଯନ୍ତ୍ରୀ ହିନସି ହାଁସଦା କହିଛନ୍ତି ଘର କାମ ସରିଲା ପରେ ଆମେ ସିଡିପିଓଙ୍କୁ ଚାବି ହସ୍ତାନ୍ତର କରିଛୁ । ଏହା କାହିଁକି ବ୍ୟବହାର ଯୋଗ୍ୟ ହେଇ ପାରୁନି ଆମେ ଜାଣିନୁ । ତେବେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ରେ ନିର୍ମିତ ଏହି ମିଶନ ଶକ୍ତି ଗୃହ ଯଦି ବ୍ୟବହାର ନହୁଏ ତାହାଲେ ଏହା ଧିରେ ଧିରେ ନଷ୍ଟ ହୋଇଯିବ । ତେଣୁ ଏହାକୁ ଶୀଘ୍ର ମିଶନ ଶକ୍ତି ମହିଳାଙ୍କୁ ହସ୍ତାନ୍ତର କରିବାକୁ କଂଗ୍ରେସ ନେତା ମେଘନାଦ ଦଳେଇ, ସୂଚନା ଅଧିକାର କର୍ମୀ ରାଜୀବ ଖାଡ଼ଙ୍ଗା, ଆଇନଜୀବୀ ଅରୁଣ କୁମାର ସିଂ ପ୍ରମୁଖ ଦାବି କରିଛନ୍ତି ।

## ମୃତକଙ୍କ ପରିବାରକୁ ଭେଟିଲେ ଜନ ପ୍ରତିନିଧି

**ଛତ୍ରପୁର, ୨୨ ।୨(ସମିସ):** ଛତ୍ରପୁର ବ୍ଲକ ସୁନ୍ଦରପୁର ପଞ୍ଚାୟତ ଅନ୍ତର୍ଗତ ଅର୍ଜୁନପଲ୍ଲୀ ଗ୍ରାମର ମୁନା ନାହାକ ଏବଂ ତାଙ୍କ ଝିଅ କ୍ରୀଷ୍ଣା ନାହାକ ଗୁରୁବାର ଜାତୀୟ ରାଜପଥରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ । ଦୁର୍ଘଟଣାରେ ମୁନାଙ୍କ ମୃତ୍ୟୁ ଘଟିଥିବାବେଳେ ଝିଅ କ୍ରୀଷ୍ଣା ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି । ଶନିବାର ମୁନାଙ୍କ ପରିବାର ବର୍ଗଙ୍କୁ ଛତ୍ରପୁର ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ତଥା ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମୁନା ଦାସ, ୧୯ନଂ ଜିଲ୍ଲା ପରିଷଦ ସଭ୍ୟ ରଶ୍ମିତା ନାହାକ ଓ ସମିତି ସଭ୍ୟା ସୁଜ୍ଞାନୀ ସେଠୀ ଭେଟି ଆର୍ଥିକ ସହାୟତା ପ୍ରଦାନ କରିବା ସହିତ କ୍ରୀଷ୍ଣାଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ବୁଝିଥିଲେ । ଏହି ଅବସରରେ କାଳିଆ ନାହାକ, ଜଟିଆ ନାହାକ, ଏନ. ମୁନାପାତ୍ର ଓ ଗଙ୍ଗା ସେଠୀଙ୍କ ସମେତ ବହୁ ଜନପ୍ରତିନିଧି ଉପସ୍ଥିତ ଥିଲେ ।



# ପରଲୋକରେ ନୃତ୍ୟଗୁରୁ ମାୟାଧର

ଭୁବନେଶ୍ୱର, ୨୨।୨ (ସମିସ): ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ ମାୟାଧର ରାଉତ ଆଉ ନାହାନ୍ତି। ଦିଲ୍ଲୀସ୍ଥିତ ବାସଭବନରେ ତାଙ୍କର ପରଲୋକ ହୋଇଯାଇଛି। ତାଙ୍କୁ ୯୫ବର୍ଷ ହୋଇଥିଲା। ଦୀର୍ଘ ଦିନ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଏହି ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

କଟକ ଜିଲ୍ଲାରେ ୧୯୩୦ ମସିହା ଜୁଲାଇ ୬ ତାରିଖରେ ଜନ୍ମିତ ମାୟାଧର, ବଡ଼ଭାଇ ହରିହର ରାଉତଙ୍କ ପ୍ରଭାବରେ ପିଲାବେଳୁ ନାଟକ ଓ ନୃତ୍ୟ ସହ ଜଡ଼ିତ ହୋଇଥିଲେ। ନାଟ୍ୟଗୁରୁ କାଳୀଚରଣ ପଟ୍ଟନାୟକ, ପଙ୍କଜ ଚରଣ ଦାସ, ମୋହନ ମହାପାତ୍ର, ଯୁଧିଷ୍ଠିର ମହାମାତ୍ର, ମୋହନ ସୁନ୍ଦରଦେବ ଗୋସ୍ୱାମୀ ଓ ଦୟାଳ ଶର୍ମା ଆଦିଙ୍କଠାରୁ ସେ ନୃତ୍ୟ, ଅଭିନୟ ଓ ମଞ୍ଚକଳା ଶିକ୍ଷା କରିଥିଲେ। ରାମଗୋପାଳ ମିଶ୍ରଙ୍କଠାରୁ ସେ କଥକ ନୃତ୍ୟ ଶିକ୍ଷା କରିଥିଲେ। ୧୯୫୧ ମସିହାରେ ସେ ଏକ ବୃତ୍ତିଲାଭ କରି କଳା କ୍ଷେତ୍ରରେ ପାଦ ଥାପିଥିଲେ। ସେଠାରେ ସେ ରୁକ୍ମିଣୀଦେବୀ ଅରୁଣ୍ଡଲେଙ୍କଠାରୁ ଭରତନାଟ୍ୟମ ଓ ଟିକେନ୍ଦ୍ରୁ ପାଣିକରଙ୍କଠାରୁ କଥକଲୀ ନୃତ୍ୟ ଶିକ୍ଷା କରିଥିଲେ। ଓଡ଼ିଶୀ ନୃତ୍ୟ ପ୍ରତି ଅବଦାନ ପାଇଁ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ତାଙ୍କୁ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରରେ ମଧ୍ୟ ସମ୍ମାନିତ କରାଯାଇଥିଲା। ୧୯୭୭ରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ମାନ, ୧୯୮୪ରେ ସାହିତ୍ୟ କଳା ସମ୍ମାନ ଓ ଉତ୍କଳ ପ୍ରତିଭା ପୁରସ୍କାର, ୧୯୮୫ରେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର, ୧୯୯୩ରେ ବିଜୁ ପଟ୍ଟନାୟକ ସମ୍ମାନ, ୨୦୦୩ରେ ରାଜୀବ ଗାନ୍ଧୀ ସମ୍ମାନ, ୨୦୦୪ରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନରେ ସେ ସମ୍ମାନିତ ହୋଇଥିଲେ। ୨୦୧୦ ମସିହାରେ ସେ ପଦ୍ମଶ୍ରୀ ପୁରସ୍କାର ଗ୍ରହଣ କରିଥିବା ବେଳେ ୨୦୧୧ରେ ସଙ୍ଗୀତ ନାଟକ ଏକାଡେମୀ ଟାଗୋରରତ୍ନ ସମ୍ମାନ ଗ୍ରହଣ କରିବା ସହ ବହୁ ସମ୍ମାନର ଅଧିକାରୀ ଥିଲେ।



**ଶୋକବ୍ୟକ୍ତ କଲେ ମୋହନ, ନବୀନ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକବ୍ୟକ୍ତ କରି କହିଛନ୍ତି ଯେ ଏହି ଖବର ଶୁଣି ସେ ଦୁଃଖିତ। ତାଙ୍କ ଦେହାନ୍ତ ଓଡ଼ିଶୀ ନୃତ୍ୟ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରଭିତ୍ତିକ ଜ୍ଞାନରେ ଆହୁରି ସମୃଦ୍ଧ କରିବା ତଥା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶୀ ନୃତ୍ୟର ଗରିମା ବୃଦ୍ଧି କରିବାରେ ପଦ୍ମଶ୍ରୀ ମାୟାଧରଙ୍କ ଜୀବନବ୍ୟାପୀ ଅବଦାନ ଚିରସ୍ମରଣୀୟ ହୋଇ ରହିବ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ମୁଖ୍ୟମନ୍ତ୍ରୀ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି।

ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ପଦ୍ମଶ୍ରୀ ମାୟାଧରଙ୍କ ଦେହାନ୍ତରେ ଶୋକ ପ୍ରକାଶ କରିଛନ୍ତି। ଶୋକବାର୍ତ୍ତାରେ କହିଛନ୍ତି ଯେ ପ୍ରସିଦ୍ଧ ନୃତ୍ୟଗୁରୁ ମାୟାଧର ରାଉତଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ଓଡ଼ିଶୀ ନୃତ୍ୟକୁ ସମୃଦ୍ଧ କରିବା ଦିଗରେ ସେ ନିଜ ଜୀବନ ସମର୍ପି ଦେଇଥିଲେ। ତାଙ୍କ କାର୍ଯ୍ୟ ସର୍ବଦା ପ୍ରେରଣା ଉତ୍ସ ହୋଇ ରହିବ ବୋଲି କହିବା ସହ ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ଗଭୀର ସମବେଦନା ଜଣାଇଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଶୋକବ୍ୟକ୍ତ କରିବା ସହ ସ୍ୱର୍ଗତ ରାଉତଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

# ଅଲିଭ୍‌ରିଡ୍‌ଲେଙ୍କ ରେକର୍ଡ ଅଣ୍ଡାଦାନ

## ଋଷିକୂଲ୍ୟାରେ ଅଣ୍ଡା ଦେଲେଣି ୬.୪୧ ଲକ୍ଷ

ଭୁବନେଶ୍ୱର,୨୨।୨(ସମିସ): ଓଡ଼ିଶା ଉପକୂଳରେ ଏଥର ରେକର୍ଡସଂଖ୍ୟକ ଅଣ୍ଡାଦାନ କରିଛନ୍ତି ଅଲିଭ୍‌ରିଡ୍‌ଲେ କଇଁଛ। ରାଜ୍ୟର ଗହୀରମଥା ଓ ଋଷିକୂଲ୍ୟା ମୁହାଣରେ ପ୍ରତିବର୍ଷ ଏହି ବିରଳ କଇଁଛ ଗଣ ଅଣ୍ଡାଦାନ କରୁଥିବା ବେଳେ ଏବେ ଋଷିକୂଲ୍ୟା ମୁହାଣରେ ଏହି ପ୍ରକ୍ରିୟା ଜାରି ରହିଛି। ଗଲା ୩-୪ ଦିନ ହେବ, ଜାରି ରହିଥିବା ଏହି ଗଣଅଣ୍ଡାଦାନ ପ୍ରକ୍ରିୟାରେ ବର୍ତ୍ତମାନ ୬ ଲକ୍ଷ ୪୧ ହଜାର ଅଲିଭ୍‌ରିଡ୍‌ଲେ ଅଣ୍ଡାଦାନ କରିସାରିଛନ୍ତି। ଏହା ଅତୀତରେ ହୋଇଥିବା ଅଣ୍ଡାଦାନର ସମସ୍ତ ରେକର୍ଡ ଭଙ୍ଗ କରିଛି। ଅନ୍ୟପଟେ

- ଟ୍ୟାଗିଂ ହୋଇଥିବା କଇଁଛଙ୍କ ମଧ୍ୟରୁ ଚିହ୍ନଟ ହୋଇଛନ୍ତି ୩୦୦
- ଗହୀରମଥାରେ ବି ସଂଖ୍ୟା ବଢ଼ିବା ନେଇ ବନ ବିଭାଗ ଆଶାବାଦୀ

ଗହୀରମଥାରେ ବର୍ତ୍ତମାନ ପର୍ଯ୍ୟନ୍ତ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇନଥିବା ବେଳେ ଆଉ ଅଳ୍ପ କେଇ ଦିନ ମଧ୍ୟରେ ଏଠାରେ ମଧ୍ୟ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇପାରେ ବୋଲି ଆଶା କରାଯାଉଛି।

ରାଜ୍ୟ ବନ ବିଭାଗର ତଥ୍ୟ ଅନୁଯାୟୀ, ୨୦୧୯-୨୦ରେ ଋଷିକୂଲ୍ୟାରେ ୩.୨୩ ଲକ୍ଷ କଇଁଛ ଗଣଅଣ୍ଡାଦାନ କରିଥିବା ବେଳେ ୨୦୨୧-୨୨ରେ ୫.୫୦ଲକ୍ଷ, ୨୦୨୨-୨୩ରେ ୬.୩୭ଲକ୍ଷ ଅଲିଭ୍‌ରିଡ୍‌ଲେ ଗଣଅଣ୍ଡାଦାନ କରିଥିଲେ। ତେବେ ଗତବର୍ଷ ଏଠାରେ ଗଣଅଣ୍ଡାଦାନ ହୋଇପାରି ନଥିବା ବେଳେ ଏ ବର୍ଷ ଅଦ୍ୟାବଧି ୬ ଲକ୍ଷ ୪୧ ହଜାର କଇଁଛ ଗଣଅଣ୍ଡାଦାନ କରିସାରିଛନ୍ତି। ଗହୀରମଥାରେ ମଧ୍ୟ ପ୍ରତିବର୍ଷ ୪-୫ ଲକ୍ଷ କଇଁଛ ଗଣଅଣ୍ଡାଦାନ କରିଥାନ୍ତି। ଏବର୍ଷ ଏଠାରେ ମଧ୍ୟ କଇଁଛଙ୍କ ସଂଖ୍ୟା ବଢ଼ିବା ନେଇ ଅନୁମାନ କରାଯାଉଛି। ବିଶ୍ୱର ହାତଗଣତି ଉପକୂଳରେ ଏହି ବିରଳ ଅଲିଭ୍‌ରିଡ୍‌ଲେ କଇଁଛ ଦେଖାଯାଇଥାନ୍ତି। ପ୍ରତିବର୍ଷ ହଜାର ହଜାର କଇଁଛ ଓଡ଼ିଶାର ଋଷିକୂଲ୍ୟା, ଗହୀରମଥା ମୁହାଣରେ ଏକାଠି ହେଉଛନ୍ତି।



ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି କଇଁଛଙ୍କ ମଧ୍ୟରୁ ଅଧିକାଂଶ ନିୟମିତ ଭାବେ ଓଡ଼ିଶା ଉପକୂଳକୁ ଆସୁଛନ୍ତି। କଇଁଛଗୁଡ଼ିକର ଗତିବିଧି ଜାଣିବା ପାଇଁ ଜୁଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ (ଜେଡ୍‌ଏସ୍‌ଆଇ) ଓ ବନ ବିଭାଗ ପକ୍ଷରୁ କଇଁଛଙ୍କ ଶରୀରରେ "ଜିଓ ଟ୍ୟାଗିଂ" କରାଯିବା ପରେ ଏହି ତଥ୍ୟ ଜଣାପଡ଼ିଛି। କୋଷ୍ଟାରିକା ଓ ମେକ୍ସିକୋରେ କିଛି ଅଲିଭରିଡ୍‌ଲେ ଅଣ୍ଡାଦାନ କରୁଥିବା ବେଳେ ଓଡ଼ିଶାର ୨ଟି ଉପକୂଳରେ ଦେଖାଯାଉଥିବା ସଂଖ୍ୟା ପାଇଁ ଓଡ଼ିଶା ବିଶ୍ୱସ୍ତରରେ ନୂଆ ପରିଚୟ ସୃଷ୍ଟି କରିଛି। କାରଣ ସାରା ବିଶ୍ୱରେ ଓଡ଼ିଶା ସବୁଠୁ ବଡ଼ ଅଣ୍ଡାଦାନ ସ୍ଥଳରେ ପରିଣତ ହୋଇଛି। ଜେଡ୍‌ଏସ୍‌ଆଇର ଅଫିସର୍ ଇନ୍‌ଚାର୍ଜ ଡ. ଅନିଲ ମହାପାତ୍ର କହିଛନ୍ତି ଯେ ଗତ ୩ ବର୍ଷରେ ରାଜ୍ୟର ୨ଟି ମୁହାଣରେ ପ୍ରାୟ ୧୨୦୦୦ ଅଲିଭ୍‌ରିଡ୍‌ଲେଙ୍କ ଟ୍ୟାଗିଂ କରାଯାଇଥିଲା। ଟ୍ୟାଗିଂ କରାଯାଇଥିବା କଇଁଛଙ୍କ ମଧ୍ୟରୁ ଚଳିତବର୍ଷ ଟ୍ୟାଗ୍ ହୋଇଥିବା ୩୦୦ରୁ ଊର୍ଦ୍ଧ୍ୱ କଇଁଛ ଆସି ଋଷିକୂଲ୍ୟାରେ ଅଣ୍ଡାଦାନ କରିଛନ୍ତି ବୋଲି ସେ ସୂଚନା ଦେଇଛନ୍ତି। ସାଧାରଣତଃ ଯେଉଁ କଇଁଛ ଶାବକ ଯେଉଁ ଉପକୂଳରେ ଜନ୍ମ ହୋଇଥାଏ, ସେ ମା' ହେଲେ ସମାନ ଉପକୂଳରେ ଆସି ଅଣ୍ଡାଦାନ କରିଥାଏ ବୋଲି ଗବେଷକମାନେ ମତବ୍ୟକ୍ତ କରିଛନ୍ତି।

ଅପରପକ୍ଷେ, ଚଳିତ ବର୍ଷ ଋଷିକୂଲ୍ୟାରେ ହୋଇଥିବା ଅଣ୍ଡାଦାନ ସମସ୍ତ ରେକର୍ଡ ଭଙ୍ଗ କରିଥିବା ନେଇ ପିସିସିଏଫ୍ ପ୍ରେମ କୁମାର ଝା ସୂଚନା ଦେବା ସହ ଖୁସିବ୍ୟକ୍ତ କରିଛନ୍ତି।

# ୨୪ରୁ ଓଡ଼ିଶା ଟ୍ରାଭେଲ ବଜାର

- ଯୋଗଦେବେ ୧୭ ଦେଶର ୩୦ରୁ ଅଧିକ ବିଦେଶୀ ଟୁର୍ ଅପରେଟର୍
- ଓଡ଼ିଶାକୁ ଅଗ୍ରଣୀ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳୀ ଭାବେ ପ୍ରୋତ୍ସାହିତ କରିବ

ଭୁବନେଶ୍ୱର,୨୨।୨(ସମିସ): ଭାରତୀୟ ବାଣିଜ୍ୟ ଓ ଶିଳ୍ପ ମହାସଂଘ (ଫିକି) ସହଭାଗିତାରେ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଓଡ଼ିଶା ଟ୍ରାଭେଲ ବଜାର-୨୦୨୫ର ଷଷ୍ଠ ସଂସ୍କରଣ ଆସନ୍ତା ୨୪ରୁ ୨୭ ପର୍ଯ୍ୟନ୍ତ ଆୟୋଜିତ ହେବ। ଏନେଇ ଆଜି ହୋଟେଲ ମେ' ଫେୟାର୍‌ରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଏଥିରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ ଯେ ଏହି କାର୍ଯ୍ୟକ୍ରମ ଏକ ଅଗ୍ରଣୀ ଅନ୍ତର୍ଜାତୀୟ ଭ୍ରମଣ ଗନ୍ତବ୍ୟସ୍ଥଳୀ ଭାବେ ଓଡ଼ିଶାର ସ୍ଥିତିକୁ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି। ଏହାସହ ରାଜ୍ୟର ସାଂସ୍କୃତିକ ଐତିହ୍ୟ, ଶାନ୍ତ ବେଳାଭୂମି, ଇକୋ-ଟୁରିଜିମ ଓ ଆଡ୍‌ଭେଞ୍ଚର ଟୁରିଜିମ ଅଫରିଙ୍ଗଗୁଡ଼ିକ ଉପରେ ଶ୍ରୀମତୀ ପରିଡ଼ା ଆଲୋକପାତ କରିଥିଲେ। ପର୍ଯ୍ୟଟନ ବିଭାଗର କମିଶନର ତଥା ସଚିବ ବଲୱନ୍ତ ସିଂହ ଓଡ଼ିଶାର ପର୍ଯ୍ୟଟନ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଲକ୍ଷ୍ୟ ରଖିଥିବା ରାଜ୍ୟ ସରକାର ପର୍ଯ୍ୟଟନ ନୀତି, ପଦକ୍ଷେପ ଓ ରଣନୈତିକ ଦୃଷ୍ଟିକୋଣ ଉପରେ ତଥ୍ୟ ରଖିଥିଲେ।

ଏହି ସଂସ୍କରଣରେ ଭାରତର ୩୦ରୁ ଅଧିକ ସହରର ପ୍ରାୟ ୧୦୦ ଘରୋଇ ଟୁର୍ ଅପରେଟର୍ ଏବଂ ଅଷ୍ଟ୍ରେଲିଆ, ୟୁକେ, ଜର୍ମାନୀ, ବେଲ୍‌ଜିୟମ, ଦକ୍ଷିଣ ଆଫ୍ରିକା, ସ୍ପେନ, ସିଙ୍ଗାପୁର ଭଳି ୧୭ ଦେଶରୁ ୩୦ରୁ ଅଧିକ ବିଦେଶୀ ଟୁର୍ ଅପରେଟର୍ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଛନ୍ତି। କାର୍ଯ୍ୟକ୍ରମରେ ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ରର ୭୦ ସେଲର, ଘରୋଇ ଟୁର୍ ଅପରେଟର୍(ଡିଟିଓ) ଓ ବିଦେଶୀ ଟୁର୍ ଅପରେଟର୍ (ଏଫ୍‌ଟିଓ)ଙ୍କ ମଧ୍ୟରେ ବି-୨-ବି ବୈଠକଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯିବ। ଏଥିସହ ଅଂଶଗ୍ରହଣକାରୀମାନେ ଭିତରକନିକା, ରଘୁରାଜପୁର, ପୁରୀ-କୋଣାର୍କ, ଡାଇମଣ୍ଡ ଟ୍ରାଏଙ୍ଗଲ୍ ଭଳି ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳୀଗୁଡ଼ିକୁ ଯାତ୍ରା କରିବେ। ଏହି କାର୍ଯ୍ୟକ୍ରମ ସମୟରେ ସେଲରମାନଙ୍କ ସହ ୩୦୦୦ ପୂର୍ବ ନିର୍ଦ୍ଧାରିତ ବୈଠକ ଧାର୍ଯ୍ୟ କରାଯାଇଛି। ଏହାବ୍ୟତୀତ ବି୨ଜି ବୈଠକ ଓ ଆଡ୍‌ଭେଂଚର ୱାର୍କସପ ଏହି କାର୍ଯ୍ୟକ୍ରମର ପ୍ରମୁଖ ଅଂଶ ହେବାକୁ ଯାଉଛି।

# ଏମ୍‌ସରେ ଆରମ୍ଭ ହେଲା ଲିଭର ଟ୍ରାନ୍ସପ୍ଲାଣ୍ଟେସନ୍ କ୍ଲିନିକ୍

ଭୁବନେଶ୍ୱର,୨୨।୨(ସମିସ): ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍‌ସ) ଚିକିତ୍ସା ବ୍ୟବସ୍ଥାରେ ଆଉ ପାଦେ ଆଗକୁ ବଢ଼ିଛି। ଶନିବାର ଏମ୍‌ସ ପରିସରରେ ଯକୃତ (ଲିଭର୍) ପ୍ରତିରୋପଣ କ୍ଲିନିକ୍ ଉଦ୍‌ଘାଟିତ ହୋଇଯାଇଛି। ଫଳରେ ଉନ୍ନତ ଯକୃତ ଯତ୍ନ କ୍ଷେତ୍ରରେ ଏକ ବିଶେଷ ସମ୍ଭାବନା ସୃଷ୍ଟି ହୋଇଛି। ଏହି ପଦକ୍ଷେପ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ଏବଂ ରାଜ୍ୟ ତଥା ରାଜ୍ୟ ବାହାରର ଯକୃତ ପ୍ରତିରୋପଣର ବର୍ଦ୍ଧିତ ଆବଶ୍ୟକତାକୁ ସମାଧାନ କରିବାରେ ସହାୟକ ହେବ।

**ପ୍ରତି ମଙ୍ଗଳବାର ଗ୍ୟାଷ୍ଟ୍ରୋ ଓପିଡିରେ କାମ କରିବ**




କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଓ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ାଙ୍କ ଉପସ୍ଥିତିରେ ଏମ୍‌ସ ଭୁବନେଶ୍ୱରର ଅଧ୍ୟକ୍ଷ ଡ. ଶୈଳେଶ କୁମାର ଏହି କ୍ଲିନିକ୍‌କୁ ଉଦ୍‌ଘାଟନ କରିଥିଲେ। ଏହି କ୍ଲିନିକ୍ ଯକୃତ ପ୍ରତିରୋପଣ ପାଇଁ ରୋଗୀଙ୍କ ମୂଲ୍ୟାଙ୍କନ, ପ୍ରତିରୋପଣ ପାଇଁ ରୋଗୀଙ୍କ ତାଲିକାଭୁକ୍ତ କରିବା, ଦାତା ଏବଂ ଗ୍ରହଣକାରୀ ଉଭୟଙ୍କ ପାଇଁ ପୂର୍ବ ଅସ୍ତ୍ରୋପଚାର ପ୍ରସ୍ତୁତି, ପୁଷ୍ଟିକର ଓ ପ୍ରତିରୋପଣ ପରାମର୍ଶ ଏବଂ ଯକୃତ ପ୍ରତିରୋପଣର ବିପଦ ଓ ଲାଭ ବିଷୟରେ ସୂଚନା ପ୍ରଦାନ କରିବ।

ଏମ୍‌ସ ଭୁବନେଶ୍ୱର ଯକୃତ ପ୍ରତିରୋପଣ ସେବା ଆରମ୍ଭ କରିବା ପାଇଁ ପ୍ରସ୍ତୁତ ହେଉଥିବାରୁ ଅନ୍ତିମ ପର୍ଯ୍ୟାୟରେ ଉପନୀତ ଯକୃତ ପୀଡ଼ିତ ରୋଗୀଙ୍କ ମୂଲ୍ୟାଙ୍କନ ଓ ତାଲିକାଭୁକ୍ତ କରିବା ପାଇଁ ଏକ ଉତ୍ସର୍ଗୀକୃତ କ୍ଲିନିକ୍‌ର ଆବଶ୍ୟକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପଦକ୍ଷେପ ଯକୃତ ଯତ୍ନରେ ଥିବା ବ୍ୟବଧାନକୁ ପୂରଣ କରିବ ଓ ଅଗଣିତ ରୋଗୀଙ୍କ ପାଇଁ ଆଶାର କିରଣ ପ୍ରଦାନ କରିବା ନେଇ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡକ୍ଟର ଆଶୁତୋଷ ବିଶ୍ୱାସ କହିଛନ୍ତି। ଏହି ସ୍ୱତନ୍ତ୍ର କ୍ଲିନିକ୍ ପ୍ରତି ମଙ୍ଗଳବାର ଦିନ ୨ଟା ୩୦ରୁ ୪ଟା ୩୦ ପର୍ଯ୍ୟନ୍ତ ଗ୍ୟାଷ୍ଟ୍ରୋ ଓପିଡି କମ୍ପ୍ଲେକ୍ସର ୨୨୨ ନମ୍ବର କୋଠରିରେ କାର୍ଯ୍ୟ କରିବ।

ଆଜିର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗ ମୁଖ୍ୟ ଡ. ମାନସ ପାଣିଗ୍ରାହୀ, ସର୍ଜିକାଲ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗ ମୁଖ୍ୟ ଡ. ବ୍ରହ୍ମଦତ୍ତ ପଟ୍ଟନାୟକ, ବର୍ଣ୍ଣସ୍ ଏଣ୍ଡ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗ ମୁଖ୍ୟ ଡ. ସଞ୍ଜୟ ଗିରି, ଡ. ସୁବ୍ରତ ସାହୁ, ଡ. ତାରାପ୍ରସାଦ ତ୍ରିପାଠୀ ଓ ରେଡିଓଲୋଜି ବିଭାଗର ଡ. ରଞ୍ଜନ ପଟେଲଙ୍କ ସମେତ ନର୍ସି କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଟ୍ରକ୍ ପଛକୁ ପିଟିଲା କାର୍; ୩ ଯୁବକ ମୃତ

ଯାଁଳା, ୨୨।୨(ସମିସ): ଶୁକ୍ରବାର ରାତି ପ୍ରାୟ ୨ଟା ବେଳେ ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥ ଗଙ୍ଗପଡ଼ା ନଡ଼ିଆ ଫାର୍ମ ସମ୍ମୁଖରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଅଜଣା ଟ୍ରକ୍ ପଛରେ କାର୍ ଧକ୍କା ଦେବାରୁ ଘଟଣାସ୍ଥଳରେ ୩ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ, ପୁରୀ ଜିଲ୍ଲା ଚନ୍ଦନପୁର ଥାନା ପ୍ରତାପ ପୁରୁଷୋତ୍ତମପୁରର ବିଶ୍ୱରଞ୍ଜନ ସେଠୀ (୨୬), ପୁରୀ ସଦର ଥାନା ଗୋପିନାଥପୁରର ବିଶ୍ୱଚେତନ ମିଶ୍ର (୨୫) ଏବଂ ପୁରୀ ଜିଲ୍ଲା ସାକ୍ଷୀଗୋପାଳର ପ୍ରଶାନ୍ତ ପ୍ରଧାନ।

ମିଳିଥିବା ସୂଚନା ଅନୁସାରେ, ଶୁକ୍ରବାର ରାତି ପ୍ରାୟ ୨ଟା ବେଳେ ବିଶ୍ୱରଞ୍ଜନ, ବିଶ୍ୱଚେତନ ଓ ପ୍ରଶାନ୍ତ ଏକ କାର୍ ଯୋଗେ ଭୁବନେଶ୍ୱରରୁ ଖୋର୍ଦ୍ଧା ଦେଇ ପୁରୀ ଯାଉଥିଲେ। ଇନ୍‌ଫୋଭ୍ୟାଲି ଥାନା ଗଙ୍ଗପଡ଼ା ନଡ଼ିଆ ଫାର୍ମ ଆଗରେ ଏକ ଅଜଣା ଟ୍ରକ୍ ପଛରେ କାର୍‌ଟି ପିଟି ହୋଇଯାଇଥିଲା। ଫଳରେ କାର୍‌ରେ ଥିବା ଜଣେ ଯୁବକ ବାହାରକୁ ଛିଟିକି ପଡ଼ିଥିଲା ବେଳେ ଅନ୍ୟ ଦୁଇ ଜଣ ଭିତରେ ଚାପି ହୋଇ ରହିଥିଲେ। ଦୁର୍ଘଟଣା ପରେ ଟ୍ରକ୍‌ଟି ଘଟଣାସ୍ଥଳରୁ ଚାଲିଯାଇଥିଲା। ବାଟରେ ଯାଉଥିବା ଅନ୍ୟ କିଛି ଗାଡ଼ି ଦୁର୍ଘଟଣା ଦେଖି ଇନ୍‌ଫୋଭ୍ୟାଲି ଥାନାକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ଓ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ୩ଜଣଙ୍କୁ ଉଦ୍ଧାର କରି ଭୁବନେଶ୍ୱର ଏମ୍‌ସ ପଠାଇଥିଲେ। ଡାକ୍ତରଖାନାରେ ପହଞ୍ଚିବା ବେଳକୁ ତିନି ଜଣଙ୍କର ମୃତ୍ୟୁ ହୋଇସାରିଥିବା ଡାକ୍ତର ଘୋଷଣା କରିଥିଲେ। ଶନିବାର ଶବ ବ୍ୟବଚ୍ଛେଦ କରି ମୃତକଙ୍କ ପରିବାରକୁ ପୁଲିସ ହସ୍ତାନ୍ତର କରିଛି। ପୁଲିସ ଏକ ମାମଲା ରୁଜୁ କରିବା ସହ ରାଜପଥରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରି ଉକ୍ତ ଟ୍ରକ୍‌କୁ ଖୋଜୁଛି।

# ଦୁଷ୍କର୍ମକାରୀକୁ ୨୫ ବର୍ଷ ଜେଲ୍

ବାରିପଦା, ୨୨।୨(ସମିସ): ମୟୂରଭଞ୍ଜ ସ୍ୱତନ୍ତ୍ର ପକ୍ସୋ କୋର୍ଟ ବିଚାରପତି ପ୍ରତିମା ପାତ୍ର ଶନିବାର ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହ ୨୫ବର୍ଷ ଜେଲ୍ ଓ ୬୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅଧିକ ୧ ବର୍ଷ ୬ ମାସ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ସେହିପରି ପୀଡ଼ିତାଙ୍କୁ ୭ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନ ସହାୟତା ବିଭାଗଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆସାମୀଜଣଙ୍କ ହେଲେ, ବୈଶିଙ୍ଗା ଥାନା ଅନ୍ତର୍ଗତ ଟିକରଗଡ଼ିଆ ଗ୍ରାମର ସହଦେବ ମାଝୀ ଓରଫ ହେଣ୍ଡା। ସେ ଜୈନିକା ନାବାଳିକାକୁ ବଳପୂର୍ବକ ଦୁଷ୍କର୍ମ କରିଥିଲେ। ଏନେଇ କାହାକୁ ନ ଜଣାଇବାକୁ ମଧ୍ୟ ଧମକ ଦେଇଥିଲା। ନାବାଳିକାଜଣଙ୍କ ଖୁଡ଼ୀଙ୍କ ଘରେ ରହୁଥିଲେ। ଏହାର ସୁଯୋଗ ନେଇ ସହଦେବ ନାବାଳିକାକୁ ଦୁଇ ମାସ ଧରି ଦୁଷ୍କର୍ମ କରିଥିଲା। ନିର୍ଯାତନାରେ ଅତିଷ୍ଠ ହୋଇ ନାବାଳିକାଜଣଙ୍କ ପରିବାର ଲୋକଙ୍କୁ ଜଣାଇବା ପରେ ଘଟଣା ପ୍ରଘଟ ହୋଇଥିଲା। ଏନେଇ ଗ୍ରାମସଭା ବସିଥିବା ବେଳେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ବଦଳରେ କିଛି ଗ୍ରାମବାସୀ ମିଶି ତାକୁ ଫେରାର୍ କରାଇ ଦେଇଥିଲେ। ତେଣୁ ପରିବାରଲୋକ ବୈଶିଙ୍ଗା ଥାନାରେ ଗତ ୨୦୨୨ ମସିହା ଜୁଲାଇ ୨୭ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ପୀଡ଼ିତାଙ୍କ ବୟାନ ରେକର୍ଡ କରିଥିଲା। ଏଥିସହ ସହଦେବକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେବେଠାରୁ ସେ ବାରିପଦା ମଣ୍ଡଳ କାରାଗାରରେ ବିଚାରଧୀନ ବନ୍ଦୀ ଭାବେ ସଜା କାଟୁଥିଲା। ମାମଲାର ବିଚାର ସମୟରେ ୧୮ଜଣ ସାକ୍ଷୀଙ୍କ ବୟାନ, ଡାକ୍ତରୀ ଓ ପୁଲିସ ରିପୋର୍ଟକୁ ଭିତ୍ତି କରି ଜଜ୍ ଉପରୋକ୍ତ ଶୁଣାଣି କରିଛନ୍ତି। ଉକ୍ତ ମାମଲାକୁ ପୋକସୋ କୋର୍ଟର ସ୍ୱତନ୍ତ୍ର ପିପି ଅଭିନ୍ନ କୁମାର ପଟ୍ଟନାୟକ ପରିଚାଳନା କରୁଥିଲେ।

# ଲୁଟ୍ ପରେ ପଲଙ୍କ ଜାଳିଦେଲେ

**କବାଟ ଭାଙ୍ଗି ନେଇଗଲେ ସୁନା ଅଳଙ୍କାର**

ବାଲୁଗାଁ,୨୨।୨(ସମିସ): ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ଓ ବାଣପୁର ଅଞ୍ଚଳରେ ଏକ ସପ୍ତାହ ମଧ୍ୟରେ ଏକାଧିକ ଲୁଟ୍ ଘଟଣା ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି। ପୁଲିସକୁ ଖୋଲା ଚାଲେଞ୍ଜ ଦେଇ ଲୁଟେରା ଲଗାତାର ଭାବେ ଲୁଟ୍ କରୁଥିବାରୁ ପୁଲିସ ଆଖିରୁ ନିଦ ହଜିଯାଇଛି। ଶୁକ୍ରବାର ବିଳମ୍ବିତ ରାତିରେ ବାଲୁଗାଁ ବେଲପଡ଼ା ଗ୍ରାମ ରୋଡ୍‌ରେ ଥିବା ଏକ ଘରର କବାଟ ଓ ଆଲମାରି ଭାଙ୍ଗି ୫୦ ହଜାର ଟଙ୍କା ଓ ବହୁ ସୁନା ଅଳଙ୍କାର ଲୁଟି ନେଇଛନ୍ତି ଦୁର୍ବୃତ୍ତ। ସେହିଭଳି କାନ୍ଥରେ ଅଶ୍ଳୀଳ ଭାଷାରେ ଲେଖିବା ସହ ପଲଙ୍କରେ ନିଆଁ ଲଗାଇଦେବା ଘଟଣା ପୁଲିସ୍ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

ଅଭିଯୋଗରୁ ଜଣାଯାଇଛି ଯେ ବାଲୁଗାଁ ଥାନା ବେଲପଡ଼ା ଗ୍ରାମ ରୋଡ୍‌ରେ ସ୍ୱର୍ଗତ ପ୍ରଦୀପ ସେଠୀଙ୍କ ପତ୍ନୀ ମାନସୀଙ୍କ ସହ ତାଙ୍କର ଏକମାତ୍ର କନ୍ୟା ରୁହନ୍ତି। ଗତକାଲି ମାଆ ଓ ଝିଅ ମିଶି ଜଣେ ସମ୍ପର୍କୀୟଙ୍କ ଘରକୁ ଭୋଜି ଖାଇବା ପାଇଁ ଯାଇଥିଲେ। ଘରେ କେହି ନଥିବାର ସୁଯୋଗ ନେଇ ଗତକାଲି ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ବାରି କବାଟ ଭାଙ୍ଗି ଘର ଭିତରେ ପଶିଥିଲେ। ପରେ ଆଲମାରୀ ଭାଙ୍ଗି ସେଥିରୁ ୫୦ ହଜାର ଟଙ୍କା ସମେତ ଏକ ସୁନାହାର, ସୁନାଚେନ୍ ଓ କାନଫୁଲ ଲୁଟି ନେଇ ଫେରାର ହୋଇଯାଇଥିଲେ। ଯିବା ବେଳେ କାନ୍ଥରେ ଅଶ୍ଳୀଳ ଭାଷାରେ ଲେଖିବା ସହ ଘର ଭିତରେ ପଡ଼ିଥିବା ପଲଙ୍କରେ ନିଆଁ ଲଗାଇ ଦେଇଥିଲେ। ରାତିର ଶେଷ ପ୍ରହରରେ ମାନସୀ ଘରକୁ ଆସିବା ବେଳକୁ ଦାଣ୍ଡ କବାଟ ଖୋଲା ରହିଥିବା ଦେଖିବାକୁ ପାଇଥିଲେ। ବାରି କବାଟ ସହ ଆଲମାରୀ ଭାଙ୍ଗି ସମସ୍ତ ଟଙ୍କା ଓ ସୁନା ଅଳଙ୍କାର ଲୁଟ୍ ହୋଇଥିବା ସେ ଜାଣିବାକୁ ପାଇଥିଲେ। ଦୁର୍ବୃତ୍ତମାନେ କାନ୍ଥରେ ଅଶ୍ଳୀଳ ଭାଷାରେ କିଛି ଲେଖିଥିବାରୁ ସେମାନେ ଆଖପାଖ ଅଞ୍ଚଳର ହୋଇଥାଇପାରନ୍ତି ବୋଲି କୁହାଯାଉଛି। ଦୁର୍ବୃତ୍ତଙ୍କ ଏଭଳି କାଣ୍ଡକୁ ଅଞ୍ଚଳବାସୀ ନିନ୍ଦା କରିଛନ୍ତି। ଏନେଇ ମାନସୀ ବାଲୁଗାଁ ଥାନାରେ ଅଭିଯୋଗ କରିବାରେ ପୁଲିସ ଏକ ମାମଲା ରୁଜୁ କରିଥିବା ବେଳେ ନାଭାଲ ଫାଣ୍ଡି ଅଧିକାରୀ ରବୀନ୍ଦ୍ର କୁମାର ଗୌଡ଼ ସାଇଣ୍ଟିଫିକ୍ ଟିମ୍ ଓ ଅନୁସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ତେବେ ଏଯାବତ ଦୁର୍ବୃତ୍ତମାନଙ୍କର କୌଣସି ସନ୍ଧାନ ମିଳିପାରି ନାହିଁ।

# ବାହାଘରର ୩ ଦିନ ପରେ ମନେପଡ଼ିଲା ପ୍ରେମିକ



ତାଳଚେରସହର,୨୨।୨(ସମିସ): ଚତୁର୍ଥୀ ପୂର୍ବରୁ ନବବଧୂର ମନେପଡ଼ିଲେ ପ୍ରେମିକ। ପ୍ରେମିକ ବିନା ସେ ଜିଇଁପାରିବେନି, ତେଣୁ ତାଙ୍କୁ ହିଁ ବିବାହ କରିବେ ବୋଲି ଜିଦ୍ ଧରି ବସିଲେ। କଥା ଥାନା ପର୍ଯ୍ୟନ୍ତ ଗଲା। ଦୁଇ ପରିବାର ବି ଥାନାକୁ ଗଲେ। କିନ୍ତୁ, ନବବଧୂଙ୍କ ଜିଦ୍ ଆଗରେ ସମସ୍ତେ ଅସହାୟ ହୋଇପଡ଼ିଲେ। କେହି ତାଙ୍କୁ ବୁଝାଇପାରିଲେ ନାହିଁ। ତେଣୁ ଆଗାମୀ ଅଘଟଣକୁ ଆଖି ଆଗରେ ରଖି ଦୁଇ ପରିବାର ତାଙ୍କ ଆଗରେ ମୁଣ୍ଡ ନୁଆଁଇଲେ ଓ ତାଙ୍କୁ ତାଙ୍କ ପ୍ରେମିକ ପାଖକୁ ଯିବାକୁ ଅନୁମତି ଦେଇଦେଲେ। ତାଳଚେର ଥାନା ଅଞ୍ଚଳରେ ଘଟିଥିବା ଏପରି ଏକ ଅଭାବନୀୟ ଘଟଣା ଆଜି ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି।

**ନବବଧୂର ଜିଦ୍ ଆଗରେ ମୁଣ୍ଡ ନୁଆଁଇଲେ ଦୁଇ ପରିବାର**

ସୂଚନାନୁସାରେ, ତାଳଚେର ଥାନା ଅନ୍ତର୍ଗତ ତାଳଚେର ଟାଉନ ବଡ଼ଦାଣ୍ଡ ସାହି ୧ ନମ୍ବର ୱାର୍ଡର ବାସିନ୍ଦା ଟିକନ ବେହେରାଙ୍କର ଚଳିତ ମାସ ୧୮ ତାରିଖ ଦିନ ବଅଁରପାଳ ବ୍ଲକ ତୁଳସୀପାଳ ଗାଁର ବର୍ଷା ଦେହୁରୀଙ୍କ ସହ ବୈଦିକ ରୀତିରେ ସ୍ଥାନୀୟ ମନ୍ଦିରରେ ବିବାହ ହୋଇଥିଲା। ବିବାହର ଠିକ୍ ୩ ଦିନ ପରେ ଅର୍ଥାତ୍ ଆଜି ଚତୁର୍ଥୀ ଥିବା ବେଳେ ହଠାତ ବର୍ଷା ନିଜର ପୁରୁଣା ପ୍ରେମିକ ଶିବୁ ଦେହୁରୀକୁ ବିବାହ କରିବାକୁ ଜିଦ୍ ଧରିଥିଲେ। ତାଙ୍କ ଇଚ୍ଛାନୁସାରେ ଏହି ବିବାହ ହୋଇନାହିଁ। ତାଙ୍କୁ ତାଙ୍କ ବାପା-ମା' ଜୋରଜବରଦସ୍ତ ଭାବେ ଟିକନଙ୍କ ସହ ବିବାହ କରାଇଛନ୍ତି ବୋଲି କହିଥିଲେ। ଏହି ବିବାହରେ ସେ ଖୁସି ନାହାନ୍ତି ଓ ସେ କଦାପି ଟିକନଙ୍କ ସହ ଦାମ୍ପତ୍ୟ ଜୀବନ ଆଗକୁ ନେଇପାରିବେ ନାହିଁ ବୋଲି ଶାଶୁଘର ଲୋକଙ୍କୁ ଶୁଣାଇ ଦେଇଥିଲେ। ଫଳରେ କଥା ଥାନାକୁ ଯାଇଥିଲା। ଦୁଇ ପରିବାର ତାଳଚେର ଥାନାର ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ସେଠାରେ କୌଣସି ସମାଧାନର ଦିଗ ବାହାରି ନପାରିବାରୁ ଟିକନ ଓ ତାଙ୍କ ପରିବାର ବର୍ଷାଙ୍କ ଜିଦ୍ ଆଗରେ ମୁଣ୍ଡ ନୁଆଇଁବାକୁ ବାଧ୍ୟ ହୋଇଥିଲେ। ଫଳରେ ବର୍ଷା ଉଭୟ ପରିବାର, ମୁରବି, ସାହି ପଡ଼ିଶା ଓ ତାଳଚେର ପୁଲିସର ଉପସ୍ଥିତରେ ନିଜେ ଏକ ଚୁକ୍ତିନାମା ଲେଖି ତାଙ୍କ ପ୍ରେମିକ ଶିବୁ ଦେହୁରୀଙ୍କ ପାଖକୁ ଚାଲିଯାଇଥିଲେ।

# ୫୪ ବର୍ଷ ପରେ ସହିଦ ସୁଧାକରଙ୍କୁ ମୁକ୍ତିଯୋଦ୍ଧା ସମ୍ମାନ

ଅନୁଗୋଳ,୨୨।୨(ସମିସ): ତାଳଚେର ଜେଲରୋଡ୍‌ରେ ଆଜି ଅସମ୍ଭାଳ ଭିଡ଼ ଲାଗିଥିଲା। ଶହଶହ ଲୋକ ଶୋଭାଯାତ୍ରାରେ ମାଡ଼ି ଆସିଥିଲେ। ବ୍ୟାଣ୍ଡରେ ଶୁଭୁଥିଲା ଦେଶାତ୍ମବୋଧ ଗୀତ ସ୍ୱର। ଶୋଭାଯାତ୍ରାର ଆଗରେ ଥିଲେ ଜଣେ ସେନା ଅଧିକାରୀ, ଅନୁଗୋଳ ଡିଫେନ୍ସ ଭେଟେରାନ୍ସର ସଭାପତି ଅନିଲ ମହାନ୍ତି ଏବଂ ତାଙ୍କ ସାଥି। ତେବେ ସେଠାରେ ଥିବା ଏକ ଘର ଆଗରେ ଶୋଭାଯାତ୍ରା ଅଟକିଗଲା। ସେଇ ଘରେ ରହୁଥିବା ସହିଦ ସୁଧାକର ବେହେରାଙ୍କ ପତ୍ନୀ ଉମାଦେବୀଙ୍କୁ ସେନାଧିକାରୀଜଣଙ୍କ ବାଂଲାଦେଶ ମୁକ୍ତିଯୋଦ୍ଧା ସମ୍ମାନର ସ୍ମୃତିଫଳକ ଏବଂ ମାନପତ୍ର ପ୍ରଦାନ କରିଥିଲେ। ଦୀର୍ଘ ୫୪ବର୍ଷ ପରେ ସୁଧାକରଙ୍କୁ ଏହି ସ୍ୱୀକୃତି ମିଳିଥିବାରୁ ଉମାଦେବୀଙ୍କ ଆଖି ଛଳଛଳ ହୋଇଯାଇଥିଲା।




ସୁଧାକରଙ୍କ ଘର ବନ୍ତଳା ପୋକତୁଙ୍ଗା ଗାଁରେ। ତାଙ୍କ ପତ୍ନୀ ଏବେ ତାଳଚେରରେ ରହୁଛନ୍ତି। ସୂଚନାନୁସାରେ ଉମାଙ୍କର ବାହାଘରର ପାଞ୍ଚ ବର୍ଷ ହୋଇଥିବା ବେଳେ ହଠାତ୍ ଖବର ଆସିଥିଲା ସ୍ୱାମୀ ସୁଧାକର ମିତ୍ରବାହିନୀରେ ସାମିଲ ହୋଇ ପାକିସ୍ତାନ ସୈନିକଙ୍କ ସାଙ୍ଗେ ଲଢ଼ିବା ପାଇଁ ସୀମାନ୍ତକୁ ଯିବେ। ସୁଧାକର ସୀମାକୁ ଗଲେ, କିନ୍ତୁ ଆଉ ଫେରିଲେନି। ସହିଦ ହେବାର ଖବର ପହଞ୍ଚିଗଲା। ସେତେବେଳେ ସହିଦମାନଙ୍କୁ ଆଜି ଭଳି ସମ୍ମାନ କି ଆର୍ଥିକ ସହାୟତା ମିଳୁ ନଥିଲା। କିଛି ବର୍ଷ ପରେ ସହିଦ ସୁଧାକରଙ୍କୁ ଲୋକେ ଭୁଲିଗଲେ। ତେବେ ୨୦୧୭-୧୮ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ଭାରତ ଗସ୍ତ ବେଳେ ଯେଉଁମାନଙ୍କ ବଳିଦାନ ଯୋଗୁଁ ପାକିସ୍ତାନ ୧୯୭୧ ଯୁଦ୍ଧରେ ହାରିଲା ଏବଂ ବାଂଲାଦେଶ ଜନ୍ମ ହେଲା, ସେମାନଙ୍କୁ ତାଙ୍କ ଦେଶ ମୁକ୍ତିଯୋଦ୍ଧା ସମ୍ମାନ ପ୍ରଦାନ କରିବ। ଏହାପରେ ସେନାର ପୁରୁଣା ଦସ୍ତାବିଜରୁ ଖୋଜି ଖୋଜି ସହିଦମାନଙ୍କୁ ସମ୍ମାନିତ କରାଯାଉଛି।

# ୨୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ

ବାଲିଗୁଡ଼ା,୨୨।୨(ସମିସ): କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନା ମହାସିଙ୍ଗ ପଞ୍ଚାୟତର ଜାକେରିପଡା ଗ୍ରାମରୁ ୬୬୦.୫୦୦ କେଜି ଗଞ୍ଜେଇ ପୁଲିସ



ଜବତ କରିଛି। ଏନେଇ ଏକ ପ୍ରେସମିଟ୍ ଜରିଆରେ ସୂଚନା ଦେଇଛନ୍ତି ବାଲିଗୁଡ଼ା ଏସଡିପିଓ ରମେନ୍ଦ୍ର ପ୍ରସାଦ। ସୂଚନା ଅନୁସାରେ ବାଲିଗୁଡା ଥାନା ଅନ୍ତର୍ଗତ ମହାସିଂଗ ପଞ୍ଚାୟତର ଜାକେରିପଡା ଗ୍ରାମରେ ବିପୁଳ ପରିମାଣର ଗଞ୍ଜେଇ ବାହାରକୁ ଚାଲାଣ କରାଯାଉଥିବା ବିଶେଷ ସୂତ୍ରରୁ ଖବର ପାଇଥିଲା ବାଲିଗୁଡ଼ା ପୁଲିସ। ଶୁକ୍ରବାର ସକାଳେ ଏସ ଆଇ କିଶୋର ଚନ୍ଦ୍ର ପ୍ରଧାନ ଏକ ସ୍ୱତନ୍ତ୍ର ଟିମ ନେଇ ଘଟଣା ସ୍ଥଳରେ ପହଞ୍ଚିଲା ବେଳେ ୪ ଜଣ ଯୁବକ ମୁହଁରେ କପଡା ବାନ୍ଧି ପ୍ୟାକିଂ ହୋଇଥିବା ଗଞ୍ଜେଇ ଚୋରା ଚାଲାଣ କରିବାକୁ ଅପେକ୍ଷା କରିଥିବା ଦେଖିବାକୁ ପାଇଥିଲେ। ପୁଲିସଙ୍କୁ ଦେଖି ଚାରି ଜଣ ଯୁବକ ଜଙ୍ଗଲ ଆଡ଼କୁ ଦୌଡ଼ି ପଳାଇଥିଲେ। ଏସ ଆଇ ପ୍ରଧାନ ଓ ତାଙ୍କ ଟିମ୍ ସେମାନଙ୍କୁ ଗୋଡ଼ାଇଥିଲେ ମଧ୍ୟ ଧରିବାରେ ସଫଳ ହୋଇପାରି ନ ଥିଲେ। ଘଟଣା ସ୍ଥଳରୁ ୧୮ ବ୍ୟାଗ୍ ରେ ଥିବା ୬୬୦.୫୦୦ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଏ ନେଇ ଏକ ମାମଲା ରୁଜୁ କରି ବାଲିଗୁଡ଼ା ଥାନା ଅଧିକାରୀ ସମ୍ବିତ୍ କୁମାର ସ୍ୱାଇଁ ଅଧିକ ତଦନ୍ତ କରୁଥିବା ସୂଚନା ଦିଆଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨୦ ଲକ୍ଷ ଟଙ୍କାରୁ ଅଧିକ ବୋଲି କୁହାଯାଇଛି। ଆଡିସିନାଲ ମାଜିଷ୍ଟ୍ରେଟଙ୍କ ଉପସ୍ଥିତରେ ଚଢଉ ହୋଇଥିବା ସୂଚନା ମିଳିଛି। ଗଞ୍ଜେଇ ଚାଷ ଛାଡି ଷ୍ଟ୍ରବେରି ଭଳି ଅନ୍ୟାନ୍ୟ ଚାଷ ନ କଲେ ଆମେ ଗୋଡାଇ ଗୋଡାଇ ଧରିବୁ ବୋଲି ସାମ୍ବାଦିକ ସମ୍ମିଳନୀରେ ବାଲିଗୁଡ଼ା ଏସଡିପିଓ ରମେନ୍ଦ୍ର ପ୍ରସାଦ ସୂଚନା ଦେଇଛନ୍ତି।

# ଉଚ୍ଚ ଶକ୍ତିସମ୍ପନ୍ନ ବିଦ୍ୟୁତ୍ ତାରକୁ ନେଇ ଉତ୍ତେଜନା

ପାରଳାଖେମୁଣ୍ଡି,୨୨।୨(ସମିସ):

ଗଜପତି ଜିଲ୍ଲା ଗୋଷାଣି ବ୍ଲକ କେରାଣ୍ଡି ପଞ୍ଚାୟତ ଦେବିତୀ ଗ୍ରାମ ହରିଜନ ସାହି ପଟେ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ ତାର ଓ ପ୍ରସ୍ତାବିତ ରାସ୍ତାକୁ ବିରୋଧ କରାଯାଇଛି। ଏଥିନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ଶନିବାର ଦିନ ତମାମ ପାରଳାଖେମୁଣ୍ଡି ଆଦର୍ଶ ଥାନା ପୁଲିସ୍ ଓ ସାହି ବାସିନ୍ଦାଙ୍କ ମଧ୍ୟରେ ଯୁକ୍ତିତର୍କ ସହ ଉତ୍ତେଜନା ପରିସ୍ଥିତି ଉପୁଜି ରହିଥିଲା। ହଠାତ୍ ବିଦ୍ୟୁତ କର୍ମଚାରୀ ଓ ପୁଲିସ୍ ଫୋର୍ସ ଗ୍ରାମରେ ପହଞ୍ଚିଥିଲେ। ପୁଲିସ ଉପସ୍ଥିତିରେ ବିଦ୍ୟୁତ କର୍ମଚାରୀ ବିଦ୍ୟୁତ୍ ସଂଯୋଗୀକରଣ କାମ ଆରମ୍ଭ କରିଥିଲେ। ହେଲେ ଗ୍ରାମବାସୀତୀବ୍ର ବିରୋଧ କରିବା ପରେ କାମକୁ ବନ୍ଦ କରାଯାଇଥିଲା।



ସାହିରେ ୩୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ଦେବିତୀ ଗ୍ରାମକୁ ଲାଗିଥିବା ଏକ ଛୋଟିଆ ପାହାଡ ଉପରେ ଓଏସ୍ଏପି ଦ୍ୱିତୀୟ ବାଟାଲିୟନ ସରକାରୀ ଜମିରେ ନୂତନ ବ୍ୟାରାକ୍ ତଥା କ୍ୟାମ୍ପ ଷ୍ଟେସନ ନିର୍ମାଣ କରାଯାଉଛି। କିନ୍ତୁ କୌଣସି ପୂର୍ବ ସୂଚନା ନ ଦେଇ ସେହି କ୍ୟାମ୍ପ ପାଇଁ ବିଦ୍ୟୁତ୍ ସଂଯୋଗୀକରଣ ପାଇଁ ଉଚ୍ଚକ୍ଷମତା ଯୁକ୍ତ ବିଦ୍ୟୁତ ତାର ଏବଂ ଟ୍ରାନ୍ସଫର୍ମର ସ୍ଥାପନ ପାଇଁ ଭିତ୍ତିଭୂମୀ କରାଯାଉଛି। ସାହିର ଜନବସତି ଦେଇ ଏସବୁ କାର୍ଯ୍ୟ ହେଉଛି। ଏହା ସହ ଏହି କ୍ୟାମ୍ପ୍ ପାଇଁ ଯାତାୟତ କରିବାକୁ ରାସ୍ତା ପ୍ରଶସ୍ତୀକରଣ ପାଇଁ ଗାଁ ରାସ୍ତାକୁ ଅଧିଗ୍ରହଣ କରିବାକୁ ମଧ୍ୟ ମସୁଧା ହେଉଛି। ଗ୍ରାମର ଜନ ବସତି ଦେଇ ଉଚ୍ଚ କ୍ଷମତା ବିଦ୍ୟୁତ୍ ଶକ୍ତି ପ୍ରବାହିତ ହେବ। ଏଥିଯୋଗୁଁ ସାହି ବାସିନ୍ଦା ପ୍ରତି ବିପଦ ଆଶଙ୍କା ସବୁବେଳେ ରହିବ। ସେହିଭଳି ରାସ୍ତା ପ୍ରଶସ୍ତିକରଣ କରିବା ଦ୍ୱାରା ଘରଦ୍ୱାର ଭଙ୍ଗାଯିବ। ଏଥିରେ ଗରୀବ ଜନବସତିର ବ୍ୟାପକ କ୍ଷୟକ୍ଷତି ଘଟିବ। ଗ୍ରାମବାସୀ ତୁରନ୍ତ ପ୍ରସ୍ତାବିତ କାମକୁ ତୁରନ୍ତ ବନ୍ଦ କରି ସମାଧାନ ପନ୍ଥା ବାହାର କରବାକୁ ପ୍ରଶାସନକୁ ନିବେଦନ କରିଛନ୍ତି। ଏନେଇ ପ୍ରଶାସନକୁ ପୂର୍ବରୁ ଲିଖିତ ଅଭିଯୋଗ କରାଯାଇଛି। ହେଲେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନଥିବା ସାହି ଲୋକେ ଅଭିଯୋଗ କରିଛନ୍ତି। ଜୋର୍ ଜବରଦସ୍ତ ଭାବେ ଏପରି କାର୍ଯ୍ୟ କରାଗଲେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବେ ବୋଲି ସାହିବାସିନ୍ଦା କହିଛନ୍ତି।

ଜି.ଉଦୟଗିରିରେ ଜାତୀୟ ଆଲୋଚନାଚକ୍ର

# ନୂତନ ଶିକ୍ଷାନୀତିରେ ଶିକ୍ଷାର ଗୁଣାତ୍ମକ ମାନବୃଦ୍ଧିକୁ ଗୁରୁତ୍ୱ




ଜି.ଉଦୟଗିରି,୨୨।୨(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ କଳିଙ୍ଗାସ୍ଥିତ ସରକାରୀ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟରେ 'ନୂତନ ଶିକ୍ଷା ନୀତିର ବିଷୟବସ୍ତୁରେ ଶିକ୍ଷକ ଶିକ୍ଷାର ପାରାଡ଼ିଗମ୍ ପରିବର୍ତ୍ତନ' ଶୀର୍ଷକ ଦୁଇଦିନିଆ ଜାତୀୟ ଆଲୋଚନାଚକ୍ର ଶନିବାର ଉଦ୍‌ଘାଟିତ ହୋଇଛି। ପ୍ରଥମ ଦିନ ପ୍ରଥମ ଅଧିବେଶନରେ ଗଣିତ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ.ଦୀପକ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସ୍ମୃତିଶିଖା ଗୁରୁ ସଭା ସଞ୍ଚାଳନ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ତଥା ପ୍ରଫେସର ଡ. ମନୋଜ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ବିମଳ ଚରଣ ସ୍ୱାଇଁ ଯୋଗ ଦେଇ ନୂତନ ଶିକ୍ଷା ନୀତିରେ ଶିକ୍ଷାର କିପରି ଗୁଣାତ୍ମକ ମାନବୃଦ୍ଧି ପାଇବ ତାହା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଫୁଲବାଣୀ ସରକାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ସୁବାଷ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଡ. ମନୋଜ କୁମାର ପ୍ରଧାନଙ୍କ ସ୍ୱାଗତ ଭାଷଣ ଦେଇଥିଲେ। ହାଇଦରାବାଦ ବିଶ୍ୱବିଦ୍ୟାଳୟର ପୂର୍ବତନ ଡିନ୍ ତଥା ଇଂରାଜୀ ବିଭାଗ ପ୍ରଫେସର ଜି.ରାଜଗୋପଲ୍, ଭୋପାଳର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ମୁଖ୍ୟ ପ୍ରଫେସର ବି.ରମେଶ ବାବୁ, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ବେହେରା, ଡ.ଅଶୋକ ଦିଗାଲ ଅନଲାଇନରେ ଆଲୋଚନାରେ ଯୋଡ଼ି ହୋଇଥିଲେ। ପ୍ରଥମ ଅଧିବେଶନରେ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ ଉପସ୍ଥିତ ଥିଲେ। ଉଦ୍‌ଘାଟନକାର୍ଯ୍ୟକ୍ରମରେ ବହୁ ପୂର୍ବତନ ଅଧ୍ୟକ୍ଷ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଜାତୀୟ କର୍ମଶାଳର ସହସଂଯୋଜକ ଆସିଷ୍ଟାଣ୍ଟ ପ୍ରଫେସର ସୁବ୍ରତ କୁମାର ପାଢ଼ୀ, ମୋନାଲିସା ନାୟକ, ସୌମ୍ୟରଞ୍ଜନ ନାୟକ, ଭେଙ୍କେଟେସ ରେଡ୍ଡୀ, ସୁଶାନ୍ତ କୁମାର ରଣା, ବିକ୍ରମ କୁମାର ପ୍ରଧାନ, ବିଚିତ୍ର କୁମାର ବେହେରା, ଲକ୍ଷ୍ମୀପ୍ରିୟା ନାୟକ ତଥା ମହାବିଦ୍ୟାଳୟର ସମସ୍ତ ସହକର୍ମୀ ଏବଂ ସମସ୍ତ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଜାତୀୟକର୍ମଶାଳା ସଂଯୋଜକ ତଥା ଇଂରାଜୀ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ. ସଦାନନ୍ଦ ମେହେର କର୍ମଶାଳା ଉପରେ ବିସ୍ତୃତ ଭାବରେ ବୁଝାଇଥିଲେ।

# ପୁନରୁଦ୍ଧାର ହେଉନି ଜଳସେଚନ ପ୍ରକଳ୍ପ;କମୁଛି ରବି ଚାଷ



ରାଇକିଆ,୨୨।୨(ସମିସ): କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ୍‌ର ବିଭିନ୍ନ ଜଳସେଚନ ପ୍ରକଳ୍ପ ଶୁଖିଲା ପଡ଼ିଛି। ଫେବୃଆରୀ ଆରମ୍ଭରୁ ବିଶେଷ କରି କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡିକର ଜଳ ସ୍ତର କମିବା, କେନାଲରେ ପାଣି ନ ଆସିବା ଚାଷ କାର୍ଯ୍ୟରେ ବାଧା ସୃଷ୍ଟି କରିଛି। ଜଳାଭାବ ଯୋଗୁଁ ରବି ଚାଷ ଠାରୁ ଦୂରେଇ ଯାଉଛନ୍ତି ଚାଷୀ। ଚଳିତ ବର୍ଷ ରବି ଚାଷ କମିବାର ସମ୍ଭାବନା ଦେଖା ଦେଇଛି। ବାସନ୍ତୀ ସାଗର, ଗୁନ୍ଧାଣି ଜଳସେଚନ ପ୍ରକଳ୍ପର ଜଳ ସ୍ତର ହ୍ରାସ ପାଇଥିବା ବେଳେ କେନାଲରେ ପାଣି ନ ଆସିବା ସହ ପୋତି ହୋଇଗଲାଣି। ଝରଣା ଏବଂ ନାଳ ପାଣି କମିବା ଯୋଗୁଁ ବିଭିନ୍ନ ଛୋଟ ଚେକ୍‌ଡ୍ୟାମ୍‌ରେ ମଧ୍ୟ ପାଣି ନାହିଁ। ଏହାର ପ୍ରଭାବ ସିଧାସଳଖ ରବି ଚାଷ ଉପରେ ପଡୁଛି। ଖରିଫ୍ ଶେଷ ଆଡ଼କୁ ଚାଷ କରିଥିବା କିଛି ଚାଷ ଫଳପ୍ରଦ ହୋଇଥିବା ବେଳେ ରବି ଋତୁରେ ହେଉଥିବା ବିଭିନ୍ନ ପ୍ରକାର ପନିପରିବା ଚାଷ ନଷ୍ଟ ହେବାକୁ ବସିଛି। ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ରବି ଋତୁରେ କମ୍ ଚାଷ ହୋଇଛି। ବିଶେଷ କରି ଜଳ ସମସ୍ୟାକୁ ଦୃଷ୍ଟିରେ ରଖି ଅନେକ ଚାଷୀ କ୍ଷତି ହେବା ଆଶଙ୍କାରେ ଚାଷ କରିନାହାନ୍ତି ବୋଲି ଏ ନେଇ ରାଇକିଆ ବ୍ଲକ୍ କୃଷି ଅଧିକାରୀ ସଚିନ୍ଦ୍ର ସେଠୀ କହିଛନ୍ତି। ବିଭନ୍ନ ବିଭାଗୀୟ କାରଣ ଯୋଗୁଁ ଚଳିତ ବର୍ଷ କୌଣସି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଇ ପାରିନାହିଁ ବୋଲି ଶ୍ରୀ ସେଠୀ କହିଛନ୍ତି।

# ଭଡ଼ା ନ ଦେବାରୁ ଦୋକାନ ଘର ସିଲ୍

ଫିରିଙ୍ଗିଆ,୨୨।୨(ସମିସ): ବକେୟା ଭଡା ନ ମିଳିବାରୁ ଦୋକାନ ଘର ସିଲ କରିଛି ଫିରିଙ୍ଗିଆ ବ୍ଲକ ପ୍ରଶାସନ। ତହସିଲଦାରଙ୍କ ଉପସ୍ଥିତିରେ ୮ ଦୋକାନ ଗୃହରେ ତାଲା ଝୁଲାଇ ଦିଆଯାଇଛି। ସୂଚନାଯୋଗ୍ୟ, ଫିରିଙ୍ଗିଆ ବଜାରରେ ବ୍ଲକ ପ୍ରଶାସନର ୬୪ ଦୋକାନ ଘର ଓ ଦୁଇଟି କଲ୍ୟାଣ ମଣ୍ଡପ ରହିଛି। ଏହି ଦୋକାନ ଗୃହର ଭଡା ବ୍ଲକ ପ୍ରଶାସନ ଆଦାୟ କରୁଛି। କିନ୍ତୁ କିଛି ଦୋକାନୀଙ୍କ ଉପରେ ପ୍ରାୟ ଦୁଇ ତିନି ବର୍ଷର ଭଡା ବକେୟା ରହିଛି। ବାରମ୍ବାର ନୋଟିସ ପରେ ମଧ୍ୟ ବକେୟା ବିଲ ପୈଠ କରୁ ନ ଥିଲେ। ଶେଷରେ ବ୍ଲକ କର୍ତ୍ତୃପକ୍ଷ ତହସିଲଦାରଙ୍କୁ ଏସମ୍ପର୍କରେ ଜଣାଇଥିଲେ। ତହସିଲ ପକ୍ଷରୁ ସମ୍ପୃକ୍ତ ଦୋକାନୀଙ୍କୁ ନୋଟିସ ଜାରି କରି ବୈଠକ ପାଇଁ ଡକା ଯାଇଥିଲା।



କିନ୍ତୁ କିଛି ଦୋକାନୀ ବୈଠକରେ ଯୋଗ ଦେଇ ନଥିଲେ। ଏଥିଯୋଗୁଁ ବାଧ ହୋଇ ଶୁକ୍ରବାର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା ଓ ତହସିଲଦାର ଅନାମିକା ପାଣ୍ଡେ ସ୍ଥାନୀୟ ପୁଲିସର ଉପସ୍ଥିତିରେ ଦୋକାନ ଗୃହ ସିଲ କରିଛନ୍ତି। ଦୋକାନ ସିଲ ହେବା ପରେ ଦୋକାନୀ ଜୀବିକା ହରାଇବା ଚିନ୍ତାରେ ଭାଙ୍ଗିପଡ଼ିଛନ୍ତି। ବ୍ଲକ କର୍ତ୍ତୃପକ୍ଷ ଦୋକାନ ଗୃହର ଭଡା ବଜାର ଦର ଠାରୁ ବହୁ ଅଧିକ ରଖିଥିବାରୁ ଭଡା ଦେବାରେ ସମସ୍ୟା ସୃଷ୍ଟି ହେଉଥିବା ଦୋକାନୀ କହିଛନ୍ତି। ଦୁଇ ମାସ ଆଗରୁ ନୋଟିସ ଜାରି ହୋଇଥିବା ବେଳେ ଭଡା ଦେବା ପାଇଁ ଆଉ କିଛିଦିନ ସମୟ ମାଗିଥିଲେ ଦୋକାନୀ। କିନ୍ତୁ ତହସିଲଦାର କୌଣସି କଥା ନ ଶୁଣି ଦୋକାନ ଗୃହସିଲ କରିଦେଇଥିବା ସେମାନେ ଅଭିଯୋଗ କରିଛନ୍ତି। ବକେୟା ଭଡା ପୈଠ କଲାପରେ ଦୋକାନ ଗୃହ ସିଲ ଖୋଲାଯିବ ବୋଲି ତହସିଲଦାର ଓ ବିଡିଓ କହିଛନ୍ତି।

# କିରାମାହା ଉପ୍ରା ବିଦ୍ୟାଳୟରେ ବିଜ୍ଞାନ ଶିବିର

ଜି.ଉଦୟଗିରି,୨୨।୨(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ନିକଟସ୍ଥ କିରାମାହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୁଇ ଦିନିଆ ବିଜ୍ଞାନ ଶିବିର ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷୟତ୍ରୀ ଲଳିତା ଦିଗାଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବଳରାମ ସାହୁ ଯୋଗ ଦେଇ ବିଜ୍ଞାନ ଶିକ୍ଷା ଦେଇଥିଲେ। ଛାତ୍ରଛାତ୍ରୀଙ୍କ ପାଠ୍ୟକ୍ରମରେ ରହିଥିବା ବିଭିନ୍ନ ଜଟିଳ ବିଜ୍ଞାନକୁ ନେଇ ପରୀକ୍ଷା କରି ପ୍ରଦର୍ଶନ କରାଯାଇଥିଲା। ଛାତ୍ରଛାତ୍ରୀ ଆଗ୍ରହର ସହିତ ଶିକ୍ଷା ନେଇଥିଲେ। ସାରା ଜୀବନ ମନେ ରଖିବା ସହଜ ହୋଇଛି ବୋଲି କହିଥିଲେ। ଶିକ୍ଷକ ଗୋପାଳ ପାଣିଗ୍ରାହୀ ସହଯୋଗ କରିଥିଲେ।

# ସେବାଶ୍ରମରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ



ଜି.ଉଦୟଗିରି,୨୨।୨(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ ନିକଟସ୍ଥ ଡଡାପଡା ସେବାଶ୍ରମ ବିଦ୍ୟାଳୟରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ଦୈତ୍ୟାରୀ ଦିଗାଲଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ଭବାନୀ ଶଙ୍କର ସାମଲ, ଭାବାନନ୍ଦ ପ୍ରଧାନ, ରୂପାଦେବୀ ନାୟକ, ମନୋରମା ପ୍ରଧାନ ସମେତ ଗାଁର ବରିଷ୍ଠ ବ୍ୟକ୍ତିଙ୍କ ଉପସ୍ଥିତିରେ ସ୍ୱଚ୍ଛ ଭାରତ, ବାଲ୍ୟ ବିବାହ ଉଚ୍ଛେଦ, ଜନସଂଖ୍ୟା ନିୟନ୍ତ୍ରଣ, ପରିବେଶ ସୁରକ୍ଷା, ସ୍ୱଚ୍ଛ ଓ ମୁକ୍ତ ଗୁଣାତ୍ମକ ଶିକ୍ଷା ଗ୍ରହଣ ସମ୍ପର୍କରେ ସଚେତନତା ପାଇଁ ଗାଁରେ ଶୋଭାଯାତ୍ରା ବାହାର କରାଯାଇ ପରିକ୍ରମା କରାଯାଇଥିଲା। ଅପରାହ୍ନ ୨ରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ନାଚ ଗୀତ ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତା ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



କ.ନୂଆଗାଁ,୨୨।୨(ସମିସ): କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ବିଡିଓ ଶ୍ରଦ୍ଧାଞ୍ଜଳି ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକର ୧୪ ପଞ୍ଚାୟତରୁ ଭିନ୍ନକ୍ଷମ ଉପସ୍ଥିତି ହୋଇଥିଲେ। କାର୍ଯ୍ୟକ୍ରମରେ ଅନଲାଇନ୍ ଯୋଗେ ୭୭୪ ଭିନ୍ନକ୍ଷମ ଫର୍ମ ଆବେଦନ କରିଥିଲେ। ସେଥିମଧ୍ୟରୁ ୧୧ ଜଣଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସାରଙ୍ଗଡ଼ର ସୁବାସ ବିଶି, ଗୁଞ୍ଜିବାଡିର ରାଇମତି ପ୍ରଧାନଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଚକ୍ରମଣୀ କହଁର, ସମ୍ମାନିତ ଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ତଥା ସାଂସଦ ପ୍ରତିନିଧି ପଣ୍ଡିତ କୁମାର ବିଶିମାଝୀ, ଅଧ୍ୟକ୍ଷା ସୁଲୋଚନା ଦଳବେହେରା, ଜିଲ୍ଲା ପରିଷଦ ସଭ୍ୟା ଅନିତା ମଲ୍ଲିକ ଓ ବ୍ଲକ ଉପାଧ୍ୟକ୍ଷ ଧବଳେଶ୍ୱର ପାତ୍ର ଯୋଗ ଦେଇ ଥିଲେ। ବିଏମଏସ୍ଓ ପଲ୍ଲବୀ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଡିଏସ୍ଏସ୍ଓ ପି.ପଦ୍ମାବତୀ ଓ ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ମୁଖ୍ୟ ଅଧ୍ୟକ୍ଷ କୁମାର ପଣ୍ଡା ତଦାରଖ କରିଥିଲେ। ଏଥିରେ ବ୍ଲକର ସମସ୍ତ ସରପଞ୍ଚ, ସମିତିସଭ୍ୟ ଓ ଅଙ୍ଗନାବାଡି କର୍ମୀ ସହଯୋଗ କରିଥିଲେ।

# ଶିକ୍ଷିତ ପଞ୍ଚାୟତ ବିକଶିତ ପଞ୍ଚାୟତ ନେଇ କାର୍ଯ୍ୟଶାଳା



ଫୁଲବାଣୀ,୨୨।୨(ସମିସ): ଆକାଂକ୍ଷା ବ୍ଲକ ଫିରିଙ୍ଗିଆର ରତଙ୍ଗ ଓ ଭୁଙ୍ଗିଯୋଡି ପଞ୍ଚାୟତର ସଭାଗୃହରେ ବ୍ଲକ ପ୍ରଶାସନ ଓ ଶିକ୍ଷା ବିଭାଗ ସହଯୋଗରେ ୧୪ ପଞ୍ଚାୟତର ୪୫ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ଓ ସଙ୍କୁଳ ସାଧନ ସେବୀଙ୍କ ସହ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନକୁ ତ୍ୱରିତ ଅଭିବୃଦ୍ଧି ଓ ପଞ୍ଚାୟତର ନେତୃତ୍ୱରେ ଛାତ୍ରଛାତ୍ରୀଙ୍କ ଶିକ୍ଷଣ ଫଳାଫଳ ବୃଦ୍ଧି କରିବା ନେଇ କାର୍ଯ୍ୟଶାଳା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଉଦଘାଟନ କରି ଉଭୟ ପଞ୍ଚାୟତର ସରପଞ୍ଚ ପଞ୍ଚାୟତ ଓ ଜନପ୍ରତିନିଧିଙ୍କ ସହ ସମନ୍ୱୟ ଓ ସହଯୋଗକୁ ଧ୍ୟାନ ଦେବା ସହ ଶିକ୍ଷା କ୍ଷେତ୍ରରେ ମିଳିତ ପ୍ରଚେଷ୍ଟାରେ ବିକଶିତ ପଞ୍ଚାୟତ ଗଢିବାରେ ସହଯୋଗ ପାଇଁ ଉତ୍ସାହିତ କରିଥିଲେ। ନିତି ଆୟୋଗର ସହଯୋଗୀ ସଂସ୍ଥା ପିରାମଲ ଫାଉଣ୍ଡେସନ ଆକାଂକ୍ଷା ଭାରତ ସହଯୋଗୀ କାର୍ଯ୍ୟକ୍ରମର ଗାନ୍ଧୀ ଫେଲୋ ପାୟଲ ଓ ତନଭି ପ୍ରଶିକ୍ଷଣ ମାଧ୍ୟମରେ ୫୫ଜଣ ଅଂଶଗ୍ରହଣକାରୀଙ୍କୁ ପଞ୍ଚାୟତସ୍ତରୀୟ ସହଯୋଗୀ ଓ ସମନ୍ୱୟ ଦଳର ସହଯୋଗରେ ଛାତ୍ରଛାତ୍ରୀଙ୍କ ସାକ୍ଷରତା ଓ ସଂଖ୍ୟାଜ୍ଞାନକୁ ତ୍ୱରିତ ଭାବେ ଅଭିବୃଦ୍ଧି ଓ ପଞ୍ଚାୟତର ନେତୃତ୍ୱରେ ଛାତ୍ରଛାତ୍ରୀଙ୍କ ଶିକ୍ଷଣ ଫଳାଫଳ ବୃଦ୍ଧି କରିବା ନେଇ ବିସ୍ତୃତ ଭାବେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପିରାମଲ ଫାଉଣ୍ଡେସନର ପ୍ରତିନିଧି ଅଶ୍ୱିନୀ ପାରତେତି, ଓ ବ୍ଲକ ଆକାଂକ୍ଷା ଫେଲୋ ନରବେଦ୍ ଦିଗାଳ ସହଯୋଗ କରିଥିଲେ ।

ହେଡକ୍ୱାର୍ଟର୍ସରେ ରହୁ ନାହାନ୍ତି ପିଇଓ

# ପଞ୍ଚାୟତର ଉନ୍ନୟନ କାର୍ଯ୍ୟରେ ବାଧା

ପାରଳାଖେମୁଣ୍ଡି,୨୨।୨(ସମିସ):

ପଞ୍ଚାୟତିରାଜ ବ୍ୟବସ୍ଥାରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ରାଜ୍ୟ ସରକାର ପଞ୍ଚାୟତର ଉନ୍ନତିକରଣ ନିମନ୍ତେ ବିଭିନ୍ନ ଯୋଜନା, ଅନୁଦାନ, ଭିତ୍ତିଭୂମି ସଜାଡ଼ିବା ଲାଗି କୋଟି କୋଟି ଟଙ୍କା ମଞ୍ଜୁର କରିଥାନ୍ତି। ଆଉ ଏହାର ସଫଳ ରୂପାୟନ ନିମନ୍ତେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ନିଯୁକ୍ତ କରିଛନ୍ତି। ପଞ୍ଚାୟତର ପ୍ରତ୍ୟେକ ଲୋକଙ୍କ ବିକାଶ ନିମନ୍ତେ ସରକାର ବଦ୍ଧପରିକର। ହେଲେ ପ୍ରଶାସନିକ ଉଦାସୀନତା ଯୋଗୁଁ ସରକାରଙ୍କ ପରିକଳ୍ପନା, ଯୋଜନା ଆଦି ବିଫଳ ହେଉଛି। ପଞ୍ଚାୟତ ନିର୍ବାହୀ ଅଧିକାରୀ ନିଜ ନିଜ କର୍ମ କ୍ଷେତ୍ରରେ ଉପସ୍ଥିତ ନ ରହିବା ଯୋଗୁଁ ସରକାରୀ କଳ ମନ୍ଥର ହେଉଛି। ପଞ୍ଚାୟତର ଉନ୍ନତି ତଥା ବିକାଶ ଧାରାକୁ ଆଗେଇ ନେବାକୁ ଯେଉଁ ଅଧିକାରୀଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଉଛି ସେମାନେ ସେହି ପଞ୍ଚାୟତ ସହ ଆଖପାଖରେ ମଧ୍ୟ ରହୁନାହାନ୍ତି। ଏପରି ସ୍ଥଳେ ପଞ୍ଚାୟତର ଉନ୍ନତିକରଣ ସ୍ୱପ୍ନ ସ୍ୱପ୍ନରେ ହିଁ ରହିଯାଉଛି।

ଏପରି ଏକ ବ୍ୟତିକ୍ରମ ଘଟଣା ଗଜପତି ଜିଲ୍ଲାରେ ଦେଖିବାକୁ ମିଳୁଛି । ଜିଲ୍ଲାର ୭ ବ୍ଲକରେ ୧୪୯ ପଞ୍ଚାୟତ ରହିଥିବା ବେଳେ ଗତ ୨୦୧୭-୧୮ ଓ ୨୦୧୮-୧୯ ଆର୍ଥିକ ବର୍ଷରେ ୧୧୫ ପିଇଓ କ୍ୱାର୍ଟରର୍ସ ନିର୍ମାଣ ପାଇଁ ମଞ୍ଜୁର ହୋଇଥିଲା। ହେଲେ ୧୧୫ କ୍ୱାର୍ଟର ନିର୍ମାଣ ମଧ୍ୟରୁ ଅଧିକାଂଶ କ୍ୱାର୍ଟର ନିର୍ମାଣ ଆରମ୍ଭ ହୋଇ ନ ଥିବା ବେଳେ କେତେକ ସ୍ଥାନରେ ନିର୍ମାଣ ସକାଶେ ଭିତ୍ତିଭୂମି ସଜଡା ଯାଇଛି। ଅଧାପନ୍ତରିଆ ଭାବେ କେତେକ ପଞ୍ଚାୟତର ସଦର ମହକୁମାରେ ନିର୍ମାଣାଧିନ ରହିଛି । ଏପରିକି କେତେକ ପଞ୍ଚାୟତ ହେଡକ୍ୱାର୍ଟରରେ ପିଇଓ କ୍ୱାର୍ଟର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ହେଲେ



କ୍ୱାର୍ଟର ନିର୍ମାଣ ଶେଷ ହୋଇଥିଲେ ତାହା ବ୍ୟବହାର କରାଯାଉନାହିଁ। ପିଇଓ ନିଜ ପଞ୍ଚାୟତରେ ରହୁନାହାନ୍ତି। ସେମାନେ ସହରାଞ୍ଚଳରେ ବସବାସ କରି ଯାତାୟତ କରୁଛନ୍ତି। ବିଶେଷ କରି ରାୟଗଡ, ଗୋଷାଣି, କାଶୀନଗର ଓ ଗୁମ୍ମା ବ୍ଲକରେ ନିୟୋଜିତ ପିଇଓଙ୍କ ମଧ୍ୟରୁ ପ୍ରାୟତଃ ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି କିମ୍ବା ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ ପୁରୁଣା ପାଟଣା ଗ୍ରାମରେ ରହି ଆସୁଥିବା ବେଳେ ନୂଆଗଡ଼, ରା.ଉଦୟଗିରି ଓ ମୋହନା ବ୍ଲକରେ ମାତ୍ର କିଛି ପିଇଓ ମଞ୍ଜୁର କ୍ୱାର୍ଟର ସ୍ଥାନରେ ରହୁଛନ୍ତି। ମୋହନା ଓ ରା.ଉଦୟଗିରି ବ୍ଲକରେ ପିଇଓ ବ୍ଲକ ସଦର ମହକୁମାରେ ରହି ନିଜ ନିଜ କର୍ମ କ୍ଷେତ୍ରକୁ ଯିବାଆସିବା କରୁଛନ୍ତି। ଏପରି ସ୍ଥଳେ ସେମାନେ ନିୟୋଜିତ ଥିବା ପଞ୍ଚାୟତର ବିକାଶ କାମ ତ୍ୱରାନ୍ୱିତ ହୋଇପାରୁ ନ ଥିବା ଅଭିଯୋଗ ହେଉଛି।

ସରକାର ପଞ୍ଚାୟତ ନିର୍ବାହୀ ଅଧିକାରୀ ତଥା ପିଇଓଙ୍କୁ ପଞ୍ଚାୟତ ତଥା ଗ୍ରାମାଞ୍ଚଳର ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ସମ୍ପୃକ୍ତ ଓ ସକ୍ରିୟ ରହି ଗରିବ ଲୋକଙ୍କୁ ଆବଶ୍ୟକ ସେବା ଯୋଗାଇବାରେ ବେଶ ସହାୟକ ହୋଇପାରିବେ ବୋଲି ନିଯୁକ୍ତ କରିଛନ୍ତି। ହେଲେ ଏହି ଉଦ୍ଦେଶ୍ୟ ପୂରଣ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ପଞ୍ଚାୟତର ସମସ୍ତ ଉନ୍ନୟନକାମର ଚାବିକାଠି ପିଇଓଙ୍କ ହାତରେ ନ୍ୟାସ୍ତ କରାଯାଇଛି। କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଠାରୁ ଆରମ୍ଭ କରି ମନରେଗା ଓ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ଯେପରିକି ହରିଶ୍ଚନ୍ଦ୍ର ସହାୟତା ଯୋଜନା, ସାଧାରଣ ବଣ୍ଟନ ଯୋଜନା, ଗ୍ରାମୀଣ ଗୃହ ଯୋଜନା, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପୃଥକ ପୃଥକ ଆବାସ ଯୋଜନା ଆଦି ଭଳି ଗୁରୁ ଦାୟିତ୍ୱ ପିଇଓଙ୍କ ଉପରେ ରହିଛି ।

ଏନେଇ ବିଭାଗୀୟ କୌଣସି କର୍ତ୍ତୃପକ୍ଷଙ୍କୁ ପଚାରିଲେ ବିସ୍ତୃତ ବିବରଣୀ ନ ଦେବା ସହ ମୁହଁ ଖୋଲୁନାହାନ୍ତି। ସରକାର ସେମାନଙ୍କ ସୁବିଧା ଲାଗି ପ୍ରତ୍ୟେକ ପଞ୍ଚାୟତରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ମଞ୍ଜୁର କରି ଆବାସିକ ଗୃହ ନିର୍ମାଣ କରୁଛନ୍ତି ହେଲେ ପ୍ରଶାସନିକ ଛାଟପଡୁ ନ ଥିବାରୁ ସମସ୍ତ ବ୍ୟବସ୍ଥା ଅବ୍ୟବସ୍ଥିତ ହୋଇଯାଉଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାର ଆବଶ୍ୟକତା ରହିଥିବା କୁହାଯାଉଛି।

ସକାଳ
THE SAKALA



www.sakalaepaper.com

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୬୮
- ପାଉଣ୍ଡ ୧୦୯.୫୪
- ୟୁରୋ ୮୧.୧୭
- ୟେନ୍ ୦.୫୭

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୮୦,୭୦୦ (ଭୁବନେଶ୍ୱର)
- ରୁପା : ୧,୦୦,୦୧୦ (କେଜି)



## ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୭୫,୩୧୧.୦୦
- ନିଫ୍ଟି ୨୨,୭୯୫.୦୦

## ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

● ଭାରତର ଶ୍ରେଷ୍ଠ ଡିସ୍କମ୍ ମଧ୍ୟରେ ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶାର ଡିସ୍କମ୍

# ବିଦ୍ୟୁତ୍ ୟୁଟିଲିଟିଙ୍କ ମଧ୍ୟରେ ହାସଲ କଲା ଏ+ ରେଟିଂ

**ଭୁବନେଶ୍ୱର, ୨୨।୨ (ସମିସ):** ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶାର ବିଦ୍ୟୁତ ବିତରଣ କମ୍ପାନି (ଡିସ୍କମ୍) ଗୁଡ଼ିକ ଭାରତର ୬୩ଟି ବିଦ୍ୟୁତ୍ ୟୁଟିଲିଟି ମଧ୍ୟରେ ଶ୍ରେଷ୍ଠ ଜାତୀୟ ର୍ୟାଙ୍କିଂ ହାସଲ କରିଛନ୍ତି। ଏହି ସଫଳତା ଟାଟା ପାୱାରରନେତୃତ୍ୱ ଦକ୍ଷତାକୁ ଦର୍ଶାଉଛି। ଆର୍ଥିକ ସ୍ଥାୟିତ୍ୱ, ପ୍ରଦର୍ଶନ ଉତ୍କର୍ଷତା ଓ ବାହ୍ୟ ପରିବେଶ ଭଳି ମାନଦଣ୍ଡ ଆଧାରରେ ୟୁଟିଲିଟିଗୁଡ଼ିକର ଅନୁଶୀଳନ କରି ପ୍ରସ୍ତୁତ କରାଯାଇଥିବା ଏହି ରିପୋର୍ଟକୁ ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ଦ୍ୱାରା ଉନ୍ମୋଚନ କରାଯାଇଛି। ନୂଆଦିଲ୍ଲୀରେ ଅନୁଷ୍ଠିତ ବିଦ୍ୟୁତ୍ କ୍ଷେତ୍ରର ଏକ ଆଞ୍ଚଳିକ ସମୀକ୍ଷା ବୈଠକରେ ଏହି ର୍ୟାଙ୍କିଂ ଜାରି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶକ୍ତିମନ୍ତ୍ରୀ ମନୋହର ଲାଲ ଖଟ୍ଟର ୬୩ ବିତରଣ ୟୁଟିଲିଟିଗୁଡ଼ିକର ତ୍ରୟୋଦଶ ସମନ୍ୱିତ ରେଟିଂ (୨୦୨୩-୨୪ ଆର୍ଥିକ ବର୍ଷ), ଡିସକମଗୁଡ଼ିକର ଗ୍ରାହକ ସେବା ରେଟିଂ (ସିଏସଆରଡି) ରିପୋର୍ଟର ଚତୁର୍ଥ ସଂସ୍କରଣ ଓ ବିତରଣ ୟୁଟିଲିଟି ର୍ୟାଙ୍କିଂ (ଡିୟୁଆର୍) ରିପୋର୍ଟର ପ୍ରଥମ ସଂସ୍କରଣ ଭଳି ତିନିଟି ରିପୋର୍ଟକୁ ଉନ୍ମୋଚନ କରିଥିଲେ। ୬୩ ବିତରଣ ୟୁଟିଲିଟିଗୁଡ଼ିକର ତ୍ରୟୋଦଶ ସମନ୍ୱିତ ରେଟିଂ ରିପୋର୍ଟରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ୟୁଟିଲିଟିଗୁଡ଼ିକ ମଧ୍ୟରେ ଟିପିସିଓଡିଏଲ୍, ଟିପିଏନଓଡିଏଲ ଏବଂ ଟିପିଡବ୍ଲୁଓଡିଏଲ୍ ଏ+ ରେଟିଂ ବଜାୟ ରଖିଛନ୍ତି। ଓଡ଼ିଶା ସରକାରଙ୍କ ସହ ଯୌଥ ଉଦ୍ୟୋଗରେ ପରିଚାଳିତ ହେଉଥିବା ଏହି ଡିସକମ୍‌ଗୁଡ଼ିକ ପରିଚାଳନା ଦକ୍ଷତା ଓ ଆର୍ଥିକ ପ୍ରଦର୍ଶନରେ ଉଲ୍ଲେଖନୀୟ ଉନ୍ନତି ଆଣି ବିଦ୍ୟୁତ୍ ବଂଟନରେ ସହଯୋଗିତା ଭିତ୍ତିକ ପ୍ରଶାସନର ସଫଳତା ପାଇଁ ଉଦାହରଣ ପାଲଟିଛନ୍ତି। ଡିସକମଗୁଡ଼ିକର ଗ୍ରାହକ ସେବା ରେଟିଂ (ସିଏସଆରଡି) ରିପୋର୍ଟର ଚତୁର୍ଥ ସଂସ୍କରଣ ରିପୋର୍ଟରେ ଟାଟା ପାୱାର ଦିଲ୍ଲୀ ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଡିଡିଏଲ୍) ଓ ଟାଟା ପାୱାର କମ୍ପାନି ଲିମିଟେଡ୍ (ଟିପିସିଏଲ୍) ମୁମ୍ବାଇ ସର୍ବୋଚ୍ଚ ଏ+ ରେଟିଂ ହାସଲ କରିଛି। ବିତରଣ ୟୁଟିଲିଟି ର୍ୟାଙ୍କିଂ (ଡିୟୁଆର୍) ରିପୋର୍ଟର ପ୍ରଥମ ସଂସ୍କରଣରେ ବିତରଣ ୟୁଟିଲିଟି ବର୍ଗରେ ଟିପିଡବ୍ଲୁଓଡିଏଲ୍ ଶୀର୍ଷ ସ୍ଥାନରେ ରହିଥିବା ବେଳେ ଟିପିଡିଡିଏଲ୍ ସହରାଞ୍ଚଳ ଡିସକମ୍ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନକାରୀମାନଙ୍କ ମଧ୍ୟରେ ରହିଛି। 'ଏହି ଜାତୀୟ ମାନ୍ୟତା ଦେଶର ଅଗ୍ରଣୀ ସରକାରୀ-ଘରୋଇ ବିଦ୍ୟୁତ ବିତରଣ କମ୍ପାନି ଭାବେ ଓଡ଼ିଶା ଡିସକମଗୁଡ଼ିକର ସ୍ଥିତିକୁ ଦୃଢ଼ କରିଛି ବୋଲି ଟାଟା ପାୱାରର ଏମ୍‌ଡି ଓ ସିଇଓ ଡ.ପ୍ରବୀର ସିହ୍ନା କହିଛନ୍ତି।

# ପ୍ରତି ମିନିଟ୍‌ରେ ୮ କୋଟି ସମ୍ପତ୍ତି ହରାଇଛନ୍ତି ମସ୍କ

**ୱାଶିଂଟନ, ୨୨।୨ (ଏଜେନ୍ସି):** ବିଶ୍ୱର ସବୁଠାରୁ ଧନୀ ବ୍ୟବସାୟୀ ଏଲନ ମସ୍କଙ୍କ ସମ୍ପତ୍ତି ଗତ ୭୫ ଦିନ ହେଲା କ୍ରମାଗତ ଭାବେ ହ୍ରାସ ପାଇ ଚାଲିଛି। ଏହି ଅବଧିରେ ମସ୍କଙ୍କ ଯେତିକି ଟଙ୍କା କ୍ଷତି ହୋଇଛି ସେତିକି ସମ୍ପତ୍ତି ବିଶ୍ୱର ଅନେକ ବଡ଼ ବ୍ୟବସାୟୀମାନଙ୍କ ପାଖରେ ମଧ୍ୟ ନାହିଁ। ଗତ ଡିସେମ୍ବର ୧୮ ପରଠାରୁ ଏ ପର୍ଯ୍ୟନ୍ତ ଟେସ୍‌ଲା ମାଲିକଙ୍କ ସମ୍ପତ୍ତିରେ ଶହେ ବିଲିୟନ ଡଲାରରୁ ଅଧିକ କ୍ଷତି ହେଲାଣି। ଏତିକି ସମ୍ପତ୍ତି ଏସିଆର ସବୁଠାରୁ ଧନୀ ବ୍ୟବସାୟୀ ମୁକେଶ ଅମ୍ବାନୀଙ୍କ ପାଖରେ ମଧ୍ୟ ନାହିଁ। କେବଳ ଶନିବାର ମସ୍କଙ୍କ ସମ୍ପତ୍ତିରେ ୧୧ ବିଲିୟନ ଡଲାର କ୍ଷତି ହୋଇଛି। ଚଳିତ ବର୍ଷ ଏ ପର୍ଯ୍ୟନ୍ତ ଟ୍ରମ୍ପଙ୍କ ମୋଟ ସମ୍ପତ୍ତି ୧୧ ପ୍ରତିଶତ ହ୍ରାସ ପାଇଲାଣି। ସୂଚନା ଅନୁଯାୟୀ ଗତ ୭୫ ଦିନରେ ମସ୍କଙ୍କ ସମ୍ପତ୍ତି ୧୦୧ ବିଲିୟନ ଡଲାର ଅର୍ଥାତ୍ ୮.୭୫ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଛି। ଏହି ହିସାବରେ ଦିନକୁ ତାଙ୍କର ୧୨ ହଜାର କୋଟି, ଘଣ୍ଟାକୁ ୪୮୬ କୋଟି ଏବଂ ମିନିଟକୁ ପ୍ରାୟ ୮ କୋଟି ଟଙ୍କା କ୍ଷତି ହୋଇଛି।

## ପୁଣି ଧମକ ଦେଲେ ଟ୍ରମ୍ପ

# ଖୁବ୍‌ଶୀଘ୍ର ଭାରତ ଉପରେ ଲଗାଯିବ ଶୁଳ୍କ

**ୱାଶିଂଟନ, ୨୨।୨ (ଏଜେନ୍ସି):**



**ଆମେରିକା ଉପରେ ପଡ଼ିଲା ନକରାତ୍ମକ ପ୍ରଭାବ**

**ସେୟାର ବଜାରରେ ବର୍ଷର ସବୁଠୁ ବଡ଼ ହ୍ରାସ**

କିଛି ଦିନ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମେରିକା ଗସ୍ତରେ ଯାଇଥିଲେ। ଏହି ଗସ୍ତ ଉପରେ ସାରା ବିଶ୍ୱର ନଜର ଥିଲା। ଟ୍ୟାରିଫ (ଶୁଳ୍କ)କୁ ନେଇ ଟ୍ରମ୍ପଙ୍କୁ ବୁଝାଇବାରେ ମୋଦୀ ପ୍ରୟାସ କରିବେ ଏବଂ ଟ୍ୟାରିଫ ଯୁଦ୍ଧକୁ ହ୍ରାସ କରିବେ ବୋଲି ଆଶା ଥିଲା। କିନ୍ତୁ ଏଭଳି କିଛି ହୋଇ ନ ଥିଲା। ମୋଦୀଙ୍କ ସହ ଦ୍ୱିପାକ୍ଷିକ ବୈଠକ ପୂର୍ବରୁ ଟ୍ରମ୍ପ ବଡ଼ ଝଟ୍‌କା ଦେଇଥିଲେ। ସେ ରେସିପ୍ରୋକାଲ ଟ୍ୟାରିଫ (ଯେଉଁ ଦେଶ ଯେତିକି ଶୁଳ୍କ ଲଗାଉଛି ତାହା ଉପରେ ସେତିକି ଲାଗିବ) ଲଗାଇବେ ବୋଲି ଘୋଷଣା କରିଥିଲେ। ଏବେ ପୁଣି ଟ୍ରମ୍ପ ଭାରତକୁ ନିଶାଣ କରିଛନ୍ତି। ଖୁବଶୀଘ୍ର ଭାରତ ଉପରେ ଟ୍ୟାରିଫକୁ ଧାର୍ଯ୍ୟ କରାଯିବ ବୋଲି କହିଛନ୍ତି। ସେ ସ୍ପଷ୍ଟ କରି ଦେଇଛନ୍ତି ଯେ ଭାରତ ଏବଂ ଚୀନ୍ ଭଳି ଦେଶ ଉପରେ ସେତିକି ଟ୍ୟାରିଫ ଲଗାଯିବ ଯେତିକି ସେ ଅନ୍ୟ ଦେଶ ଉପରେ ଲଗାଉଛନ୍ତି। ପୂର୍ବରୁ ଟ୍ରମ୍ପ ଭାରତକୁ ଟ୍ୟାରିଫ କିଙ୍ଗ କହିଥିଲେ। ଏହାକୁ ନେଇ ସେ ବିଶ୍ୱ ମଞ୍ଚରେ ଭାରତକୁ ସମାଲୋଚନା କରିଥିଲେ। ନିର୍ବାଚନ ପ୍ରଚାରରେ ମଧ୍ୟ ସେ ଏହି ପ୍ରସଙ୍ଗ ଉଠାଇ ଥିଲେ। ଏବେ ସେ ଏହି ଦିଗରେ କାର୍ଯ୍ୟାରମ୍ଭ କରି ଦେଇଥିବା ପରି ଲାଗୁଛି। ସେ ଟ୍ୟାରିଫରେ କୌଣସି ଆଶ୍ୱସ୍ତି ଦେଲା ଭଳି ଲାଗୁ ନାହାନ୍ତି।ଆମେରିକା ରାଷ୍ଟ୍ରପତି ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ ଖୁବଶୀଘ୍ର ରେସିପ୍ରୋକାଲ ଟ୍ୟାରିଫ ଘୋଷଣା କରାଯିବ। ଏଥିରେ କୌଣସି ପ୍ରକାରର ଆଶ୍ୱସ୍ତି ପ୍ରଦାନ କରାଯିବ ନାହିଁ। ଅନ୍ୟ ଦେଶ ଯେଉଁ ଭଳି ଟ୍ୟାରିଫ ଲଗାଉଛନ୍ତି ସେତିକି ଟ୍ୟାରିଫ ଲଗାଯିବ। ଆମେରିକା ନିରପେକ୍ଷ ହେବାକୁ ଚାହୁଁଛି। ଆମେରିକା ସାମଗ୍ରୀ ଉପରେ ଭାରତ ଏବଂ ଚୀନ୍ ଯେତିକି ଟିକସ ଲଗାଉଛନ୍ତି, ସେତିକି ଟ୍ୟାରିଫ ଉଭୟ ଦେଶ ଉପରେ ଲଗାଯିବ। ଆମେରିକା କେବେ ବି ଏପରି କରିନାହିଁ। ମାତ୍ର କୋଭିଡ ପୂର୍ବରୁ ଏପରି ପଦକ୍ଷେପ ନେବାର ଥିଲା।

ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସାକ୍ଷାତ କରିବା ପୂର୍ବରୁ ଟ୍ରମ୍ପ ଅନେକ ଥର ଭାରତର ଟ୍ୟାରିଫ ନୀତିକୁ ସମାଲୋଚନା କରିଥିଲେ। ଭାରତ ଅଧିକ ଟ୍ୟାରିଫ ଲଗାଉଛି ବୋଲି କହିଥିଲେ। ଏଥିପାଇଁ ସେ ଭାରତକୁ 'ଟ୍ୟାରିଫ କିଙ୍ଗ' କହିବାକୁ ଭୁଲି ନ ଥିଲେ। ଶିଳ୍ପପତି ଏଲନ ମସ୍କ ଏବଂ ମୋଦୀଙ୍କ ସାକ୍ଷାତକୁ ନେଇ ଟ୍ରମ୍ପ କହିଥିଲେ ଯେ ତାଙ୍କ ସହଯୋଗୀ ଭାରତରେ ବ୍ୟବସାୟ କରିବାକୁ ଚାହୁଁଛନ୍ତି। କିନ୍ତୁ ଅଧିକ ଟ୍ୟାରିଫ ଯୋଗୁଁ ଭାରତରେ ବ୍ୟବସାୟ କରିବାରେ ସମସ୍ୟା ସୃଷ୍ଟି ହେଉଛି। ଟ୍ରମ୍ପ ଏ ନେଇ ହାର୍ଲେ ଡାଭିଡସନର ଉଦାହରଣ ଦେଇଥିଲେ। ଏହି କମ୍ପାନୀକୁ ଅଧିକ ଟ୍ୟାରିଫର ସାମ୍ନା କରିବାକୁ ପଡ଼ିଥିଲା। ଉତ୍ପାଦନ ୟୁନିଟ ଖୋଲିବାକୁ ବାଧ କରାଯାଇଥିଲା। ଯଦି ଆମେରିକା ଏଥିପାଇଁ ମନା କରେ ତେବେ ଭାରତ ଅଧିକ ଟ୍ୟାରିଫ ଲଗାଇ ଥାଏ। ଯଦି ରେସିପ୍ରୋକାଲ ଟ୍ୟାରିଫ ଲଗାଯିବ ତେବେ ଭାରତର ୭ ବିଲିୟନ ଡଲାର ତଥା ପ୍ରାୟ ୬୧ ହଜାର କୋଟି ଟଙ୍କାର କ୍ଷତି ହେବ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଟ୍ରମ୍ପଙ୍କ ନୀତି ଯୋଗୁଁ ବାଣିଜ୍ୟ ଯୁଦ୍ଧର ବିପଦ ବଢ଼ିବାରେ ଲାଗିଛି। ଏହାର ଖରାପ ପ୍ରଭାବ ଆମେରିକା ଉପରେ ମଧ୍ୟ ପଡ଼ିଛି। ଦରଦାମ ବୃଦ୍ଧି ଏବଂ ଅଭିବୃଦ୍ଧି ହାର କମିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଆମେରିକା ସେୟାର ବଜାରରୁ ଏହାର ସଙ୍କେତ ମିଳିଯାଇଛି। ଶୁକ୍ରବାର ପୁଞ୍ଜି ବଜାରରେ ବର୍ଷ ସବୁଠୁ ବଡ଼ ହ୍ରାସ ଦେଖା ଯାଇଥିଲା। ଡାଓ ଜୋନ୍ସ ଇଣ୍ଡଷ୍ଟ୍ରିଆଲ ଆଭରେଜ ୭୪୮.୬୩ ପଏଣ୍ଟ ଅର୍ଥାତ୍ ୧.୬୯ ପ୍ରତିଶତ ହ୍ରାସ ପାଇଛି। ସେହିପରି ଏସ୍ ଆଣ୍ଡ ପି ଇଣ୍ଡେକ୍ସ ୧.୭୧ ପ୍ରତିଶତ ହ୍ରାସ ପାଇଛି। ଏହା ବ୍ୟତୀତ ନାସଡାକ କମ୍ପୋଜିଟ ୨.୨ ପ୍ରତିଶତ ହ୍ରାସ ପାଇଛି।

# ତନେଇରା ପକ୍ଷରୁ 'ପରିଚୟ' ପ୍ରଦର୍ଶନୀ




ଭୁବନେଶ୍ୱର, ୨୨।୨ (ସମିସ): ଟାଟା ପ୍ରଡକ୍ଟ ତନେଇରା ପକ୍ଷରୁ ଭାରତର ସମୃଦ୍ଧ ଟେକ୍ସଟାଇଲ ଐତିହ୍ୟର ଅନନ୍ୟ ପ୍ରଦର୍ଶନୀ 'ପରିଚୟ' ଆରମ୍ଭ ହୋଇଛି। ମାଷ୍ଟର୍ କ୍ୟାଣ୍ଟିନ୍‌ସ୍ଥିତ ତନେଇରା ଷ୍ଟୋରରେ ୨୨ରୁ ୨୮ ତାରିଖ ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ଚାଲିବ। ଏହା ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୮ଟା ଯାଏ ଖୋଲାରହିବ। ବିରଳ ଐତିହ୍ୟ ହସ୍ତଶିଳ୍ପ ମାଧ୍ୟମରେ ପୌରାଣୀକ ରାଣୀ ଏବଂ ଚରିତ୍ରମାନଙ୍କ ମନମୋହକ କାହାଣୀକୁ ପ୍ରକାଶ କରି 'ପରିଚୟ'ଭାରତର କଳାତ୍ମକ ଐତିହ୍ୟକୁ ବର୍ଣ୍ଣନା କରୁଛି। ଏଠାରେ ଶତାବ୍ଦୀ ପୁରୁଣା ବୟନ ପରମ୍ପରା ସହ ସମସାମୟିକ ଡିଜାଇନର ମିଶ୍ରଣ ଦେଖିବାକୁ ମିଳିବ। 'ପରିଚୟ'ରେ ଗ୍ରାହକ କଳାତ୍ମକ ଚମତ୍କାରିତାର ଦୁନିଆକୁ ଅନୁଭବ କରିବେ। ଏଠାରେ ପ୍ରତ୍ୟେକ ଟସର ସିଲ୍‌କ ଶାଢ଼ି ପରମ୍ପରା ଏବଂ କାଳଜୟୀ ସୁନ୍ଦରତାର ସମ୍ମିଶ୍ରଣରେ ପ୍ରସ୍ତୁତ ଏକ ଅନନ୍ୟ କାହାଣୀ କହିବ। ଚମ୍ବା ରୁମାଲ ଏମ୍ବ୍ରୋଡୋରିର ଜଟିଳ କାରିଗରୀଠାରୁ ଆରମ୍ଭ କରି କାଳଜୟୀ କାନ୍ଥା ଏମ୍ବ୍ରୋଡୋରି ସହ ଆକର୍ଷଣୀୟ ବାଟିକ୍ ପ୍ରିଣ୍ଟର ମିଶ୍ରଣ ପର୍ଯ୍ୟନ୍ତ ପ୍ରତ୍ୟେକ ଶାଢ଼ି ହେଉଛି କଳାତ୍ମକ ଐତିହ୍ୟର ଏକ କାନ୍‌ଭାସ୍। ପାରମ୍ପରିକ ଥାଙ୍ଗକା ଆର୍ଟ ମୋଟିଫ୍‌ଗୁଡ଼ିକୁ ଟସର ସିଲ୍‌କରେ ଅତି ଯତ୍ନର ସହ ଉପସ୍ଥାପନ କରାଯାଇଛି। ଏହା ସହିତ ପ୍ରାଚୀନ ଚିତ୍ରକଳାକୁ ଆକର୍ଷଣୀୟ ଶାଢ଼ିରେ ପୁନର୍ଜୀବିତ କରାଯାଇଛି। ପ୍ରତ୍ୟେକ ଟସର ମାଷ୍ଟରପିସ୍‌ରେ ଜୀବନ ସନ୍ଧି କରୁଥିବା ଚମତ୍କାର ରଙ୍ଗ ଏବଂ କାହାଣୀ ଯୋଡ଼ି ସ୍ପନ୍ଦନଶୀଳ ମଧୁବନୀ କଳାର ଜଟିଳ କାରିଗରୀ ଗ୍ରାହକଙ୍କୁ ବେଶ୍ ଆକୃଷ୍ଟ କରିବ।



ବେଦାନ୍ତ ଗ୍ରୁପ୍ ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ଆଜି ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସାକ୍ଷାତ କରି ଓଡ଼ିଶାରେ ପୁଞ୍ଜି ନିବେଶ ବିଷୟରେ ଆଲୋଚନା କରିଛନ୍ତି।

# ପୁଣି ଖସିଲା ଟଙ୍କା ମୂଲ୍ୟ



ୱାଶିଂଟନ, ୨୨।୨ (ଏଜେନ୍ସି): ଭାରତୀୟ ମୁଦ୍ରା 'ଟଙ୍କା'ର ମୂଲ୍ୟ କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି। ଶୁକ୍ରବାର ବିଦେଶୀ ମୁଦ୍ରା ବଜାରରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୪ ପଇସା ହ୍ରାସ ପାଇ ୮୬.୬୮ ଟଙ୍କା ରହିଛି। ଭାରତୀୟ ବଜାରରୁ ବିଦେଶୀ ନିବେଶକଙ୍କ କ୍ରମାଗତ ପୁଞ୍ଜି ପ୍ରତ୍ୟାହାର ଏବଂ ଆମେରିକା ଡଲାର ସୂଚକାଙ୍କରେ ସୁଧାର ଯୋଗୁଁ ଏହି ହ୍ରାସ ଦେଖା ଦେଇଛି। ତେବେ ଅଶୋଧିତ ତୈଳ ମୂଲ୍ୟ ହ୍ରାସ ପାଇବାରୁ ଟଙ୍କା ମୂଲ୍ୟରେ ସାମାନ୍ୟ ସୁଧାର ଆସିଥିଲା। ଗତ କାଲି ବିଦେଶୀ ମୁଦ୍ରା ବଜାରରେ ଟଙ୍କା ୮୬.୫୦ରେ ଖୋଲିଥିଲା। ପରେ ଏହା ୮୬.୭୭ର ସର୍ବନିମ୍ନସ୍ତରରେ ପହଞ୍ଚି ଯାଇଥିଲା। ବଜାର ବନ୍ଦ ହେବା ବେଳକୁ ଏହା ୮୬.୬୮ ଥିଲା। ଏହା ପୂର୍ବରୁ ଗୁରୁବାର ଟଙ୍କା ମୂଲ୍ୟ ୩୪ ପଇସା ବଢ଼ି ୮୬.୬୪ ସ୍ତରରେ ବନ୍ଦ ହୋଇଥିଲା। ଏହା ମଧ୍ୟରେ ଡଲାର ସୂଚକାଙ୍କ ୦.୨୨ ପ୍ରତିଶତ ବୃଦ୍ଧି ପାଇ ୧୦୬.୬୧ରେ ପହଞ୍ଚି ଯାଇଛି।

# ବେଦାନ୍ତ ଆଲୁମିନିୟମର 'ସୁରକ୍ଷା ସାରଥି' ଅଭିଯାନରେ ୫୦୦ ଡ୍ରାଇଭର ସାମିଲ



**ଝାରସୁଗୁଡ଼ା, ୨୨।୨ (ସମିସ):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଶୁକ୍ରବାର ଏକ ମେଗା ସଡ଼କ ସୁରକ୍ଷା ସଚେତନତା ଅଭିଯାନ 'ସୁରକ୍ଷା ସାରଥି' ଅନୁଷ୍ଠିତ ହୋଇଯାଇଛି। ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମସିଏଲ), ବ୍ରଜରାଜନଗର ଟ୍ରକ୍ ମାଲିକ ସଂଘ (ବିଟିଓଏ) ଭଳି ପ୍ରମୁଖ ପରିବହନକାରୀ ସଂଘ ଏବଂ ଇନାନି କୋଇଲା ସେବା ପ୍ରାଇଭେଟ୍ ଲିମିଟେଡ୍ ଭଳି ପରିବହନକାରୀଙ୍କ ସହ ସହଭାଗୀତାରେ ବ୍ରଜରାଜନଗରର ସମଲେଶ୍ୱରୀ ଖଣିରେ ଏହାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୫୦୦ରୁ ଅଧିକ ଡ୍ରାଇଭର ଅଂଶଗ୍ରହଣ କରିଥିଲେ। ସଡ଼କ ସୁରକ୍ଷାରେ ଦେଉଥିବା ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ପାଇଁ ଏମାନଙ୍କୁ ସାରଥିର ମାନ୍ୟତା ପ୍ରଦାନ କରାଯାଇଥିଲା। ବେଦାନ୍ତ ଝାରସୁଗୁଡ଼ାର ଏହାର କାର୍ଯ୍ୟକ୍ଷମ ଅଞ୍ଚଳରେ କୋଇଲା ଲୋଡିଂ ପଏଣ୍ଟରେ ଚାଲିଥିବା ସଡ଼କ ସୁରକ୍ଷା ଅଭିଯାନର ଏହା ତୃତୀୟ ସଂସ୍କରଣ ଥିଲା। ଏଠାରେ ସଡ଼କ ସୁରକ୍ଷାର ଗୁରୁତ୍ୱକୁ ପ୍ରତିପାଦନ କରୁଥିବା ଅନେକ କାର୍ଯ୍ୟକଳାପ ଆୟୋଜନ କରାଯାଇଥିଲା। ଏଥିରେ ପୌରାଣିକ ଚରିତ୍ର ଯମରାଜ ଏବଂ ଚିତ୍ରଗୁପ୍ତଙ୍କ ଭୂମିକାରେ ଅବତୀର୍ଣ୍ଣ ହୋଇ କଳାକାର ନକ୍କଡ ନାଟକ ତଥା ପଥ ନାଟକ କରି ସଚେତନତା ସୃଷ୍ଟି କରିଥିଲେ। ସେହିପରି ସଡ଼କ ସୁରକ୍ଷାକୁ ନେଇ କୁଇଜ ପ୍ରତିଯୋଗିତା, ସଡ଼କ ସୁରକ୍ଷା କିଟ୍ ବଣ୍ଟନ, ମାଗଣା ସ୍ୱାସ୍ଥ୍ୟ ଯାଞ୍ଚ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ଝାରସୁଗୁଡ଼ା (ଏମ୍‌ଭିଆଇ) ଲୋକନାଥ ମେହେର, ସମଲେଶ୍ୱରୀ ଓପନ କାଷ୍ଟ ପ୍ରୋଜେକ୍ଟର ପ୍ରକଳ୍ପ ଅଧିକାରୀ କହ୍ନେୟା ମିଶ୍ର, କ୍ଷେତ୍ର ସୁରକ୍ଷା ପରିଚାଳକ କେ ବର୍ମା, ଷ୍ଟାଫ୍ ଅଫିସର ମାଇନିଂ ଆର କେ ଶର୍ମା, ବ୍ରଜରାଜନଗର ଟ୍ରକ୍ ମାଲିକ ସଂଘର ସଭାପତି ଦେବୋ ପ୍ରସାଦ ଦାଶ, ସାଧାରଣ ସଚିବ ଧନଞ୍ଜୟ ସିଂହ, ପରିବହନକାରୀ ଇନାନୀର ମାଲିକ ସତୀଶ ଇନାନୀ ଏବଂ ରାଜେଶ ଇନାନୀ, ବେଦାନ୍ତ ଝାରସୁଗୁଡା ସିଓଓ ତଥା ଇନ୍ଧନ ସୁରକ୍ଷା ନିର୍ଦ୍ଦେଶକ ରବି ଶାହୀ ଏବଂ ବେଦାନ୍ତ ଝାରସୁଗୁଡ଼ାର ସୁରକ୍ଷା ନିର୍ଦ୍ଦେଶକ ଏର୍ନେଷ୍ଟୋ ମାଟେଲୋ, ପ୍ରମୁଖ ଉପସ୍ଥିତ ଥିଲେ।

# ସୁନା ମୂଲ୍ୟ ଲଗାମ ଛଡ଼ା



**ଚଳିତ ସପ୍ତାହରେ ପୁଣି ବଢ଼ିଲା ଦର**

**ଚଳିତ ବର୍ଷ ୯,୯୩୦ ଟଙ୍କା ମହଙ୍ଗା ହେଲାଣି ସୁନା**

**କମିଲା ରୁପା ମୂଲ୍ୟ; କେଜି ପିଛା ୮୦୬ ଟଙ୍କା ହ୍ରାସ**

**ଜାନୁଆରୀରୁ ଏ ପର୍ଯ୍ୟନ୍ତ ବଢ଼ିଲାଣି ୧୧, ୧୩୦ ଟଙ୍କା**

**ନୂଆଦିଲ୍ଲୀ, ୨୨।୨ (ଏଜେନ୍ସି):**

ଏବେ ଦେଶରେ ବିବାହ ଋତୁ ଜାରି ରହିଛି। କିନ୍ତୁ ଏହି ଋତୁରେ ସୁନା ଚାହିଦା ବଢ଼ିବା ପରିବର୍ତ୍ତେ ହ୍ରାସ ପରିଲକ୍ଷିତ ହୋଇଛି। ଏହା ପଛରେ ଦରବୃଦ୍ଧି କାରଣ ରହିଛି। ସୁନା ମୂଲ୍ୟ ହୁ ହୁ ହୋଇ ବଢ଼ିବାରେ ଲାଗିଛି। ତେଣୁ ଗ୍ରାହକ ସୁନାରୁ ମୁହଁ ଫେରାଇ ଆଣୁଛନ୍ତି। ଚଳିତ ସପ୍ତାହରେ ମଧ୍ୟ ସୁନା ମୂଲ୍ୟ ବୃଦ୍ଧି ପାଇଛି। ଗତ ୧୪ ତାରିଖରେ ୧୦ ଗ୍ରାମ ପିଛା ୨୪ କ୍ୟାରଟ ସୁନା ମୂଲ୍ୟ ୮୫, ୯୯୮ ଟଙ୍କା ଥିଲା। ଏବେ ଏହା ୮୬,୦୯୨ ଟଙ୍କାରେ ପହଞ୍ଚି ଯାଇଛି। ଏହିପରି ଭାବେ ଚଳିତ ସପ୍ତାହରେ ସୁନା ମୂଲ୍ୟ ୯୪ ଟଙ୍କା ବୃଦ୍ଧି ପାଇଛି। ଇଣ୍ଡିଆ ବୁଲିୟନ ଆଣ୍ଡ ଜ୍ୱେଲର୍ସ ଆସୋସିଏସନ (ଆଇବିଜେଏ) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଅନ୍ୟପଟେ ଏହି ଅବଧିରେ ରୁପା ମୂଲ୍ୟରେ ହ୍ରାସ ଦେଖା ଦେଇଛି। ରୁପା କେଜି ପିଛା ମୂଲ୍ୟ ୮୦୬ ଟଙ୍କା ହ୍ରାସ ପାଇଛି। ଏବେ ଏହାର ମୂଲ୍ୟ ୯୭, ୧୪୭ ଟଙ୍କା ରହିଛି। ଗତ ଶନିବାର ଏହା ୯୭, ୯୫୩ ଟଙ୍କା ଥିଲା। ଏବେ ୧୦ ଗ୍ରାମ ପିଛା ୨୨ କ୍ୟାରଟ ଏବଂ ୨୪ କ୍ୟାରଟ ସୁନା ମୂଲ୍ୟ ଦିଲ୍ଲୀରେ ୮୦, ୬୦୦ ଟଙ୍କା ଏବଂ ୮୭, ୨୯୦ ଟଙ୍କା, ମୁମ୍ବାଇ, କୋଲକାତା ଏବଂ ଚେନ୍ନଇରେ ୮୦, ୪୫୦ ଟଙ୍କା ଏବଂ ୮୭, ୭୭୦ ଟଙ୍କା ରହିଛି। ଚଳିତ ବର୍ଷ ଏ ପର୍ଯ୍ୟନ୍ତ ୨୪ କ୍ୟାରଟ ସୁନା ମୂଲ୍ୟ ୯, ୯୩୦ ଟଙ୍କା ବଢ଼ି ୮୬, ୦୯୨ ଟଙ୍କାରେ ପହଞ୍ଚି ଯାଇଛି। ସେହିପରି ରୁପା ୧୧, ୧୩୦ ଟଙ୍କା ବଢ଼ି ୯୭, ୧୪୭ ଟଙ୍କା ରହିଛି। ସୁନା ମୂଲ୍ୟ ବୃଦ୍ଧି ପଛରେ ୪ଟି ପ୍ରମୁଖ କାରଣ ରହିଛି। ଟ୍ରମ୍ପ ଆମେରିକା ରାଷ୍ଟ୍ରପତି ହେବା ପରେ ଭୂ-ରାଜନୈତିକ ଉତ୍ତେଜନା ବୃଦ୍ଧି ପାଇଛି। ସେହିପରି ଡଲାର ତୁଳନାରେ ଟଙ୍କା ମହଙ୍ଗା ହେବାରୁ ସୁନା ମୂଲ୍ୟ ବଢ଼ି ଚାଲିଛି। ଦରଦାମ ବଢ଼ି ଚାଲିଥିବାରୁ ସୁନା ମୂଲ୍ୟ ବୃଦ୍ଧିକୁ ପ୍ରୋତ୍ସାହନ ମିଳୁଛି। ଏହା ବ୍ୟତୀତ ସେୟାର ବଜାରରେ ହ୍ରାସ-ବୃଦ୍ଧି ଜାରି ରହିଥିବାରୁ ସୁନାରେ ଅଧିକ ଲୋକ ନିବେଶ କରୁଛନ୍ତି। ତେଣୁ ସୁନା ଦର ବଢ଼ି ଚାଲିଛି। ଚଳିତ ବର୍ଷ ୧୦ ଗ୍ରାମ ପିଛା ମୂଲ୍ୟ ୯୦ ହଜାର ଛୁଇଁବ ବୋଲି ଆକଳନ କରାଯାଉଛି।

# ଅନୁଗୋଳ ଓ ରାଉରକେଲାରେ ଖୋଲିବ ମାଲାବାରର ନୂଆ ଶୋ' ରୁମ୍




ଅନୁଗୋଳ, ୨୨।୨ (ଏଜେନ୍ସି): ବିଶ୍ୱର ପ୍ରମୁଖ ଜୁଏଲାରୀ ବ୍ରାଣ୍ଡ ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡ ଏହାର ଶାଖା ବିସ୍ତାର କରିବାକୁ ଯାଉଛି। ଏହି କ୍ରମରେ ୨୬ ତାରିଖରେ ଅନୁଗୋଳରେ ଏବଂ ୨୮ ତାରିଖରେ ରାଉରକେଲାରେ ନୂଆ ଶୋ'ରୁମ୍ ଖୋଲିବାକୁ ଯାଉଛି। ବଲିଉଡ ଅଭିନେତା ସବ୍ୟସାଚୀ ମିଶ୍ର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ଦୁଇ ଶୋ' ରୁମ୍‌କୁ ଉଦ୍‌ଘାଟନ କରିବେ। ଏହି ଶୋ'ରୁମ୍‌ରେ ଗ୍ରାହକଙ୍କୁ ଅଳଙ୍କାର କିଣିବାରେ ବିଶ୍ୱସ୍ତରୀୟ ଅନୁଭୂତି ମିଳିବ। ଏଠାରେ ଅତି ନିଖୁଣ ଭାବେ ପ୍ରସ୍ତୁତ କରାଯାଇଥିବା ପାରମ୍ପରିକ, ସମସାମୟିକ ଅଳଙ୍କାରର ଏକ ବିସ୍ତୃତ ସମାରୋହ ରହିଛି। ଏହା ସବୁ ବର୍ଗଙ୍କୁ ଆକର୍ଷଣ କରିବ। ଅନୁଗୋଳ ଏବଂ ରାଉରକେଲା ଶୋ' ରୁମରେ ବ୍ରାଇଡାଲ କଲେକ୍ସନ ଏକ ବିସ୍ତୃତ ସମ୍ଭାର ରହିଛି। ଏହା ସହିତ ସ୍ୱତନ୍ତ୍ର ଉତ୍ସବ, ଦୈନନ୍ଦିନ ବ୍ୟବହାର ଲାଗି ମାଇନ ଡାଏମଣ୍ଡ ଜୁଏଲାରୀ, ଏରା ଅନ୍‌କଟ୍ ଡାଏମଣ୍ଡ ଜୁଏଲାରୀ, ଡିଭାଇନ ହେରିଟେଜ୍ ଜୁଏଲାରୀ, ଏଥନିକ୍ସ ହାଣ୍ଡିକ୍ରାଫ୍ଟେଡ ଜୁଏଲାରୀ, ପ୍ରିସିଆ ଜେମ୍‌ଷ୍ଟୋନ ଜୁଏଲାରୀ, ଭିରାଜ ପୋଲକୀ ଜୁଏଲାରୀ ସମେତ ୨୫ଟି ବ୍ରାଣ୍ଡର ଅଳଙ୍କାର ରହିଛି।

# ଗୃହଋଣ ହ୍ରାସ କରିପାରେ ଆର୍‌ବିଆଇ

ମୁମ୍ବାଇ, ୨୨।୨ (ଏଜେନ୍ସି): କେନ୍ଦ୍ରୀୟ ବ୍ୟାଙ୍କ ଆରବିଆଇ ଆଗାମୀ ଦିନରେ ସୁଧ ହାର ପୁଣି ହ୍ରାସ କରିପାରେ। ଏହା ଦ୍ୱାରା ଅର୍ଥବ୍ୟବସ୍ଥାକୁ ଗତି ମିଳିବ ବୋଲି ଆଶା କରାଯାଉଛି। ଏବେ ବିକଶିତ ଦେଶଗୁଡିକର କେନ୍ଦ୍ରୀୟ ବ୍ୟାଙ୍କ ମୂଲ୍ୟବୃଦ୍ଧିକୁ ରୋକିବା ପାଇଁ ଅଧିକ ପ୍ରାଧାନ୍ୟ ଦେଉଛନ୍ତି। ମାତ୍ର ଆରବିଆଇ ବିକାଶକୁ ପ୍ରୋତ୍ସାହନ ଦେବା ଦିଗରେ କାର୍ଯ୍ୟ କରୁଛି। ଯଦି ପୁଣି କେନ୍ଦ୍ରୀୟ ବ୍ୟାଙ୍କ ସୁଧ ହାର ହ୍ରାସ କରିବ ତେବେ ଗୃହଋଣ, କାର ଋଣ ଆଦି ଆହୁରି ଶସ୍ତା ହୋଇଯିବ। ଏହା ସହିତ ଇଏମଆଇର ବୋଝ ହ୍ରାସ ପାଇବ। ଖୁବଶୀଘ୍ର ମୁଦ୍ରାସ୍ଫୀତି ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସୀମାରେ ପହଞ୍ଚିବ ବୋଲି ଆରବିଆଇ ପକ୍ଷରୁ କୁହାଯାଇଛି। ଏହା ମଧ୍ୟରେ ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମଲହୋତ୍ରା କହିଛନ୍ତି ଯେ ସୁଧ ହାର ହ୍ରାସ କରିବାର ସଠିକ ସମୟ ରହିଛି।

### ଆଇସିସି ଚାମ୍ପିଅନ୍ସ ଟ୍ରଫି

# ଭାରତ-ପାକିସ୍ତାନ ମହାମୁକାବିଲା ଆଜି





**ଦୁବାଇ,୨୨।୨(ଏଜେନ୍ସି):** ଭାରତ ଓ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ମଧ୍ୟରେ ଆସନ୍ତାକାଲି ଚାମ୍ପିଅନ୍ସ ଟ୍ରଫିରେ ମୁକାବିଲା ହେବ। ଏହି ମ୍ୟାଚ୍‌ର ଫଳାଫଳ ଯାହା ହେଉନା କାହିଁକି ଅଂଶଗ୍ରହଣକାରୀ ଦୁଇ ଦଳ ଓ ସେମାନଙ୍କ ସମର୍ଥକଙ୍କ ମଧ୍ୟରେ ଏହି ମ୍ୟାଚ୍‌କୁ ନେଇ ଅନେକ ଆଶା ଓ ଉତ୍କଣ୍ଠା ରହିଥାଏ। କିନ୍ତୁ ଆଇସିସି ଇଭେଣ୍ଟରେ ଏହି ମୁକାବିଲା ରୋମାଞ୍ଚକ ଓ ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବା ପରିବର୍ତ୍ତେ ଏକତରଫା ହେବାର ଏକାଧିକ ନଜିର ରହିଛି। ଏହା ସତ୍ତ୍ୱେ ଏହି ମୁକାବିଲା ଜିତି ଭାରତ ଚାମ୍ପିଅନ୍ସ ଟ୍ରଫି ସେମିଫାଇନାଲକୁ ଯିବାର ଲକ୍ଷ୍ୟ ରଖିଛି। ଅନ୍ୟପକ୍ଷରେ ପ୍ରଥମ ମ୍ୟାଚ୍‌ରେ ହାରିଥିବା ପାକିସ୍ତାନ ଏହି ମୁକାବିଲାକୁ ଜିତି ପ୍ରତିଯୋଗିତାରେ ତିଷ୍ଠି ରହିବା ଲାଗି ସମସ୍ତ ପ୍ରକାର ଉଦ୍ୟମ କରିବ ବୋଲି ନିଶ୍ଚିତ ଆଶା ରଖିଛି। ଏଭଳି ସ୍ଥିତିରେ ମ୍ୟାଚ୍‌ଟି ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ ବୋଲି ଆଶା କରିବା ସ୍ୱାଭାବିକ୍। କିନ୍ତୁ ବର୍ତ୍ତମାନ ଫର୍ମ, ରେକର୍ଡ ଓ ସଫଳତାକୁ ବିଚାରକୁ ନେଲେ ମ୍ୟାଚ୍‌ଟି ଏକତରଫା ହେଲେ ଆଦୌ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ।

ଦୁବାଇ ଇଣ୍ଟରନ୍ୟାସନାଲ ଷ୍ଟାଡିୟମ୍‌ରେ ଆୟୋଜିତ ହେବାକୁ ଥିବା ଏହି ମ୍ୟାଚ୍ ଲାଗି ଖେଳାଳି, କର୍ମକର୍ତ୍ତା, ଆୟୋଜକ, ପ୍ରାୟୋଜକ ଓ ସମର୍ଥକଙ୍କ ମନରେ ଢ଼େର ଉତ୍କଣ୍ଠା। ଦୁଇ ଦେଶ ମଧ୍ୟରେ ରାଜନୈତିକ ଓ କୁଟନୈତିକ ଉତ୍ତେଜନାର ପରିପ୍ରକାଶ ହୋଇଥାଏ ଏହି ମୁକାବିଲା। ଏଥିଲାଗି ଉଭୟ ଦଳ ଯେପରି ଦକ୍ଷତାର ବିନିଯୋଗ କରିଥାନ୍ତି, ଠିକ୍ ସେହିପରି ଚାପକୁ ମୁକାବିଲା କରିଥାନ୍ତି। ଦକ୍ଷତା ପ୍ରଦର୍ଶନ ସହ ଯେଉଁ ଦଳ ଚାପକୁ ଭଲରେ ଗ୍ରହଣ କରିବାରେ ସମର୍ଥ ହୋଇଥାନ୍ତି, ସେହି ଦଳ ମୁକାବିଲାରେ ବିଜୟୀ ହୋଇଥାନ୍ତି। ସବୁ ଦୃଷ୍ଟିରୁ ଦେଖିଲେ ଭାରତ ଏବେ ପାକିସ୍ତାନଠାରୁ ବହୁ ଉପରେ ରହିଛି। ଫର୍ମ ହେଉ ଅବା ପରିବେଶ, ଖେଳ ହେଉ ଅବା ଚାପର ମୁକାବିଲାରେ ଭାରତ ନିଶ୍ଚିତଭାବେ ତାହାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଠାରୁ ବହୁ ଆଗରେ। ଏହାର ଅର୍ଥ ନୁହେଁ ଯେ ପାକିସ୍ତାନ ଯେତେ ଭଲ ଖେଳିଲେ ମଧ୍ୟ ଏହି ମ୍ୟାଚ୍ ଜିତିପାରିବ ନାହିଁ। ପାକିସ୍ତାନ ନିକଟରେ ଭାରତ ଭଳି ବିଶ୍ୱବିଜେତା ରହିଛନ୍ତି। ବୋଲିଂରେ ଗୋଟିଏ ସ୍ପେଲ୍ କିମ୍ବା ଗୋଟିଏ ବଡ଼ ପାର୍ଟନରସିପ୍ ଏହି ମ୍ୟାଚ୍‌ର ଭାଗ୍ୟ ନିର୍ଦ୍ଧାରଣ କରିଥାଏ।

ଘରୋଇ ମାଟିରେ ଇଂଲଣ୍ଡକୁ ୩-୦ରେ ହରାଇବା ଓ ଏଠାରେ କଡ଼ା ପ୍ରତିରୋଧ ସତ୍ତ୍ୱେ ବାଂଲାଦେଶକୁ ସହଜରେ ପରାସ୍ତ କରିବା ପରେ ଭାରତର ମନୋବଳ ବୃଦ୍ଧି ପାଇଛି। ଦଳର ସମୀକରଣ ଠିକ ହୋଇଯାଇଛି ଓ ପ୍ରମୁଖ ଖେଳାଳି ଫର୍ମକୁ ଫେରିଛନ୍ତି। ଅଧିନାୟକ ରୋହିତ ଶର୍ମାଙ୍କ ଫର୍ମକୁ ନେଇ ଯେଉଁ ଦ୍ୱନ୍ଦ୍ୱ ରହିଥିଲା ତାହା ବାଂଲା ବିପକ୍ଷ ମ୍ୟାଚ୍‌ରେ ୪୧ ରନ୍ ସଂଗ୍ରହ କରିବା ପରେ ସେହି ସନ୍ଦେହ ଦୂରୀଭୂତ ହୋଇଛି। ଶୁବମନ ଗିଲଙ୍କ ଶତକ ବଳରେ ଭାରତ ବାଂଲା ମୁକାବିଲାକୁ ୪ ୱିକେଟରେ ଜିତିନେଇଥିଲା। ଏହି ମ୍ୟାଚ୍‌ରେ ଫର୍ମକୁ ଫେରିଥିଲେ ମହମ୍ମଦ୍ ସାମି। ସେ ୫ଟି ୱିକେଟ ନେବା ଯେତିକି ଗୁରୁତ୍ୱପୂର୍ଣ୍ଣ ନ ଥିଲା, ପୂରା ରିଦିମ୍‌ରେ ବୋଲିଂ କରି ସେ ପୂରା ଫିଟ୍ ବୋଲି ଦର୍ଶାଇଥିଲେ। ଏଣୁ ନବାଗତ ହର୍ଷିତ ରାଣାଙ୍କ ସହ ମିଶି ସେମାନେ ପେସ୍ ବୋଲିଂ ସମ୍ଭାଳିବେ ବୋଲି ଏହି ମ୍ୟାଚ୍‌ରୁ ସ୍ପଷ୍ଟ ହୋଇଛି।

ଅନ୍ୟପକ୍ଷରେ ମହମ୍ମଦ୍ ରିଜୱାନଙ୍କ ନେତୃତ୍ୱରେ ଗଠିତ ପାକିସ୍ତାନ ଦଳ ନିକଟରେ ଫର୍ମ କି ଆତ୍ମବିଶ୍ୱାସ ଥିଲାଭଳି ମନେହେଉନାହିଁ। ଘରୋଇ ମାଟିରେ ନ୍ୟୁଜିଲାଣ୍ଡ ନିକଟରୁ ଦୁଇଥର ହାରିବା ପରେ ଦଳର ଦକ୍ଷତା ଓ ବଡ଼ ମ୍ୟାଚ୍ ଖେଳିବା ନେଇ ପ୍ରଶ୍ନ ଉଠିଛି। ବିଶେଷ କରି ନ୍ୟୁଜିଲାଣ୍ଡ ବିପକ୍ଷରେ ୩୨୦ ରନ୍‌ର ଲକ୍ଷ୍ୟକୁ ପିଛା କରି ଦଳର ବ୍ୟାଟରମାନେ ଯେପରି ପ୍ରଦର୍ଶନ କଲେ, ତାହା ପର୍ଯ୍ୟାପ୍ତ ନ ଥିଲା। ଯାହା ଫଳରେ ଦଳ ୬୦ ରନ୍‌ରେ ପରାଜିତ ହୋଇଥିଲା। ଗୋଟିଏ ପଟେ ଫର୍ମ ଓ ଆତ୍ମବିଶ୍ୱାସର ଅଭାବ, ଭାରତ ଭଳି ପ୍ରତିଦ୍ୱନ୍ଦ୍ୱୀ ଓ ପ୍ରତିଯୋଗିତାରେ ତିଷ୍ଠି ରହିବାର ଆଶଙ୍କା ମଧ୍ୟରେ ପାକିସ୍ତାନ ଏହି ମ୍ୟାଚ୍ ଖେଳିବ। ଏଭଳି ସ୍ଥିତିରେ ପାକିସ୍ତାନ ପକ୍ଷରୁ କେହି ଜଣେ ବୀରତ୍ୱପୂର୍ଣ୍ଣ ଖେଳ ପ୍ରଦର୍ଶନ କଲେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଭାରତ ବିପକ୍ଷରେ ମ୍ୟାଚ୍ ଜିତାଇବା ଅର୍ଥ ପାକିସ୍ତାନରେ ସବୁଦିନେ ଜଣେ ହିରୋର ମାନ୍ୟତା ପାଇବା। ଏହି ସୁଯୋଗକୁ କେହି ହାତଛଡ଼ା କରିବାକୁ ଚାହିଁବେ ନାହିଁ।

### ■ ସ୍ପିନରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଦୁବାଇର ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଉଭୟ ବୋଲର ଓ ବ୍ୟାଟର ସମାନ ପରିମାଣରେ ସହାୟତା ପାଇଥାନ୍ତି। ଏଣୁ ଯେଉଁ ଦଳ ସେମାନଙ୍କ ଖେଳରେ ଶୃଙ୍ଖଳା ପ୍ରଦର୍ଶନ କରିବେ ସେହିଦଳ ଏଠାରେ ଭଲ ଖେଳିବ। କିନ୍ତୁ ବୋଲିଂରେ ପେସରଙ୍କ ଅପେକ୍ଷା ସ୍ପିନରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ।

ଏଠିକାର ପିଚ୍ ସର୍ବଦା ସ୍ପିନରଙ୍କୁ ସୁହାଇଥାଏ। ଏଥିରୁ ଫାଇଦା ଉଠାଇବା ଲାଗି କୁଲଦୀପ ଯାଦବ, ରବୀନ୍ଦ୍ର ଜାଡେଜା ଓ ଅକ୍ଷର ପଟେଲ ପ୍ରସ୍ତୁତ ଅଛନ୍ତି। ସେହିପରି ଭାରତୀୟଙ୍କୁ ରାସ୍ତାରୁ ହଟାଇବାକୁ ଆବ୍ରାର ଅହମ୍ମଦ୍ ଯୋଜନା କରିଛନ୍ତି। କମରାନ ଗୁଲାମ, ସଲମାନ ଅଲି ଆଘା ଓ ସାଉଦ୍ ସକିଲ କିଛି ସହାୟତା କରିପାରନ୍ତି। ପାକିସ୍ତାନ ସାହିନ୍ ଶାହ ଆଫ୍ରିଦୀ, ନସୀମ ଶାହ, ଫହୀମ ଅଶ୍ରଫ, ହାରିସ ରୌଫ୍‌ଙ୍କ ଫାଷ୍ଟ ବୋଲିଂ ଉପରେ ନିର୍ଭର କରୁଛି। ନସୀମ ଶାହ ଭଲ ଫର୍ମରେ ଥିଲାବେଳେ ଆଫ୍ରିଦୀ ଭାରତ ବିପକ୍ଷ ମ୍ୟାଚ୍‌ରୁ ଫର୍ମକୁ ଫେରିବେ ବୋଲି ଆଶା ରଖିଛନ୍ତି।

### ଖେଳାଳି

**ଭାରତ:** ରୋହିତ ଶର୍ମା (ଅଧିନାୟକ), ଶୁବମାନ ଗିଲ୍ (ଉପଅଧିନାୟକ), ବିରାଟ କୋହଲି, ଶ୍ରେୟସ ଆୟର, ଲୋକେଶ ରାହୁଲ ଓ ଋଷଭ ପନ୍ତ (ୱିକେଟରକ୍ଷକ), ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ହର୍ଷିତ ରାଣା, ଯଶପ୍ରୀତ ବୁମ୍‌ରା, ଅର୍ଶଦୀପ ସିଂହ, ମହମ୍ମଦ ସାମି ଓ ବରୁଣ ଚକ୍ରବର୍ତ୍ତୀ।

**ପାକିସ୍ତାନ:** ମହମ୍ମଦ ରିଜୱାନ (ପାକିସ୍ତାନ), ବାବର ଆଜମ, ଇମାମ-ଉଲ-ହକ୍, କାମରାନ ଗୁଲାମ, ସାଉଦ ସକିଲ, ତୟାବ ତାହିର, ଫହିମ ଆଶ୍ରଫ୍, ଖୁସ୍‌ଦିଲ୍ ଶାହା, ସଲମାନ ଅଲି ଆଘା, ଉସ୍‌ମାନ ଖାନ୍, ଅବରାର ଅହମ୍ମଦ, ହାରିସ ରୌଫ୍, ମହମ୍ମଦ ହାସନେନ, ନସିମ ଶାହା ଓ ଶାହିନ ଶାହା ଆଫ୍ରିଦି।



**ଖେଳ ଆରମ୍ଭ : ଅପରାହ୍ଣ ୨ଟା ୩୦**
**ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ସ୍ପୋର୍ଟ୍ସ ୧୮**
**ମୋବାଇଲ ଆପ୍ : ଜିଓଷ୍ଟାର**

### ନଜରରେ ବିରାଟ, ବାବର

ଭାରତର ବିରାଟ କୋହଲି ଓ ପାକିସ୍ତାନର ବାବର ଆଜମ ବିଶ୍ୱର ଦୁଇଜଣ ଶ୍ରେଷ୍ଠ ବ୍ୟାଟର। ଗତ କିଛିଦିନ ହେଲା ଉଭୟ ଖେଳାଳି ସେମାନଙ୍କ ଫର୍ମରେ ନାହାନ୍ତି। କୁହାଯାଏ ଫର୍ମ ସାମୟିକ ଯାଇପାରେ କିନ୍ତୁ ଦକ୍ଷତା ସବୁଦିନେ ରହିଥାଏ। ଉଭୟ ଖେଳାଳି ଯେ ଦକ୍ଷ ଏଥିରେ ସନ୍ଦେହ ନାହିଁ। ଉଭୟଙ୍କ ନିକଟରେ ଏକାକୀ ମ୍ୟାଚ୍ ଜିତାଇବାର ଦକ୍ଷତା ରହିଛି ଓ ଉଭୟ ଦଳକୁ ନେତୃତ୍ୱ ନେବାର କ୍ଷମତା ରହିଛି। ଏହା ସତ୍ତ୍ୱେ ନ୍ୟୁଜିଲାଣ୍ଡ ବିପକ୍ଷରେ ୯୦ ବଲ୍‌ରୁ ୬୪ ରନ୍ କରି ବାବର ସମାଲୋଚିତ ହୋଇଛନ୍ତି। ବିରାଟ ମଧ୍ୟ ପୁଣିଥରେ ଲେଗ୍ ସ୍ପିନରଙ୍କୁ ଖେଳି ନ ପାରି ଆଉଟ ହୋଇଛନ୍ତି। ଏଭଳି ବ୍ୟାଟିଂ ଯୋଗୁ ଦଳ ଏମାନଙ୍କୁ ନେଇ ଚାପରେ ରହିଛି। ଭାରତୀୟ ଦଳରେ ବିରାଟଙ୍କର ଅନେକ ବଦଳ ଖେଳାଳି ଅଛନ୍ତି କିନ୍ତୁ ବାବରଙ୍କୁ ପରିବର୍ତ୍ତନ କରିବା ଖେଳାଳି ପାକିସ୍ତାନ ଦଳରେ ନାହାନ୍ତି। ଏଣୁ ଏହି ମୁକାବିଲାରେ ଉଭୟ ଖେଳାଳିଙ୍କ ଉପରେ ଯେମିତି ନଜର ରହିଛି, ଠିକ୍ ସେହିପରି ଉଭୟ ମଧ୍ୟ ବଡ଼ ଚାପରେ ରହିଛନ୍ତି।

## ସମସ୍ତ ଦିନିକିଆ ଓ ଚାମ୍ପିଅନ୍ସ ଟ୍ରଫିରେ ପାକିସ୍ତାନ ଆଗୁଆ

**ନୂଆଦିଲ୍ଲୀ,୨୨।୨(ଏଜେନ୍ସି):** ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ କ୍ରିକେଟ ମୁକାବିଲା ବେଶ ରୋମାଞ୍ଚକ ଓ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥାଏ। ଯାହା ଫଳରେ ଏମାନଙ୍କ ମୁକାବିଲାକୁ ବିଶ୍ୱ ନଜରରେ ରଖିଥାଏ। ଦୁଇ ଦେଶ ମଧ୍ୟରେ ଖେଳାଯାଇଥିବା ଟେଷ୍ଟ ଓ ଦିନିକିଆ ମୁକାବିଲାରେ ଭାରତଠାରୁ ପାକିସ୍ତାନ ଆଗୁଆ ରହିଛି। ଉଭୟଙ୍କ ମଧ୍ୟରେ ୨୦୭ଟି ଅନ୍ତର୍ଜାତୀୟ କ୍ରିକେଟ ମୁକାବିଲା ହୋଇଛି। ଏହା ମଧ୍ୟରୁ ପାକିସ୍ତାନ ୮୮ଟି ଓ ଭାରତ ୭୫ଟିରେ ବିଜୟୀ ହୋଇଛି। ୫୯ଟି ଟେଷ୍ଟ ଖେଳାଯାଇଥିଲାବେଳେ ପାକିସ୍ତାନ ୧୨ଟି ଓ ଭାରତ ୯ଟିରେ ବିଜୟୀ ହୋଇଛି। ସେହିପରି ୧୩୫ଟି ଦିନିକିଆ ମ୍ୟାଚ୍‌ରୁ ପାକିସ୍ତାନ ୭୩ ଓ ଭାରତ ୫୭ଟି ମ୍ୟାଚ୍ ଜିତିବାରେ ସମର୍ଥ ହୋଇଛି। ୧୩ଟି ଟି-୨୦ ମୁକାବିଲାରୁ ଭାରତ ୯ ଓ ପାକିସ୍ତାନ ୩ଟି ମ୍ୟାଚ୍‌ରେ ବିଜୟୀ ହୋଇଛି।

ଉଭୟ ଦେଶ ମଧ୍ୟରେ ରାଜନୈତିକ ତିକ୍ତତାଯୋଗୁଁ ୨୦୦୮ ପରଠାରୁ କେବଳ ଆଇସିସି ଟୁର୍ଣ୍ଣାମେଣ୍ଟରେ ପରସ୍ପର ସହ ମୁକାବିଲା କରୁଛନ୍ତି। ଆଇସିସି ଦ୍ୱାରା ଆୟୋଜିତ ଟୁର୍ଣ୍ଣାମେଣ୍ଟ ମଧ୍ୟରୁ ଭାରତ ୧୧ଟିରେ ଟ୍ରଫି ଜିତିଥିଲାବେଳେ ପାକିସ୍ତାନ ୫ଟିରେ ଜିତିଛି। ଭାରତ ୨ଥର ଲେଖାଏଁ ଦିନିକିଆ ଓ ଟି-୨୦ ବିଶ୍ୱକପ୍, ୨ଥର ଚାମ୍ପିଅନ୍ସ ଟ୍ରଫି ଜିତିଛି। ଏହି ଟୁର୍ଣ୍ଣାମେଣ୍ଟକୁ ପାକିସ୍ତାନ ଥରେ ଲେଖାଏଁ ବିଜୟୀ ହୋଇଛି। ଉଭୟ ବିଶ୍ୱକପ୍‌ରେ ୧୫ଟି ମୁକାବିଲାରୁ ଭାରତ ୧୪ଥର ଓ ପାକିସ୍ତାନ ଥରେ ଜିତିଛି। ଦିନିକିଆ ବିଶ୍ୱକପ୍‌ରେ ହୋଇଥିବା ସମସ୍ତ ୮ଟିଯାକ ମୁକାବିଲାରେ ଭାରତ ବିଜୟୀ ହୋଇଛି। କିନ୍ତୁ ଚାମ୍ପିଅନ୍ସ ଟ୍ରଫିରେ ପାକିସ୍ତାନର ପ୍ରାଧାନ୍ୟ ରହିଛି। ଉଭୟଙ୍କ ମଧ୍ୟରେ ହୋଇଥିବା ୫ଥର ମୁକାବିଲାରୁ ପାକିସ୍ତାନ ୩ଥର ଓ ଭାରତ ୨ଥର ବିଜୟୀ ହୋଇଛି। ଶେଷଥର ୨୦୧୭ ଚାମ୍ପିଅନ୍ସ ଟ୍ରଫି ଫାଇନାଲରେ ଉଭୟଙ୍କର ମୁକାବିଲା ହୋଇଥିଲା। ଏଥିରେ ପାକିସ୍ତାନ ବିଜୟୀ ହୋଇଥିଲା। ଓଭରଅଲ ରେକର୍ଡ ପାକିସ୍ତାନ ସପକ୍ଷରେ ଯାଉଥିଲେ ମଧ୍ୟ ୨୦୧୦ ପରଠାରୁ ଭାରତ ପ୍ରାଧାନ୍ୟ ବିସ୍ତାର କରିଛି। ଏହା ମଧ୍ୟରେ ଉଭୟଙ୍କ ମଧ୍ୟରେ ହୋଇଥିବା ୧୭ଟି ମୁକାବିଲାରୁ ଭାରତ ୧୨ଟି ମ୍ୟାଚ୍‌ରେ ବିଜୟୀ ହୋଇଛି। ଭାରତ ୪ଟି ମ୍ୟାଚ୍ ହାରିଥିଲାବେଳେ ଗୋଟିଏ ମ୍ୟାଚ୍ ବାତିଲ ହୋଇଛି। ଦୁବାଇରେ ଭାରତର ରେକର୍ଡ ଭଲ ରହିଛି। ଉଭୟଙ୍କ ମଧ୍ୟରେ ହୋଇଥିବା ୨ଟି ଯାକ ମୁକାବିଲାରୁ ଭାରତ ଉଭୟଥର ବିଜୟ ହାସଲ କରିଛି।

ଅତୀତର ପ୍ରଦର୍ଶନକୁ ଲକ୍ଷ୍ୟ କଲେ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ମୁକାବିଲାରେ ଦକ୍ଷତା, ଫର୍ମ କିମ୍ବା ରେକର୍ଡ କିଛି କାମ ଦେଇ ନ ଥାଏ। ସେହିଦିନ ଯେଉଁ ଦଳ ଭଲ ଖେଳିଥାଏ ସେହିଦଳକୁ ବିଜୟ ମିଳିଥାଏ। ରବିବାର ହେବାକୁ ଥିବା ମୁକାବିଲାରେ ଭାରତକୁ ଏହି ବିଜୟ ମିଳିବ ବୋଲି ସମର୍ଥକମାନେ ଆଶା ରଖିଛନ୍ତି।

## ଲାହୋର ଷ୍ଟାଡିୟମ୍‌ରେ ବାଜିଲା ଭାରତୀୟ ଜାତୀୟ ସଂଗୀତ

**ଲାହୋର,୨୨।୨(ଏଜେନ୍ସି):** ସ୍ଥାନୀୟ ଗଦାଫି ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ଇଂଲଣ୍ଡ-ଅଷ୍ଟ୍ରେଲିଆ ମ୍ୟାଚ୍ ପୂର୍ବରୁ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ମ୍ୟାଚ୍ ପୂର୍ବରୁ ଦୁଇ ଦଳର ଜାତୀୟ ସଂଗୀତ ଗାନ ଅବସରରେ ହଠାତ୍ ଭାରତୀୟ ଜାତୀୟ ସଂଗୀତ ବାଜିଥିଲା। ଫଳରେ ସାରା ଷ୍ଟାଡୟମରେ ଏକ ଅସ୍ୱାଭାବିକ୍ ସ୍ଥିତ ସୃଷ୍ଟି ହୋଇଥିଲା। ଷ୍ଟାଡିୟମ ପ୍ରଶାସନ ସଙ୍ଗେ ସଙ୍ଗେ ଏହି ତ୍ରୁଟିକୁ ସୁଧାରିଥିଲା। କିନ୍ତୁ ଷ୍ଟାଡିୟମରେ ଉପସ୍ଥିତ ଦର୍ଶନ ଏହି ଅବସରରେ ହତବାକ ରହିଯାଇଥିଲେ। ଟସ୍ ପଡିବା ପରେ ଯେତେବେଳେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ଖେଳାଳି ରାଷ୍ଟ୍ରଗାନ ପାଇଁ ପଡିଆ ମଧ୍ୟରେ ଉପସ୍ଥିତ ଥିଲେ ସେତେବେଳେ ଏହି ଘଟଣା ଘଟିଥିଲା। ଇଂଲଣ୍ଡ ପରେ ଅଷ୍ଟ୍ରେଲିଆ ଜାତୀୟ ସଂଗୀତ ବାଜିବାର କାର୍ଯ୍ୟକ୍ରମ ଥିବା ବେଳେ ଭୁଲ୍‌ରେ ଭାରତର ଜାତୀୟ ସଂଗୀତ ବାଜି ଉଠିଥିଲା। ସାମାଜିକ ଗଣମାଧ୍ୟମରେ ଏହି ଦୃଶ୍ୟର ଭିଡିଓ ଭାଇରାଲ ହୋଇଛି। ତେବେ ଏଥିରେ କେବଳ 'ଭାରତ ଭାଗ୍ୟ ବିଧାତା' ଶୁଣିବାକୁ ମିଳିଥିଲା। କିନ୍ତୁ ଏହାର କିଛି ସେକେଣ୍ଡ ପରେ ଭାରତୀୟ ଜାତୀୟ ସଂଗୀତକୁ ବନ୍ଦ କରି ଅଷ୍ଟ୍ରେଲିଆର ଜାତୀୟସଂଗୀତକୁ ଲଗାଯାଇଥିଲା। ଷ୍ଟାଡିୟମ ପ୍ରଶାସନ ଏହି ତ୍ରୁଟିକୁ ତୁରନ୍ତ ସୁଧାରିବାରେ ସଫଳ ହୋଇଥିଲା। ନ ହେଲ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)କୁ ଆହୁରି ଲଜ୍ଜାଜନକ ସ୍ଥିତିର ସମ୍ମୁଖୀନ ହେବାକୁ ପଡିଥାନ୍ତା।

### ■ ଫିଡେ ୱାର୍ଲ୍ଡ ଜୁନିଅର ଚେସ୍
## ସ୍ୱୟଂଶୁ ଭାରତୀୟ ପ୍ରତିନିଧି ଦଳର ମୁଖ୍ୟ

**ଭୁବନେଶ୍ୱର, ୨୨।୨ (ସମିସ):** ଫିଡେ ୱାର୍ଲ୍ଡ ଜୁନିଅର ଚେସ୍ ଚାମ୍ପିଅନସିପ୍‌ର ଚଳିତ ବର୍ଷ ସଂସ୍କରଣ ରବିବାରଠାରୁ ମୋଣ୍ଟେନେଗ୍ରୋ ସହରରେ ଆରମ୍ଭ ହେବାକୁ ଯାଉଛି। ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓପନ୍ ଓ ବାଳିକା ବିଭାଗରେ ମ୍ୟାଚ୍ ଖେଳାଯିବ। ଓପନ୍ ବର୍ଗରେ ୧୨ ଜଣ ଉଦୀୟମାନ ବାଳକ ଚେସ୍ ଖେଳାଳି ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି।



ଗ୍ରାଣ୍ଡମାଷ୍ଟର ଜି. ପ୍ରଣବ (୨୬୧୫ ରେଟିଂ) ଦ୍ୱିତୀୟ ସିଡ୍ ମାନ୍ୟତା ପାଇଛନ୍ତି। ସେହିଭଳି ବାଳିକାବର୍ଗରେ ଡବ୍ଲ୍ୟୁଜିଏମ୍ ରକ୍ଷିତା ରବି ରହିଛନ୍ତି। ଆଇଏମ୍ ସ୍ୱୟଂଶୁ ସତ୍ୟପ୍ରଜ୍ଞ ଭାରତୀୟ ପ୍ରତିନିଧି ଦଳର ମୁଖ୍ୟ ଭାବେ ଗସ୍ତ କରିଛନ୍ତି। ସ୍ୱୟଂଶୁ ବର୍ତ୍ତମାନ ଓଡ଼ିଶା କ୍ରୀଡ଼ା ବିଭାଗର ଚେସ୍ ସେଣ୍ଟର 'ପ୍ରୋଚେଷ୍ଟା'ର ମୁଖ୍ୟ ଅଧିକାରୀ ଭାବେ କାର୍ଯ୍ୟଭାର ସମ୍ଭାଳୁଛନ୍ତି। ଓଡ଼ିଶା ଚେସ୍ ସଂଘର ସଭାପତି ଏସ୍‌ଆର୍ ପଟ୍ଟନାୟକଙ୍କ ସମେତ ସମସ୍ତ କର୍ମକର୍ତ୍ତା ସତ୍ୟପ୍ରଜ୍ଞଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଆନ୍ଦ୍ରିଭା- ଟଉସନ ଫାଇନାଲ

**ଦୁବାଇ,୨୨।୨(ଏଜେନ୍ସି):** ଏଠାରେ ଚାଲିଥିବା ଦୁବାଇ ଟେନିସ ଚାମ୍ପିଅନସିପ୍‌ର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଟାଇଟଲ ପାଇଁ ଫାଇନାଲରେ ରୁଷିଆର ୧୭ ବର୍ଷୀୟ ଖେଳାଳି ମୀରା ଆନ୍ଦ୍ରିଭା ଓ ଡେନମାର୍କର କ୍ଲାର ଟଉସନ ପରସ୍ପରକୁ ଭେଟିବେ। ଦ୍ୱାଦଶ ସିଡ୍ ମାନ୍ୟତା ପାଇଥିବା ଆନ୍ଦ୍ରିଭା ସେମିଫାଇନାଲରେ ଷଷ୍ଠ ସିଡ୍ କାଜାଖସ୍ତାନର ଏଲିନା ରିବାକିନାଙ୍କୁ ୬-୪,୪-୬, ୬-୩ ସେଟ୍‌ରେଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି। ସେହିପରି ଅନ୍ୟଏକ ସେମିଫାଇନାଲରେ ଟଉସନ ୬-୪, ୬-୭, ୬-୩ ସେଟ୍‌ରେ ୧୪ତମ ସିଡ୍ ଚେକ ଗଣରାଜ୍ୟର କାରୋଲିନା ମୁଚୋଭାଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି।

## ଓଡ଼ିଶା ପାରା ଆଥଲେଟ୍‌ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ଭୁବନେଶ୍ୱର,୨୨।୨(ସମିସ):** ଚେନ୍ନଇରେ ଅନୁଷ୍ଠିତ ୨୩ତମ ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିଅନସିପ୍‌ରେ ଦମ୍‌ଦାର ପ୍ରଦର୍ଶନ କରି ପ୍ରତ୍ୟାବର୍ତ୍ତନ କରିଥିବା ଓଡିଆ ପାରା ଆଥଲେଟଙ୍କୁ ଏଠାରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ରାଜ୍ୟ କ୍ରୀଡ଼ା ଯୁବସେବା ବିଭାଗର ଓଏସ୍‌ଡି ବିଜୟ କୁମାର ରାଉତ, ପାରା ସ୍ପୋର୍ଟ୍ସ ଆଥଲେଟିକ



ଆସୋସିଏସନ ଅଫ୍ ଓଡ଼ିଶା (ପିଏସ୍‌ଏଓ) ଅଧ୍ୟକ୍ଷ କମଳାକାନ୍ତ ରଥ ଶୁକ୍ରବାର ବିମାନ ବନ୍ଦରରେ ଉପସ୍ଥିତ ରହି ଖେଳାଳିମାନଙ୍କୁ ସ୍ୱାଗତ କରିଥିଲେ। ଉଲ୍ଲେଖଥା କି, ଜାତୀୟ ପାରା ଆଥଲେଟିମ ଚାମ୍ପିଅନସିପ୍‌ରେ ଓଡ଼ିଶାର ଖେଳାଳିମାନେ ୪ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ସହ ମୋଟ୍ ୭ଟି ପଦକ ହାସଲ କରିଥିଲେ।

## ୩୮ତମ ଜାତୀୟ କ୍ରୀଡ଼ା ପଦକ ବିଜେତା ପୁରସ୍କୃତ



**ଭୁବନେଶ୍ୱର,୨୨।୨(ସମିସ):** ନିକଟରେ ଉତ୍ତରାଖଣ୍ଡର ହାଲଦ୍ୱାନୀରେ ଅନୁଷ୍ଠିତ ୩୮ତମ ଜାତୀୟ କ୍ରୀଡାରେ ପଦକ ଜିତିଥିବା ଓଡ଼ିଶାର କ୍ରୀଡ଼ାବିତ୍‌ଙ୍କୁ କ୍ରୀଡ଼ା ଓ ଯୁବସେବା ବିଭାଗ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଶନିବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମର ଟେନିସ ସେଣ୍ଟରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହ କାର୍ଯ୍ୟକ୍ରମରେ କ୍ରୀଡ଼ାବିତମାନଙ୍କୁ ପୁରସ୍କାର ରାଶି ପ୍ରଦାନ କରାଯିବା ସହ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ସ୍ୱର୍ଣ୍ଣ ପଦକ ଜିତିଥିବା ଖେଳାଳିଙ୍କୁ ୬ ଲକ୍ଷ, ରୌପ୍ୟ ପାଇଁ ୪ ଲକ୍ଷ ଓ କାଂସ୍ୟ ପାଇ ୩ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି।

ଏହି ସମାରୋହରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥିରୂପେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଖେଳାଳିମାନଙ୍କ ଉଚ୍ଚକୋଟୀର ପ୍ରଦର୍ଶନ ବଳରେ ଓଡ଼ିଶା ପଦକ ତାଲିକାର ଦ୍ୱାଦଶ ସ୍ଥାନ ଅଧିକାର କରି ଶ୍ରେଷ୍ଠ ୧୫ରେ ସ୍ଥାନ ପାଇଛି। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ଓ ଯୁବସେବା ବିଭାଗ ପ୍ରମୁଖ ସଚିବ ଭାସ୍କର ଜ୍ୟୋତି ଶର୍ମା, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ଅତିରିକ୍ତ ସଚିବ ଅଶୋକ କୁମାର ପଣ୍ଡା, ବରିଷ୍ଠ ଅଧିକାରୀଗଣ ଓ ବିଭିନ୍ନ କ୍ରୀଡ଼ା ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଜାତୀୟ କ୍ରୀଡ଼ାରେ ଓଡ଼ିଶା ଏଥର ୧୪ ସ୍ୱର୍ଣ୍ଣ, ୧୫ ରୌପ୍ୟ ଓ ୧୭ କାଂସ୍ୟ ସହ ମୋଟ୍ ୪୬ ପଦକ ପାଇ ଦ୍ୱାଦଶ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ପୁରୁଷ ଧାବକ ଅନିମେଶ କୁଜୁର ୩ଟି ସ୍ୱର୍ଣ୍ଣ, ଜିମ୍ନାଷ୍ଟ ରାକେଶ ପାତ୍ର ୨ଟି ସ୍ୱର୍ଣ୍ଣ ପଦକ ହାସଲ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।

### ନିଖିଳ ଓଡ଼ିଶା ଆଇନଜୀବୀ କ୍ରିକେଟ୍
## ପ୍ରଦର୍ଶନୀ ମ୍ୟାଚ୍‌ରେ କମିସନରେଟ୍ ପୁଲିସ ବିଜୟୀ

**ଭୁବନେଶ୍ୱର, ୨୨।୨ (ସମିସ):** ଭୁବନେଶ୍ୱର ଓକିଲ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ବିଜେବି କଲେଜ ଖେଳପଡ଼ିଆରେ ଚାଲିଥିବା ୧୦ମ ପ୍ରଶାନ୍ତ ରାଉତରାୟ ସ୍ମାରକୀ କ୍ରିକେଟ୍ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ରବିବାର ଖେଳାଯିବ। ଆୟୋଜକ ଭୁବନେଶ୍ୱର ଓକିଲ ସଂଘ ଓ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ ମଧ୍ୟରେ ଫାଇନାଲ ଖେଳାଯିବ। ତେବେ ଏଥିପୂର୍ବରୁ ଶନିବାର ଏକ ପ୍ରଦର୍ଶନୀ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା)କୁ କମିସନରେଟ୍ ପୁଲିସ ୧୨୦ ରନରେ ପରାସ୍ତ କରିଛି।




ଶନିବାର ବିଶ୍ରାମ ଦିବସରେ ଅନୁଷ୍ଠିତ ୧୬ ଓଭରବିଶିଷ୍ଟ ଏହି ପ୍ରଦର୍ଶନୀ ମ୍ୟାଚରେ ଟସ୍ ଜିତି କମିସନରେଟ୍ ପୁଲିସ ଦଳ ୨ ୱିକେଟ୍‌ରେ ୨୧୨ ରନ କରିଥିଲା। ଦଳ ପକ୍ଷରୁ ସତୀଶ ରାଓ ୪୮ ବଲରୁ ୧୧୧ ରନର ଶତକୀୟ ପାଳି ଖେଳିଥିଲେ। ସଞ୍ଜୀବ ଶତପଥୀ ୩୮ ଓ ସ୍ମୃତି ୨୯ ରନ କରିଥିଲେ। ଓସ୍‌ଜା ପକ୍ଷରୁ ବିମଳ ରାଉଳ ୨ଟି ଯାକ ୱିକେଟ୍ ସଫଳତା ପାଇଥିଲେ। ଜବାବରେ ଓସ୍‌ଜା ୧୫.୫ ଓଭରରେ ୯୨ ରନରେ ସୀମିତ ରହିଥିଲା। ଓସ୍‌ଜା ପାଇଁ ଅଧିନାୟକ ଦୀପ୍ତିରଞ୍ଜନ ସାମଲ ୨୮, ପ୍ରଫୁଲ୍ଲ କିଶୋର ସାହୁ ୨୬ ଓ ତୁଷାର ସେନାପତି ୨୩ ରନ କରିଥିଲେ। ପୁଲିସ ଦଳ ପକ୍ଷରୁ ମନମୋହନ ମାର୍ଥା ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ସତୀଶଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଏହି ଅବସରରେ ଓସ୍‌ଜାର ସଭାପତି ସନ୍ଦୀପ ମିଶ୍ର ଓ ସମ୍ପାଦକ ସୁରେଶ ସ୍ୱାଇଁଙ୍କୁ ସମ୍ମାନିତ କରାଯାଇଥିଲା। ବରିଷ୍ଠ ନେତା ସମୀର ମହାନ୍ତି, ଆୟୋଜକ ସଂଘର ସଭାପତି କୁନ୍ଦର ରଥ, ସମ୍ପାଦକ ଦୀପକ ଦାସ, ଯୁଗ୍ମ ସମ୍ପାଦକ ଅନ୍ତର୍ଯ୍ୟାମୀ ବିଶ୍ୱାଳ ଅଶୋକ ପାତ୍ର ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହିଥିଲେ।

### ଏଫ୍ଆଇଏଚ୍ ପୁରୁଷ ପ୍ରୋ ଲିଗ୍

# ଆୟର୍ଲାଣ୍ଡକୁ କ୍ରମାଗତ ହରାଇଲା ଭାରତ

ଭୁବନେଶ୍ୱର, ୨୨।୨ (ସମିସ)



ସ୍ଥାନୀୟ କଳିଙ୍ଗ ଷ୍ଟାଡିମରେ ଶନିବାର ଖେଳାଯାଇଥିବା ଏଫ୍ଆଇଏଚ୍ ପୁରୁଷ ପ୍ରୋ ଲିଗ୍‌ର ଏକ ମ୍ୟାଚରେ ଘରୋଇ ଭାରତ ୪-୦ ଗୋଲରେ ଏକପାଖିଆ ଭାବେ ଆୟର୍ଲାଣ୍ଡକୁ ହରାଇଦେଇଛି। ବିଶ୍ୱ ମାନ୍ୟତାର ୧୦ମ ସ୍ଥାନରେ ଥିବା ଆୟର୍ଲାଣ୍ଡ ବିପକ୍ଷରେ କଳିଙ୍ଗରେ ଭାରତର ଏହା କ୍ରମାଗତ ୨ୟ ବିଜୟ। ଶୁକ୍ରବାର ରାତିରେ ମଧ୍ୟ ଭାରତ ୩-୧ ଗୋଲରେ ଆୟର୍ଲାଣ୍ଡକୁ ମାତ୍ ଦେଇଥିଲା। ଏଫ୍ଆଇଏଚ୍ ର‌୍ୟାଙ୍କିଙ୍ଗରେ ୫ମ ସ୍ଥାନରେ ରହିଥିବା ଭାରତ ଏଥିସହ ଚଳିତ ପ୍ରୋ ଲିଗ୍‌ରେ ୫ମ ମ୍ୟାଚରୁ ୩ୟ ବିଜୟ ହାସଲ କରିଛି। ଭାରତ ୯ ପଏଣ୍ଟ ସହ ୫ମ ସ୍ଥାନକୁ ଉଠିଛି। ହରମନପ୍ରୀତ୍ ସିଂହଙ୍କ ନେତୃତ୍ୱାଧୀନ ଭାରତ ସୋମବାର ରାତିରେ ଇଂଲଣ୍ଡକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ରବିବାର କଳିଙ୍ଗରେ କୌଣସି ମ୍ୟାଚ୍ ନାହିଁ।

ଶନିବାର ରାତିରେ ଆୟର୍ଲାଣ୍ଡ ବିପକ୍ଷରେ ଅନୁଷ୍ଠିତ ଏହି ମ୍ୟାଚରେ ଭାରତ ଆରମ୍ଭରୁ ପ୍ରଭାବ ବିସ୍ତାର କରି ଖେଳିଥିଲା। ୧୪ତମ ମିନିଟ୍‌ରେ ଓଡ଼ିଆ ଖେଳାଳି ନୀଲମ ସଞ୍ଜୀପ ଖେସ୍ ଏକ ଫିଲ୍ଡ ଗୋଲ୍ ଦେଇ ପ୍ରଥମ କ୍ୱାର୍ଟରରେ ଭାରତକୁ ୧-୦ରେ ଆଗୁଆ କରାଇଥିଲେ।

ଏହାପରେ ୨ୟ କ୍ୱାର୍ଟରରେ ୪ ମିନିଟ୍ ବ୍ୟବଧାନରେ ଭାରତ ୨ଟି ଗୋଲ୍ ଦେଇଥିଲା। ୨୪ତମ ମିନିଟ୍‌ରେ ମନଦୀପ୍ ସିଂହ ଓ ୨୮ତମ ମିନିଟ୍‌ରେ ଅଭିଷେକ ଏହି ଦୁଇଟି ଗୋଲସ୍କୋର କରିଥିଲେ। ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ଘରୋଇ ଦଳ ୩-୦ରେ ଅଗ୍ରଣୀ ରହିଥିଲା। ତୃତୀୟ କ୍ୱାର୍ଟର ତଥା ୩୪ତମ ମିନିଟ୍‌ରେ ସମସେର ସିଂହ ଭାରତ ପାଇଁ ଅନ୍ତିମ ତଥା ୪ର୍ଥ ଗୋଲ୍‌ଟି ଦେଇଥିଲେ।

# ଜର୍ମାନୀ ବିପକ୍ଷରେ ଭାରତର ପ୍ରତିଶୋଧ

ମହିଳା ପ୍ରୋ-ଲିଗ୍



ଭୁବନେଶ୍ୱର, ୨୨।୨ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏଫ୍ଆଇଏଚ୍ ମହିଳା ପ୍ରୋ ଲିଗ୍‌ରେ ଭାରତ ଦମ୍‌ଦାର ବିଜୟ ସହ ଜର୍ମାନୀ ବିପକ୍ଷରେ ପ୍ରତିଶୋଧ ନେଇଛି। ଶନିବାର ଅପରାହ୍ଣରେ ଅନୁଷ୍ଠିତ ଏକ ମ୍ୟାଚରେ ବିଶ୍ୱ ମାନ୍ୟତାର ୯ମ ସ୍ଥାନରେ ଥିବା ଭାରତୀୟ ମହିଳା ଦଳ ୧-୦ ଗୋଲରେ ଶକ୍ତିଶାଳୀ ଜର୍ମାନୀକୁ ପରାସ୍ତ କରିଛି। ଭାରତୀୟ ଦଳ ପକ୍ଷରୁ ଦୀପିକା ପ୍ରଥମ କ୍ୱାର୍ଟରରେ ଏହି ଏକମାତ୍ର ଗୋଲଟି ଦେଇଥିଲେ। ମ୍ୟାଚର ପରବର୍ତ୍ତୀ ୩ଟି କ୍ୱାର୍ଟର ଗୋଲଶୂନ୍ୟ ଭାବେ ସହ ଘରୋଇ ଭାରତ ବିଜୟୀ ହୋଇ ୩ ପଏଣ୍ଟ ଅର୍ଜନ କରିଥିଲା। ଏଫ୍ଆଇଏଚ୍ ର‌୍ୟାଙ୍କିଙ୍ଗରେ ୫ମ ସ୍ଥାନରେ ରହିଥିବା ଜର୍ମାନୀ ମହିଳା ଦଳ ଏଥିପୂର୍ବରୁ ଶୁକ୍ରବାର ୪-୦ ଗୋଲରେ ଭାରତକୁ ମାତ୍ ଦେଇଥିଲା। ଏବେ ଭାରତ ପ୍ରତିଶୋଧ ନେବାରେ ସଫଳ ହୋଇଛି। ଭାରତୀୟ ଦଳ ୬ ମ୍ୟାଚରୁ ୨ ବିଜୟ, ୩ ପରାଜୟ ଓ ଗୋଟିଏ ଡ୍ର ସହ ୭ ପଏଣ୍ଟ ପାଇ ୭ମ ସ୍ଥାନରେ ରହିଛି। ଅପରପକ୍ଷରେ ଜର୍ମାନୀ ୮ମ ମ୍ୟାଚରୁ ୫ମ ପରାଜୟ ସହ ୬ ପଏଣ୍ଟ ପାଇ ୮ମ ସ୍ଥାନକୁ ଖସିଯାଇଛି। ସୋମବାର ଭାରତୀୟ ମହିଳା ଦଳ ନେଦରଲାଣ୍ଡସକୁ ଭେଟିବାର କାର୍ଯ୍ୟସୂଚୀ ରହିଛି।

## ସୁଶୀଳା ଖେଳିଲେ ୨୫୦ତମ ମ୍ୟାଚ୍




ଜର୍ମାନୀ ବିପକ୍ଷ ମ୍ୟାଚ୍ ଖେଳିବା ସହ ଭାରତର ସୁଶୀଳା ଚାଣୁ ଏକ ମାଇଲଖୁଣ୍ଟ ହାସଲ କରିଛନ୍ତି। ଏହା ତାଙ୍କର ୨୫୦ତମ ଅନ୍ତର୍ଜାତୀୟ ମ୍ୟାଚ୍ ଥିଲା। ଏହି ଅବସରରେ ୩୨ ବର୍ଷୀୟା ଚାଣୁଙ୍କୁ ହକି ଇଣ୍ଡିଆ ପକ୍ଷରୁ ଏକ ସ୍ୱତନ୍ତ୍ର ଜର୍ସି ଉପହାର ପ୍ରଦାନ କରାଯାଇଥିଲା। ସୁଶୀଳାଙ୍କ ନେତୃତ୍ୱରେ ଭାରତୀୟ କନିଷ୍ଠ ମହିଳା ଦଳ ୨୦୧୩ ଜୁନିଅର ବିଶ୍ୱକପ୍‌ରେ କାଂସ୍ୟ ପଦକ ଜିତିଥିଲା। ଏହାପରେ ତାଙ୍କୁ ସିନିଅର ଦଳ ପକ୍ଷରୁ ଖେଳିବାର ସୁଯୋଗ ମିଳିଥିଲା। ୨୦୧୬ରେ ତାଙ୍କ ନେତୃତ୍ୱରେ ଭାରତ ରିଓ ଅଲିମ୍ପିକ୍ସ ଖେଳିବାକୁ ଯାଇଥିଲା।

## ୬-୦ରେ ଜିତିଲା ନେଦରଲାଣ୍ଡସ

ଅପରପକ୍ଷରେ କଳିଙ୍ଗରେ ଅପରାହ୍ଣ ୩ଟାରେ ଅନୁଷ୍ଠିତ ଏକ ମହିଳା ମ୍ୟାଚରେ ନେଦରଲାଣ୍ଡସ ୬-୦ ଗୋଲର ବୃହତ୍ ବ୍ୟବଧାନରେ ଇଂଲଣ୍ଡକୁ ହରାଇ ନେଇଛି। ଶୁକ୍ରବାର ନେଦରଲାଣ୍ଡସ ସମାନ ପ୍ରତିଦ୍ୱନ୍ଦ୍ୱୀ ବିପକ୍ଷରେ ୫-୧ରେ ଜିତିଥିଲା। ତେଣୁ ଇଂଲଣ୍ଡ ମହିଳା ଦଳ ବିପକ୍ଷରେ ଡଚ୍ ଦଳ ୨ୟ ବିଜୟ ଲାଭ କରିଛି। ନେଦରଲାଣ୍ଡସ ୬ଷ୍ଠ ମ୍ୟାଚରୁ ୫ମ ବିଜୟ ସହ ୧୫ ପଏଣ୍ଟ ପାଇ ଚାଇନା (୧୬) ପଛକୁ ୨ୟରେ ରହିଛି। ସେହିଭଳି ଇଂଲଣ୍ଡର ଏହା ୮ମ ମ୍ୟାଚରୁ ୬ଷ୍ଠ ପରାଜୟ ଥିଲା। ୫ ପଏଣ୍ଟ ସହ ଦଳ ସର୍ବନିମ୍ନ ୯ମ ସ୍ଥାନରେ ରହିଛି।

### ଆଇସିସି ଚାମ୍ପିଅନ୍ସ ଟ୍ରଫି

# ଅଷ୍ଟ୍ରେଲିଆର ରେକର୍ଡ ବିଜୟ




ଲାହୋର,୨୨।୨(ଏଜେନ୍ସି): ଚଳିତ ଆଇସସି ଚାମ୍ପିଅନ୍ସ ଟ୍ରଫିରେ ଅଷ୍ଟ୍ରେଲିଆ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଅଷ୍ଟ୍ରେଲିଆ ତା'ର ପ୍ରଥମ ମ୍ୟାଚ୍‌ରେ ୧୫ ବଲ୍ ବାକିଥାଇ ୫ ୱିକେଟ ଇଂଲଣ୍ଡକୁ ପରାସ୍ତ କରିଛି। ସ୍ଥାନୀୟ ଗଦ୍ଦାଫି ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ହାଇସ୍କୋରିଂ ରୋମାଞ୍ଚକ ମ୍ୟାଚ୍‌ରେ ଟସ୍ ହାରି ଇଂଲଣ୍ଡ ପ୍ରଥମେ ବ୍ୟାଟିଂକରି ୮ ୱିକେଟ ହରାଇ ୩୫୧ ରନ ସଂଗ୍ରହ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୪୭.୩ ଓଭରରେ ୫ ୱିକେଟ ହରାଇ ୩୫୬ ରନକରି ବିଜୟ ହାସଲ କରିଛି। ଟୁର୍ଣ୍ଣାମେଣ୍ଟ ଇତିହାସରେ ଅଷ୍ଟ୍ରେଲିଆ ସର୍ବାଧିକ ରନ ସଂଗ୍ରହ କରିବାର ରେକର୍ଡ ହାସଲ କରିଛି। ବେନ ଡକେଟଙ୍କ ବୃହତ ଶତକ ଉପରେ ଜୋଶ ଇଂଲିଶଙ୍କ ଦ୍ରୁତ ଶତକ ଭାରି ପଡିଛି। ୩୫୨ ରନ ଟାର୍ଗେଟ୍‌ର ପିଛା କରି ଅଷ୍ଟ୍ରେଲିଆ ୨୭ ରନରେ ଦୁଇ ୱିକେଟ ହରାଇଥିଲା। ଟ୍ରାଭିସ ହେଡ ୬, ଅଧିନାୟକ ଷ୍ଟିଭ ସ୍ମିଥ୍ ୫ ରନକରି ଆଉଟ ହେବା ପରେ ମାର୍ନସ ଲାବୁସେନ ୪୭ ଓ ମାଥ୍ୟୁ ସର୍ଟ୍‌ର ୬୩ ରନର ଅର୍ଦ୍ଧଶତକୀୟ ପାଳି ଖେଳି ପ୍ୟାଭିଲିଅନ ଫେରିଥିଲେ। ଏହାପରେ ୫ମ ୱିକେଟରେ ଆଲେକ୍ସ କାରେ ଓ ଜୋଶ ଇଂଲିଶ ୧୧୬ ବଲରୁ ୧୪୬ ରନକରି ସ୍ଥିତି ସମ୍ଭାଳିଥିଲେ। କାରେ ୬୯ ରନକରି ଆଉଟ ହୋଇଥିଲେ। ଜୋଶ ଇଂଲିଶ୍ ଅପରାଜିତ ୧୨୦ ରନ(୮୬ ବଲ, ୮ ଚୌକା, ୬ ଛକା)ର ଶତକୀୟ ପାଳି ଖେଳି ଇଂଲଣ୍ଡ ହାତରୁ ମ୍ୟାଚ୍ ଛଡାଇ ନେଇଥିଲେ। ଗ୍ଲେନ ମ୍ୟାକ୍ସୱେଲ ୧୫ ବଲରୁ ୪ ଚୌକା ଓ ୨ ଛକା ସହ ୩୨ ରନକରି ଅପରାଜିତ ରହିଥିଲେ। ଇଂଲିଶ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ଇଂଲଣ୍ଡ ହାତରୁ ମ୍ୟାଚ୍ ଛଡ଼ାଇ ନେଲେ ଇଂଲିଶ

### ଡକେଟ୍‌ଙ୍କ ଶତକ ବେକାର

ଟସ ହାରି ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ତରଫରୁ ଓପନର ବେନ୍ ଡକେଟ୍ ୧୪୩ ବଲର ସମ୍ମୁଖୀନ ହୋଇ ୧୭ ଚୌକା ଓ ୩ ଛକା ସହ ୧୬୫ ରନର ଶତକୀୟ ପାଳି ଖେଳି ଲାବୁସେନଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିଅନ ଫେରିଥିଲେ। ୩୦ ବର୍ଷୀୟ ଡକେଟ୍ ବ୍ୟକ୍ତିଗତ ସର୍ବାଧିକ ସ୍କୋର କରିବା ସହ କ୍ୟାରିଅର ତୃତୀୟ ଦିନିକିଆ ଶତକ ଅର୍ଜନ କରିଥିଲେ। ଅଭିଜ୍ଞ ଜୋ ରୁଟ୍ ୬୮ ରନ କରି କ୍ୟାରିଅରର ୪୧ତମ ଅର୍ଦ୍ଧଶତକ ହାସଲ କରିଥିବା ବେଳେ ଅଧିନାୟକ ଜୋଶ ବଟଲର ୨୩, ଲିଅମ ଲିଭିଂଷ୍ଟୋନ ୧୪, ଜେମି ସ୍ମିଥ୍ ୧୫, ଫିଲ ସଲ୍ଟ ୧୦ ରନକରି ଆଉଟ ହୋଇଥିବା ବେଳେ ଜୋଫ୍ରା ଆର୍ଚର ୧୦ ବଲରୁ ୨ ଚୌକା ଓ ୧ ଛକା ସହ ୨୧ ରନକରି ଅପରାଜିତ ରହି ଦଳର ସ୍କୋରକୁ ୩୫୦ ପାର କରାଇଥିଲେ। ଅଷ୍ଟ୍ରେଲିଆ ତରଫରୁ ବେନ ଦ୍ୱାରସୁଇସ୍ ସର୍ବାଧିକ ୩, ଆଡାମ ଜାମ୍ପା ଓ ମାର୍ନସ ଲାବୁସେନ ୨ଟି ଲେଖାଏ ଓ ଗ୍ଲେନ୍ ମ୍ୟାକ୍ସୱେଲ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ।

## ଆଜିଠୁ ତମାଣ୍ଡୋ ପ୍ରିମିୟର ଲିଗ୍

ଭୁବନେଶ୍ୱର, ୨୨।୨ (ସମିସ): ତମାଣ୍ଡୋ ପ୍ରିମିୟର ଲିଗ୍ (ଟିପିଏଲ୍) କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୭ମ ସଂସ୍କରଣ ରବିବାରଠାରୁ ସ୍ଥାନୀୟ ଖେଳପଡ଼ିଆରେ ଆରମ୍ଭ ହେବ। ଟି-୨୦ ଫର୍ମାଟରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୮ ଗୋଟି ଦଳ ଅଂଶଗ୍ରହଣ କରିବେ। ଗ୍ରୁପ୍-ଏ'ରେ ଆଇକନିକ ଇଲେଭେନ, ଟେମ୍ପଲ ସିଟି ଷ୍ଟାର୍, ବିବିବି ୱାରିୟର୍ସ ଓ ସାଇ ଇଲେଭେନ ରହିଛନ୍ତି। ସେହିଭଳି ଏମ୍ଏମ୍‌ସିସି ସମ୍ବଲପୁର, ୟୁବି ରକ୍‌ଷ୍ଟାରସ୍, ଟିସିସି (ତମାଣ୍ଡୋ) ଓ କନିକା ୱାରିୟର୍ସ ସ୍ଥାନ ପାଇଛନ୍ତି। ଆଇକନିକ୍ ଇଲେଭେନ ଓ ଟେମ୍ପଲସିଟି ଷ୍ଟାର୍ ମଧ୍ୟରେ ଉଦ୍‌ଘାଟନୀ ଲଢ଼େଇ ହେବ। ରାଉଣ୍ଡ ରବିନଭିତ୍ତିରେ ପ୍ରତି ଗ୍ରୁପ୍‌ର ଦଳ ପରସ୍ପର ବିପକ୍ଷରେ ଥରେ ଲେଖାଏ ଖେଳିବେ। ଏହାପରେ ପଏଣ୍ଟ ଆଧାରରେ ଦୁଇ ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ ସେମିଫାଇନାଲରେ ପ୍ରବେଶ କରିବେ। ମାର୍ଚ୍ଚ ୯ ଓ ୧୦ରେ ସେମିଫାଇନାଲ ଓ ୧୨ରେ ଫାଇନାଲ ଅନୁଷ୍ଠିତ ହେବ। ସେହିଭଳି ଅନ୍ତର୍ଜାତୀୟ ମହିଳା ଦିବସ ପୂର୍ବରୁ ମାର୍ଚ୍ଚ ୭ରେ ଏକ ମହିଳା କ୍ରିକେଟ୍ ପ୍ରଦର୍ଶନୀ ମ୍ୟାଚ୍ ଖେଳାଯିବ। ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ଦଳକୁ ଟ୍ରଫି ସହ ୧.୫ ଲକ୍ଷ ଟଙ୍କା ଏବଂ ରନର୍ସଅପ୍ ଦଳକୁ ଟ୍ରଫି ସହିତ ଏକ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ପ୍ରତି ମ୍ୟାଚର ସିଧାପ୍ରସାରଣ ୧୦୦ ନଟ୍‌ଆଉଟ୍ (ୟୁଟ୍ୟୁବ ଚ୍ୟାନେଲ)ରେ ହେବ। ଆୟୋଜକ ତମାଣ୍ଡୋ କ୍ରିକେଟ୍ କ୍ଲବର ସମ୍ପାଦକ ଅମୂଲ୍ୟ ଜେନା ଏହି ସୂଚନା ଦେଇଛନ୍ତି।

## ହେନରୀ, ହାରିସ୍ ୱାରିୟର୍ଜଙ୍କୁ ଜିତାଇଲେ



ବେଙ୍ଗାଲୁରୁ, ୨୨।୨ (ଏଜେନ୍ସି): ଚଳିତ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ଶନିବାର ସ୍ଥାନୀୟ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅନୁଷ୍ଠିତ ଏକ ମ୍ୟାଚରେ ୟୁପି ୱାରିୟର୍ଜ ୩୩ ରନରେ ଦିଲ୍ଲୀ କ୍ୟାପିଟାଲ୍ସ ସାମ୍ନାସାମ୍ନି ହୋଇଛନ୍ତି। ୱାରିୟର୍ଜ ପକ୍ଷରୁ ଧାର୍ଯ୍ୟ ୧୭୮ ରନର ଲକ୍ଷ୍ୟକୁ ପିଛା କରି ଦିଲ୍ଲୀ ୧୯.୩ ଓଭରରେ ସମସ୍ତ ୱିକେଟ୍ ହରାଇ ୧୪୪ ରନ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ଜେମିମା ରୋଡ୍ରିଗ୍ସେଜ ୩୫ ବଲରେ ୫୬ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ବିଜୟୀ ୟୁପି ପକ୍ଷରୁ ଗ୍ରେସ ହାରିସ ହ୍ୟାଟ୍ରିକ ସହ ୪ଟି ୱିକେଟ୍ ନେଇଥିଲେ। ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୟୁପି ୱାରିୟର୍ଜ ଚିନିଲୀ ହେନରୀଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ୨୦ ଓଭରରେ ୯ ୱିକେଟ୍ ହରାଇ ୧୭୭ ରନ କରିଥିଲା। ବ୍ୟାଟିଂକ୍ରମର ୮ମ ସ୍ଥାନରେ ଆସିଥିବା ହେନରୀ ମାତ୍ର ୨୩ ବଲରେ ୬୨ ରନ କରିଥିଲେ। ଯେଉଁଥିରେ ୮ ଛକା ଓ ୨ ଚୌକା ସାମିଲ ଥିଲା। ଦିଲ୍ଲୀ ପକ୍ଷରୁ ଜେସ ଜନସନ ସର୍ବାଧିକ ୪ଟି ଏବଂ ମାରିଜାନ କାପ୍ପ ଓ ଅରୁନ୍ଧତୀ ରେଡ୍ଡୀ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ରବିବାର ଡବ୍ଲ୍ୟୁପିଏଲ୍‌ରେ ବିଶ୍ରାମ ଦିନ ରହିଛି।

### ଭାରତ-ବାଂଲାଦେଶ ଦୃଷ୍ଟିହୀନ ଟି-୨୦

## ୭ ୱିକେଟରେ ଜିତିଲା ଭାରତ

କଟକ,୨୨।୨(ସମିସ): ଭାରତ ଓ ବାଂଲାଦେଶ ମଧ୍ୟରେ ୫ଟିକିଆ ଟି-୨୦ ସିରିଜ ଶନିବାରଠାରୁ ଆରମ୍ଭ ହୋଇଛି। ବେଙ୍ଗାଲୁରୁର ଏମଏଏଚ୍‌ଇ ଗ୍ରାଉଣ୍ଡରେ ଆଜି ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଭାରତ ୭ ୱିକେଟରେ ବିଜୟୀ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ୧୩୧ରନ ସଂଗ୍ରହ କରିଥିଲା। ଜବାବରେ ଘରୋଇ ଭାରତ ୧୩.୩ ଓଭରରେ ୩ ୱିକେଟ ହରାଇ ବିଜୟ ହାସଲ କରିଥିଲା। ୨୧ବଲରୁ ୪୧ରନର ଦ୍ରୁତ ମ୍ୟାଚ୍ ବିଜୟୀ ପାଳି ଖେଳିଥିବା ପ୍ରକାଶ ଜୟରାମିହା ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଟି ଦୁର୍ଗା ରାଓ ଏବଂ ଓଡ଼ିଆ ଖେଳାଳି ନକୁଳ ବଡନାୟକଙ୍କ ମଧ୍ୟରେ ଉପଯୋଗୀ ୫୨ରନର ଭାଗୀଦାରି ସୃଷ୍ଟି ହୋଇଥିଲା। ଏହି ଦ୍ୱିପାକ୍ଷିକ ସିରିଜ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଏମ ନାଗରାଜ ଯାଦବ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

# କାରଣ ନ ଦର୍ଶାଇ ଓଡ଼ିଶା ଏଫ୍‌ସି ଛାଡ଼ିଲେ ଜହୋଉ




କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ କ୍ଲବର ନିଷ୍ପତ୍ତି

ଭୁବନେଶ୍ୱର,୨୨।୨(ସମିସ): ମରକ୍କୋ ମିଡ୍‌ଫିଲ୍ଡର ଅହମ୍ମଦ ଜହୋଉ ବିନା ସୂଚନା କିମ୍ବା କାରଣ ନ ଦର୍ଶାଇ ଓଡ଼ିଶା ଏଫ୍‌ସି ଛାଡି ଚାଲିଯାଇଛନ୍ତି। ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ)ର ୧୧ତମ ସଂସ୍କରଣରେ ଜହୋଉ ଓଡ଼ିଶା ତରଫରୁ ପ୍ରତିନିଧିତ୍ୱ କରୁଥିଲେ। ତେବେ ତାଙ୍କ ଏହି ଏକପାଖିଆ ନିଷ୍ପତ୍ତିରେ ଓଡ଼ିଶା ଏଫ୍‌ସି ଅସନ୍ତୋଷ ଜାହିର କରିଛି। ସେ ଚୁକ୍ତି ନିୟମର ଉଲ୍ଲଂଘନ କରିଛନ୍ତି। ତେଣୁ ତାଙ୍କ ବିରୋଧରେ କଡ଼ା ଆଇନଗତ ତଥା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କ୍ଲବ ତରଫରୁ ଶନିବାର କୁହାଯାଇଛି। ୩୬ ବର୍ଷୀୟ ଜହୋଉ ୨୦୨୩ ମେ ୩୧ରେ ମୁମ୍ବଇ ସିଟି ଏଫ୍‌ସିରୁ ଟ୍ରାନ୍ସଫର ହୋଇ ଓଡ଼ିଶା ଏଫ୍‌ସି ସହ ଏକ ଦୁଇବର୍ଷିଆ ଚୁକ୍ତି କରିଥିଲେ। ଓଡ଼ିଶା ଏଫ୍‌ସି କୋଚ୍ ସର୍ଗିଓ ଲୋବେରାଙ୍କ ସହ ଚତୁର୍ଥଥର ପାଇଁ ଭିନ୍ନ ଭିନ୍ନ କ୍ଲବ ପାଇଁ ଏକାଠି ହୋଇଥିଲେ। ପୂର୍ବରୁ ସେ ଲୋବେରାଙ୍କ ତତ୍ତ୍ୱାବଧାନରେ ମରକ୍କୋ କ୍ଲବ ମୋଘରେବ ଟେଟୋଉଆନ, ଏଫ୍‌ସି ଗୋଆ ଓ ମୁମ୍ବଇ ସିଟି ତରଫରୁ ପ୍ରତିନିଧିତ୍ୱ କରିଛନ୍ତି। ୨୦୧୭ ଅଗଷ୍ଟ ୨ରେ ସେ ମରକ୍କୋର ପ୍ରଥମ ଖେଳାଳି ଭାବେ ଭାରତରେ ଖେଳିବାର ସୁଯୋଗ ପାଇଥିଲେ। ସେ ଆଇଏସ୍ଏଲ କ୍ଲବ ଏଫ୍‌ସି ଗୋଆ ତରଫରୁ ଖେଳିବାକୁ ଚୁକ୍ତିବଦ୍ଧ ହୋଇଥିଲେ। ଜହୋଉ ନିଜ ଦେଶ ମରକ୍କୋ ତରଫରୁ ୯ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ଜାହୋଉ ଓଡ଼ିଶା ଏଫ୍‌ସି ପାଇଁ ଏପର୍ଯ୍ୟନ୍ତ ୩୮ଟି ମ୍ୟାଚ୍ ଖେଳି ୩ଟି ଗୋଲ ସ୍କୋର କରିଛନ୍ତି।

### ଜରିମାନା କିମ୍ବା ବାସନ୍ଦର ସମ୍ମୁଖୀନ ହୋଇପାରନ୍ତି

ଚୁକ୍ତିର ଉଲ୍ଲଂଘନ କରିଥିବାରୁ ଜହୋଉଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ। ସେ ଏବେ ଆର୍ଥିକ ଜରିମାନା କିମ୍ବା ବାସନ୍ଦର ସମ୍ମୁଖୀନ ହୋଇପାରନ୍ତି। ଓଡ଼ିଶା ଏଫ୍‌ସି ଏବେ କ୍ଷତି ଭରଣା ପାଇଁ ଫିଫା ଡିସ୍‌ପୁଟ୍ ରିଜୋଲୁସନ ଚାମ୍ବର (ଡିଆରସି)ର ଦ୍ୱାରସ୍ଥ ହୋଇପାରେ। ଫଳରେ ଯେପର୍ଯ୍ୟନ୍ତ ସମସ୍ୟାର ସମାଧାନ ନ ହୋଇଛି ଜହୋଉଙ୍କୁ ଅନ୍ୟ କୌଣସି କ୍ଲବ ସହ ଚୁକ୍ତି କରିବାରୁ ବାରଣ କରାଯିବ। ଯଦି ଫିଫା ଓଡ଼ିଶା ଏଫ୍‌ସି ସପକ୍ଷରେ ରାୟ ଦିଏ, ତେବେ ସେ ଜରିମାନା ଓ ବାସନ୍ଦର ସମ୍ମୁଖୀନ ହେବାର ଯଥେଷ୍ଟ ସମ୍ଭାବନା ରହିଛି।

### ଜାତୀୟ ବରିଷ୍ଠ କବାଡ଼ି ଚାମ୍ପିଅନସିପ୍

# ପ୍ରି-କ୍ୱାର୍ଟରରୁ ଓଡ଼ିଶା ବିଦା




କଟକ,୨୨।୨(ସମିସ): ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ୭୧ତମ ଜାତୀୟ ବରିଷ୍ଠ ପୁରୁଷ କବାଡି ଚାମ୍ପିଅନସିପ୍‌ରେ ଘରୋଇ ଓଡ଼ିଶା ଦଳର ଅଭିଯାନ ଶେଷ ହୋଇଛି। ଆଜି ଖେଳାଯାଇଥିବା ପ୍ରି-କ୍ୱାର୍ଟର ରାଉଣ୍ଡରେ ଓଡ଼ିଶା ୨୩ ପଏଣ୍ଟରେ ମହାରାଷ୍ଟ୍ର ଠାରୁ ହାରି ପ୍ରତିଯୋଗିତାରୁ ବିଦା ହୋଇଛି। ଅନ୍ୟପକ୍ଷରେ ସନ୍ଧ୍ୟାରେ କ୍ୱାର୍ଟର ମୁକାବିଲା ହୋଇଥିଲା। ପ୍ରଥମ ଦୁଇଟି କ୍ୱାର୍ଟର ଫାଇନାଲ ମ୍ୟାଚରେ ଯଥାକ୍ରମେ ଭାରତୀୟ ସର୍ଭିସେସ ୧୧ ପଏଣ୍ଟରେ ହରିୟାଣାକୁ ଏବଂ ପଞ୍ଜାବ ୯ ପଏଣ୍ଟରେ ମହାରାଷ୍ଟ୍ରକୁ ହରାଇ ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି।

ଆଜି ଖେଳାଯାଇଥିବା ଅନ୍ୟ ପ୍ରିକ୍ୱାର୍ଟର ମ୍ୟାଚ ଗୁଡିକରେ ହରିୟାଣା ୫ ପଏଣ୍ଟରେ ତାମିଲନାଡୁ, ଭାରତୀୟ ସର୍ଭିସେସ ୩୫ ପଏଣ୍ଟରେ ମଧ୍ୟପ୍ରଦେଶକୁ, ପଞ୍ଜାବ ୨୯ ପଏଣ୍ଟରେ ବିହାରକୁ, ଭାରତୀୟ ରେଳବାଇ ୨୧ ପଏଣ୍ଟରେ କର୍ଣ୍ଣାଟକକୁ, ରାଜସ୍ଥାନ ୧ ପଏଣ୍ଟରେ ହିମାଚଳ ପ୍ରଦେଶକୁ, ଉତ୍ତର ପ୍ରଦେଶ ୨୩ ପଏଣ୍ଟରେ ତେଲେଙ୍ଗାନାକୁ, ଗୋଆ ୧୨ ପଏଣ୍ଟରେ ଚଣ୍ଡୀଗଡକୁ ହରାଇ କ୍ୱାର୍ଟର ଫାଇନାଲ ରାଉଣ୍ଡରେ ପ୍ରବେଶ କରିଥିଲା। ପ୍ରଥମ ଥର ପାଇଁ ଆୟୋଜିତ ଏହି କବାଡ଼ି ମହାକୁମ୍ଭର ତୃତୀୟ ଦିବସରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଉଦଘାଟକ ଭାବେ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କଟକର ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଡି.ସି.ପି ଜଗମୋହନ ମୀନା, ରୁଚିର ନିର୍ଦ୍ଦେଶିକା ସଙ୍ଗୀତା ସାହୁ, ବିଧାୟିକା ସୋଫିଆ ଫିର୍ଦ୍ଦୋଶ, ଓଡ଼ିଆ ଚଳଚିତ୍ର ଅଭିନେତା ଶ୍ରୀତମ ଦାସ, ଯୁବ ନେତା ସତ୍ୟବ୍ରତ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସବୁ ରାଜ୍ୟର କବାଡି ସଂଘର ସଭାପତି ଓ ସଂପାଦକଙ୍କ ସମେତ ସମସ୍ତ ମ୍ୟାଚ ରେଫେରୀ ଓ ଅଫିସିଆଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS
AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS